

ମିତବ୍ୟୟୀ ମୃଣାଳ
▶ପୃଷ୍ଠା ୧୪ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-298 ♦BHUBANESWAR ♦WEDNESDAY ♦24 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୯୮ ♦ଭୁବନେଶ୍ୱର ♦ବୁଧବାର ♦୨୪ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ୧୨ ଘଣ୍ଟାରେ ୮୦ ଝଟ୍‌କା; ଥରିଲା ତାଇୱାନ

■ **ତାଇପେଇ, ୨୩।୪ (ଏଜେନ୍ସି):** ସୋମବାର ମଧ୍ୟ ରାତ୍ରରୁ ମଙ୍ଗଳବାର ପ୍ରତ୍ୟୁଷ ମଧ୍ୟରେ ତାଇୱାନରେ ଉଚ୍ଚ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ବିଶେଷକରି ପୂର୍ବ ତାଇୱାନର ହୁଆଲିନ ପ୍ରଦେଶ ସର୍ବାଧିକ ଭାବେ ପ୍ରଭାବିତ ହୋଇଛି। ୧୨ ଘଣ୍ଟା ମଧ୍ୟରେ ୮୦ ଥର ଭୂକମ୍ପ ଆସିବାରୁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ପୂର୍ବ ତାଇୱାନ ବ୍ୟତୀତ ରାଜଧାନୀ ସହର ତାଇପେଇ ଏବଂ ପଶ୍ଚିମ ଭାଗର ଅନ୍ୟ କେତେକ ସହର ମଧ୍ୟ ଭୂକମ୍ପ ଦ୍ୱାରା ପ୍ରଭାବିତ ହୋଇଥିବା କୁହାଯାଇଛି। ତାଇୱାନ ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ, ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୩ ରହିଥିଲା। ତେବେ ଭୂକମ୍ପରେ କୌଣସି ସ୍ଥାନରେ ଧନଜୀବନ ନଷ୍ଟ ହୋଇ ନଥିବା କୁହାଯାଇଛି। କେବଳ ତାଇପେଇ ଏବଂ ଅନ୍ୟ କିଛି ସହରରେ କେତେକ ଘର ଭାଙ୍ଗି ଯାଇଛି ବୋଲି ରିପୋର୍ଟ କରାଯାଇଛି। ଗତ ୩ ତାରିଖରେ ତାଇୱାନରେ ଆସିଥିବା ଭୂକମ୍ପ ପରେ ଏହା ସବୁଠୁ ବଡ଼ ଭୂକମ୍ପ ବୋଲି କୁହାଯାଇଛି। ଏପ୍ରିଲ ୩ରେ ସୃଷ୍ଟି ହୋଇଥିବା ଭୂକମ୍ପରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଭୂକମ୍ପ ପରେ ପ୍ରାୟ ୧୦୦୦ ଥର ଝଟକା ଅନୁଭୂତ ହୋଇଥିଲା। ଏହି ସମୟରେ ବହୁ ଉଚ୍ଚ ଅଟ୍ଟାଳିକା ଧ୍ୱଂସ ପାଇଥିଲା। ଏଗୁଡିକର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇ ନଥିଲା ବେଳେ ପୁଣି ଏକ ଉଚ୍ଚ ତୀବ୍ରତାର ଭୂକମ୍ପ ତାଇୱାନବାସୀଙ୍କ ସମସ୍ୟା ବଢାଇ ଦେଇଥିବା କୁହାଯାଇଛି।

**ଭୂକମ୍ପର ତୀବ୍ରତା ୬.୩**

## ନୁଡୁଲ୍ସରୁ ୨ କୋଟିର ହୀରା, ୪ କୋଟିର ସୁନା ଜବତ

■ **ମୁମ୍ବାଇ, ୨୩।୪ (ଏଜେନ୍ସି):** ମୁମ୍ବାଇ ବିମାନବନ୍ଦରରୁ ନୁଡୁଲ୍ସ ପ୍ୟାକେଟ ମଧ୍ୟରୁ ୬ କୋଟି ଟଙ୍କାର ହୀରା ଏବଂ ସୁନା ଜବତ କରାଯାଇଛି। ଏହି ମାମଲାରେ ୪ ଯାତ୍ରୀଙ୍କୁ ଗିରଫ କରାଯାଇଛି। ସୀମା ଶୁଳ୍କ ବିଭାଗର ଅଧିକାରୀଙ୍କ ସୂଚନା ଅନୁଯାୟୀ ୨.୦୨ କୋଟି ଟଙ୍କାର ହୀରା ଏବଂ ୪.୪୪ କୋଟି ଟଙ୍କାର ୬ କେଜି ସୁନା ଜବତ କରାଯାଇଛି। ମୁମ୍ବାଇରୁ ବ୍ୟାଙ୍କକ ଯାଉଥିବା ଜଣେ ଭାରତୀୟ ଯାତ୍ରୀ ହୀରା ଚାଲାଣ କରୁଥିଲେ। ସେ



ଟ୍ରଲି ବ୍ୟାଗ୍‌ରେ ଥିବା ନୁଡୁଲ୍ସ ପ୍ୟାକେଟରେ ଏହାକୁ ଲୁଚାଇ ରଖିଥିଲେ। ସେହିପରି କଲମ୍ବୋରୁ ମୁମ୍ବାଇ ଆସିଥିବା ଜଣେ ବିଦେଶୀ ନାଗରିକଙ୍କଠାରୁ ସୁନା ଖଣ୍ଡ ମିଳିଥିଲା। ସେ ଗୋପନୀୟ ଅଙ୍ଗରେ ଏହାକୁ ଲୁଚାଇ ନେଉଥିଲେ। ସେହିପରି ୧୦ ଭାରତୀୟଙ୍କଠାରୁ ୬.୧୯୯ କେଜି ସୁନା ଜବତ କରାଯାଇଛି। ଏମାନେ ଦୁବାଇ, ଆବୁଧାବୀ, ବାହାରିନ, ଦୋହା, ରିଆଧ, ମସ୍କଟ, ବ୍ୟାଙ୍କକ ଏବଂ ସିଙ୍ଗାପୁରରୁ ମୁମ୍ବାଇ ଆସିଥିଲେ।

## ମିଶନ ପଶ୍ଚିମ

# 'ନବୀନ' ବିକାଶର ପ୍ରୟୋଗଶାଳା

### ପ୍ରତ୍ୟେକ କ୍ଷେତ୍ରରେ ରୂପାନ୍ତରଣରେ ସମୃଦ୍ଧ ପଶ୍ଚିମ ଓଡ଼ିଶା

- ଯୋଗାଯୋଗ, ଜଳସେଚନ କ୍ଷେତ୍ରରେ ପରିବର୍ତ୍ତନ ଅଭୂତପୂର୍ବ
- ୧୬୭୭ କୋଟିରେ ଗଙ୍ଗାଧର ମେହେର ଉଠା ଜଳ ପ୍ରକଳ୍ପ
- ଆଶୀର୍ବାଦ ହୋଇଛି ଲୋୟର ଇନ୍ଦ୍ର ଓ ଲୋୟର ସୁକତେଲ
- 'ପଶ୍ଚିମ'ର ଜୀବନରେଖା ପାଲଟିଛି 'ବିଜୁ ଏକ୍ସପ୍ରେସ ୱେ'
- ୧୦୦୦ କୋଟି ଟଙ୍କା ବିନିମୟରେ ଭିସୁଟର ରୂପାନ୍ତରଣ
- ଝାରସୁଗୁଡ଼ା, ଉତ୍କେଳା, ରାଉରକେଲାକୁ ବିମାନ ସେବା
- ବରଗଡ଼, ଝାରସୁଗୁଡ଼ା ଜିଲ୍ଲାରେ କ୍ୟାନ୍‌ସର୍ ହସ୍‌ପିଟାଲ
- ପର୍ଯ୍ୟଟନ କ୍ଷେତ୍ରରେ ନୂଆ ସମ୍ଭାବନା 'ସମଲେଇ' ପ୍ରକଳ୍ପ
- ରୂପାନ୍ତରଣ ହୋଇଛି ନୃସିଂହନାଥ ଓ ହରିଶଙ୍କର ପୀଠ
- ବଲାଙ୍ଗୀର ଓ କଳାହାଣ୍ଡିରେ ମେଡିକାଲ କଲେଜ

■ **ଭୁବନେଶ୍ୱର, ୨୩।୪ (ସମିସ):** ପଶ୍ଚିମ ଓଡ଼ିଶା ହୋଇଛି 'ନବୀନ' ବିକାଶର ପ୍ରୟୋଗଶାଳା। ଗତ ୫ ବର୍ଷ ମଧ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ଆସିଛି ବାରି ହୋଇ ପଡୁଥିବା ରୂପାନ୍ତରଣ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଜଳସେଚନ ଆଦି ପ୍ରତ୍ୟକ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ଏବେ ପଶ୍ଚିମ ଓଡ଼ିଶାକୁ ରାଜ୍ୟର ସବୁଠୁ ସମୃଦ୍ଧ ଅଞ୍ଚଳରେ ପରିଣତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଛନ୍ତି 'ପଶ୍ଚିମ' ଅଭିଯାନ। ଚଳିତ ନିର୍ବାଚନରେ ହିଞ୍ଜିଳି ସହ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଆସନରୁ ପ୍ରତିଦ୍ୱନ୍ଦିତା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଅନୁରୂପ ଭାବରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢ଼ିବାକୁ ମଧ୍ୟ ନିଷ୍ପତ୍ତି




ନେଇଛନ୍ତି। ସେମାନଙ୍କର ବିଜୟ ଆଗାମୀ ଦିନରେ ସମଗ୍ର ଅଞ୍ଚଳକୁ ପ୍ରଗତିର ଦିଶା ଦେଖାଇବ ଓ ସମଗ୍ର ପଶ୍ଚିମ ଓଡ଼ିଶା ରାଜ୍ୟରେ ସମୃଦ୍ଧ ଅଞ୍ଚଳ ରୂପେ ପରିଗଣିତ ହେବ।

ବିଗତ କିଛି ବର୍ଷରେ ପଶ୍ଚିମ ଓଡ଼ିଶା ଜଳସେଚନ କ୍ଷେତ୍ରରେ ବ୍ୟାପକ ବିକାଶ ଦେଖିଛି। ବରଗଡ଼ ଜିଲ୍ଲାରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଏହାର ଏକ ଶ୍ରେଷ୍ଠ ଉଦାହରଣ। ପ୍ରାୟ ୧୬୭୭ କୋଟି ଟଙ୍କାରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ବରଗଡ଼ ଜିଲ୍ଲାର ୬୦ ହଜାର ଏକର ଜମିକୁ ପାଣି ମାଡ଼ି ପରିଛି। ସେହିପରି ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଭେଟି ଦେଇଥିବା ବେଳେ ପ୍ରକଳ୍ପ ଦ୍ୱାରା ହଜାର ହଜାର ସଂଖ୍ୟାରେ ଚାଷୀ ଉପକୃତ ହେବେ। ସେହିପରି ବଲାଙ୍ଗୀର ଜିଲ୍ଲାବାସୀଙ୍କୁ ଲୋୟର ସୁକତେଲ ପ୍ରକଳ୍ପ ଭେଟି ▶ପୃଷ୍ଠା-୯

### ସାଧାରଣ ନିର୍ବାଚନ

## ଅନ୍‌ଲାଇନ୍ ପେମେଣ୍ଟରେ ବି ନିର୍ବାଚନ ଆୟୋଗଙ୍କ ନଜର

■ **ମୁମ୍ବାଇ, ୨୩।୪ (ଏଜେନ୍ସି):** ସମ୍ପ୍ରତି ଦେଶରେ ପର୍ଯ୍ୟାୟକ୍ରମେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଛି। ନିର୍ବାଚନ ସମୟରେ ଚାରିଆଡେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ବ୍ୟାପକ ମାତ୍ରାରେ ନଗଦ ଅର୍ଥ କାରବାର ହୋଇଥାଏ। ହେଲେ ବର୍ତ୍ତମାନ ଅଧିକାଂଶ ପେମେଣ୍ଟ କାରବାର ଅନ୍‌ଲାଇନ୍ ଜରିଆରେ କରାଯାଉଥିବାରୁ ନିର୍ବାଚନରେ ମଧ୍ୟ ରାଜନୈତିକ ଦଳଗୁଡିକ ଦ୍ୱାରା ଏହି ମାଧ୍ୟମରେ ଅର୍ଥ କାରବାର ହେବା ନେଇ ନିର୍ବାଚନ ଆୟୋଗ ଆଶଙ୍କାବ୍ୟକ୍ତ କରିଛନ୍ତି। ଏଥିପାଇଁ ବର୍ତ୍ତମାନ ନିର୍ବାଚନ ଆୟୋଗ କେବଳ ନଗଦ ଟଙ୍କା ନୁହେଁ ଅନ୍‌ଲାଇନ୍ ଜରିଆରେ ହେଉଥିବା ପେମେଣ୍ଟ ଉପରେ କଡ଼ା ନଜର ରଖିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଚଳିତମାସ ୧୫ରେ ପେମେଣ୍ଟ ସିଷ୍ଟମ୍ ଅପରେଟର(ପିଓଏସ୍) ମାନଙ୍କୁ ଚିଠି ଲେଖି ନିର୍ବାଚନ ଉଚ୍ଚ ମୂଲ୍ୟର ଅନ୍ ଲାଇନ୍ ପେମେଣ୍ଟ କାରବାର ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ଟଙ୍କା ବଳାରେ ଭୋଟ୍ କିଣାକୁ ରୋକାଯାଇପାରିବ।

ନିର୍ବାଚନ ସମୟରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳଗୁଡିକ ବିଭିନ୍ନ ପେମେଣ୍ଟ ପଦ୍ଧତି ବ୍ୟବହାର କରିପାରନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଦେଇଥିବା ନିର୍ଦ୍ଦେଶ ମୁତାବକ ଅନ୍‌ଲାଇନ୍ ପେମେଣ୍ଟ କମ୍ପାନୀଗୁଡିକ ଉଚ୍ଚ ମୂଲ୍ୟ କିମ୍ବା ସନ୍ଦେହଜନକ ଦେୟଗୁଡିକୁ ନିର୍ଦ୍ଦିଷ୍ଟ ଭାବରେ ଟ୍ରାକ୍ କରିବା ଉଚିତ୍। ଏହାବ୍ୟତୀତ ବାରମ୍ବାର ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଉଥିବା ଅନ୍‌ଲାଇନ୍ ପେମେଣ୍ଟକୁ ମଧ୍ୟ ▶ପୃଷ୍ଠା-୯

**ରାଜନୈତିକ ଦଳ ଅନ୍‌ଲାଇନ୍ ପେମେଣ୍ଟ ବିକଳ୍ପର ସହାୟତା ନେବା ଆଶଙ୍କା**

**ଅପରେଟରଙ୍କୁ ଚିଠି ଲେଖିଲା ଆର୍‌ବିଆଇ**

### ବଢ଼ିଲା ପ୍ରଦୀପଙ୍କ ଅଡୁଆ: ସର୍ତ୍ତ ଉଲ୍ଲଙ୍ଘନ ପାଇଁ ହଟିଲା ହାଇକୋର୍ଟଙ୍କ ରହିତାଦେଶ

## ତାରିଖ ଅନୁଯାୟୀ ହାଜିରା ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୩।୪ (ସମିସ):** ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ପାଇଁ ଏବେ ବଢ଼ିଛି ଅଡୁଆ। ଟାଟା ମୋଟର୍ସ ଠକେଇ ମାମଲାରେ ସ୍ଥଗିତାଦେଶକୁ ହାଇକୋର୍ଟ ପ୍ରତ୍ୟାହାର କରି ନେଇଛନ୍ତି। କେବଳ ପ୍ରଦୀପଙ୍କ ନୁହେଁ ତାଙ୍କ ସହ ଅନ୍ୟ ଅଭିଯୁକ୍ତ ବି ହାଜର ହେବେ।

ବ୍ରହ୍ମପୁର ଲୋକସଭା ଆସନର ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ସହଯୋଗୀ ତଥା ଭାବୀ ଜ୍ୱାଇଁ ଆକାଶ ପାଠକ ଟାଟା ମୋଟର୍ସରେ ଚାକିରି କରାଇ ଦେବା ପ୍ରତିଶ୍ରୁତି ଦେଇ ବହୁ ନିରୀହ ଲୋକଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ସେହିପରି ଟାଟା ମୋଟର୍ସ ପକ୍ଷରୁ ମଧ୍ୟ ଆକାଶ ପାଠକ ଓ ପ୍ରଦୀପ ପାଣିଗ୍ରାହୀଙ୍କ ନାମରେ ଅଭିଯୋଗ ହୋଇଥିଲା। ଟାଟା ମୋଟର୍ସର ଜାଲ ଇ-ମେଲ ଆଇଡ଼ି ସୃଷ୍ଟି କରି ଆକାଶ ନିଜକୁ ଟାଟା ମୋଟର୍ସର ଏମ୍‌ଡ଼ି ପରିଚୟ ଦେଇଥିଲେ।



ଟାଟା ମୋଟର୍ସ ଠକେଇ ମାମଲା

ପ୍ରଦୀପ ପାଣିଗ୍ରାହୀ ଓ ଆକାଶ ପାଠକ ରାଜ୍ୟର ବିଭିନ୍ନ ପ୍ରାନ୍ତ, ଏପରିକି ବ୍ରହ୍ମପୁର ଅଞ୍ଚଳର ଗରିବ ଲୋକଙ୍କଠାରୁ ବିପୁଳ ଅର୍ଥ ଠକି ନେଇଥିଲେ। ଶେଷରେ କ୍ରାଇମ୍‌ବ୍ରାଞ୍ଚ ସାଇବର ଥାନା ପ୍ରଦୀପ ପାଣିଗ୍ରାହୀଙ୍କୁ ଗିରଫ କରିଥିଲା। ସେ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲେ ହେଁ ଅଦାଲତଙ୍କ ନିର୍ଦ୍ଦେଶର ଅନୁପାଳନ କରି ନ ଥିଲେ। ସର୍ତ୍ତ ଅନୁସାରେ ନିୟମିତ ଭାବେ କୋର୍ଟରେ ହାଜର ହେଉନଥିଲେ। ମାମଲାର ବିଚାର ଚାଲିଥିବାବେଳେ ଗଣମାଧ୍ୟମରେ କିଛି ବିବୃତି ମାମଲା ଚାଲିଥିବା ବେଳେ ଗଣମାଧ୍ୟମରେ କିଛି ବି ବିବୃତ୍ତି ରଖି ପାରିବେ ନାହିଁ। କୌଣସି ସାକ୍ଷୀ କିମ୍ବା ମାମଲାରେ ଜଡିତ ଲୋକଙ୍କୁ ଧମକ ଚମକ ଦେଇପାରିବେ ନାହିଁ। ପ୍ରମାଣପତ୍ର ନଷ୍ଟ କରିବାକୁ ଉଦ୍ୟମ କରିପାରିବେ ନାହିଁ। ସେ ସିଧାସଳଖ କିମ୍ବା ପରୋକ୍ଷରେ ଧମକ ଚମକ ଦେଇପାରିବେ ନାହିଁ। ଯେବେ ଆବଶ୍ୟକ ହେବ ତଦନ୍ତକାରୀ ▶ପୃଷ୍ଠା-୯

# ମଇଦାନକୁ ଆଜି ଓହ୍ଲାଇବେ ନବୀନ

### ବାଜିବ ପ୍ରଚାରର ଶୁଭ ଶଙ୍ଖ

■ **ବ୍ରହ୍ମପୁର, ୨୩।୪ (ସମିସ):** ୨୦୨୪ ନିର୍ବାଚନ ମହାସମର ନିମନ୍ତେ ଆସନ୍ତାକାଲି ପ୍ରଚାର ଅନୁକୂଳ କରିବେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଳିତ ନିର୍ବାଚନ ନିମନ୍ତେ ନିଜର ପାରମ୍ପରିକ ଆସନ ହିଞ୍ଜିଳିରୁ ବିଧିବଦ୍ଧ ଭାବରେ ପ୍ରଚାର ମଇଦାନକୁ ଓହ୍ଲାଇବେ ଓ ଫୁଙ୍କିବେ ବିଜୟର 'ଶଙ୍ଖ ଧ୍ୱନୀ'। ଦଳର ଶୀର୍ଷ ତାରକା ପ୍ରଚାରକ ନବୀନ ପଟ୍ଟନାୟକଙ୍କ ସହ ଅନ୍ୟତମ ସେନାପତି କାର୍ତ୍ତିକ ପାଣ୍ଡିଆନ ମଧ୍ୟ ହିଞ୍ଜିଳି ଗସ୍ତ କରିବେ। ଆସନ୍ତାକାଲି ସକାଳ ୧୦ଟା ୩୦ ମିନିଟରେ ହିଞ୍ଜିଳି ଓ ୧୧ଟା ୩୦ ମିନିଟରେ ଶେରଗଡ଼ରେ ଦୁଇଟି ଜନ ସମାବେଶରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନିମନ୍ତେ ହିଞ୍ଜିଳି ଓ ଶେରଗଡ଼ରେ ବିଜେଡ଼ି କର୍ମୀ ଓ କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ଲାଗି ଗଞ୍ଜାମବାସୀ ବେଶ ଉତ୍ସାହିତ ରହିଛନ୍ତି। ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ଭେଟିବା ପାଇଁ ହିଞ୍ଜିଳିବାସୀଙ୍କ ମନରେ ନୂଆ ଉନ୍ମାଦନା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରତିଟି କାର୍ଯ୍ୟରେ ଗଞ୍ଜାମ ଜିଲ୍ଲାରୁ ଗୁରୁତ୍ୱ ଦେଉଥିବା ବେଳେ ଅନେକ ମିଶନ ଏଠାରୁ ଆରମ୍ଭ କରିଥାନ୍ତି। ଏହି ଦୃଷ୍ଟିରୁ ୨୦୨୪ ନିର୍ବାଚନର ପ୍ରଥମ ପ୍ରଚାର ସେ ନିଜ ପ୍ରତିନିଧିତ୍ୱ ଜିଲ୍ଲା ଗଞ୍ଜାମରୁ ଆରମ୍ଭ କରିବେ। ଏନେଇ ବିଜୁ ଜନତା ଦଳର କର୍ମୀ, ନେତା ଓ ସାଧାରଣ ଜନତାଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଭରି ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ



ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗଦେବେ। ଏନେଇ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି।

ଗତ ନିର୍ବାଚନରେ ଗଞ୍ଜାମ ଜିଲ୍ଲାର ଦୁଇ ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୧୪ ବିଧାନସଭା ଆସନ ମଧ୍ୟରୁ ୧୩ଟିରେ ବିଜେଡି ବିଜୟୀ ହୋଇଥିଲା। ନିଜେ ମୁଖ୍ୟମନ୍ତ୍ରୀ ୬୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହିଞ୍ଜିଳିରୁ ବିଜୟୀ ହୋଇଥିଲେ। ଆଗାମୀ ନିର୍ବାଚନରେ ବିଜେଡି ଗଞ୍ଜାମ ଜିଲ୍ଲାର ଦୁଇ ଲୋକସଭା ସହ ସମସ୍ତ ବିଧାନସଭା ଆସନରେ ବିଜୟୀ ହେବା ସହ ବିଜୟ ବ୍ୟବଧାନ ବୃଦ୍ଧି ନିମନ୍ତେ ରଣକୌଶଳ ପ୍ରସ୍ତୁତ କରିଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରଥମ ନିର୍ବାଚନୀ ସମାବେଶ ଗଞ୍ଜାମ ଜିଲ୍ଲାରୁ ଆରମ୍ଭ କରିବାକୁ ଯାଉଛନ୍ତି। ଏହାପରେ ସେ ଆସନ୍ତା ୩୦ ତାରିଖରେ ମା' ତାରାତାରିଣୀଙ୍କ ଦର୍ଶନ ପରେ ଛତ୍ରପୁରରେ ନିଜର ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି।

## ଲୋକକଥା



ଭୋଟ ରଣାଙ୍ଗନେ ଅବତୀର୍ଣ୍ଣ ଏବେ
ମହାରଥୀ ଶଙ୍ଖ ବଜେଇ,
ଶଙ୍ଖ ନାଦ ଶୁଣି ବିରୋଧୀ ଥରଇ
ପାଣି ହୋଇଯାଏ ପିଳେଇ !
ହଉଚନ୍ତି ବିଳିବିଳେଇ,
ପ୍ରଚାର ଆରମ୍ଭ ହଉ ହଉ କ'ଣ
କ୍ଷେତ୍ର ଛାଡ଼ି ଯିବେ ପଳେଇ !!

### କେନ୍ଦ୍ରମନ୍ତ୍ରୀଙ୍କ ମହିଳା ବିରୋଧୀ ମୁଖା ଖୋଲିଲା ବିଜେଡି

## 'ମିଶନ ଶକ୍ତି' ବନ୍ଦ ପାଇଁ ଧର୍ମେନ୍ଦ୍ରଙ୍କ ସାଂଘାତିକ ଷଡ଼ଯନ୍ତ୍ର

■ **ଭୁବନେଶ୍ୱର, ୨୩।୪ (ସମିସ):** ମିଶନ୍ ଶକ୍ତି ହେଉଛି ଓଡ଼ିଶା ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ। ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ୬ ଲକ୍ଷ ମିଶନ ଶକ୍ତି ଏସଏଚଜି ସାରା ଓଡ଼ିଶାର ଲକ୍ଷ ଲକ୍ଷ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି। ଓଡ଼ିଶାର ମା' ମାନଙ୍କୁ ମିଶନ ଶକ୍ତି ନୂଆ ପରିଚୟ ଦେଇଛି। ସରକାରୀ ଯୋଜନାରୁ ଉର୍ଦ୍ଧ୍ୱକୁ ଉଠି ଏହା ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ମାତ୍ର ଓଡ଼ିଶାରେ ନାରୀ ଶକ୍ତିର ଅଭ୍ୟୁଦୟ, ମହିଳାଙ୍କ ବିକାଶ, ଆର୍ଥିକ ସ୍ୱାବଲମ୍ବନ, ସାମାଜିକ ସଶକ୍ତୀକରଣକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହି ପାରୁନାହାନ୍ତି। ସେଥିପାଇଁ ସେ ମିଶନ୍ ଶକ୍ତି ଓ ଏହାର ସଦସ୍ୟାମାନଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି ବିଜେଡି ସାଂସଦ ସୁଲତା ଦେଓ। ଏହି ମହିଳା ବିରୋଧୀ ମାନସିକତା ଶ୍ରୀ ପ୍ରଧାନଙ୍କ ଉଗ୍ର ଅସହିଷ୍ଣୁତା, ଈର୍ଷା ଏବଂ ମହିଳା-ବିରୋଧୀ ମନୋଭାବକୁ ପ୍ରଦର୍ଶିତ କରିଛି। ଓଡ଼ିଶାରେ ମିଶନଶକ୍ତିକୁ ବନ୍ଦ କରି ସ୍ୱାବଲମ୍ବୀ ୭୦ ଲକ୍ଷ ମହିଳାଙ୍କୁ ପୁଣିଥରେ ଘରର ଚାରିକାନ୍ଥ ଭିତରକୁ ଠେଲିଦେବାକୁ ସେ ପଣ କରିଥିବା ତାଙ୍କ କାର୍ଯ୍ୟରେ ପ୍ରତିଫଳିତ ହୋଇଛି। ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳ ସହ ରାଜ୍ୟର କୋଟିକୋଟି ମହିଳା ଆଗାମୀ ନିର୍ବାଚନରେ ତାଙ୍କର ଏହି ଘୃଣ୍ୟ ରାଜନୀତି ଓ ଷଡ଼ଯନ୍ତ୍ରର ଉଚିତ୍ ଜବାବ ଦେବେ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

ଶ୍ରୀମତି ଦେଓ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ପାଇଁ ମହିଳାମାନେ ହାଣ୍ଡିଶାଳରୁ ବାହାରି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇଛନ୍ତି। ଆନ୍ତର୍ଜାତିକ ବାଣିଜ୍ୟିକ ଜ୍ଞାନ ଆହରଣ ଓ ବ୍ୟବସାୟ କୌଶଳ ସମ୍ପର୍କରେ ଅଧ୍ୟୟନ ସହ ଓଡ଼ିଶାରେ ନିଜ ନିଜ ମହିଳା ସ୍ୱୟଂ ସହାୟକ ▶ପୃଷ୍ଠା-୯

**ବନ୍ଦ କଲେ ମିଶନ ଶକ୍ତି ମହିଳାଙ୍କ ଦୁବାଇ ଗସ୍ତ କାର୍ଯ୍ୟକ୍ରମ**

**ଘରର ଚାରିକାନ୍ଥ ମଧ୍ୟରେ ସ୍ୱାବଲମ୍ବୀ ମହିଳାଙ୍କୁ ବାନ୍ଧିବାକୁ ଚକ୍ରାନ୍ତ**

**ମହିଳା ବିରୋଧୀ ମନୋଭାବର ଉଚିତ୍ ଜବାବ ଦେବେ ନାରୀଶକ୍ତି**

### ସୁପ୍ରିମକୋର୍ଟରେ ମୋକିମ୍ ନିରାଶ

## ମିଳିଲାନି ଦଣ୍ଡ ଉପରେ ରହିତାଦେଶ; ମଉଳିଲା ନିର୍ବାଚନ ଲଢ଼ିବା ଆଶା

■ **କଟକ, ୨୩।୪ (ସମିସ):** ବହୁଚର୍ଚ୍ଚିତ ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମ (ଓଆରଏଚଡିସି) ଋଣ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟରେ ନିରାଶ ହୋଇଛନ୍ତି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍। ହାଇକୋର୍ଟଙ୍କ ଜେଲ ଦଣ୍ଡ ନିର୍ଦ୍ଦେଶ ଉପରେ ପ୍ରତିବନ୍ଧକ ଲଗାଇବା ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ତେବେ ମାମଲାର ଫଇସଲା ଶେଷ ପର୍ଯ୍ୟନ୍ତ ଦଣ୍ଡ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।



ଓଆର୍‌ଏଚ୍‌ଡିସି ଋଣ ଦୁର୍ନୀତି ମାମଲା

ଓଆର୍‌ଏଚ୍‌ଡ଼ିସି ଋଣ ଦୁର୍ନୀତି ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ରାୟକୁ ଓଡ଼ିଶା ହାଇକୋର୍ଟ କାଏମ ରଖି ମୋକିମ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିପାଇଁ ୩ ବର୍ଷ ଜେଲ ସହ ଜୋରିମାନା ଆଦାୟ ନିମନ୍ତେ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ମୋକିମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ▶ପୃଷ୍ଠା-୯

**ପଶ୍ଚିମବଙ୍ଗ ବରହମପୁର ଲୋକସଭା ନିର୍ବାଚନ ଘୁଞ୍ଚିବ**

## ଇସିଙ୍କୁ ସୁପାରିସ କରିବେ ହାଇକୋର୍ଟ

କୋଲକାତା,୨୩।୪(ଏଜେନ୍ସି): ଆସନ୍ତା ମେ ’ ୧୩ରେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲା ବରହମପୁର ଲୋକସଭା କ୍ଷେତ୍ରର ନିର୍ବାଚନ ଘୁଞ୍ଚାଇବାକୁ କୋଲକାତା ହାଇକୋର୍ଟ ନିଷ୍ପତ୍ତି ନେଇଛନ୍ତି। ଏଠାରେ ଗତ ୧୭ରେ ରାମନବମୀ ଉତ୍ସବ ପାଳନ ବେଳେ ସାଂପ୍ରଦାୟିକ ହିଂସା ହୋଇଥିବାରୁ ବର୍ତ୍ତମାନ ଏହି ଘଟଣା ଉପରେ ଯାଞ୍ଚ ଚାଲିଛି। ତେଣୁ ଧାର୍ଯ୍ୟ ଦିନରେ ଏଠାରେ ମତଦାନ ନକରିବାକୁ ହାଇକୋର୍ଟ ମୁଖ୍ୟ ନିର୍ବାଚନ କମିସନଙ୍କୁ ସୁପାରିସ କରିବେ ବୋଲି ମଙ୍ଗଳବାର କହିଛନ୍ତି।

## ଇସ୍ରାଏଲ ଉପରେ ହିଜବୁଲ୍ଲାର ଆକ୍ରମଣ

ନୂଆଦିଲ୍ଲୀ,୨୩।୪(ଏଜେନ୍ସି): ଇସ୍ରାଏଲର ବହୁ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ଉପରେ ଇରାନ ସମର୍ଥିତ ଲେବାନନର ହିଜବୁଲ୍ଲା ଆତଙ୍କବାଦୀ ସଂଗଠନ ପକ୍ଷରୁ ଜୋରଦାର ଆକ୍ରମଣ କରାଯାଇଛି ବୋଲି ମଙ୍ଗଳବାର ଦାବି କରାଯାଇଛି। ଇସ୍ରାଏଲର ଆକେର ସହରର ଉତ୍ତର ଭାଗରେ ଥିବା ସାମରିକ ଘାଟି ଉପରେ ଆକ୍ରମଣ କରାଯାଇଛି ଏବଂ ଏହା ଗାଜା ଯୁଦ୍ଧ ପରବର୍ତ୍ତୀ ସବୁଠାରୁ ବଡ଼ ଆକ୍ରମଣ ବୋଲି ହିଜବୁଲ୍ଲା କହିଛି। କିନ୍ତୁ ଏହି ଘଟଣାକୁ ଇସ୍ରାଏଲ ସେନା ପକ୍ଷରୁ ଅସ୍ୱୀକାର କରାଯାଇଛି। କେବଳ ଇସ୍ରାଏଲର ଉତ୍ତର ଭାଗରେ ଦୁଇଟି ଏରିୟଲ ଟାର୍ଗେଟକୁ ନଷ୍ଟ କରିଦିଆଯାଇଛି।

## ସରକାରୀ କର୍ମଚାରୀଙ୍କୁ ହତ୍ୟା କଲେ ଆତଙ୍କବାଦୀ

ଶ୍ରୀନଗର, ୨୩।୪ (ଏଜେନ୍ସି): ଜମ୍ମୁ-କାଶ୍ମୀରରେ ଟାର୍ଗେଟ ହତ୍ୟା ଥମିବାର ନା ଧରୁନି। ଆତଙ୍କବାଦୀ ସୋମବାର ରାତିରେ ରାଜୌରିର ସାହଦରା ସରିଫ ଗାଁର ଏକ ଘର ଉପରେ ଗୁଳିମାଡ଼ କରିଛନ୍ତି। ଏଥିରେ ସରକାରୀ କର୍ମଚାରୀ ମହମ୍ମଦ ସଜାକଙ୍କ ମୃତ୍ୟୁ ହୋଇଛି। ଗତ ମାସେ ମଧ୍ୟରେ ଏଭଳି ତିନୋଟି ଘଟଣା ସାମ୍ନାକୁ ଆସିଲାଣି। ସଜାକଙ୍କ ଭାଇ ସେନାରେ ଅଛନ୍ତି। ୧୯ ବର୍ଷ ତଳେ ଆତଙ୍କବାଦୀ ଏହି ଗାଁରେ ସଜାକଙ୍କ ବାପା ମହମ୍ମଦ ଆକବରଙ୍କୁ ମଧ୍ୟ ଗୁଳି କରି ହତ୍ୟା କରିଥିଲେ। ସେ ଜନକଲ୍ୟାଣ ବିଭାଗରେ ଚାକିରି କରିଥିଲେ। ପରେ ଏହି ଚାକିରି ସଜାକଙ୍କୁ ମିଳିଥିଲା। ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଆମେରିକାରେ ପ୍ରସ୍ତୁତ ଏମ୪ ରାଇଫଲ ଏବଂ ଏକ ପିସ୍ତଲରୁ ଗୁଳିମାଡ଼ କରିଥଇଲେ। ପୁଲିସ ଏମ୪ର ବୁଲେଟ ଜବତ କରିଛି।

**ପତଞ୍ଜଳି ବିଜ୍ଞାପନ ପ୍ରସଙ୍ଗରେ ରାମଦେବଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

# କ୍ଷମା ପ୍ରାର୍ଥନା ଆପଣଙ୍କ ବିଜ୍ଞାପନ ଭଳି ବଡ଼ ତ’

ନୂଆଦିଲ୍ଲୀ,୨୩।୪(ଏଜେନ୍ସି)



ବାବା ରାମଦେବଙ୍କ ଆୟୁର୍ବେଦ କମ୍ପାନୀ ପତଞ୍ଜଳି କମ୍ପାନୀର ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ଅଡୁଆ ଥମିବାର ନାଁ ଧରୁ ନାହିଁ। ଏହି ମାମଲାକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିଲା ବେଳେ ବାବା ରାମଦେବ ଓ ପତଞ୍ଜଳି କମ୍ପାନୀର ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ସମସ୍ୟା ବଢିବାରେ ଲାଗିଛି। ପତଞ୍ଜଳି କମ୍ପାନୀର ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ଉଭୟଙ୍କୁ ତୀବ୍ର ଭର୍ତ୍ସନା କରିଥିଲା ବେଳେ ମଙ୍ଗଳବାର ମଧ କଡ଼ା ଟିପ୍ପଣୀ ରଖିଛନ୍ତି। ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ପତଞ୍ଜଳି କମ୍ପାନୀକୁ ସର୍ବସାଧାରଣରେ କ୍ଷମାପ୍ରାର୍ଥନା କରିବାକୁ ସୁପ୍ରିମକୋର୍ଟ କହିଥିଲେ। କମ୍ପାନୀ ପକ୍ଷରୁ ବିଭିନ୍ନ ଖବର କାଗଜରେ ଏହା କରାଯାଇଥିଲେ ହେଁ ବିଜ୍ଞାପନର ଆକାରକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଥିଲେ। ମଙ୍ଗଳବାର ଶୁଣାଣି ବେଳେ ରାମଦେବ ଓ ବାଳକୃଷ୍ଣ ସୁପ୍ରିମକୋର୍ଟରେ ହାଜର ହୋଇଥିଲା ବେଳେ ବିଜ୍ଞାପନର ଆକାର ଯେତିକି ବଡ଼ ଥିଲା କ୍ଷମା ପ୍ରାର୍ଥନାର ଆକାର ସେତିକି ବଡ ଥିଲା କି ନାହିଁ ବୋଲି ଅଦାଲତ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ କ୍ଷମାପ୍ରାର୍ଥନା କରିବାକୁ ଅଦାଲତଙ୍କ ପକ୍ଷରୁ ଦିଆଯାଇଥିବା ସମୟର ଯଥେଷ୍ଟ ପୂର୍ବରୁ କାହିଁକି ଏହା କରାଯାଇ ନଥିଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ୍ ହିମା କୋହଲି ଓ ଜଷ୍ଟିସ ଅମନାତୁଲ୍ଲାଙ୍କ ଖଣ୍ଡପୀଠ ପୂର୍ବ ଶୁଣାଣି ବେଳେ ପତଞ୍ଜଳି କମ୍ପାନୀ କ୍ଷମାପ୍ରାର୍ଥନା କରିବାକୁ ବାବା ରାମେଦବ ଓ ବାଳକୃଷ୍ଣଙ୍କୁ ଏକ ସପ୍ତାହ ସମୟ ଦେଇଥିଲେ। ତେବେ ଏହି ଅବଧି ଶେଷ ହେବାର ଦିନକ ପୂର୍ବରୁ ପତଞ୍ଜଳି ତରଫରୁ କ୍ଷମା ପ୍ରାର୍ଥନା କରାଯାଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ପୁଣି ବର୍ଷିଥିଲେ। କ୍ଷମାପ୍ରାର୍ଥନାକୁ ନେଇ ପ୍ରକାଶିତ ପେପର କଟିଂ ଅଦାଲତରେ ଦାଖଲ କରିବାକୁ ଅଦାଲତ କହିଥିଲା ବେଳେ ଏହାର ଉତ୍ତରରେ ୬୭ଟି ଖବରକାଗଜରେ କ୍ଷମା ପ୍ରାର୍ଥନା କରାଯାଇଛି ଏବଂ ବିଜ୍ଞାପନଗୁଡ଼ିକର ମୂଲ୍ୟ ୧୦ ଲକ୍ଷ ଟଙ୍କା ବୋଲି ପତଞ୍ଜଳି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ସେହିପରି ଭବିଷ୍ୟତରେ ଏଭଳି ଭୁଲ୍ ଆଉ ହେବ ନାହିଁ ବୋଲି ପତଞ୍ଜଳି ତରଫରୁ ପ୍ରକାଶିତ କ୍ଷମା ପ୍ରାର୍ଥନାରେ କୁହାଯାଇଛି ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା। ତେବେ ଏହି କ୍ଷମା ପ୍ରାର୍ଥନାକୁ ସୁପ୍ରିମକୋର୍ଟ ଗ୍ରହଣ କରିନାହାନ୍ତି। ପତଞ୍ଜଳି କ୍ଷମା ପ୍ରାର୍ଥନାର ବିଜ୍ଞାପନକୁ ପୁଣିଥରେ ବଡ ଆକାରରେ ଜାରି କରିବାକୁ କୋର୍ଟ ରାମଦେବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦ ତାରିଖରେ କରିବାକୁ ସୁପ୍ରିମକୋର୍ଟ ଦିନ ଧାର୍ଯ୍ୟ କରିଥିଲା ବେଳେ ଉଭୟ ରାମଦେବ ଏବଂ ବାଳକୃଷ୍ଣଙ୍କୁ ହାଜର ହେବାକୁ କୁହାଯାଇଛି।

## ବ୍ରିଟେନ ସଂସଦରେ ରୱାଣ୍ଡା ବିଲ୍ ପାରିତ

ଲଣ୍ଡନ, ୨୩।୪ (ଏଜେନ୍ସି): ବ୍ରିଟେନ ସଂସଦରେ ମଙ୍ଗଳବାର ବିବାଦୀୟ ରୱାଣ୍ଡା ବିଲ୍ ପାରିତ ହୋଇଯାଇଛି। ବ୍ରିଟେନରେ ଥିବା ବେଆଇନ ଆଫ୍ରିକୀୟ ଶରଣାର୍ଥୀଙ୍କୁ ତାଙ୍କ ଦେଶକୁ ପଠାଇବା ପାଇଁ ଏହି ବିଲ୍ ଅଣାଯାଇଛି। ଏହାକୁ ନେଇ ବ୍ରିଟେନ ପ୍ରଧାନମନ୍ତ୍ରୀ ତଥା ଭାରତୀୟ ବଂଶୋଦ୍ଭବ ଋଷି ସୁନକ ଖୁସି ପ୍ରକଟ କରିଛନ୍ତି। ଆଗାମୀ ୧୦ରୁ ୧୨ ସପ୍ତାହ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ବ୍ରିଟେନରୁ ବେଆଇନ ଶରଣାର୍ଥୀଙ୍କୁ ରୱାଣ୍ଡା ପଠାଇବା ଆରମ୍ଭ ହେବ ବୋଲି କହିଛନ୍ତି। ଏବେ ବ୍ରିଟେନ ଆର୍ଥିକ ସଙ୍କଟ ସହିତ ବେଆଇନ ଶରଣାର୍ଥୀ ସମସ୍ୟାର ମୁକାବିଲା କରୁଛି। ବ୍ରିଟେନର କନଜରଭେଟିବ ପାର୍ଟି ଦେଶରେ ବେକାରୀ ଏବଂ ମୂଲ୍ୟବୃଦ୍ଧିକୁ ବେଆଇନ ଶରଣାର୍ଥୀଙ୍କ ସହ ଯୋଡୁଛି। ଏହି ବିଲ୍ ପାସ ହେଲେ ୨୦୨୫ ନିର୍ବାଚନରେ ପ୍ରଧାନମନ୍ତ୍ରୀ ସୁନକଙ୍କୁ ଲାଭ ମିଳିବ ବୋଲି କୁହାଯାଉଛି। ଏହି ଦଳ ୨୦୧୯ ର ପ୍ରଧାନମନ୍ତ୍ରୀ ନିର୍ବାଚନରେ ରୱାଣ୍ଡା ବିଲ୍ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲା। ତେବେ ୨୦୨୨ ଜୁନ୍‌ରେ ୟୁରୋପୀୟ ସଂଘ (ଇୟୁ) ର କୋର୍ଟ ଆଇନକୁ ବେଆଇନ କହିଥିଲେ। ମାତ୍ର ଇୟୁରୁ ବାହାରିବା ପରେ ବ୍ରିଟେନ ସୁପ୍ରିମକୋର୍ଟ ଏହାକୁ ବୈଧ କହିଥିଲେ।

## ୨ ନୌସେନା ହେଲିକପ୍ଟର ଧକ୍କା; ୧୦ ମୃତ

କୁଆଲାଲମପୁର, ୨୩।୪ (ଏଜେନ୍ସି): ମାଲେସିଆ ବଡ଼ ଦୁର୍ଘଟଣା ଘଟିଛି। ମଙ୍ଗଳବାର ସକାଳ ୯ଟା ୩୦ରେ ନୌସେନାର ୨ ହେଲିକପ୍ଟର ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ପାଇଲଟଙ୍କ ସହିତ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ସମସ୍ତ ମୃତକ ନୌସେନାର କ୍ରୁ ସଦସ୍ୟ ଥିଲେ। ସମସ୍ତଙ୍କ ବୟସ ୪୦ ବର୍ଷରୁ କମ୍ ଥିଲା। ରିପୋର୍ଟ ଅନୁଯାୟୀ ନୌସେନାର ୯୦ ତମ ପ୍ରତିଷ୍ଠା ଦିବସ ପାଇଁ ଲୁମୁତ ନୌସେନା ଘାଟୀରେ ରିହର୍ସାଲ ଚାଲିଥିଲା। ଏହି ସମୟରେ ଆକାଶ ମାର୍ଗରେ ଏଚଓଏମ୍ (ଏମ୍‌୫୦୩-୩) ହେଲିକପ୍ଟର ଫେନେକ ହେଲିକପ୍ଟରର ରୋଟରକୁ ଧକ୍କା ଦେଇଥିଲା। ପରେ ଫେନେକ ନିକଟରେ ଥିବା ଏକ ସ୍ୱିମିଂ ପୁଲ୍‌ରେ ଯାଇ ପଡ଼ିଥିଲା। ତେବେ ଏଚଓଏମ୍ ଲୁମୁତ ଘାଟୀର ଷ୍ଟାଡିୟମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସି ପଡ଼ିଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ମାଲେସିଆ ନୌସେନାର ଟିମ୍ ମାମଲାର ତଦନ୍ତ କରୁଛି।



**ପାକିସ୍ତାନକୁ ଧକ୍କା**

## କାଶ୍ମୀର ପ୍ରସଙ୍ଗରେ ସମର୍ଥନ ଦେବାକୁ ମନାକଲା ଇରାନ



ଇସଲାମାବାଦ,୨୩।୪(ଏଜେନ୍ସି): କାଶ୍ମୀର ପ୍ରସଙ୍ଗରେ ଇରାନ ପକ୍ଷରୁ ପାକିସ୍ତାନକୁ ବଡ଼ ଧକ୍କା ମିଳିଥିଲା ବେଳେ ଭାରତ କୂଟନୈତିକ ବିଜୟ ହାସଲ କରିଛି। ସଂପ୍ରତି ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରାଇସି ତିନି ଦିନିଆ ଗସ୍ତରେ ପାକିସ୍ତାନ ଆସିଛନ୍ତି। ଏହି ଅବସରରେ ପାକିସ୍ତାନ ପକ୍ଷରୁ କାଶ୍ମୀର ପ୍ରସଙ୍ଗ ଉତଥାପନ କରାଯିବା ସହ ପରୋକ୍ଷରେ ଇରାନର ସମର୍ଥନ ଲୋଡାଯାଇଥିଲା। କିନ୍ତୁ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ସମର୍ଥନ କରିବାକୁ ରାଷ୍ଟ୍ରପତି ରାଇସି ରୋକ୍‌ଠୋକ୍ ମନା କରିଦେଇଥିବା ଜଣାପଡ଼ିଛି। ଇରାନ-ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡିଛି। ଏହି ସମୟରେ ରାଷ୍ଟ୍ରପତି ରାଇସିଙ୍କ ପାକିସ୍ତାନ ଗସ୍ତକୁ ଏଠାକାର ସରକାର ବହୁ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି କାଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ରହିଆସିଥିବା ବିବାଦର ସମାଧାନ ଦିଗରେ ଇରାନ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବ ବୋଲି ପାକିସ୍ତାନ ଆଶାବାଦୀ ରହିଥିଲେ ହେଁ ଶେହବାଜ୍ ସରକାରଙ୍କୁ ନିରାଶ ହେବାକୁ ପଡ଼ିଛି।

# ମେ’ ୭ ଯାଏଁ ବଢ଼ିଲା କେଜ୍ରିୱାଲ, କବିତାଙ୍କ ଜେଲ୍ ମିଆଦ

ନୂଆଦିଲ୍ଲୀ, ୨୩।୪(ଏଜେନ୍ସି)



ଦିଲ୍ଲୀର ରାଉଜ୍ ଏଭେନ୍ୟୁ ସିବିଆଇ ଓ ଇଡି କୋର୍ଟ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜେଲ ହାଜତ ମିଆଦକୁ ମେ’ ୭ ତାରିଖ ଯାଏଁ ବଢ଼ାଇଛନ୍ତି। ଦିଲ୍ଲୀ ଅବକାରୀ ନୀତି ନିର୍ଦ୍ଧାରଣରେ ଦୁର୍ନୀତି ଓ ସେ ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗତ ମାର୍ଚ୍ଚ ୨୧ ତାରିଖ ରାତ୍ରରେ ଗିରଫ ହୋଇ ୧୧ ଦିନ ଇଡି ରିମାଣ୍ଡରେ ରହିବା ପରେ କେଜ୍ରିୱାଲଙ୍କୁ ତିହାର ଜେଲକୁ ପଠାଯାଇଛି। ସେହି ମାମଲାରେ ଇଡି ଓ ସିବିଆଇ ଦ୍ୱାରା ଗିରଫ ହୋଇଥିବା କେ କବିତାଙ୍କ ଜେଲ ହାଜତ ମିଆଦ ମଧ ମେ’ ୭ ତାରିଖ ଯାଏଁ ବଢ଼ାଯାଇଛି। କେଜ୍ରିୱାଲ ତାଙ୍କ ଗିରଫ ଓ ରାଉଜ୍ ଏଭେନ୍ୟୁ କୋର୍ଟଙ୍କ ରିମାଣ୍ଡ ଆଦେଶକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟରେ ଦାଖଲ କରିଥିବା ପିଟିସନ୍ ଖାରଜ ହେବା ପରେ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଛନ୍ତି। ବିଚାରପତି ସଞ୍ଜୀବ ଖାନ୍ନା ଓ ବିଚାରପତି ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ କେଜ୍ରିୱାଲଙ୍କ ପିଟିସନ୍ ଉପରେ ଆସନ୍ତା ୨୪ ତାରିଖ ସୁଦ୍ଧା ଜବାବ ରଖିବାକୁ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୯ ତାରିଖରେ ହେବ। ଦିଲ୍ଲୀ ଅବକାରୀ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ, ତେଲଙ୍ଗାନା ଏମଏଲସି କେ କବିତାଙ୍କ ସମେତ ମୋଟ ୧୭ଜଣଙ୍କୁ ଗିରଫ କରାଗଲାଣି। ଇଡି ଏହି ମାମଲାରେ ଛନପ୍ରୀତ ସିଂହ ନାମକ ବ୍ୟକ୍ତିଙ୍କୁ ଗିରଫ କରିଛି। ଛନପ୍ରୀତ ଆପର ଗୋଆ ପାର୍ଟି ପରିଚାଳନା କରୁଥିଲେ। ଏହି ମାମଲାରେ ରାଜସାକ୍ଷୀ ହୋଇଥିବା ଅଭିଯୁକ୍ତ ଶରତ ରେଡ୍ଡୀ ଜାମିନରେ ଅଛନ୍ତି। ସାଂସଦ ସଞ୍ଜୟ ସିଂହଙ୍କୁ ମଧ ସୁପ୍ରିମକୋର୍ଟରୁ ଜାମିନ ମିଳିଛି। କେ କବିତା ହେଉଛନ୍ତି ତେଲେଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ କନ୍ୟା। ସେ ତେଲେଙ୍ଗାନା ବିଧାନ ପରିଷଦର ଭାରତ ରାଷ୍ଟ୍ର ସମିତି ସଦସ୍ୟା ଅଛନ୍ତି।

**କେଜ୍ରିୱାଲଙ୍କୁ ଜେଲରେ ଦିଆଗଲା ଇନସୁଲିନ୍**

### ଉପରାଜ୍ୟପାଳଙ୍କୁ ତିହାର ପ୍ରଶାସନର ରିପୋର୍ଟ

ତିହାର ଜେଲରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ମଧୁମେହ ନିୟନ୍ତ୍ରଣ ପାଇଁ ଗତକାଲି ସନ୍ଧ୍ୟାରେ ଡାକ୍ତର ଇନସୁଲିନ୍ ଇଞ୍ଜେକ୍ସନ୍ ଦେଇଛନ୍ତି। ଇନସୁଲିନ ଦିଆ ନଯିବାକୁ ନେଇ ଆପ୍ ପକ୍ଷରୁ ବିଭିନ୍ନ ଅଭିଯୋଗ ଅଣାଯିବା ପରେ ଦଳୀୟ କର୍ମୀ ଜେଲ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏହାପରେ କେଜ୍ରିୱାଲଙ୍କୁ ଇନସ୍ୟୁଲିନ ଦିଆଯାଇଛି। କେଜ୍ରିୱାଲଙ୍କ ରକ୍ତ ଶର୍କରା ସ୍ତର ଗତକାଲି ସନ୍ଧ୍ୟାରେ ୨୧୭କୁ ବଢ଼ିଥିବା ଜାଣି ଜେଲ ଡାକ୍ତର ତାଙ୍କୁ ୨ୟୁନିଟର ଲୋ-ଡୋଜ୍ ଇନସୁଲିନ୍ ଦେଇଛନ୍ତି। ପୂର୍ବରୁ ଏମ୍ସ ଡାକ୍ତରୀ ଟିମ୍ କହିଥିଲେ ଯେ, କେଜ୍ରିୱାଲଙ୍କ ରକ୍ତ ଶର୍କରା ସ୍ତର ୨୦୦ ଟପିଲେ ତାଙ୍କୁ ଲୋ-ଡୋଜ୍ ଇନସୁଲିନ୍ ଦିଆଯାଇପାରିବ। ତେବେ ଇନସୁଲିନ ଦିଆଯିବା ପରେ ଆପ୍ ନେତ୍ରୀ ଆତିଶୀ କହିଛନ୍ତି, ପ୍ରଭୁ ହନୁମାନଙ୍କ କୃପା ଓ ଦିଲ୍ଲୀବାସୀଙ୍କ ଲଢ଼େଇ ପାଇଁ ମୁଖ୍ୟମନ୍ତ୍ରୀ କେଜ୍ରିୱଲଙ୍କୁ ଜେଲରେ ଇନସୁଲିନ୍ ମିଳିପାରିଛି। ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ରିପୋର୍ଟ ଦେବାକୁ ଦିଲ୍ଲୀ ଉପରାଜ୍ୟପାଳ ତିହାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲା ବେଳେ ତଦନୁଯାୟୀ ଜେଲ ପ୍ରଶାସନ ତାଙ୍କୁ ରିପୋର୍ଟ ଦେଇଥିବା କୁହାଯାଇଛି।

**ନାଗାଲାଣ୍ଡର ୬ ଜିଲ୍ଲାରେ ନୂଆ ରାଜ୍ୟ ଦାବି**

# ୨ ମାସ ହେଲା ସ୍କୁଲ୍-ସରକାରୀ କାର୍ଯ୍ୟ ବନ୍ଦ

କୋହିମା, ୨୩।୪ (ଏଜେନ୍ସି)

**■ ଲୋକସଭା ନିର୍ବାଚନକୁ ବହିଷ୍କାର କରିଛନ୍ତି ୪ ଲକ୍ଷ ଭୋଟର**

**■ ଭୋଟ ଦେଇ ନ ଥିଲେ ୬ ଜିଲ୍ଲାର ୨୦ ବିଧାୟକ**



ପୂର୍ବୋତ୍ତର ରାଜ୍ୟ ନାଗାଲାଣ୍ଡର ୬ ଜିଲ୍ଲାରେ ୪ ଲକ୍ଷରୁ ଅଧିକ ଭୋଟର ଅଛନ୍ତି। ଲୋକସଭା ନିର୍ବାଚନ ପାଇଁ ଏଠାରେ ୭୩୮ଟି ମତଦାନ କେନ୍ଦ୍ର ହୋଇଥିଲା। ଏହା ସତ୍ତ୍ୱେ ଶୂନ୍ୟ ମତଦାନ ହୋଇଥିଲା। କାରଣ ଭୋଟ ନ ଦେବା ପାଇଁ ଲୋକଙ୍କୁ ଇଷ୍ଟର୍ଣ୍ଣ ନାଗାଲାଣ୍ଡ ପିପୁଲ୍ସ ଅର୍ଗାନାଇଜେସନ (ଇଏନପିଓ) ଧମକ ଦେଇଥିଲା। ଏଥିଯୋଗୁଁ ଭୟରେ କେହି ଘରୁ ବାହାରି ନ ଥିଲେ। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ୬ ଜିଲ୍ଲାର ୨୦ ବିଧାୟକ ମଧ୍ୟ ଭୋଟ ଦେଇ ନ ଥିଲେ। ସୂଚନା ଅନୁଯାୟୀ ଏହି ସଂଗଠନ ନାଗାଲାଣ୍ଡରୁ ଅଲଗା ହୋଇ ନୂଆ ରାଜ୍ୟ ଫ୍ରଣ୍ଟିୟର ନାଗାଲାଣ୍ଡ ଗଠନ ଦାବି କରୁଛି। ଏହାକୁ ନେଇ ମୋନ, ତ୍ୱେନସାଙ୍ଗ, କିଫିରେ, ଲୋଙ୍ଗଲେଙ୍ଗ, ନୋକଲାକ ଏବଂ ସାମାଟୋର ଜିଲ୍ଲାରେ ଗତ ୨ ମାସ ହେଲା ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏଥିଯୋଗୁଁ ପ୍ରାୟ ସବୁ କିଛି ବନ୍ଦ ରହିଛି। ବହୁତ କଷ୍ଟରେ କାଁ ଭାଁ ଦୋକାନ ବଜାର ଖୋଲୁଛି। ସଂଗଠନ ଯେବେ କହୁଛି ସେବେ ସ୍କୁଲ୍ ବନ୍ଦ କରିଦିଆଯାଉଛି।

ଏ ବିଷୟରେ ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିୟୋ କହିଛନ୍ତି ଯେ ସ୍ଥାନୀୟ ଲୋକ ତାହା କଲେ ଯାହା ତାଙ୍କୁ ଭଲ ଲାଗିଲା। ଏହି ପ୍ରସଙ୍ଗରେ ସରକାର ଇଏନପିଓ ସହ ମୁହାଁମୁହିଁ ହେବାକୁ ଚାହୁଁ ନାହାନ୍ତି। ଏଥିପାଇଁ ଦଖଲ ଦେଉନାହୁଁ। ସେହିପରି ସାଧାରଣ ଲୋକ କହିଛନ୍ତି ଯେ ୬ ଜିଲ୍ଲାରେ କେବେ ଆଂଶିକ ତ ଆଉ କେବେ ସମ୍ପୂର୍ଣ୍ଣ ବନ୍ଦ ରହୁଛି। ଏହା ଦ୍ୱାରା ଜନଜୀବନ ବହୁଳ ପ୍ରଭାବିତ ହେଉଛି। କାମଧନ୍ଦା ବନ୍ଦ ରହିଛି। ଏହା ସତ୍ତ୍ୱେ ଲୋକେ ଇଏନପିଓକୁ ସମର୍ଥନ ଦେଉଛନ୍ତି। ରାସନ ଯୋଗାଣ ବାଧାପ୍ରାପ୍ତ ହେଉଛି। ପଡ଼ୋଶୀ ରାଜ୍ୟରୁ ରାସନ ଆସିପାରୁ ନାହିଁ। ଇଏନପିଓ ମୁଖ୍ୟ ଆର.ସାପିକିଓ ସାଙ୍ଗତାମ କହିଛନ୍ତି ଯେ ଆମେ ହିଂସା ଚାହୁଁନାହୁଁ। ଏଥିପାଇଁ ନିର୍ବାଚନ ପରେ ବନ୍ଦ ପ୍ରତ୍ୟାହାର କରାଯାଇଥିଲା। ଏହି ଗତିରୋଧ ପାଇଁ ସରକାରଙ୍କ ଆଭିମୁଖ୍ୟ ଦାୟୀ।

## ପବନରେ ଭୁଶୁଡ଼ିଲା ନିର୍ମାଣାଧୀନ ପୋଲ



ହାଇଦରାବାଦ, ୨୩।୪ (ଏଜେନ୍ସି)

ଜୋର୍‌ରେ ପବନ ହେବାରୁ ତେଲଙ୍ଗାନା ପେଦାପଲ୍ଲି ଜିଲ୍ଲା ଓଡ଼େଡୁ ଗ୍ରାମରର ମନେର ନଦୀରେ ଥିବା ଏକ ପୋଲର କିଛି ଅଂଶ ସୋମବାର ରାତିରେ ଭୁଶୁଡ଼ି ଯାଇଛି। ଗତ ୮ ବର୍ଷ ହେଲା ଏହି ପୋଲର ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ଦୁଇଟି ଖମ୍ବ ମଧ୍ୟରେ ଥିବା ୨ଟି କଂକ୍ରିଟ ଗାର୍ଡର ଭୁଶୁଡ଼ି ପଡ଼ିଛି। ତେବେ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳି ଯାଇଛି। ଏହାର କିଛି ମିନିଟ ପୂର୍ବରୁ ଭାଙ୍ଗି ଯାଇଥିବା ଗାର୍ଡର ନିକଟ ଦେଇ ଏକ ବରଯାତ୍ରୀ ବସ୍ ଯାଇଥିଲା। ସେଥିରେ ପ୍ରାୟ ୬୫ ଲୋକ ଯାତ୍ରା କରୁଥିଲେ। ସ୍ଥାନୀୟ ଲୋକ ନିମ୍ନମାନର କାମ ହେଉଛି ବୋଲି ଅଭିଯୋଗ କରିଛନ୍ତି। ତିନୋଟି ଗାର୍ଡର ସ୍ଥିତିକୁ ଦେଖି ଏହା ଦୀର୍ଘଦିନ ପର୍ଯ୍ୟନ୍ତ ତିଷ୍ଠିବ ନାହିଁ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ୨୦୧୬ରେ ତେଲଙ୍ଗାନା ବାଚସ୍ପତି ଏସ୍ ମଧୁସୁଦନ ଏବଂ ସ୍ଥାନୀୟ ବିଧାୟକ ପୁଟ୍ଟା ମଧୁ ଏହି ପୋଲର ଶୁଭ ଦେଇଥିଲେ। ଏଥିପାଇଁ ୪୯ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା।

**ବିଜେପି ସହ ମିଶିଥିଲେ କଂଗ୍ରେସର ସୁରଟ ପ୍ରାର୍ଥୀ**

# ପଞ୍ଚତାରକା ହୋଟେଲରେ ଚାଲିଥିଲା ‘ନିର୍ଦ୍ୱନ୍ଦ୍ୱ’ ଅଭିଯାନ

ସୁରଟ, ୨୩।୪ (ଏଜେନ୍ସି)

ଗୁଜରାଟର ସୁରଟ ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ବିଜୟ ପଛରେ କଂଗ୍ରେସ ପ୍ରାର୍ଥୀ ନିଲେଶ କୁମ୍ଭାଣୀଙ୍କ ପ୍ରଚ୍ଛନ୍ନ ହାତ ରହିଛି। ସେ ବିଜେପି ସହ ହାତ ମିଳାଇ ନେଇଥିଲେ। ତେଣୁ ଜାଣିଶୁଣି ପରାଜିତ ହୋଇଥିଲେ। ବିଜେପି ପକ୍ଷରୁ କୁମ୍ଭାଣୀଙ୍କୁ ଅଭିଯାନ ‘ନିର୍ଦ୍ୱନ୍ଦ୍ୱ’ର କାହାଣୀ ମିଳିଥିଲା। ଏହା ଅନୁସାରେ ସେ ପ୍ରଦେଶ କଂଗ୍ରେସକୁ ଅନ୍ଧାରରେ ରଖିଥିଲେ ଏବଂ ଖେଳ କରି ଚାଲିଥିଲେ। ସେ କଂଗ୍ରେସ କର୍ମୀ-କ୍ୟାଡରଙ୍କ ପରିବର୍ତ୍ତେ ନିଜ ଘନିଷ୍ଠ ଏବଂ ସମ୍ପର୍କୀୟଙ୍କୁ ପ୍ରାର୍ଥୀପତ୍ରର ପ୍ରସ୍ତାବକ ରଖିଥିଲେ। ସେ ଭିଣୋଇ ଜଗଦୀୟା ସାୱଲିୟା, ବ୍ୟବସାୟୀକ ସହଯୋଗୀ ଧ୍ରୁବିନ ଧାମେଲିୟା ଏବଂ ରମେଶ ପୋଲରାଙ୍କୁ ପ୍ରସ୍ତାବକ ବନାଇ ଥିଲେ। କୁମ୍ଭାଣୀ ନିଜ ଭଣଜା ଭୌତିକ କୋଲଡିଆଙ୍କୁ ମଧ କଂଗ୍ରେସର ନକଲି ପ୍ରାର୍ଥୀ ସୁରେଶ ପଡସାଲାଙ୍କ ପ୍ରସ୍ତାବକ କରିଥିଲେ। ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ କୁମ୍ଭାଣୀ କାହାକୁ ବି ନିର୍ବାଚନ ଅଧିକାରୀଙ୍କ ପାଖକୁ ନେଇ ନ ଥିଲେ। ଚାରି ଜଣ ଯାକ ପ୍ରସ୍ତାବକ ନିଜ ସ୍ୱାକ୍ଷର ଜାଲ୍ ଥିବା ନେଇ ଶପଥପାଠ ଦାଖଲ କରିଥିଲେ। ପରେ ଅଣ୍ଡରଗ୍ରାଉଣ୍ଡ ହୋଇ ଯାଇଥିଲେ। ଏହାକୁ ନେଇ ସମସ୍ତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହା ସତ୍ତ୍ୱେ କେହି ସାମ୍ନାକୁ ଆସି ନ ଥିଲେ। ତେଣୁ କୁମ୍ଭାଣୀ ଏବଂ ନକଲି ପ୍ରାର୍ଥୀ ସୁରେଶ ପଡସାଲାଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇଯାଇଥିଲା। ସୁରଟରେ ବିଜେପି ଏହି ଅଭିଯାନ ‘ନିର୍ଦ୍ୱନ୍ଦ୍ୱ’ର କାହାଣୀ ସୁରଟର ଏକ ଫାଇଭ ଷ୍ଟାର (ପଞ୍ଚ ତାରକା) ହୋଟେଲ ଲି-ମେରିଡିୟନରେ ପ୍ରସ୍ତୁତ କରାଯାଇଥିଲା। ଏଠାରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଅଭିଯାନର ପରିଚାଳନା ବିଷୟରେ ମାନସମନ୍ଥନ ହୋଇଥିଲା। ବିଜେପିର ପ୍ରଦେଶ ଅଧ୍ୟକ୍ଷ ସିଆର ପାଟିଲଙ୍କ ନେତୃତ୍ୱରେ ଏହା ଚାଲିଥିଲା ବୋଲି ସୂଚନା ମିଳିଛି।

ଏହି ଆସନରୁ ବିଏସ୍‌ପିର ପ୍ୟାରେଲାଲ ଭାରତୀଙ୍କ ସହ ଛୋଟ ଦଳର ୪ ପ୍ରାର୍ଥୀ ମୈଦାନରେ ଥିଲେ। ଏମାନେ ସୁରଟରୁ ଭଦୋଦରାରେ ପହଞ୍ଚି ଏକ ଫାର୍ମ ହାଉସରେ ରହିଥିଲେ। ପ୍ୟାରେଲାଲଙ୍କୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ତାଙ୍କୁ ସନ୍ଧାନ କରିବାରେ ସକ୍ଷମ ନ ହେବାରୁ କ୍ରାଇମ ବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। ଲୋକେସନ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ ସୋମବାର ସୁରଟ ଫେରିବା ପରେ ସେହି ପଞ୍ଚ ତାରକା ହୋଟେଲକୁ ଯାଇଥିଲେ। ବିଜେପି ଶାମ, ଦାମ, ଦଣ୍ଡ, ଭେଦ ନୀତି ଆପଣାଇ ଥିଲା। ଏହି ଆଧାରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପାର୍ଟି, ଗ୍ଲୋବାଲ ରିପବ୍ଲିକାନ ପାର୍ଟି ଏବଂ ଲୋକ ପାର୍ଟି ସହିତ ସମସ୍ତ ୪ ଦଳର ପ୍ରାର୍ଥୀ ଶେଷ ଦିନ ନାମାଙ୍କନ ପ୍ରତ୍ୟାହାର କରି ବିଜେପିର ବିଜୟ ମାର୍ଗକୁ ପ୍ରଶସ୍ତ କରି ଦେଇଥିଲେ। ଏହା ପୂର୍ବରୁ ୪ ସ୍ୱାଧୀନ ପ୍ରାର୍ଥୀଙ୍କୁ ରାଜି କରାଯାଇଥିଲା। ସମସ୍ତଙ୍କୁ ଫୋନ୍ କରି ହୋଟେଲକୁ ଡକା ଯାଇଥିଲା। ଏଠାରେ ସ୍ୱାଧୀନ ପ୍ରାର୍ଥୀ ଓହରିବାକୁ ରାଜି ହୋଇଥିଲେ। ଅଭିଯାନ ‘ନିର୍ଦ୍ୱନ୍ଦ୍ୱ’ ପାଇଁ ଏମାନେ ଓହରିବା ଜରୁରୀ ଥିଲା। ଏଥିପାଇଁ ସମ୍ବନ୍ଧିତ ପ୍ରାର୍ଥୀଙ୍କ ସମାଜର ଲୋକଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏମାନଙ୍କୁ ରାଜି କରାଇବାର ଦାୟିତ୍ୱ ବିଜେପି ନେତାଙ୍କୁ ଦିଆଯାଇଥିଲା। ଶେଷରେ ସବୁ ସ୍ୱାଧୀନ ପ୍ରାର୍ଥୀ ବିଜେପି ପ୍ରାର୍ଥୀ ମୁକେଶଭାଇ ଦଲାଲଙ୍କ ସମର୍ଥନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ।



# ଧର୍ମେନ୍ଦ୍ରଙ୍କ ନିଦ ହଜାଇଛି ନବୀନଙ୍କ 'ଯୋଡ଼ି ଶଙ୍ଖ' ଭିଡ଼ିଓ



■ ୨୪ ଘଣ୍ଟାରୁ କମ୍ ସମୟରେ ଦେଖିଲେଣି ୪୦ ଲକ୍ଷ ଲୋକ
■ ହିତାହିତ ଜ୍ଞାନ ହରାଇ ସମାଲୋଚନା କଲେ କେନ୍ଦ୍ରମନ୍ତ୍ରୀ
■ ପାରମ୍ପରିକ ସମ୍ବଲପୁରୀ ଲୁଙ୍ଗିକୁ ନେଇ ବିଜେପିର ରାଜନୀତି
■ ଲକ୍ଷ ଲକ୍ଷ ବୁଣାକାରଙ୍କ ଆତ୍ମସମ୍ମାନକୁ ଆଘାତ ଦେଇଛନ୍ତି
■ ବୁଣାକାରମାନଙ୍କ ପେଟରେ ଲାତ ମାରିବାକୁ ଉଦ୍ୟମ

**ଭୁବନେଶ୍ୱର, ୨୩।୪(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ପର୍ଯ୍ୟନ୍ତ ନିର୍ବାଚନୀ ମୈଦାନକୁ ଓହ୍ଲାଇ ନାହାନ୍ତି। କେବଳ ଗୋଟିଏ ଛୋଟ ଭିଡିଓରେ ବିକାଶ ପାଇଁ ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେବା ପାଇଁ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଏତିକିରେ ହଜି ଯାଇଛି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିଦ ମୁଖ୍ୟମନ୍ତ୍ରୀଙ୍କର ଗୋଟିଏ ଛୋଟ ଭିଡିଓ ଏତେ ଲୋକପ୍ରିୟତା ସାଉଁଟିଛି ଯେ ତାକୁ ଦେଖି ଶ୍ରୀ ପ୍ରଧାନଙ୍କ ମୁଣ୍ଡ କାମ କରୁ ନାହିଁ। ଇର୍ଷା ଏବଂ କ୍ରୋଧରେ ନିଜର ହିତାହିତ ଜ୍ଞାନ ହରାଇ ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ସମ୍ବଲପୁରୀ ଲୁଙ୍ଗିକୁ ସମାଲୋଚନା କରିଛନ୍ତି। ସେ ଓଡ଼ିଶାର ପରମ୍ପରା ଓ ସଂସ୍କୃତିକୁ ଅପମାନିତ କରିଛନ୍ତି। ଲକ୍ଷ ଲକ୍ଷ ବୁଣାକାର, ଯେଉଁମାନେ ଏହାକୁ ତିଆରି କରିଛନ୍ତି, ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ଯେଉଁମାନେ ଏହାକୁ ପିନ୍ଧୁଛନ୍ତି, ସେମାନଙ୍କୁ ଅପମାନିତ କରିବାକୁ ମଧ ପଛାଇ ନାହାନ୍ତି ବୋଲି କହିଛି ବିଜେଡି।

ମଙ୍ଗଳବାର ଭୁବନେଶ୍ୱରରେ ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ଼ ସସ୍ମିତ ପାତ୍ର ଏବଂ ମୁଖପାତ୍ର ସ୍ୱୟମ୍ ପ୍ରକାଶ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ଯୋଡି ଶଙ୍ଖ ଭିଡିଓ ଦେଖି ଶ୍ରୀ ପ୍ରଧାନଙ୍କ ରାତିର ନିଦ ହଜିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଯୋଡି ଶଙ୍ଖର ଭିଡିଓ ଏତେ ଲୋକପ୍ରିୟ ହୋଇଛି ଯେ ଇନଷ୍ଟାଗ୍ରାମରେ ସବୁ ରେକର୍ଡ ଭାଙ୍ଗିଛି। ୨୪ ଘଣ୍ଟାରୁ କମ୍ ସମୟରେ ୪ ନିୟୁତ ଲୋକ ଏହି ଭିଡିଓ ଦେଖିସାରିଲେଣି। ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକପ୍ରିୟତା ହିଁ ବିରୋଧୀ ଦଳର ନେତା ବିଶେଷକରି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇର୍ଷାନ୍ୱିତ କରିଦେଇଛି।

ଡକ୍ଟର ପାତ୍ର କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କଣ କହୁଛନ୍ତି, ଆଉ କଣ କରୁଛନ୍ତି ତାହା ଜାଣିପାରୁନାହାନ୍ତି। ଇର୍ଷା ଏବଂ କ୍ରୋଧରେ ନିଜର ହିତାହିତ ଜ୍ଞାନ ହରାଇ ବସି ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ସମ୍ବଲପୁରୀ ଲୁଙ୍ଗିକୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। କିନ୍ତୁ ସେ ଭୁଲି ଯାଉଛନ୍ତି ଯେ ରାଜ୍ୟରେ ବୁଣାକାର ମାନଙ୍କର ଏକ ସଶକ୍ତ ଅର୍ଥନୀତି ରହିଛି। ସେମାନଙ୍କର ଉତ୍ପାଦ ବେଶ୍ ଲୋକପ୍ରିୟ ଏବଂ ତାହାର ବେଶ୍ ଚାହିଦା ମଧ ରହିଛି। ଓଡ଼ିଶାର ଏହି ସଶକ୍ତ ଅର୍ଥନୀତି ଉପରେ ଆଘାତ ଦେବାକୁ ଶ୍ରୀ ପ୍ରଧାନ ଉଦ୍ୟମ କରିଛନ୍ତି। ସାରା ଓଡ଼ିଶାରେ ବିଶେଷକରି ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଲୋକ ଆଜି ବି ଲୁଙ୍ଗି ପିନ୍ଧନ୍ତି। ସେହି ଲୁଙ୍ଗିକୁ ଓଡ଼ିଶାର ବୁଣାକାର ମାନେ ତିଆରି କରିଥାନ୍ତି। ଭିଡିଓରେ ମୁଖ୍ୟମନ୍ତ୍ରୀ ଯେଉଁ ଲୁଙ୍ଗି ପିନ୍ଧିଥିଲେ ତାହା ହେଉଛି ସମ୍ବଲପୁରୀ ଲୁଙ୍ଗି। ଯାହା ପଛରେ ଅନେକ ବୁଣାକାରଙ୍କ ପରିଶ୍ରମ ଥିଲା। ଶ୍ରୀ ପ୍ରଧାନ ଓଡ଼ିଶା ବାହାରେ ବହୁ ବର୍ଷ ଧରି ରହିଛନ୍ତି। ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶରେ ଅନେକ ସମୟ ତାଙ୍କର କଟିଛି। ସେଥିପାଇଁ ଓଡ଼ିଶାର ପରମ୍ପରା, ସଂସ୍କୃତି ଏବଂ ଅର୍ଥନୀତିକୁ ବୁଣାକାର ଭାଇ ଭଉଣୀଙ୍କ ଅବଦାନକୁ ସେ ଭୁଲି ଯାଇଛନ୍ତି। ବିଜେଡି ମୁଖପାତ୍ର ଶ୍ରୀ ମହାପାତ୍ର କହିଛନ୍ତି, ରାଜନୀତି ପାଇଁ ଶ୍ରୀ ପ୍ରଧାନ ବହୁ ତଳ ସ୍ତରକୁ ଖସି ଯାଉଛନ୍ତି। ଓଡ଼ିଶାର ପରମ୍ପରା, ସଂସ୍କୃତି ତଥା ରାଜ୍ୟର ବୁଣାକାରମାନଙ୍କ ଆତ୍ମସମ୍ମାନ ତାଙ୍କ ପାଖରେ ଗୁରୁତ୍ୱହୀନ ହୋଇଯାଇଛି। ସେଥିପାଇଁ ଶ୍ରୀ ପ୍ରଧାନ ଲକ୍ଷ ଲକ୍ଷ ବୁଣାକାରଙ୍କ ପାଖରେ, ଓଡ଼ିଶାବାସୀଙ୍କ ପାଖରେ ମୁଖ୍ୟତଃ ସମ୍ବଲପୁରବାସୀଙ୍କ ପାଖରେ ସେମାନଙ୍କର ପରମ୍ପରାକୁ ଅପମାନିତ କରିଥିବାରୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଜେଡି ମୁଖପାତ୍ର ଦ୍ୱୟ କହିଛନ୍ତି।

## ଆଗୁଆ ଖରାଛୁଟି ପାଇଁ ପିଲାଙ୍କୁ ମିଳିବ ଶୁଖିଲା ରାସନ

**ଭୁବନେଶ୍ୱର,୨୩।୪(ସମିସ):** ଆଗୁଆ ଖରାଛୁଟି ପାଇଁ ଛାତ୍ରାଛାତ୍ରୀଙ୍କୁ ଦିଆଯିବ ପିଏମ୍ ପୋଷଣର ଚାଉଳ ଏବଂ ଅନ୍ୟାନ୍ୟ ସାମଗ୍ରୀ। ଏନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ଗ୍ରୀଷ୍ମପ୍ରବାହ ପାଇଁ ରାଜ୍ୟ ସରକାର ଗତ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ୩ ଦିନ ବିଦ୍ୟାଳୟଗୁଡିକୁ ଛୁଟି ଘୋଷଣା କରିଥିଲେ। ଏହାସହ ଆସନ୍ତା ୨୫ତାରିଖରୁ ଆଗୁଆ ଖରାଛୁଟି ଘୋଷଣା କରାଯାଇଛି। ଶିକ୍ଷାବର୍ଷ କ୍ୟାଲେଣ୍ଡର ଅନୁଯାୟୀ ମେ' ୪ ତାରିଖ ପର୍ଯ୍ୟନ୍ତ ପାଠପଢ଼ା ହେବାକୁ ଧାର୍ଯ୍ୟ ହୋଇଥିଲା। ଆଗୁଆ ଭାବେ ୨୫ ତାରିଖରୁ ଛୁଟି ହୋଇଥିବାରୁ ଅଧିକ ୯ ଦିନ ବିଦ୍ୟାଳୟ ବନ୍ଦ ରହିବ। ଏହି ୯ଦିନ ସମେତ ପୂର୍ବ ୩ ଦିନକୁ ମିଶାଇ ସମୁଦାୟ ୧୨ ଦିନ କାର୍ଯ୍ୟଦିବସ ଛୁଟି ହୋଇଛି। ତେଣୁ ଏହି ସମୟର ମଧ୍ୟାହ୍ନ ଭୋଜନ ବାବଦକୁ ଛାତ୍ରଛାତ୍ରୀଙ୍କୁ ଶୁଖିଲା ରାସନ ଦିଆଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ତାଙ୍କ ଅଭିଭାବକଙ୍କୁ ପ୍ରଧାନ ଶିକ୍ଷକ ଶୁଖିଲା ରାସନ ପ୍ରଦାନ କରିବେ। ସେହିପରି ଅନ୍ୟାନ୍ୟ ରନ୍ଧନ ସାମଗ୍ରୀ ବାବଦକୁ ଅର୍ଥ ସିଧାସଳଖ ଡିବିଟି ମୋଡ୍‌ରେ ଛାତ୍ରଛାତ୍ରୀ ବା ଅଭିଭାବକଙ୍କ ଆକାଉଣ୍ଟରେ ପୈଠ କରାଯିବ। ଯେଉଁଠି ଆକାଉଣ୍ଟ ସ୍ଥାନାନ୍ତର ସମ୍ଭବ ନୁହେଁ, ସେଠାରେ ଏକ ନିର୍ଦ୍ଦିଷ୍ଟ ରେଜିଷ୍ଟର ମାଧ୍ୟମରେ ଦେୟ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବଣ୍ଟନ ପ୍ରକ୍ରିୟା ୧୫ଦିନ ମଧ୍ୟରେ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ମେ' ୬ରୁ ୧୦ ଓଜେଇଇ ପରୀକ୍ଷା

**ଭୁବନେଶ୍ୱର,୨୩।୪(ସମିସ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ୨୦୨୪ ଆସନ୍ତା ମେ' ୬ ତାରିଖରୁ ଆରମ୍ଭ ହେବ। କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡ୍‌ରେ ଏହି ପରୀକ୍ଷା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ତିନୋଟି ପର୍ଯ୍ୟାୟରେ ପରୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟ ସକାଳ ୮. ୩୦ଟାରୁ ୧୦. ୩୦ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ଣ ୧୨.୩୦ରୁ ୨.୩୦ ପର୍ଯ୍ୟନ୍ତ ଏବଂ ତୃତୀୟ ପର୍ଯ୍ୟାୟରେ ୪.୩୦ରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଆସନ୍ତା ୨୭ ତାରିଖରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ପରୀକ୍ଷା ସୂଚୀ ନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଚା' ଦୋକାନୀଙ୍କୁ ହତ୍ୟା

■ ବନ୍ଦ ଘରୁ ମିଳିଲା ଗଳିତ ଶବ
■ ପୁଲିସ ଓ ସାଇଣ୍ଟିଫିକ ଦଳର ତଦନ୍ତ ଆରମ୍ଭ

**ଜୟପୁର, ୨୩।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ଜଣାଶୁଣା ଚା' ଦୋକାନୀ ତାମ୍ବି ଆୟର (୫୬)ଙ୍କୁ ହତ୍ୟା କରାଯାଇଛି। ମଙ୍ଗଳବାର ସାହିବାସିନ୍ଦାଙ୍କ ଉପସ୍ଥିତିରେ ପୁଲିସ ତାଙ୍କ ଗଳିତ ମୃତଦେହ ତାଙ୍କ ଘରୁ ଉଦ୍ଧାର କରିଛି। ସାଇଣ୍ଟିଫିକ୍ ଟିମ୍ ସହ ଟାଉନ୍ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ପୁଲିସ୍ ଜାଣିବାକୁ ପାଇଛି ଯେ କେହି ଦୁର୍ବୃତ୍ତ ତାମ୍ବିଙ୍କୁ ହତ୍ୟା କରିବା ପରେ ବାହାର ପଟୁ କବାଟ ତାଲା ଦେଇଦେଇଛି। ତାମ୍ବିଙ୍କ ଘର ତାମିଲନାଡୁ ବାସିନ୍ଦା ହୋଇଥିବା ବେଳେ ତାଙ୍କର ସମ୍ପର୍କୀୟମାନେ ମାଦୁରାଇ ସହରର ବସବାସ କରୁଛନ୍ତି। ତାମ୍ବି ଅବିବାହିତ, ଜୟପୁରଠାରେ ନିଜ ଘରେ ଏକୁଟିଆ ରହୁଥିଲେ। ତେଣୁ ଡକାୟତି କରିବା ଉଦ୍ଦେଶ୍ୟରେ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ପୁଲିସ ତାଙ୍କ ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବ ସଂରକ୍ଷଣ ଗୃହରେ ରଖିଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି। ମୃତ ବ୍ୟବସାୟୀଙ୍କ ଦେହରେ ଛୁରିରେ ଆଘାତ ଚିହ୍ନ ଦେଖାଯାଇଛି। ତାଙ୍କର ମୋବାଇଲ ଉଦ୍ଧାର ନେଇ ପ୍ରୟାସ ଜାରି ରହିଛି। ମୋବାଇଲରୁ ତାଙ୍କ ପରିବାର ନମ୍ବର ଉଦ୍ଧାର କରାଯାଇ ସମ୍ପର୍କୀୟଙ୍କୁ ସୂଚନା ଦିଆଯିବ ବୋଲି ଏସଡିପିଓ ଅଙ୍କିତ ବର୍ମା କହିଛନ୍ତି।

ସାହିବାସିନ୍ଦାଙ୍କ କହିବାନୁଯାୟୀ, ଗତ ୧୦ଦିନ ହେଲାଣି ତାଙ୍କର ଦୋକାନ ବନ୍ଦ ରହିଥିବା ବେଳେ ଘର ବାହାରପଟେ ତାଲା ପଡ଼ିଥିଲା। ମଙ୍ଗଳବାର ଘର ଭିତରୁ ଉତ୍କଟ ଦୁର୍ଗନ୍ଧ ବାହାରିବାରୁ ସେମାନଙ୍କର ସନ୍ଦେହ ହୋଇଥିଲା ଏବଂ ସେମାନେ ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଭିତରେ ଆସବାବପତ୍ର, ଖଟଶେଯ ବିକ୍ଷିପ୍ତ ହୋଇ ପଡ଼ିରହିଥିବା ବେଳେ ତାମ୍ବିଙ୍କ ଗଳିତ ମୃତଦେହ ରକ୍ତାକ୍ତ ଅବସ୍ଥାରେ ମୁହଁମାଡ଼ି ତଳେ ପଡ଼ି ରହିଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ଏବଂ ଟାଉନ୍ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ କହିଛନ୍ତି।

■ ଭେଡେନ ଥାନା ହାଜତ ମୃତ୍ୟୁ ମାମଲାରେ ହାଇକୋର୍ଟଙ୍କ ରାୟ

## ଦାୟୀ କର୍ମଚାରୀଙ୍କ ଦରମାରୁ ମୃତକଙ୍କ ପରିବାରକୁ ୫ଲକ୍ଷ କ୍ଷତିପୂରଣ ଦିଅ

**କଟକ,୨୩।୪(ସମିସ):** ବରଗଡ଼ ଜିଲ୍ଲା ଭେଡେନ୍ ଥାନା ମୁଖୁନ ବାଗଙ୍କ ହାଜତ ମୃତ୍ୟୁ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ରାୟ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ରାଶି ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଦାୟୀ ପୁଲିସ କର୍ମଚାରୀ ତଥା ଯେଉଁମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେମାନଙ୍କ ଦରମାରୁ ଏହି କ୍ଷତିପୂରଣ ରାଶିକୁ ସରକାର ଭରଣା କରିବ। ହାଇକୋର୍ଟ କହିଛନ୍ତି, ହାଜତ ମୃତ୍ୟୁ ଏକ ଭୟଙ୍କର ଘଟଣାକୁ ପ୍ରତିପାଦିତ କରେ, ଯାହା ଏକ ନ୍ୟାୟପୂର୍ଣ୍ଣ ନାଗରିକ ସମାଜର ହୃଦୟକୁ ଆଘାତ କରିଥାଏ। ଏହା ମାନବିକ ଅଧିକାରର ଚରମ ଉଲ୍ଲଂଘନ। ସେହିପରି ପୁଲିସର ନିୟନ୍ତ୍ରଣାଧୀନ ବା ହେପାଜତରେ ଥିବା ବ୍ୟକ୍ତିଙ୍କ ସୁରକ୍ଷା ପୁଲିସ ଉତ୍ତରଦାୟିତ୍ୱ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି କ୍ଷତିପୂରଣ ପ୍ରଦାନ ଉତ୍ତରଦାୟିତ୍ୱ ପାଇଁ ଏକ ବିକଳ୍ପ ନୁହେଁ। ଦାୟୀ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଭବିଷ୍ୟତରେ ଏପରି ଘଟଣାକୁ ରୋକିବାକୁ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମୃତକଙ୍କ ପୁତ୍ର ବିଜୁ ବାଗଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଡଃ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୧୫ ଜୁଲାଇ ୧୭ରେ ପୁତ୍ର ତଥା ଆବେଦନକାରୀ ରାଜୁ ବାଗ ଏକ ମାମଲାରେ ଛନ୍ଦି ହୋଇ କେଉଁଆଡ଼େ ନିଖୋଜ ଥିବା ସଂକ୍ରାନ୍ତରେ ବୁଝିବାକୁ ବରଗଡ଼ ଭେଡେନ ଥାନାକୁ ଯାଇଥିଲେ ମୁଖୁନ। ହେଲେ ମୁଖୁନ ଆଉ ଘରକୁ ଫେରି ନଥିଲେ। ପରିବାର ପକ୍ଷରୁ ପୁଲିସରେ ବହୁବାର ଅଭିଯୋଗ ହୋଇଥିଲେ ମଧ ସୁଫଳ ମିଳିନଥିଲା। ୨୦୧୫ ସେପ୍ଟେମ୍ବର ୨୪ରେ ସୁବର୍ଣ୍ଣପୁର ଜିଲ୍ଲା ପାଣିଛପର ଜଙ୍ଗଲରୁ ମୁଖୁନଙ୍କ କଙ୍କାଳ ମିଳିଥିଲା। ଏନେଇ ଭେଡେନ ଥାନା ପୁଲିସ ବିରୋଧରେ ହାଜତ ମୃତ୍ୟୁ ଅଭିଯୋଗ ଆଣି ଉଲୁଣ୍ଡା ଥାନାରେ ଏତଲା ଦିଆଯାଇଥିଲା। ଆଇନଜୀବୀ ପ୍ରବୀର କୁମାର ଦାସ ଏହି ମାମଲା ପରିଚାଳନା କରୁଥିଲେ।

## ଅମର ଶତପଥୀ ବିଜେଡିର ବରିଷ୍ଠ ଉପସଭାପତି

### ଶ୍ରୀମୟୀ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି




**ଭୁବନେଶ୍ୱର,୨୩।୪(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଜି ଦଳର ବରିଷ୍ଠ ନେତା ତଥା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ବରିଷ୍ଠ ଉପସଭାପତି ଓ ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ରଙ୍କୁ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ସରୋଜ ସାମଲଙ୍କୁ ବରିଷ୍ଠ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନୂଆ ଦାୟିତ୍ୱ ମିଳିଛି। ସେହିପରି ପ୍ରଶାନ୍ତ ସେଠୀଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ଅବସ୍ଥାପିତ କରାଯାଇଛି। ନୂଆ ନିଯୁକ୍ତି ନେଇ ମଙ୍ଗଳବାର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ୧୫ଜଣ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

**କଟକ, ୨୩।୪ (ସମିସ):** ଜିଲ୍ଲା ଜଜ୍ କ୍ୟାଡର୍‌ର ୧୫ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ଏହି କ୍ରମରେ ରିଜା ରାୟଙ୍କୁ ନୟାଗଡ଼ ଏଡିଜେ, ସୌମ୍ୟ ଶୁଭଦର୍ଶିନୀଙ୍କୁ ଏଡିଜେ ତଥା ଅନୁଗୁଳ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ, ପ୍ରିୟରଞ୍ଜନ ମିଶ୍ରଙ୍କୁ ବଲାଙ୍ଗୀର ଦ୍ୱିତୀୟ ଏଡିଜେ, ବିଷ୍ଣୁପ୍ରସାଦ ମିଶ୍ରଙ୍କୁ ନବରଙ୍ଗପୁର ଏଡିଜେ, ଶାନ୍ତନୁ କୁମାର ଦାଶଙ୍କୁ ମାଲକାନାଗିରି ଏଡିଜେ, ବିଦ୍ୟାଧର ପୃଷ୍ଟି ଜୟପୁର, ଦିଲ୍ଲୀପ କୁମାର ସାହୁଙ୍କୁ ଏଡିଜେ(ଏଲଆର) କଟକ, ଚିନ୍ମୟୀ ଦେହୁରୀଙ୍କୁ ତୃତୀୟ ଏଡିଜେ ପୁରୀ, ସୁନୀତା ପଟ୍ଟନାୟକଙ୍କୁ ତୃତୀୟ ଏଡିଜେ କଟକ, ରଞ୍ଜୁଲତା ଲେଙ୍କାଙ୍କୁ ଦ୍ୱିତୀୟ ଏଡିଜେ ଖୋର୍ଦ୍ଧା, ସିଦ୍ଧାର୍ଥ ସାହୁଙ୍କୁ ବରଗଡ଼ ପରିବାର ଅଦାଲତ ଜଜ୍, ହୃଷୀକେଶ ସାହୁଙ୍କୁ ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ପୁରୀ, ବାସୁଦେବ ଆଚାର୍ଯ୍ୟଙ୍କୁ ଦ୍ୱିତୀୟ ଏଡିଜେ ବାରିପଦା, ସଙ୍ଗୀତା ପାଣିଙ୍କୁ ଓପିଆଇଡି ଅଦାଲତ ବ୍ରହ୍ମପୁରର ପି.ଓ ଏବଂ ସୁଶୀଲ କୁମାର ସାହୁଙ୍କୁ ଢେଙ୍କାନାଳ ଏଡିଜେ ଭାବେ ବଦଳି କରାଯାଇଛି।

## ଶଙ୍ଖ ଧରିଲେ ବିଭିନ୍ନ ଆଦିବାସୀ ସଂଘର ଶତାଧିକ ନେତା

### କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ଦ୍ରୋଣାଚାର୍ଯ୍ୟ ମାଝୀ ବିଜେଡିରେ ସାମିଲ



**ଭୁବନେଶ୍ୱର, ୨୩।୪(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡିର ବଳ ସେତିକି ବଢୁଛି। ବିଜେଡି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଆଗରେ ଧରାଶାୟୀ ହେଉଛନ୍ତି ବିକାଶ ବିରୋଧୀ। ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ବଢ଼ି ଚାଲିଛି ଜନତାଙ୍କ ସମର୍ଥନ। ଏହି କ୍ରମରେ ଆଜି କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ଦ୍ରୋଣାଚାର୍ଯ୍ୟ ମାଝୀ ଓ ଜିଲ୍ଲାର ବିଭିନ୍ନ ଆଦିବାସୀ ସଂଘର ନେତା, କର୍ମକର୍ତ୍ତା ବିଜୁ ଜନତା ଦଳରେ ସାମିଲ ହୋଇ ୬ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ନେଇଛନ୍ତି ଶପଥ। ମଙ୍ଗଳବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ କଳାହାଣ୍ଡି ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ସମସ୍ତେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ବିଭିନ୍ନ ଆଦିବାସୀ ସଂଘର କର୍ମକର୍ତ୍ତାଙ୍କ ଯୋଗଦାନ ଫଳରେ କଳାହାଣ୍ଡି ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ବଳବନ୍ତରାୟ କହିଛନ୍ତି।

ଆଜି ବିଜେଡ଼ିରେ ସାମିଲ୍ ହୋଇଥିବା କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ଉପସଭାପତି ଦ୍ରୋଣାଚାର୍ଯ୍ୟ ମାଝୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ବିକାଶର ବିନ୍ଧାଣି। ତାଙ୍କର ଦୂରଦୃଷ୍ଟି ପାଇଁ ଓଡ଼ିଶା ଆଜି ବିକାଶ ସ୍ରୋତରେ ଅଗ୍ରସର ହେଉଛି। ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସର୍ଗୀକୃତ ସେବା ଜାରି ରଖିଛନ୍ତି। ତାଙ୍କର ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଆମେ ସମସ୍ତେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଛନ୍ତି। ତାଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପଦ୍ମସିଂହ ମାଝୀ, କନ୍ଧ ସମାଜର ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ମାଝୀ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଭୋଇ, ମିର୍ଧା ସମାଜ ସଭାପତି ସ୍ୱମ୍ବର ମିର୍ଧା, ଗଣ୍ଡ ମହାସଭା ସଭାପତି ପଦ୍ମନ ପାତ୍ର, ଲୋଚନ ଧାରୁଆ, ଶହଦେବ ଧାରୁଆ, ସମ୍ବଦ ବରିହା ଓ ସୁରୁ ବରିହାଙ୍କ ସମେତ ବହୁ କର୍ମକର୍ତ୍ତା ବିଜେଡ଼ିରେ ସାମିଲ ହୋଇଛନ୍ତି। ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂପିନ୍ଦର ସିଂ କଳାହାଣ୍ଡି ବିଜେଡି ପ୍ରଚାର କମିଟି ଅଧ୍ୟକ୍ଷ



**ଭୁବନେଶ୍ୱର, ୨୩।୪ (ସମିସ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକ୍ରମେ ଆଜି ଦଳରେ କେତେକ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ବରିଷ୍ଠ ନେତା ଭୂପିନ୍ଦର ସିଂଙ୍କୁ ଦଳ କଳାହାଣ୍ଡି ଜିଲ୍ଲା ବିଜେଡି ପ୍ରଚାର କମିଟର ଅଧ୍ୟକ୍ଷ ଦାୟିତ୍ୱ ଦେଇଛି। ରାଜେଶ ଦାସଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡିର ନିର୍ବାଚନ ସଂଯୋଜକ ଭାବେ ଦାୟିତ୍ୱ ମିଳିଥିବା ବେଳେ ଦୁର୍ଗାଶିଷ ମହାନ୍ତି କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ନିର୍ବାଚନ ସଂଯୋଜକ ଦାୟିତ୍ୱ ତୁଲାଇବେ। ସେହିପରି ରଶ୍ମି ରଞ୍ଜନ ଦାସଙ୍କୁ ପାରାଦୀପ ବିଧାନସଭା ଆସନରେ ବିଜୁ ଯୁବ ଜନତା ଦଳର ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ମିଳିଥିବା ବେଳେ ଆଶିଷ କୁମାର ଜେନା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବେ। ରଶ୍ମିରେଖା ମଲ୍ଲିକ ପାରାଦୀପ ବିଧାନସଭା ଆସନରେ ବିଜୁ ଛାତ୍ର ଜନତା ଦଳର ନିର୍ବାଚନ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇବେ। ଅପରପକ୍ଷେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗୋପାଳପୁର ଟାଉନରେ ନୂଆ ବିଜେଡି ସଭାପତି ନିଯୁକ୍ତି କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦକ୍ରମେ ଏମ. ଚନ୍ଦ୍ରଶେଖରଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରେସ ରିଲିଜ ଜାରି କରାଯାଇ ସୂଚନା ପ୍ରଦାନ କରାଯାଇଛି।

■ ବିଜେଡି ସାଂସ୍କୃତିକ ସଂଯୋଜନା ସାମ୍ମୁଖ୍ୟ ସମ୍ପ୍ରସାରିତ

## ରାଜ୍ୟ ଓ ଜିଲ୍ଲା କମିଟିରେ ଦକ୍ଷ ନେତାଙ୍କୁ ସାମିଲ

**ଭୁବନେଶ୍ୱର,୨୩।୪(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଜନତା ଦଳର ସାଂସ୍କୃତିକ ସଂଯୋଜନା ସାମ୍ମୁଖ୍ୟର ରାଜ୍ୟ କମିଟି ସଦସ୍ୟ ଓ ଜିଲ୍ଲା ସଂଯୋଜକଙ୍କୁ ନିଯୁକ୍ତି ମିଳିଛି। ସୂଚନା ଅନୁସାରେ ରାଜ୍ୟ କମିଟି ସଦସ୍ୟ ଭାବେ ସମରେନ୍ଦ୍ର କୁମାର ପଣ୍ଡା, ଚୈତନ୍ୟ ପାଇକ, ରମେଶ ଚନ୍ଦ୍ର ନାୟକ (ଆରକେ ହୀରାଲାଲ୍), ଶିବରାମ ପ୍ରଧାନ ଏବଂ ସୁବାସ ବେହେରା ନିଯୁକ୍ତି ପାଇଛନ୍ତି। ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟର ସଂଯୋଜକ ଭାବେ ବରଗଡ଼ ପାଇଁ ଅନୁରାଧା ପାଇକ, ଝାରସୁଗୁଡ଼ାରେ ଶଙ୍କର ପୋଡ଼, ରାୟଗଡ଼ାରେ ଜେ ସୁକାନ୍ତ, ଢ଼େଙ୍କାନାଳରେ ରାଜେନ୍ଦ୍ର ମୋହନ ପତି, ଜଗତସିଂହପୁରରେ ହୃଷିକେଶ ମିଶ୍ର, ପୁରୀରେ ସ୍ୱାଧୀନ ଭାରତ ଜେନା, କୋରାପୁଟରେ ଡମ୍ବରୁଧର ନାୟକ, କନ୍ଧମାଳରେ ପ୍ରତାପ ରୁଦ୍ର ପାତ୍ର ସଂଯୋଜକ ଭାବେ କାର୍ଯ୍ୟ କରିବେ। ସେହିପରି ବାଲେଶ୍ୱରରେ ଆଦିକନ୍ଦ ନାୟକ, ଗଞ୍ଜାମରେ ବ୍ରଜ ସୁନ୍ଦର ମଲିକ୍, ନୟାଗଡ଼ରେ ପ୍ରମୋଦ କୁମାର ବେହେରା, ଗଜପତିରେ ଲିଙ୍ଗରାଜ ପାଣିଗ୍ରାହୀ, ଭଦ୍ରକରେ ଶୁଭେନ୍ଦୁ ଲେଙ୍କା, କଟକରେ ଅସିତ କୁମାର ଜେନା, ମୟୂରଭଞ୍ଜରେ ଅନିତା ମିଶ୍ର ଏବଂ ସୁନ୍ଦରଗଡ଼ରେ ରୋଶନ ସାହୁ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଅପରପକ୍ଷେ କେନ୍ଦ୍ରାପଡ଼ାରେ ମନୋଜ ବାରିକ, ବଲାଙ୍ଗିରରେ ଧୀରେନ୍ଦ୍ର କୁମାର ପଣ୍ଡା, ନବରଙ୍ଗପୁରରେ ଡମ୍ବରୁଧର ମହାଲିକ, ବୌଦ୍ଧରେ ଦିବ୍ୟ ଶଙ୍କର ରାଉତ, ନୂଆପଡ଼ାରେ ପୁରୁଷୋତ୍ତମ ସଗରିଆ, ଯାଜପୁରରେ ଗୋପାଳ ଚନ୍ଦ୍ର ବାରିକ, ଖୋର୍ଦ୍ଧାରେ ବିଜୟ କୁମାର ବିଶ୍ୱାଳ, ମାଲକାନଗିରିରେ ରମା ମାଡ଼କାମୀ, ଅନୁଗୁଳରେ ତେଜି ରାଣୀ ସ୍ୱାଇଁ, କଳାହାଣ୍ଡିରେ ବେଦବର ଡଙ୍ଗାରି, ସୋନପୁରରେ ନିରାକର ବେହେରା, କେନ୍ଦୁଝରରେ କିଶୋର ଚନ୍ଦ୍ର ମହାନ୍ତି, ସମ୍ବଲପୁରରେ ଶଶାଙ୍କ ଶେଖର ଦୁବେ ଏବଂ ଦେବଗଡ଼ରେ ପ୍ରଗତି ଲକ୍ଷ୍ମୀ ଦାସ ଜିଲ୍ଲା ସାଂସ୍କୃତିକ ସାମ୍ମୁଖ୍ୟର ସଂଯୋଜକ ଦାୟିତ୍ୱ ନିର୍ବାହ କରିବେ। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

## ୨୬ରୁ ସ୍ଥିତି ଅସମ୍ଭାଳ

■ ଆହୁରି ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ପାରଦ
■ ୧୮ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ପାର୍
■ ୪୨.୮ ଡିଗ୍ରୀ ସହ ପାରଳାଖେମୁଣ୍ଡି ସବୁଠୁ ଉତ୍ତପ୍ତ
■ ପାରାଦୀପରେ ରେକର୍ଡ ହେଲା ଏପ୍ରିଲର ଦ୍ୱିତୀୟ ସର୍ବକାଳୀନ ତାତି



**ଭୁବନେଶ୍ୱର, ୨୩।୪(ସମିସ):** କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ମାତ୍ର ଏହା ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେଇପାରିନାହିଁ। ମଙ୍ଗଳବାର ରାଜ୍ୟର ୧୮ଟି ସହରରେ ତାପାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ୪୨.୮ ଡିଗ୍ରୀ ସହ ପାରଳାଖେମୁଣ୍ଡି ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ଅନ୍ୟପଟେ ମଙ୍ଗଳବାର ପାରାଦୀପରେ ଏପ୍ରିଲରେ ଦ୍ୱିତୀୟ ସର୍ବକାଳୀନ ତାତି ରେକର୍ଡ ହୋଇଛି। ଆଜି ଏଠାରେ ପାରଦ ୩୮.୮ ଡିଗ୍ରୀ ରହିଥିଲା, ଯାହାକି ଏପ୍ରିଲ୍ ମାସର ଦ୍ୱିତୀୟ ସର୍ବୋଚ୍ଚ ଦିନ ତାପମାତ୍ରା ବୋଲି ପାଣିପାଗ କେନ୍ଦ୍ର କହିଛି। ଏହା ପୂର୍ବରୁ ୮ ଏପ୍ରିଲ୍ ୧୯୮୯ ପାରାଦୀପରେ ୩୮.୨ ତାପମାତ୍ରା ରେକର୍ଡ ହୋଇଥିଲା। ସୂଚନାଯୋଗ୍ୟ, ୪୦.୭ ଡିଗ୍ରୀ ତାପମାତ୍ରା ପାରାଦୀପର ଏପ୍ରିଲ ମାସର ସର୍ବକାଳୀନ ରେକର୍ଡ ଭାବେ ଗଣନା କରାଯାଉଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୫ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇବ। ଅନେକ ସ୍ଥାନରେ ତାପମାତ୍ରାରେ ୪ରୁ ୬ ଡିଗ୍ରୀ ଯାଏଁ ବୃଦ୍ଧି ହେବାକୁ ଥିବାରୁ ଅନେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ଲହରୀ ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୬ ତାରିଖଠାରୁ ବିଭିନ୍ନ ଜିଲ୍ଲା ପାଇଁ ଭୀଷଣ ଗ୍ରୀଷ୍ମଲହରୀ ଜନିତ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ୨୬ରେ ସିଭିୟର୍ ହିଟ-ୱେଭ୍ ନେଇ ୧୧ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ କରାଯାଇଥିବା ବେଳେ ୨୭ରେ ସିଭିୟର୍ ହିଟୱେଭ୍ ନେଇ ୧୯ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ଦିନ ତାପମାତ୍ରା ୪୫ଡିଗ୍ରୀ ଛୁଇଁବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ୨୪ ତାରିଖରେ କିଛି ଜିଲ୍ଲାରେ କାଳବୈଶାଖୀ ବର୍ଷା ସମ୍ଭାବନା ଥିଲେ ମଧ ଉତ୍ତର ଓ ଉପକୂଳରେ ଗ୍ରୀଷ୍ମପ୍ରବାହ ନେଇ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୬ରେ ସିଭିୟର୍ ହିଟ-ୱେଭ୍ ନେଇଅରେଞ୍ଜ ୱାର୍ଣ୍ଣିଂ କରାଯାଇଥିବା ୧୧ ଜିଲ୍ଲାଗୁଡିକ ହେଲା, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଖୋର୍ଦ୍ଧା। ସେହିପରି ୨୭ରେ ସିଭିୟର୍ ହିଟ୍-ୱେଭ୍ ନେଇ ଅରେଞ୍ଜ ୱାର୍ଣ୍ଣିଂ କରାଯାଇଥିବା ୧୯ଜିଲ୍ଲାଗୁଡିକ ହେଲା, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ ଓ ଖୋର୍ଦ୍ଧା।

ସୂଚନା ଥାଉ କି ମଙ୍ଗଳବାର ପାରଳାଖେମୁଣ୍ଡିରେ ୪୨.୮ ଡିଗ୍ରୀ, ନୟାଗଡ଼ରେ ୪୨.୨ ଡିଗ୍ରୀ, ଭୁବନେଶ୍ୱରରେ ୪୧.୮ ଡିଗ୍ରୀ, ବଲାଙ୍ଗିରରେ ୪୧.୮ ଡିଗ୍ରୀ, ଅନୁଗୋଳରେ ୪୧.୭ ଡିଗ୍ରୀ, ମାଲକାନଗିରିରେ ୪୧.୫ ଡିଗ୍ରୀ, ବାରିପଦାରେ ୪୧.୨ ଡିଗ୍ରୀ, ନୂଆପଡ଼ାରେ ୪୧.୨ ଡିଗ୍ରୀ, ଟିଟିଲାଗଡ଼ରେ ୪୧ ଡିଗ୍ରୀ, ବୌଦ୍ଧରେ ୪୦.୭ ଡିଗ୍ରୀ, ଭବାନୀପାଟଣାରେ ୪୦.୬ ଡିଗ୍ରୀ, ଚାନ୍ଦବାଲିରେ ୪୦.୪ ଡିଗ୍ରୀ, ବାଲେଶ୍ୱରରେ ୪୦.୩ ଡିଗ୍ରୀ, ଝାରସୁଗୁଡ଼ାରେ ୪୦.୨ ଡିଗ୍ରୀ, ତାଳଚେରରେ ୪୦ ଡିଗ୍ରୀ, ସୋନପୁରରେ ୪୦ ଡିଗ୍ରୀ, ଯାଜପୁରରେ ୪୦ ଡିଗ୍ରୀ, କେନ୍ଦ୍ରାପଡ଼ାରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ କରାଯାଇଛି।

# ବଲାଙ୍ଗିର: ନିର୍ବାଚନରେ 'ନ' ପ୍ରକରଣ

## ବିଜେଡିର ବଳ ନବୀନ, ବିଜେପି ପାଇଁ ଆଶା ନରେନ୍ଦ୍ର, ପୁଅ ପାଇଁ ମଇଦାନରେ ନରସିଂହ

**ବଲାଙ୍ଗିର,୨୩।୪(ସମିସ):** ବଲାଙ୍ଗିର ଜିଲ୍ଲାରେ ଥିବା ସମସ୍ତ ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ବିଜେପିର ପ୍ରାର୍ଥୀ ତାଲିକା ସ୍ପଷ୍ଟ ହୋଇସାରିଛି। ଟିକଟ ପାଇଥିବା ପ୍ରାର୍ଥୀମାନେ ନିଜ ପ୍ରଚାର ଅଭିଯାନ ଆରମ୍ଭ କରିଥିବା ବେଳେ ଜିଲ୍ଲାରେ ଏହି ତିନି ଦଳ ଏବେ 'ନ' ନାମଧାରୀ ନେତାଙ୍କ ଭରସାରେ ରହିଛନ୍ତି। ଏହି 'ନ' ନାମଧାରୀ ନେତାଙ୍କ ବ୍ୟକ୍ତିତ୍ୱ ଓ ପତିଆରାରେ ପ୍ରାର୍ଥୀମାନେ ନିର୍ବାଚନୀ ବୈତରଣୀ ପାର ହେବାକୁ ଉଦ୍ୟମ ଚଳାଇଥିବା ଚର୍ଚ୍ଚା ହେଉଛି।

ବଲାଙ୍ଗିର ଜିଲ୍ଲାରେ ଥିବା ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୀତି ପାଣିପାଗ ସରଗରମ ହୋଇସାରିଛି। ସମସ୍ତ ଦଳ ନିର୍ବାଚନ ଜିତିବା ପାଇଁ ରଣନୀତି ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଛନ୍ତି। ସମସ୍ତ ଦଳ ଏବେ କିଏ ତାଙ୍କ ପାଇଁ ପ୍ରଚାର କଲେ ଭୋଟରଙ୍କ ମନରେ ଅଧିକ ପ୍ରଭାବ ପକାଇବ ସେଭଳି ନେତାଙ୍କ ଭରସାରେ ରହିଛନ୍ତି। ଏହି ସମୀକରଣରେ କିନ୍ତୁ ବଲାଙ୍ଗିର ଜିଲ୍ଲାରେ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ବିଜେପିରେ ମଣିକାଞ୍ଚନ ସଂଯୋଗ ଦେଖିବାକୁ ମିଳିଛି। ଏହି ୩ ଦଳର ପ୍ରଦର୍ଶନ ଏବେ 'ନ' ନାମଧାରୀ ନେତାଙ୍କ ଭରସାରେ ରହିଥିବା ଚର୍ଚ୍ଚା ହେଉଛି। ବିଜେଡି ଦଳର ପ୍ରାର୍ଥୀ ଏବେ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଭରସାରେ ରହିଛନ୍ତି।

ନବୀନ ନିଜେ କଣ୍ଟାବାଞ୍ଜି ବିଧାନସଭାରେ ପ୍ରାର୍ଥୀ ହେଉଥିବାରୁ ଦଳ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ନବୀନଙ୍କ ସପକ୍ଷରେ ଅଧିକରୁ ଅଧିକ ଭୋଟ କରାଇବା ଓ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୟୀ ହେବା ପାଇଁ ଦଳ ଉଦ୍ୟମ ଚଳାଇଛି। ପ୍ରାର୍ଥୀମାନେ ମଧ୍ୟ ନବୀନଙ୍କ ପ୍ରଭାବ ଓ ପତିଆରାକୁ ନେଇ ଭୋଟରଙ୍କ ପାଖକୁ ଯାଉଥିବା ଦେଖିବାକୁ ମିଳିଛି। ଯେଉଁଥିରେ ତାଙ୍କୁ ଅଧିକ ସମର୍ଥନ ମିଳୁଥିବା ପ୍ରାର୍ଥୀମାନେ କହିଛନ୍ତି।



ସେହିପରି ବିଜେପି ଦଳର ପ୍ରାର୍ଥୀମାନେ ମଧ୍ୟ 'ନ' ନାମଧାରୀ ନେତା ନରେନ୍ଦ୍ର ମୋଦୀଙ୍କ ଭରସାରେ ରହିଛନ୍ତି। ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସପକ୍ଷରେ ସମର୍ଥନ ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଏହାର ଫାଇଦା ନେବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ ଜାରି ରଖିଛନ୍ତି। ନରେନ୍ଦ୍ର ମୋଦୀ ହାୱାରେ ପୁଣିଥରେ ବିଜୟୀ ହେବାକୁ ଅନେକ ପ୍ରାର୍ଥୀ ଆଶାୟୀ ଥିବା ବେଳେ ଦଳ ପକ୍ଷରୁ ସେହିଭଳି ରଣନୀତି ଦେଖିବାକୁ ମିଳିନାହିଁ। ଅବଶ୍ୟ ଆଗାମୀ ଦିନରେ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ ରହିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଦଳୀୟ ମହଲରେ ଏନେଇ ଆଲୋଚନା ଚାଲିଥିବା ବେଳେ ବିଧାୟକ ଓ ସାଂସଦ ପ୍ରାର୍ଥୀ ମଧ୍ୟ ଏଥିପାଇଁ ଉଦ୍ୟମ ଚଳାଇଥିବା ଆଲୋଚନା ହେଉଛି।



ଅପରପକ୍ଷେ କଂଗ୍ରେସ ଦଳ ମଧ୍ୟ ବଲାଙ୍ଗିର ଜିଲ୍ଲାରେ 'ନ' ନାମଧାରୀ ନେତାଙ୍କ ଭରସାରେ ରହିଥିବା ଦେଖିବାକୁ ମିଳିଛି। ଦଳର ବରିଷ୍ଠ ନେତା ନରସିଂହ ମିଶ୍ର ଏବେ ଜିଲ୍ଲାରେ କଂଗ୍ରେସର ମଙ୍ଗ ଧରିଛନ୍ତି। ନରସିଂହ ବଲାଙ୍ଗିର ଓ ଲୋଇସିଂହାରେ ପ୍ରଚାର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଯଦିଓ ପିସିସି ସଭାପତି ଶରତ ପଟ୍ଟନାୟକ ବଲାଙ୍ଗିର ଜିଲ୍ଲାର ତଥାପି ତାଙ୍କ ଅପେକ୍ଷା ନରସିଂହଙ୍କ ପ୍ରଭାବ ଓ ପତିଆରା ଜିଲ୍ଲାରେ ଅଧିକ ରହିଛି। ଏହରା ଫାଇଦା ନେବା ପାଇଁ କଂଗ୍ରେସ କର୍ମୀମାନେ ଉଦ୍ୟମ ଚଳାଇଛନ୍ତି। ଆଗାମୀ ଦିନରେ ନରସିଂହ ଅନ୍ୟ ନିର୍ବାଚନମଣ୍ଡଳୀକୁ ଯାଇ ପ୍ରଚାର କରିବେ ବୋଲି ଦଳ ଭିତରେ ଚର୍ଚ୍ଚା ହେଉଛି। ତେବେ ସେ ଯାହା ହେଉନା କାହିଁକି ଏହି 'ନ' ନାମଧାରୀ ନେତା କାହା ପାଇଁ ଶୁଭ ଓ କାହା ପାଇଁ ଅଶୁଭ ସାଜିବେ ତାହା ଦେଖିବାକୁ ବାକି ରହିଲା।



### ବିଜେପି ଟିକଟକୁ ନେଇ ବଢୁଛି ଦ୍ୱନ୍ଦ

# ଦଳଡିଆଁଙ୍କୁ ନେଇ ବସ୍ତା ବିଜେପିରେ ବିଦ୍ରୋହ

**ବସ୍ତା,୨୩।୪(ସମିସ):** ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନ ବସ୍ତା ବିଧାନସଭା ଆସନ ପାଇଁ ବିଜେପି ଶିବିରରେ କମ୍ପନ ସୃଷ୍ଟି ହୋଇଛି। ବସ୍ତା ନିର୍ବାଚନମଣ୍ଡଳୀରେ ଅନେକ ଆଶାୟୀ ଥବାରୁ ଦଳ କାହାକୁ ଟିକଟ ଦେବ, ତାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱର ସମାଧାନ ହୋଇପାରୁନାହିଁ। ଜଳେଶ୍ୱର ପରେ ବସ୍ତାରେ ବିଜେପିର ଟିକଟ ନେଇ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ଦଳଡିଆଁ ନେତାଙ୍କୁ ଦଳ ପ୍ରାର୍ଥୀ କରେ, ତା'ହାଲେ ଟିକଟ ଘୋଷଣା ପରେ ବସ୍ତା ବିଜେପିରେ ବିଦ୍ରୋହ ଚରମସୀମା ଲଂଘିବ ବୋଲି ଦଳ ଭିତରେ ଆଲୋଚନା ଜୋର୍ ଧରିଛି।

ପ୍ରକାଶ ଯେ ଆସନ୍ତା ନିର୍ବାଚନ ପାଇଁ ବସ୍ତା ବିଜେପିରେ ରବୀନ୍ଦ୍ର କୁମାର ଜୈନ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ବାଲିଆପାଳର ମହେଶ୍ୱର ଜେନାଙ୍କ ନାମ ଚର୍ଚ୍ଚାରେ ରହିଥିଲା। ଏହି ଦୁଇ ନେତା ଗତ ୫ବର୍ଷ ଧରି ସଂଗଠନକୁ ସୁଦୃଢ଼ କରିବା ସହ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଆସୁଥିଲେ। ୨୦୧୯ ନିର୍ବାଚନରେ ବିଜେଡି ଛାଡ଼ି ବିଜେପିକୁ ଆସିଥିବା ପୂର୍ବତନ ମନ୍ତ୍ରୀ ରଘୁନାଥଙ୍କୁ ଦଳ ବିଜେପିରୁ ପ୍ରାର୍ଥୀ କରିଥିଲା। ମାତ୍ର ନିର୍ବାଚନରେ ରଘୁନାଥଙ୍କୁ ସଫଳତା ମିଳି ନଥିଲା। ବସ୍ତା ଆସନରେ ବିଜେଡିର ନିତ୍ୟାନନ୍ଦ ସାହୁ ବିଜୟୀ ହୋଇ ଗଡ଼କୁ ଦଖଲକୁ ନେଇଥିଲେ। ନିର୍ବାଚନ ପରେ ରଘୁନାଥ ମହାନ୍ତି ଚୁପଚାପ ହୋଇଯାଇଥିଲେ। ଦଳୀୟ କାର୍ଯ୍ୟକ୍ରମରେ ତାଙ୍କର ଦେଖା ମିଳୁ ନଥିଲା। ସେ ପୁଣି ବିଜେଡିକୁ ବାହୁଡ଼ିଯିବେ ବୋଲି ଚର୍ଚ୍ଚା ହେଉଥିଲା। ୨୦୨୪ ନିର୍ବାଚନରେ ସେ ବିଜେପିରୁ ଜଳେଶ୍ୱର ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର ତାଙ୍କୁ ଦଳ ଟିକଟ ଦେଇନଥିଲା। ଫଳରେ ସେ ବିଜେପିରୁ ଇସ୍ତଫା ଦେଇଥିଲେ। ସେ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ମାତ୍ର ସେ ଏବେ ଅଲୋଡ଼ା ହୋଇଥିବା କୁହାଯାଉଛି।

ସେହିପରି ବିଜେଡିରୁ ବାଲିଆପାଳର ଯୁବନେତା ରବୀନ୍ଦ୍ର ଅଣ୍ଡିଆଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରିବା ପରେ



ସେ ତାଙ୍କ କିଛି ସମର୍ଥକଙ୍କୁ ଧରି ବିଜେପି ଶିବିରରେ ମିଶିଛନ୍ତି। ସେ ବି ଏଠାରୁ ବିଜେପି ଟିକଟ ପାଇଁ ଆଶାୟୀ ଅଛନ୍ତି। ବିଜେଡିର ବାଲିଆପାଳର ଯୁବନେତା ସଞ୍ଜୀବ ପାଢ଼ୀ ବିଜେପିରେ ମିଶି ଟିକଟ ଆଶା କରଛନ୍ତି। ଫଳରେ ଏହି ଦଳଡିଆଁ ନେତା ଏବେ ବିଜେପିର ମୁଣ୍ଡବିନ୍ଧାର କାରଣ ପାଲଟିଛି। କାରଣ ବସ୍ତା ଆସନ ପାଇଁ ବସ୍ତାରୁ ରବୀନ୍ଦ୍ର ଜୈନ ଆଶାୟୀ ପ୍ରାର୍ଥୀ ଥିବା କୁହାଯାଉଥିବା ବେଳେ ବାଲିଆପାଳରୁ ମହେଶ୍ୱର ଜେନା, ବିକାଶ ଗିରି ଓ ବିଜେଡିରୁ ଆସିଥିବା ରବୀନ୍ଦ୍ର ନାଥ ଅଣ୍ଡିଆ, ସଞ୍ଜୀବ ପାଢ଼ୀ ଟିକଟ ପାଇଁ କସରତ କରୁଥିବା ଜଣାପଡ଼ିଛି।

ତେବେ ଯିଏ ବସ୍ତାର ସଂଗଠନ କରିଛି, ସେମାନଙ୍କ ମଧ୍ୟରୁ ଜଣକୁ ବସ୍ତା ଟିକଟ ଦିଆଯାଉ ବୋଲି କର୍ମୀ ମହଲରେ ଦାବି ହୋଇଛି। ଦଳଡିଆଁଙ୍କୁ ପ୍ରାର୍ଥୀ ନ କରିବାକୁ କର୍ମୀ ଓ ନେତୃମଣ୍ଡଳୀ ଜିଦ୍‌ରେ ଅଟଳ ଥିବା ବେଳେ ଯଦି ଦଳ ଭୁଲ ନିଷ୍ପତ୍ତି ନିଏ, ତାହେଲେ ଅନେକ ନେତା ଓ କର୍ମୀ ଦଳ ଛାଡ଼ିବେ ବୋଲି ଖୋଲାଖୋଲି ଚେତାବନୀ ଦେଇଛନ୍ତି। ବାଲିଆପାଳରେ ଅଧିକ ଆଶାୟୀ ଥିବାରୁ ବସ୍ତାରୁ ରବୀନ୍ଦ୍ର କୁମାର ଜୈନଙ୍କୁ ପ୍ରାର୍ଥୀ କରିବାକୁ ଦାବି ହେଉଛି। ୨୦୧୯ର ନିର୍ବାଚନର ଫଳାଫଳ ଅନୁସାରେ ବସ୍ତା ନିର୍ବାଚନମଣ୍ଡଳୀରେ ବିଜେପି ପାଖାପାଖି ୩୭ହଜାର ଭୋଟ ପାଇଥିବା ବେଳେ ବସ୍ତା ବ୍ଲକର ୧୭ ପଞ୍ଚାୟତରୁ ୨୨ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ବାଲିଆପାଳର ୨୮ ପଞ୍ଚାୟତରୁ ୧୨ ହଜାର ଭୋଟ ପାଇଥିଲା। ତେଣୁ ବସ୍ତାରୁ ପ୍ରାର୍ଥୀ ହେଲେ ଦଳକୁ ସୁହାଇବ ବୋଲି କର୍ମୀମାନେ ଦାବି କରିଛନ୍ତି। ଏହା ନ ହେଲେ ବାଲିଆପାଳ ବିଜେପିରେ ଭୟଙ୍କର ବିଦ୍ରୋହକୁ ଦଳ ସାମ୍ନା କରିବ ବୋଲି ଶୁଣିବାକୁ ମିଳିଛି।

### ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ନିର୍ଣ୍ଣାୟକ ହେବ କି ଅନୁସୂଚିତ ଜାତି ଓ ଜନଜାତି ଭୋଟ୍

**କୋକସରା/କଲମପୁର,୨୩।୪(ସମିସ):** ଧର୍ମଗଡ଼ ବିଧାନସଭା ଆସନରେ ୨୦୧୯ ସାଧାରଣ ନିର୍ବାଚନରେ ସୁସଂଗଠିତ ଥିବା ଯାଦବ ସମାଜ ଏକତରଫା ଭୋଟ ଦେଇ ବିଜେଡିର ମୌଷଧୀ ବାଗଙ୍କୁ ଶିକ୍ଷକରୁ ସିଧା ବିଧାୟକ କରିଥିଲା। ଚଳିତ ନିର୍ବାଚନରେ ମଧ୍ୟ ଜାତିଭିତ୍ତିକ ରାଜନୀତି ନେଇ ବିଭିନ୍ନ ଦଳ ଅଙ୍କ କଷୁଥିବା ଆଭାସ ମିଳୁଛି। ଏଥର ନିର୍ବାଚନରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଭୋଟ ନିର୍ଣ୍ଣାୟକ ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି।

ଏହି ଆସନରେ ବିଜେଡି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ମଇଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସ ରଶ୍ମିରେଖା ରାଉତ ଓ ବିଜେପି ସୁଧୀର ରଞ୍ଜନ ପାଟଯୋଶୀଙ୍କୁ ପ୍ରାର୍ଥୀ କରିଛି। ଆସନ୍ତା ନିର୍ବାଚନରେ ଏହି ୩ ପ୍ରାର୍ଥୀଙ୍କ ଭାଗ୍ୟ ଭବିଷ୍ୟତ ନେଇ ରାଜନୀତିର ବଡ଼ପଣ୍ଡା ମଧ୍ୟରେ ଭିନ୍ନ ଭିନ୍ନ ଆଲୋଚନା ଜାରି ରହିଛି। ସେମାନଙ୍କ କହିବା କଥା, ବିଗତ ଦିନମାନଙ୍କର ରେକର୍ଡକୁ ଦେଖିଲେ ଜାତିଭିତ୍ତିକ ରାଜନୀତି ଏ ଅଞ୍ଚଳରେ ପ୍ରମୁଖ ପ୍ରସଙ୍ଗ ରହି ଆସିଛି। ଗତ ନିର୍ବାଚନରେ ଏହି କାରଣରୁ ମୌଷଧି ବାଗ ବିଧାୟକ ହେବା ଏହାର ଜ୍ୱଳନ୍ତ ଉଦାହରଣ। ଏଥର କିନ୍ତୁ ବ୍ୟତିକ୍ରମ ଦେଖାଦେବାର ସମ୍ଭାବନା ରହିଛି। କାରଣ କଂଗ୍ରେସ ପ୍ରାର୍ଥିନୀ ରଶ୍ମିରେଖା ପଛୁଆ ବର୍ଗ ଅର୍ଥାତ ଯାଦବ ସମ୍ପ୍ରଦାୟରୁ ହୋଇଥିବା



ବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଭୋଟ ଏଠାରେ ନିର୍ଣ୍ଣାୟକ ହେବା ସମ୍ଭାବନା ରହିଛି। ଗତଥର ଭଳି ଯାଦବ ସମ୍ପ୍ରଦାୟ ବିଧାୟକ ମୌଷଧ ବାଗଙ୍କୁ ଏକତରଫା ଭୋଟ ଦେଲା ଭଳି କଂଗ୍ରେସ ପ୍ରାର୍ଥିନୀ ରଶ୍ମୀରେଖାଙ୍କୁ ଯଦି ସେପରି ସମର୍ଥନ ଦେଖାନ୍ତି, ତେବେ ବିଜେଡି ଓ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢ଼େଇ ହେବ। ହେଲେ ରାଜପରିବାର ସଦସ୍ୟ ଭାବେ ପୁଷ୍ପେନ୍ଦ୍ରଙ୍କ ସପକ୍ଷରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସମର୍ଥନ ମଧ୍ୟ ରହିଛି। ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନାକୁ ନେଇ ଲୋକଙ୍କ ପାଖରେ ପହଞ୍ଚୁଛି। ବିରୋଧୀ ଦଳ ଶାସକ ବିଜେଡିକୁ ଘେରିବାକୁ ହେଲେ କେଉଁ ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବ, ତାହା ସେମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ବିଜେପିରେ ପ୍ରାର୍ଥୀଙ୍କୁ ନେଇ ଦଳୀୟ କିଛି ନେତା ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ସାଂସଦ ପ୍ରାର୍ଥିନୀ ଓ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକମାନଙ୍କ ମଧ୍ୟରେ ମତାନ୍ତର ମନାନ୍ତର ଲାଗି ରହିଥିବା ଚର୍ଚ୍ଚା ଜୋର ଧରିଛି। ଏମିତିକି ନିଜ ପସନ୍ଦର ନେତାଙ୍କୁ ଟିକଟ ନ ମିଳିବା ପରେ ବିଜେପି କର୍ମୀମାନେ ଉପର ଠାଉରିଆ ଭାବେ ଦଳୀୟ ପ୍ରଚାରରେ ବୁଲୁଛନ୍ତି। ହେଲେ ପରୋକ୍ଷରେ ସେମାନେ ଅସନ୍ତୁଷ୍ଟ ରହିଛନ୍ତି ବୋଲି ଅନ୍ଦରମହଲରୁ ସୂଚନା ମିଳିଛି। ଏପଟେ କଂଗ୍ରେସ ଅନୁସୂଚିତ ଜାତିର କଳାହାଣ୍ଡି ଲୋକସଭା ସାଂସଦ ପ୍ରାର୍ଥିନୀ ଭାବେ ଦ୍ରୌପଦୀ ମାଝୀଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ବିଧାୟକ ଓ ସାଂସଦ ଭାବେ ଦୁଇ ଜଣ ମହିଳାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇ ମହିଳା କାର୍ଡ ଖେଳି ଭୋଟ୍ ହାତେଇବାକୁ ପ୍ରୟାସ କରିବା ସହ ଅନୁସୂଚିତ ଜାତି ଓ ଜନଜାତି ଭୋଟକୁ ବଜାୟ ରଖିବାକୁ ଉଦ୍ୟମ କରିଛି। କଂଗ୍ରେସ ଉପରେ ଭରସା କରିପାରୁ ନଥିବା କଂଗ୍ରେସିଆ ଭୋଟକୁ ନିଜ ସପକ୍ଷରେ ନେଇ ବିଜେଡି ବିଗତ ଦିନରେ ସଫଳ ହୋଇଥିବା ବେଳେ ଚଳିତ ନିର୍ବାଚନ ରଣାଙ୍ଗନରେ ଏହି ଭୋଟ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଯଥେଷ୍ଟ ସମ୍ଭାବନା ରହିଛି।

# ଉତ୍ତର ବାଲେଶ୍ୱର ପାଲଟିଛି ବିଜେଡିର ଅଭେଦ୍ୟ ଦୁର୍ଗ

**ବାଲେଶ୍ୱର,୨୩।୪(ସମିସ):** ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଉତ୍ତର ବାଲେଶ୍ୱରର ୩ଟି ବିଧାନସଭା ଆସନ ଭୋଗରାଇ, ଜଳେଶ୍ୱର ଓ ବସ୍ତା। ସୁବର୍ଣ୍ଣରେଖା କୂଳର ଏହି ଅଞ୍ଚଳ ଧାନ, ପାନ ଓ ମୀନ ପାଇଁ ବେଶ୍ ପ୍ରସିଦ୍ଧ। କୃଷି ପ୍ରଧାନ ଏହି ଅଞ୍ଚଳ ଦୀର୍ଘ ତିନି ଦଶନ୍ଧି ଧରି ପାଲଟିଛି ଜନତା ଦଳରୁ ବିଜୁ ଜନତା ଦଳ ପାଇଁ ଅଭେଦ୍ୟ ଦୁର୍ଗ। ବିଜେଡିର ପାରମ୍ପରିକ ଭୋଟ ବ୍ୟାଙ୍କ ଓ ସଫଳ ରଣନୀତି ଆଗରେ ବିରୋଧୀଙ୍କ ଯୋଜନା ସଫଳ ହୋଇନି ଏହି ଆସନଗୁଡ଼ିକରେ। ଭୋଗରାଇ ଓ ବସ୍ତା ନିର୍ବାଚନମଣ୍ଡଳୀରେ ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ

> **ଭୋଗରାଇ ଓ ବସ୍ତା ଆସନରୁ ବିଜେଡିକୁ ୫ଥର ନିରବଚ୍ଛିନ୍ନ ବିଜୟ**
>
> **ଜଳେଶ୍ୱର ଆସନରୁ ହ୍ୟାଟ୍ରିକ୍ ଅପେକ୍ଷାରେ ବିଜେଡି**

ସମୟ ଧରି ପ୍ରଥମେ ଜନତା ଦଳ ଓ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳ ନିରବଚ୍ଛିନ୍ନ ଭାବେ ଜିତି ଆସୁଛି। ୧୯୯୦ ମସିହାଠାରୁ ବିରୋଧୀ କଂଗ୍ରେସ ହାତରୁ ଖସିଥିବା ଏହି ୨ଟି ଆସନ ଜନତା ଦଳ ଓ ବିଜୁ ଜନତା ଦଳ ପାଖରେ ରହି ଆସୁଛି। ଲଗାତାର ୭ଟି ନିର୍ବାଚନରେ ଏହି ୨ଟି ଆସନରୁ ବିରୋଧୀ କଂଗ୍ରେସ ଆଉ କ୍ଷମତାକୁ ଫେରିପାରୁନାହିଁ। ତେବେ ଉତ୍ତରବାଲେଶ୍ୱରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜଳେଶ୍ୱର ବିଧାନସଭା ଆସନରେ ବିଜେଡି ବିଜୟର ହ୍ୟାଟ୍ରିକ୍ କରିବା ଲକ୍ଷ୍ୟରେ ରହିଛି। ବିଶେଷକରି ବିରୋଧୀ କଂଗ୍ରେସ ପୁରୁଣା ବଳକୁ ଗୋଟାଇ ବିଜେଡିକୁ ଟକ୍କର ଦେବାକୁ ଚାହୁଁଥିବା ବେଳେ ଦୁର୍ବଳ ସଂଗଠନ ଅଣ୍ଟା ସଳଖାଇ ଛିଡ଼ା ହେବାକୁ ଦେଉନାହିଁ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି।

ସୂଚନାଯୋଗ୍ୟ, ୧୯୯୦ ମସିହାରୁ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭୋଗରାଇରେ ଅଣକଂଗ୍ରେସ ବିଧାୟକ ଭାବେ ଡାଃ କମଳା ଦାସ ୩ଥର ଓ ପରବର୍ତ୍ତୀ ସମୟରେ ଅନନ୍ତ ଦାସ ଲଗାତାର ୪ଥର ବିଜୟୀ ହୋଇଛନ୍ତି। ୧୯୯୦ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ଡାଃ କମଳା ଦାସ ଜନତା ଦଳରୁ ଦୁଇ ଥର ବିଜୟୀ ହୋଇଥିବା ବେଳେ ୨୦୦୦ ମସିହାରେ ବିଜୁ ଜନତା ଦଳରୁ ବିଜୟୀ ହୋଇ ମନ୍ତ୍ରୀ ହୋଇଥିଲେ। ୨୦୦୪ ମସିହାରୁ ୨୦୨୪ ପର୍ଯ୍ୟନ୍ତ ୨୦ ବର୍ଷ ଧରି ଭୋଗରାଇରୁ ଅନନ୍ତ ଦାସ ଲଗାତାର ଚାରିଥର ବିଜେଡିରୁ ବିଜୟୀ ହୋଇଆସୁଛନ୍ତି। ବୟସାଧିକ୍ୟ କାରଣରୁ ଚଳିତ ନିର୍ବାଚନରେ ଭୋଗରାଇରୁ ଅନନ୍ତ ଦାସଙ୍କ ସ୍ଥାନରେ ନୂଆ ଚେହେରାଙ୍କୁ ବିଜେଡି ମଇଦାନକୁ ଓହ୍ଲାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିଜେଡିର ଅଭେଦ୍ୟ ଦୁର୍ଗ ଭାଙ୍ଗିବାକୁ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସ ମଇଦାନରେ ଟକ୍କର ଦେବାକୁ ଥିବା ବେଳେ ବିଜେପି ଏବେ ସୁଦ୍ଧା ପ୍ରାର୍ଥୀ ଘୋଷଣା କରିନାହିଁ।

ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବସ୍ତା ନିର୍ବାଚନମଣ୍ଡଳୀରୁ ୧୯୯୦ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ରଘୁନାଥ ମହାନ୍ତି ଅଣକଂଗ୍ରେସ ରାଜନୀତି କରି ବିଜୟୀ ହୋଇଥିଲେ। ପ୍ରଥମେ ଜନତା ଦଳରୁ ୨ଥର ପରେ ବିଜେଡିରୁ ୩ଥର ଲଗାଦାର ସେ ବିଜୟୀ ହୋଇଥିଲେ। ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ। ୨୦୧୦ ଓ ୨୦୧୯ରେ ବିଜେଡିର ନିତ୍ୟାନନ୍ଦ ସାହୁ ବିଧାୟକ ରହି ଆସିଛନ୍ତି। ଚଳିତ ନିର୍ବାଚନ ପାଇଁ ବସ୍ତାରୁ ବିଜେଡି ପ୍ରଥମ ମହିଳା ପ୍ରାର୍ଥୀ ଭାବେ ସୁବାସିନୀ ଜେନାଙ୍କୁ ମଇଦାନକୁ ଓହ୍ଲାଇଛି। ତାଙ୍କ ଲଢ଼େଇରେ କଂଗ୍ରେସ ପ୍ରାର୍ଥୀ ବିଜନ ନାୟକଙ୍କ ସହ ହେବାକୁ ଥିବା ବେଳେ ଏଠାରେ ମଧ୍ୟ ବିଜେପି ଏବେ ସୁଦ୍ଧା ପ୍ରାର୍ଥୀ ଘୋଷଣା କରିନାହିଁ।

ଉତ୍ତର ବାଲେଶ୍ୱରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜଳେଶ୍ୱର ବିଧାନସଭା ଆସନରୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ବିଜେଡି ପୁଣି ନିର୍ବାଚନୀ ମଇଦାନକୁ ଓହ୍ଲାଇ ସାରିଛି। ଅଶ୍ୱିନୀ ବିଜେଡିରୁ ବିଜୟର ହ୍ୟାଟ୍ରିକ୍ ଲଗାଇବା ଲକ୍ଷ୍ୟରେ ମଇଦାନରେ ଲଢ଼େଇ ଜାରି ରଖିଛନ୍ତି। ଯଦିଓ ଅଶ୍ୱିନୀ ୧୯୯୦ ମସିହାରେ ଜଳେଶ୍ୱରୁ ଜନତା ଦଳ ଟିକଟରେ ବିଜୟୀ ହୋଇଥିଲେ, ପରବର୍ତ୍ତୀ ସମୟରେ କଂଗ୍ରେସର ଜୟନାରାୟଣ ମହାନ୍ତିଙ୍କ ହାତକୁ ଚାଲି ଯାଇଥିଲା ଏହି ଆସନ। ୨୦୦୪ ମସିହାରେ ଅଶ୍ୱିନୀ ପୁଣି ବିଜେପି ଟିକଟରେ ବିଜେଡି-ବିଜେପି ମେଣ୍ଟରୁ ବିଜୟୀ ହୋଇଥିଲେ। ୨୦୦୯ରେ ପୁଣି ଜଳେଶ୍ୱର ନିର୍ବାଚନ ମଣ୍ଡଳୀବାସୀ କଂଗ୍ରେସର ଦେବୀପ୍ରସନ୍ନ ଚାନ୍ଦଙ୍କୁ ବିଜୟୀ କରାଇଥିଲେ। ତେବେ ୨୦୧୪ରୁ ୧୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ବିଜେଡିରୁ ବିଜୟୀ ହୋଇ ଅଶ୍ୱିନୀ ଦଳୀୟ ସଂଗଠନକୁ ସୁଦୃଢ଼ କରିଆସିଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେଉ ଅବା ଜଳେଶ୍ୱର ପୌର ନିର୍ବାଚନ; ଶତପ୍ରତିଶତ ପ୍ରଦର୍ଶନ କରି ଅଶ୍ୱିନୀ ସଂଗଠନକୁ ଆଗକୁ ବଢ଼ାଇ ଆସୁଛନ୍ତି। ୨୦୨୪ ନିର୍ବାଚନରେ ଅଶ୍ୱିନୀ ବିଜୟର ହ୍ୟାଟ୍ରିକ୍ ସହ ଆଗକୁ ବଢ଼ିବାକୁ ଚାହିଁଥିବା ବେଳେ ବିରୋଧରେ ବିଜେପି ବ୍ରଜ କିଶୋର ପ୍ରଧାନଙ୍କୁ ଟିକଟ ଦେଇ ନିର୍ବାଚନୀ ମଇଦାନକୁ ସରଗରମ କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସ କିନ୍ତୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଇନାହିଁ।

ଉତ୍ତର ବାଲେଶ୍ୱରର ଏହି ୩ଟି ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଆସନ ବିଜେଡିର ଗଡ଼ ରହି ଆସିଥିବା ବେଳେ ଆଗାମୀ ନିର୍ବାଚନ ବେଶ୍ ରୋଚକପୂର୍ଣ୍ଣ ହେବ ବୋଲି ଚର୍ଚ୍ଚା ହେଉଛି। ୧୯୯୦ରୁ ୨୦୦୦ ପର୍ଯ୍ୟନ୍ତ କିଂବଦନ୍ତୀ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟଙ୍କ ନେତୃତ୍ୱରେ ଜନତା ଦଳ ଅମଳରୁ ଆରମ୍ଭ ହୋଇଥିବା ବିଜୟର ଧ୍ୱଜା ପରବର୍ତ୍ତୀ ଦୁଇ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳକୁ ବିଜୟର ସ୍ୱାଦ ଚଖେଇ ଆସୁଛି। ଆଗାମୀ ନିର୍ବାଚନୀ ଲଢ଼େଇ ଏହି ୩ଟି ଆସନରେ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ରହିବ ବୋଲି ଚର୍ଚ୍ଚା ହେଉଛି।

### ଧାମନଗର ବିଧାନସଭା ଆସନ

# ମଇଦାନରେ ତିନି ଯୁବନେତା

**ଭଦ୍ରକ/ଦୋବଲ, ୨୩।୪(ସମିସ):** ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରୁ ଏକମାତ୍ର ସଂରକ୍ଷିତ ନିର୍ବାଚନମଣ୍ଡଳୀ ଧାମନଗରରେ ବିଜେପିରୁ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦଳ ପୁଣି ପ୍ରାର୍ଥୀ କରିଥିବା ବେଳେ ବିଜେଡି ପକ୍ଷରୁ ଡାକ୍ତର ସଞ୍ଜୟ ଦାସ ଓ କଂଗ୍ରେସରୁ ରଞ୍ଜନ ବେହେରା ପ୍ରାର୍ଥୀ ହୋଇଛନ୍ତି। ଏହି ଆସନରେ ଏବେ ୩ଜଣ ଯୁବନେତା ପ୍ରାର୍ଥୀ ହୋଇଥିବା ବେଳେ ଲଢେଇ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ହେବ ବୋଲି କୁହାଯାଉଛି।

ଅତୀତରେ ଧାମନଗର ଆସନ କଂଗ୍ରେସର ଦୁର୍ଗ ଥିଲା ବେଳେ ଏବେ ଧୀରେଧୀରେ କଂଗ୍ରେସ ନିଜର ସ୍ଥିତି ହରାଇ ଚାଲିଛି। ପ୍ରକାଶ ଥାଉକି ମୁରଲୀଧର ଜେନା, ସତ୍ୟଭାମା ଜେନା, ଜଗନ୍ନାଥ ରାଉତଙ୍କ ଭଳି ଜନନେତା କଂଗ୍ରେସରୁ ବିଜୟୀ ହୋଇ ରାଜ୍ୟ ରାଜନୀତିରେ ବଡ଼ ଚେହେରା ପାଲଟିଥିଲେ। ଅତୀତରେ କଂଗ୍ରେସ ଏହି ଆସନକୁ ସର୍ବାଧିକ ଥର ଦଖଲ କରିଛି। ତେବେ ଗତ ୨୦୦୦ ମସିହା ନିର୍ବାଚନରୁ ଏହି ଆସନ ଅଣକଂଗ୍ରେସ ହାତକୁ ଯାଇଛି। ପରେ ବିଜେଡି ହାତରେ ଥିଲା ବେଳେ ଏବେ ବିଜେପି ହାତରେ ଧାମନଗର ରହିଛି।

ଗତ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ବିଷ୍ଣୁ ସେଠୀ ବିଜୟୀ ହୋଇଥିଲେ। ତେବେ ଅବଧି ଶେଷ ପୂର୍ବରୁ ତାଙ୍କର ଦେହାନ୍ତ ହେବାରୁ ଅନୁଷ୍ଠିତ ଉପନିର୍ବାଚନରେ ତାଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜ ନିର୍ବାଚିତ ହୋଇଥିଲେ। ଏଥର ବିଜେପି ପୁଣି ଥରେ ସୂର୍ଯ୍ୟବଂଶୀଙ୍କ ଉପରେ ଭରସା କରିଛି। ସେପଟେ ବିଜେଡି ମଧ୍ୟ ନବାଗତ ମୁହଁ ଭାବେ ଜଣାଶୁଣା ଡାକ୍ତର ସଞ୍ଜୟ ଦାସଙ୍କୁ ପ୍ରାର୍ଥୀ କରି ବିଜେପି ହାତରୁ ଆସନ ଛଡ଼ାଇବାକୁ ପ୍ରସ୍ତୁତ ହେଉଛି। ବିଜେଡି ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର। ରୋଗୀ ସେବାରୁ ଜନସେବାକୁ ଆସି ବିଜେଡି ପ୍ରାର୍ଥୀ ହୋଇ ସେ ପ୍ରଚାରକୁ ବେଶ୍ ଜୋରଦାର କରିଛନ୍ତି। ମୁଖ୍ୟତଃ ଏହି ନିର୍ବାଚନମଣ୍ଡଳରେ ଏକାଧିକ ବଡ଼ବଡ଼ ମାଗଣା ସ୍ୱାସ୍ଥ୍ୟ ଶିବିରମାନ କରି ଚର୍ଚ୍ଚାରେ ଅଛନ୍ତି। ଉପନିର୍ବାଚନରେ ଅନୁକମ୍ପା ଭୋଟ ଓ ବିଜେଡିର ବିଦ୍ରୋହୀ ପ୍ରାର୍ଥୀଙ୍କ ଆବିର୍ଭାବ ଯୋଗୁଁ ବିଜେଡି ଏହି ଆସନ ହରାଇଥିଲା। ତେବେ ଡାକ୍ତର ସଞ୍ଜୟ ନିର୍ବାଚନ ଘୋଷଣାର ବହୁ ପୂର୍ବରୁ ନିଜ ବୃତ୍ତିରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେଇ ନିର୍ବାଚନ ମଣ୍ଡଳୀର ପ୍ରଚାର କାର୍ଯ୍ୟ ଜୋରଦାର କରି ନିଜ ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହୋଇଛନ୍ତି। ଏହାଛଡ଼ା ଧାମନଗର ବ୍ଲକ ଓ ଏନ୍‌ଏସି ବିଜେଡି ଦଖଲରେ ଥିବାରୁ







ଆସନ୍ତା ନିର୍ବାଚନରେ ଏହା ବିଜେଡିକୁ ସୁହାଇବ ବୋଲି ତୃଣମୂଳସ୍ତରରେ କର୍ମୀମହଲରେ ଆଲୋଚନା ହେଉଛି। ତେବେ ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇ ରାଜେନ୍ଦ୍ର ଦାସ ବିଜେଡି ପରାଜୟର କାରଣ ପାଲଟିଥିଲେ। ଏଥର ରାଜେନ୍ଦ୍ର ଦାସ ଜିଲ୍ଲା ପାର୍ ହୋଇ ସୋରରେ ନିର୍ବାଚନ ଲଢୁଛନ୍ତି। ତେଣୁ ତାଙ୍କ ସମର୍ଥକ ପୁଣି ବିଜେଡି ମୁହାଁ ହୋଇଛନ୍ତି।

ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ମଧ୍ୟ ନିଜ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ଗହଣରେ ନିଜ ସପକ୍ଷରେ ଭୋଟ ପ୍ରଚାର ଚଳାଇଛନ୍ତି। ତେବେ ବିଳମ୍ବରେ କଂଗ୍ରେସ ଦଳ ତା'ର ପ୍ରାର୍ଥୀ ଘୋଷଣା କରିଛି। ଜଣେ ନବାଗତ ରଞ୍ଜନ ବେହେରାଙ୍କୁ ଦଳ ପ୍ରାର୍ଥୀ କରିଛି। ଏହି ନିର୍ବାଚନମଣ୍ଡଳୀରେ ବିଗତ ନିର୍ବାଚନରେ କଂଗ୍ରେସ ଦଳ ଯେଉଁ ବିପର୍ଯ୍ୟୟ ଫଳାଫଳ ପାଇଛି, ଏହାର ସୁଧାର ପାଇଁ ଦଳ ନୂଆ ମୁହଁ ଦେଇ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛି।

## ଓଡ଼ିଶା ପାଇଁ ବିଜେପିର ଷ୍ଟାର ପ୍ରଚାରକ ତାଲିକା

# ମୋଦୀ-ନଡ୍ଡା-ଶାହ-ରାଜନାଥ ସାମିଲ

**ଭୁବନେଶ୍ୱର, ୨୩।୪(ସମିସ):** ଓଡ଼ିଶା ପାଇଁ ଆଜି ବିଜେପି ପକ୍ଷରୁ ତାରକା ପ୍ରଚାରକ ତାଲିକା ପ୍ରକାଶ ପାଇଛି। ଉଭୟ ଲୋକସଭା ଓ ବିଧାନସଭା ପାଇଁ ଏହି ୪୦ ଜଣିଆ ତାଲିକା ପ୍ରକାଶ ପାଇଛି। ତାଲିକାର ପ୍ରଥମ ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥିବା ବେଳେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହ, ନୀତିନ ଗଡ଼କରୀଙ୍କ ସମେତ ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅନେକ କେନ୍ଦ୍ରମନ୍ତ୍ରୀଙ୍କ ନାମ ତାଲିକାରେ ରହିଛି। ପ୍ରଚାରକ ତାଲିକାରେ ମଧ୍ୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ






କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ମୃତି ଇରାନୀ, ଭୂପେନ୍ଦ୍ର ଯାଦବ, ଅଶ୍ୱିନୀ ବୈଷ୍ଣବ, ଜ୍ୟୋତିରାଦିତ୍ୟ ସିନ୍ଧିଆ। ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସୁନୀଲ ବଂଶଲ, ବିଜୟପାଲ ସିଂହ ତୋମାର, ଲତା ଉସେଣ୍ଡି, ଶାନ୍ତନୁ ଠାକୁର, ବିଶ୍ୱେଶ୍ୱର ଟୁଡୁ, ଜୟ ନାରାୟଣ ମିଶ୍ର, ଜୁଏଲ ଓରାମ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେଦାରନାଥ କଶ୍ୟପ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ବସନ୍ତ କୁମାର ପଣ୍ଡା, ସୁରେଶ ପୂଜାରୀ, କନକ ବର୍ଦ୍ଧନ ସିଂହଦେଓ, ସମୀର ମହାନ୍ତି, ମାନସ କୁମାର ମହାନ୍ତି, ଗୋଲକ ପ୍ରସାଦ ମହାପାତ୍ର, ପୂର୍ଣ୍ଣିମା କେରକେଟା, ସାରଦା ପ୍ରସାଦ ଶତପଥୀ, ରମେଶ ସାହୁ, ଅନୁଭବ ମହାନ୍ତି, ହରିହର ମହାପାତ୍ର, ପିଙ୍କି ପ୍ରଧାନ ଓ ଶ୍ରୀତମ ଦାସ ପ୍ରମୁଖ ମଧ୍ୟ ତାଲିକାରେ ଅଛନ୍ତି।

## ଶୋଭାଯାତ୍ରାରେ ଆସିଲେ

# ନାମାଙ୍କନ ନକରି ଫେରିଗଲେ ବିଜୟ ପଟ୍ଟନାୟକ

**ପାରଳାଖେମୁଣ୍ଡି, ୨୩।୪ (ସମିସ):** ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜୟ କୁମାର ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ ପାଇଁ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ହଜାର ହଜାର ସମର୍ଥକଙ୍କ ଗହଣରେ ବିଧାୟକ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ପାରଳାନଗର ପରିକ୍ରମା କରିଥିଲେ। ଶେଷରେ ଶୋଭାଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। କିନ୍ତୁ ଶ୍ରୀ ପଟ୍ଟନାୟକ ପ୍ରାର୍ଥିପତ୍ର ଦାଖଲ କରି ନଥିଲେ। ସେ ବୁଧବାର ନାମାଙ୍କନପତ୍ର ଦାଖଲ



କରିବେ ବୋଲି କୁହାଯାଇଥିଲା। ଏହା ପରେ ହଜାର ହଜାର ସମର୍ଥକ ନିଜ ଗନ୍ତବ୍ୟସ୍ଥଳକୁ ଚାଲି ଯାଇଥିବାର ଦେଖିବାକୁ ମିଳିଥିଲା। ତେବେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ମଧ୍ୟ କାହିଁକି ନାମାଙ୍କନପତ୍ର ଦାଖଲ କଲେ ନାହିଁ, ସେ ସଂପର୍କରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆଜିର ବିଶାଳ ଶୋଭାଯାତ୍ରାରେ ଲୋକଙ୍କ ମନରେ ଅନ୍ୟ ଦଳ ପ୍ରତି ଥିବା ବିଦ୍ୱେଷ ମନୋଭାବର ପରିପ୍ରକାଶ ହୋଇଛି। ବୁଧବାର ନାମାଙ୍କନପତ୍ର ଦାଖଲ କରାଯିବା ପାଇଁ ଆଗରୁ ନିଷ୍ପତ୍ତି ହୋଇଥିଲା ଏବଂ ଏଥିଲାଗି କୌଣସି ଶୋଭାଯାତ୍ରା କରାଯିବ ନାହିଁ। ନିର୍ବାଚନ ବିଧି ମୁତାବକ, ଯେତିକି ସଂଖ୍ୟକ ସମର୍ଥକ ଯିବା କଥା, ସେତିକିକୁ ନେଇ ଆମେ ନାମାଙ୍କନପତ୍ର ଦାଖଲ କରିବୁ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

## ରାଜନଗର ରାଜନୀତି

# ବିଜେପି ପାଇଁ ଅଡୁଆ 'ଅଲେଖ-ଅଜୟ' ରଣନୀତି

**ରାଜନଗର,୨୩।୪(ସମିସ):** ଉପକୂଳ ଓଡ଼ିଶାର ଅନ୍ୟତମ ସମ୍ବେଦନଶୀଳ ନିର୍ବାଚନମଣ୍ଡଳୀ ରାଜନଗର ରାଜନୀତି ରୋଚକ ମୋଡ଼ରେ ପହଞ୍ଚିଛି। ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। ବିଜୁ ଜନତା ଦଳ ବର୍ତ୍ତମାନର ବିଧାୟକ ଧ୍ରୁବ ସାହୁଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଓ ବିଜେପି ନବାଗତ ଯୁବନେତା ଲଳିତ କୁମାର ବେହେରାଙ୍କୁ ପ୍ରାର୍ଥୀ କରିଛି।

ତେବେ ପ୍ରାର୍ଥୀ ଘୋଷଣା ପରେ ରାଜନଗର ବିଜେପି କର୍ମୀ ଓ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ପ୍ରାର୍ଥୀ ଘୋଷଣା ପରଦିନ ଅନ୍ୟତମ ଆଶାୟୀ ଯୁବନେତା ଅଜୟ କୁମାର ବେହେରାଙ୍କ ସମର୍ଥକମାନେ ରାଜନଗରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଜେପି ପ୍ରାର୍ଥୀ ଲଳିତଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇର ମା' ଛୁଆଳିଆ ଶକ୍ତିପୀଠରେ ରାଜନଗରର ପୂର୍ବତନ ବିଧାୟକ ତଥା ବିଜେପିର ଅନ୍ୟତମ ଟିକଟ ଆଶାୟୀ ଅଲେଖ କୁମାର ଜେନା ନିଜ ସମର୍ଥକମାନଙ୍କୁ ଏକାଠି କରି ବିଜେପି ନେତୃବୃନ୍ଦଙ୍କୁ ଚେତାବନୀ ଦେଇଛନ୍ତି। ପ୍ରାର୍ଥୀ ପରିବର୍ତ୍ତନ କରାନଗଲେ ଅଲେଖଙ୍କ ସହ ଛାମୁଆ କର୍ମୀମାନେ ସମୂହ ଦଳରୁ ଇସ୍ତଫା ଦେବେ ବୋଲି ରାଜ୍ୟ ସଭାପତି ଓ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଜଣାଇଛନ୍ତି। ଏପରିକି, ଲଳିତଙ୍କଠାରୁ ୫କୋଟି ନେଇ ବିଜେପି ରାଜ୍ୟ ସଭାପତି ତାଙ୍କୁ ଟିକଟ ବିକିଥିବାର ଗୁରୁତର ଅଭିଯୋଗ ଆଣିଥିଲେ ଅଜୟଙ୍କ ସମର୍ଥକ।

ଅଜୟ ଓ ଅଲେଖ ଉଭୟ ଲଳିତଙ୍କୁ ବିରୋଧ କରୁଥିବାରୁ ରାଜନଗର ବିଜେପିରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ୧୦ ଦିନ ହେଲା ଟିକେଟ ଘୋଷଣା ହୋଇଥିଲେ ବି ଦଳୀୟ କର୍ମୀଙ୍କ ବିରୋଧ ଯୋଗୁଁ ଲଳିତ ଆଜିଯାଏଁ ପ୍ରଚାର ଆରମ୍ଭ କରିପାରିନାହାଁନ୍ତି। ଏପରି ସ୍ଥିତିରେ ଯଦି ପ୍ରାର୍ଥୀ ପରିବର୍ତ୍ତନ ହୁଏ, କିଏ ଟିକେଟ ପାଇବ ଓ ପ୍ରାର୍ଥୀ ପରିବର୍ତ୍ତନ ନହେଲେ ଅଜୟ ଓ ଅଲେଖଙ୍କ ରଣନୀତି କ'ଣ ରହିବ; ତା' ଉପରେ ସମସ୍ତଙ୍କ ନଜର ରହିଛି।

ରାଜନଗରରେ ବିଜେଡି ଓ କଂଗ୍ରେସ ମଧ୍ୟରେ ସିଧାସଳଖ ମୁକାବିଲା ହେଉଥିଲା। କଂଗ୍ରେସର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବିଜେଡିରେ ମିଶିବା ପରେ ବିଜୁ ଜନତା ଦଳ ତାଙ୍କୁ କେନ୍ଦ୍ରାପଡ଼ାର ସାଂସଦ ପ୍ରାର୍ଥୀ କରିଛି। ଧ୍ରୁବ ଓ ଅଂଶୁମାନ ପରସ୍ପର ବିରୋଧୀରୁ ମିତ୍ର ପାଲଟି ମିଳିତ ଭାବେ ରଣନୀତି ସ୍ଥିର କରୁଥିବା ବେଳେ ଧ୍ରୁବଙ୍କ ଏକାନ୍ତ ଅନୁଗତ ଥିବା ଅଶୋକ ଏବେ




କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ଏପରି ସ୍ଥିତିରେ ବିଜେପିରେ ପ୍ରାର୍ଥୀ ପରିବର୍ତ୍ତନ ଦାବିରେ କର୍ମୀଙ୍କ ଅସନ୍ତୋଷ ଓ ବିକ୍ଷୋଭ ରାଜନଗର ରାଜନୀତିକୁ ଉଷ୍ମ କରିଦେଇଛି। ଅନ୍ୟପକ୍ଷରେ କଂଗ୍ରେସରେ ମଧ୍ୟ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଛି। ଟିକଟ ଆଶାୟୀ ଥିବା ପ୍ରଶାନ୍ତ ଉପରେ ହଁ କହି ଭିତରେ ଅଶୋକଙ୍କ ଗୋଛି କାଟିବାରେ ଲାଗି ପଡ଼ିଥିବା କୁହାଯାଉଛି। ଅନ୍ୟପକ୍ଷରେ କାଉନସିଲର ତଥା ଟିକଟ ଲଢ଼େଇରେ ସବୁଠୁ ଆଗରେ ଥିବା ସମ୍ରାଟ ଜେନା ଟିକଟ ନପାଇବା ଫଳରେ ତାଙ୍କ ଅନୁଗତମାନେ ଅଶୋକଙ୍କୁ ଗ୍ରହଣ କରିବା ସ୍ଥିତିରେ ନାହାନ୍ତି। ବିଜେପି ଓ କଂଗ୍ରେସରେ ଗୋଷ୍ଠୀକନ୍ଦଳ ଏବେ ବିଜେଡି ପାଇଁ ନିର୍ବାଚନ ସହଜ ହେବାକୁ ଯାଉଥିବା କୁହାଯାଉଛି।

## କଟକ ଜିଲ୍ଲାର ୯ ବିଧାନସଭା କ୍ଷେତ୍ର

# ୨୦୦୯ ର ସଫଳତା ଦୋହରାଇବା ଲକ୍ଷ୍ୟରେ ବିଜେଡି

**କଟକ, ୨୩।୪ (ସମିସ):** ରାଜ୍ୟ ରାଜନୀତିରେ କଟକ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ଜିଲ୍ଲା ମୋଟ ୯ଗୋଟି ବିଧାନସଭା ଆସନରେ ପ୍ରଚାର ମଇଦାନ ମଧ୍ୟ ସରଗରମ ହେଲାଣି। କଟକ ଜିଲ୍ଲାର ସମସ୍ତ ଆସନରେ ବିଜୁ ଜନତା ଦଳ ପ୍ରାର୍ଥୀ ଘୋଷଣା କରି ପ୍ରଚାର ଅଭିଯାନକୁ ଜୋରଦାର କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କଂଗ୍ରେସ ଓ ବିଜେପି ସବୁ ଆସନରେ ପ୍ରାର୍ଥୀ ଚୟନ କରିପାରିନାହିଁ। ନିର୍ବାଚନ ପ୍ରଚାରରେ ବିଜେଡି ଆଗରେ ରହିଥିବା ବେଳେ ଉଭୟ କଂଗ୍ରେସ ଓ ବିଜେପି ବ୍ୟାକଫୁଟରେ ରହି ଯାଇଛନ୍ତି।

**କଂଗ୍ରେସ ଓ ବିଜେପି ପାଇଁ ଆହ୍ୱାନ**

୨୦୦୯ ପର୍ଯ୍ୟନ୍ତ କଟକ ଜିଲ୍ଲାରେ ମୋଟ ୧୦ ଗୋଟି ବିଧାନସଭା କ୍ଷେତ୍ର ରହିଥିବା ବେଳେ ୨୦୦୯ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେବା ପରେ ନିର୍ବାଚନମଣ୍ଡଳୀ ସଂଖ୍ୟା ୯କୁ ହ୍ରାସ ପାଇଥିଲା। ପୁନର୍ଗଠନ ପ୍ରକ୍ରିୟାରେ କିଶନନଗର ନିର୍ବାଚନମଣ୍ଡଳୀ ବିଲୁପ୍ତ ହୋଇଯାଇଥିଲା। ପୁନର୍ଗଠିତ କଟକ ଜିଲ୍ଲାର ୯ ଗୋଟି ବିଧାନସଭା କ୍ଷେତ୍ର ତଥା ବାଙ୍କୀ, ଆଠଗଡ଼, ବଡ଼ମ୍ବା, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ସାଲେପୁର, ମାହାଙ୍ଗା ଓ ନିଆଳି ଆସନକୁ ୨୦୦୯ ନିର୍ବାଚନରେ ଦଖଲ କରି ବିଜୁ ଜନତା ଦଳ କ୍ଲିନ ସ୍ୱିପ କରିଥିଲା। ୨୦୨୪ରେ ଏହି ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛି ବିଜେଡି। ଅନ୍ୟପଟରେ କଂଗ୍ରେସକୁ ଗତ ୨୦୧୪ ଓ ୨୦୧୯ ନିର୍ବାଚନରେ ଗୋଟିଏ ଲେଖାଏଁ ବିଧାନସଭା ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୨୦୧୪ ନିର୍ବାଚନରେ ସାଲେପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରକାଶ ଚନ୍ଦ୍ର ବେହେରା ବିଜୟୀ ହୋଇଥିଲେ। ୨୦୧୯ରେ କଂଗ୍ରେସ ବାରବାଟୀ-କଟକ ବିଧାନସଭା ଆସନ ହାତେଇବାକୁ ସକ୍ଷମ ହୋଇଥିଲା। କଂଗ୍ରେସ ପାଇଁ ଏହି ଆସନକୁ ବଜାୟ ରଖିବା ଓ ବିଜେପି ପାଇଁ ଜିଲ୍ଲାରେ ଖାତା ଖୋଲିବା ଏଥର ଚ୍ୟାଲେଞ୍ଜ ହୋଇଥିବା ନେଇ ଆଲୋଚନା ହେଉଛି।

ଗତ ୨୦୧୯ ନିର୍ବାଚନରେ ବାରବାଟୀ-କଟକରେ କଂଗ୍ରେସ ଜିତିଥିବା ବେଳେ ବାଙ୍କୀରେ କେବଳ ଦ୍ୱିତୀୟ ସ୍ଥାନରେ ରହିଥିଲେ କଂଗ୍ରେସ ପ୍ରାର୍ଥୀ। ବାକି ସବୁଠି ଦଳ ଦୟନୀୟ ପ୍ରଦର୍ଶନ କରିଥିଲା। ସେହିପରି ଚୌଦ୍ୱାର-କଟକ, ମାହାଙ୍ଗା, କଟକ ସଦର, ନିଆଳି, ଆଠଗଡ଼, ବଡ଼ମ୍ବା ଆଦି ୬ ବିଧାନସଭା କ୍ଷେତ୍ରରେ ଗତ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ। କିନ୍ତୁ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଉଭୟ କଂଗ୍ରେସ ଓ ବିଜେପି ଶୋଚନୀୟ ପ୍ରଦର୍ଶନ କରିଥିଲେ। ଏଣୁ ଏଥର ନିର୍ବାଚନ ଦୁଇ ଦଳ ପାଇଁ ଆହ୍ୱାନ ହୋଇଛି।




**କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଆରା ପ୍ରୟାସ:** ଜିଲ୍ଲାରେ ଶତ ପ୍ରତିଶତ ମତଦାନ ପାଇଁ ମହାନଦୀରେ ନୌକାଯାତ୍ରା କରି ସଚେତନତା

## କେନ୍ଦୁଝର ଲୋକସଭା ଆସନ

# ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ପାଇଁ କ୍ଷେତ୍ର ପ୍ରସ୍ତୁତ

**କେନ୍ଦୁଝର,୨୩।୪(ସମିସ):** କେନ୍ଦୁଝର ଲୋକସଭା ଆସନ ପାଇଁ ଆସନ୍ତା ମେ' ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋରଦାରରେ ଚାଲିଥିବା ବେଳେ ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ନିର୍ବାଚନ ଲଢ଼ିବାକୁ ଥିବା ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ହୋଇନାହିଁ। ତଥାପି ଏହି ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ଅନୁମାନ କରାଯାଉଛି। ବିଶେଷକରି ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି ଏବଂ ଜାତୀୟ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସମ୍ଭାବନା ରହିଛି। ଏହି ଆସନଟି ଅନୁସୂଚିତ ଜାତି ବର୍ଗ ନିମନ୍ତେ ସଂରକ୍ଷିତ ଥିବାରୁ ସବୁବେଳେ ୩ଟି ଯାକ ପ୍ରମୁଖ ଦଳ ଦଳର ନେତୃତ୍ୱ, ପ୍ରାର୍ଥୀଙ୍କର ଭାବମୂର୍ତ୍ତି, ବିଜୟୀ ହେବାର ସମ୍ଭାବନା, ଜାତି ସମୀକରଣ ମଧ୍ୟ ଏଠାରେ ପ୍ରମୁଖ କାରଣ ସାଜି ଆସିଛି।





ବର୍ତ୍ତମାନ ନିର୍ବାଚନ ମୈଦାନରେ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଧନୁର୍ଜୟ ସିଦ୍ଧୁ ଅବତୀର୍ଣ୍ଣ ହୋଇଛନ୍ତି। ସେ ପୂର୍ବରୁ ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଧାୟକ ଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସ ଟିକଟରେ ୨୦୦୯ ସାଧାରଣ ନିର୍ବାଚନରେ କେନ୍ଦୁଝର ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୨,୬୨, ୬୨୦ ଭୋଟ ପାଇଥିଲେ। ଗତ ୨୦୧୯ ନିର୍ବାଚନରେ ଶ୍ରୀ ସିଦ୍ଧୁ ତେଲକୋଇ ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଜେପିରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ତେଣୁ ରାଜନୀତି ତାଙ୍କ ପାଇଁ ନୂଆ ନଥିବା ବେଳେ ଭେଟେରାନ ରାଜନେତା ଭାବେ ସେ ଜିଲ୍ଲାରେ ଲୋକପ୍ରିୟତା ଅର୍ଜନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା, ବିଜେଡିର ଲୋକପ୍ରିୟତା, ମହିଳା ଭୋଟରଙ୍କର ଗ୍ରହଣୀୟତା, ତାଙ୍କର ଜନସମ୍ପର୍କ ଏବଂ ଦଳୀୟ ରଣନୀତିକୁ ପାଥେୟ କରି ପ୍ରଚାର କାମ ବହୁ ଆଗରୁ ଚଳାଇଛନ୍ତି। ସେହିପରି ବିଜେପିରୁ ଦଳୀୟ ପ୍ରାର୍ଥୀ ହୋଇଥିବା ଅନନ୍ତ ନାୟକ ଜଣେ ଭେଟେରାନ ନେତା ହୋଇଥିବା ବେଳେ ସେ ୧୯୯୯ ଓ ୨୦୦୪ରେ ବିଜେପିରୁ ଦୁଇଥର ବିଜୟୀ ହୋଇଥିଲେ। ପୂର୍ବରୁ ଦଳର ଜିଲ୍ଲା ସଭାପତି, ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି, ଜନଜାତି କମିସନ ସଦସ୍ୟ ଓ ଉପାଧ୍ୟକ୍ଷ ପଦରେ ଥିଲେ। ୧୯୯୯ରୁ ୨୦୨୪ ପର୍ଯ୍ୟନ୍ତ ସେ ୬ଥର ଲୋକସଭା ଟିକଟ ପାଇଲେଣି। କିନ୍ତୁ ପୂର୍ବରୁ ତିନିଥର ହାରିଛନ୍ତି। ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା, ରାମମନ୍ଦିର ପ୍ରତିଷ୍ଠା, ପୂର୍ବରୁ କରିଥିବା କାମ ଏବଂ ଲୋକସମ୍ପର୍କକୁ ନେଇ ତାଙ୍କର ପ୍ରଚାର ଚଳାଇଛନ୍ତି। ଅପରପକ୍ଷରେ ଅଳ୍ପଦିନ ତଳେ ନାମ ଘୋଷଣା କରିଥିବା କଂଗ୍ରେସ ଦଳର କେନ୍ଦୁଝର ଲୋକସଭା ପ୍ରାର୍ଥୀ ବିନୋଦ ବିହାରୀ ନାଏକ ପୂର୍ବରୁ କେବେ ସାଂସଦ ପଦବୀରେ ନିର୍ବାଚନ ଲଢ଼ି ନଥିବା ବେଳେ ୨୦୧୯ରେ ପାଟଣା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇ ହାରିଥିଲେ। କଂଗ୍ରେସ ଦଳ ୨୦୨୪ ନିର୍ବାଚନ ନିମନ୍ତେ କେନ୍ଦୁଝରରୁ ମୋହନ ହେମ୍ବ୍ରମଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। କିନ୍ତୁ ଦଳୀୟ ନେତାମାନଙ୍କର ବିରୋଧ ଏବଂ ପଦାଧିକାରୀମାନଙ୍କର ଇସ୍ତଫା ପରେ ମୋହନଙ୍କ ନାମ କାଟି ବିନୋଦ ବିହାରୀ ନାଏକଙ୍କୁ ଲୋକସଭା ପ୍ରାର୍ଥୀ କରିଛି। ଆସନ୍ତା ୨୯ତାରିଖରୁ ଏଥିପାଇଁ ଗେଜେଟ୍ ନୋଟିଫିକେସନ୍ ହେବାକୁ ଥିବା ବେଳେ ନାମାଙ୍କନ ମଧ୍ୟ ହେବ। ଧୀରେଧୀରେ ପ୍ରଚାର ସରଗରମ ହେବା ସହିତ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବ।

## ବାଲିକୁଦା- ଏରସମା ନିର୍ବାଚନମଣ୍ଡଳୀ

# ତୃଣମୂଳସ୍ତରର ନେତାଙ୍କ ପ୍ରତି ତିନି ଦଳର ଆସ୍ଥା

**ଜଗତସିଂହପୁର,୨୩।୪(ସମିସ):** ଜଗତସିଂହପୁର ଜିଲ୍ଲାର ସମ୍ମାନଜନକ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନୂଆ ଚେହେରା ତଥା ତୃଣମୂଳସ୍ତରୀୟ କର୍ମୀ/ ନେତାଙ୍କ ଉପରେ ଆସ୍ଥା ଜୁଟାଇଛନ୍ତି। ପୁରୁଣାଙ୍କ ଅପେକ୍ଷା ନୂଆ ଚେହେରା ଓ ତୃଣମୂଳସ୍ତରର ନେତା ବେଶୀ ପ୍ରଭାବୀ ତଥା ଗ୍ରହଣୀୟ ହୋଇପାରନ୍ତି ବୋଲି ଚିନ୍ତା କରି ୩ ଦଳ ସମାନ ରଣନୀତି ପ୍ରସ୍ତୁତ କରିଥିବା କୁହାଯାଉଛି।

ବିଜେଡିର ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଦଳ ବାଲିକୁଦା-ଏରସମା ଆସନରୁ ତୃଣମୂଳସ୍ତରର ନେତା ସାରଦା ପ୍ରସନ୍ନ ଜେନାଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ବିଜେଡି ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ଛାତ୍ର ଜୀବନରୁ ରାଜନୀତିରେ ସମ୍ପୃକ୍ତ ରହିଥିଲେ। ସେ ୧୯୯୨-୯୩ ଛାତ୍ର ସଂସଦ ନିର୍ବାଚନରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୯୫, ୨୦୦୦ ଓ ୨୦୦୪ ପଞ୍ଚାୟତିରାଜ ନିର୍ବାଚନରେ ଏଠାରେ କଂଗ୍ରେସର ଦବ୍‌ଦବା ରହିଥିବା ସମୟରେ ଦଳ ପାଇଁ ନିଷ୍ଠାର ସହିତ କାମ କରି ତୃଣମୂଳସ୍ତରରେ ଟାଣୁଆ କର୍ମୀ ଭାବରେ ଏରସମା ଅଞ୍ଚଳରେ ନିଜର ପରିଚୟ ସୃଷ୍ଟି କରିଥିଲେ। ୧୯୯୭ ପଞ୍ଚାୟତ ନିର୍ବାଚନରେ ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ଭାବେ ସେ ଦୁଇଟି ସ୍ଥାନରୁ ନିର୍ବାଚନ ଲଢ଼ି ଜିତିଥିଲେ। ସେହିପରି ୨୦୦୨, ୨୦୦୭ ଓ ୨୦୧୨ରେ ବିଭିନ୍ନ ଜୋନରୁ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚନ ଲଢ଼ି ବିଜୟ ଲାଭ କରିଥିଲେ। ୨୦୧୪ରେ ସେ କଂଗ୍ରେସ ଛାଡ଼ି ସ୍ୱାଧୀନ ଭାବେ ବିଧାନସଭା ନିର୍ବାଚନ ଲଢ଼ି ୨୩, ୯୪୮ ଖଣ୍ଡ ଭୋଟ ପାଇଥିଲେ।





୨୦୧୯ ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ସମୟରେ ଗତ ନିର୍ବାଚନରେ ଦଳ ଓ ସଂଗଠନ ପାଇଁ ଭଲ କାମ କରିଥିଲେ। ସାରଦା ପ୍ରସନ୍ନ ବିଜେଡିର ରାଜ୍ୟ ସମ୍ପାଦକ ଓ କାଳିଆ ଯୋଜନାର ଉପଦେଷ୍ଟା ଭାବରେ ଦାୟିତ୍ୱ ତୁଲାଉଥିଲେ। ନିଜ ରାଜନୈତିକ କ୍ୟାରିୟର୍‌ରେ ସେ ଗତ ୨୮ ବର୍ଷ ନିରନ୍ତର ଭାବରେ ସାଧାରଣ ଲୋକଙ୍କ ସେବାରେ ଜଡ଼ିତ ହୋଇ ରହି ଆସିଛନ୍ତି।

ସେହିପରି ବାଲିକୁଦା-ଏରସମାରୁ ବିଜେପି ନୂଆ ମୁହଁ ସତ୍ୟସାରଥୀ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଦଳର ବହୁ ଟିକଟ ଆଶାୟୀଙ୍କ ମଧ୍ୟରେ ସତ୍ୟ ତୃଣମୂଳସ୍ତରରେ ସର୍ବାଧିକ ଗ୍ରହଣୀୟ ହେବେ ବୋଲି ଦଳ ବିଚାର କରିଛି। ସେହିପରି କଂଗ୍ରେସ ମଧ୍ୟ ଏଠାରୁ ଏକାଧିକ ଆଶାୟୀଙ୍କ ମଧ୍ୟରୁ ଜଣେ ନୂଆ ଚେହେରା ଓ ଦଳର ତୃଣମୂଳ ସ୍ତରୀୟ ନେତା ଇଂ ନଳିନୀ କୁମାର ସ୍ୱାଇଁଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ନିର୍ବାଚନ ଲଢ଼ିବେନି ବୋଲି ଘୋଷଣା କରିବା ପରେ ଦଳ ନଳିନୀଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରିଛି। ନଳିନୀ ଗତ ପଞ୍ଚାୟତ ନିର୍ବାଚନରେ ଏରସମା ବ୍ଲକରେ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥିଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ସେ ମଧ୍ୟ ଗୋଟିଏ ଜିଲ୍ଲା ପରିଷଦ ଆସନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାରେ ମୁଖ୍ୟ ଭୂମିକା ନେଇ ଚର୍ଚ୍ଚାକୁ ଆସିଥିଲେ।

ତଥ୍ୟ ଅନୁସାରେ, ବାଲିକୁଦା-ଏରସମା ଆସନଟି ଗତ ତିନି ତିନିଟି ସାଧାରଣ ନିର୍ବାଚନରେ ବିଜେଡିର ଅଭେଦ୍ୟ ଗଡ଼ ହୋଇ ରହିଛି। ୨୦୦୯ ଓ ୨୦୧୪ରେ ପ୍ରଶାନ୍ତ କୁମାର ମୁଦୁଲି ଓ ୨୦୧୯ରେ ରଘୁନନ୍ଦନ ଦାସ ଏଠାରୁ ବିଜେଡି ପ୍ରାର୍ଥୀ ଭାବରେ ବିପୁଳ ଭୋଟ ବ୍ୟବଧାନରେ ବିଜୟଲାଭ କରିଥିଲେ। ୧୯୫୧ରୁ ଗତ ୧୬ଟି ନିର୍ବାଚନରେ ବିଜେଡି ୩ଥର, କଂଗ୍ରେସ ୮ଥର, ବିଏସପି ଓ ଜନାତା ପାର୍ଟି ଦୁଇଥର, ସ୍ୱାଧୀନ ପ୍ରାର୍ଥୀ ଥରେ ଏଠାରୁ ବିଜୟ ଲାଭ କରିଛନ୍ତି। କଂଗ୍ରେସ ସହ ଅଣକଂଗ୍ରେସ ପ୍ରାର୍ଥୀମାନେ ମଧ୍ୟ ଏହି ଆସନରୁ ସମାନ ସ୍ଥିତିରେ ୮ଥର ଲେଖାଏଁ ବିଜୟୀ ଘୋଷିତ ହୋଇଛନ୍ତି। ଆସନ୍ତା ନିର୍ବାଚନରେ ଏଠାରେ ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ରହିଥିଲେ ମଧ୍ୟ ବିକାଶ ଆଧାରରେ ବିଜେଡି ଏଠାରେ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଆଗୁଆ ରହିଥିବା ଆଲୋଚନା ହେଉଛି।

## ରେଙ୍ଗାଲି ନିର୍ବାଚନମଣ୍ଡଳୀ

# ଜମୁଛି ବିଜେଡିର ପ୍ରଚାର, ଏକାଧିକ ମିଶ୍ରଣ ପର୍ବ

**ସମ୍ବଲପୁର, ୨୩।୪(ସମିସ)**

ସମ୍ବଲପୁର ସହର ଉପକଣ୍ଠ ରେଙ୍ଗାଲି ବିଧାନସଭାରେ ବିଜେଡି ପ୍ରଚାର



ଜୋରସୋରରେ କରିଛି। ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ମଙ୍ଗ ଯୁବନେତା ବିଶାଳ ଦାସ ଧରିଥିବାବେଳେ ନେତା କର୍ମୀମାନେ ଅଭୂତପୂର୍ବ ସଂଖ୍ୟାରେ ସାମିଲ ହେଉଛନ୍ତି। କେବଳ ପ୍ରଚାର ନୁହେଁ ବିଜେପି ଦଳର ନେତା ଓ କର୍ମୀମାନଙ୍କୁ ବିଜେଡିରେ ସାମିଲ କରି ବିଭିନ୍ନ ସ୍ଥାନରେ ମିଶ୍ରଣପର୍ବ ଆୟୋଜନ କରାଯାଉଛି। ବିଜେପିର ମେରୁଦଣ୍ଡ ଭାଙ୍ଗିବାରେ ଲାଗିଛନ୍ତି। ଆଜି ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିଛନ୍ତି। ସଭାସମିତି କରିବା ସହ ବରିଷ୍ଠ ସଦସ୍ୟ ଓ ଭୋଟରମାନଙ୍କୁ ଭେଟିଛନ୍ତି। ଅନ୍ୟପଟେ କାଇଁଶିର ବିଜେଡି କାର୍ଯ୍ୟାଳୟରେ ଠାରେ ବିଜେଡ଼ିରେ ଯୋଗଦାନ କରିଥିବା ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରେଙ୍ଗାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାନେଶ୍ୱର ବ୍ଲକର ପୂର୍ବତନ ଅଧ୍ୟକ୍ଷା ସୁରେସିନୀ ଓରାମ, ରେଙ୍ଗାଲି ଜିଲ୍ଲା ପରିଷଦ ଜୋନର ପୂର୍ବତନ ସଭ୍ୟା ଉତ୍ପଳା ଧନୁଆଙ୍କ ସମେତ ରେଙ୍ଗାଲି ବିଧାନସଭାର ବହୁ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଭୁବନେଶ୍ୱର ଶଙ୍ଖଭବନଠାରେ ବିଜେଡିରେ ସାମିଲ ହୋଇଥିଲେ। ଆଜି ଏହି ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ରେଙ୍ଗାଲି ବିଧାନସଭା ବିଜେଡି କାର୍ଯ୍ୟାଳୟରେ ଠାରେ ଫୁଲମାଳ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ତେବେ ବିଗତ ୫ ବର୍ଷ ମଧ୍ୟରେ ସେମାନଙ୍କ ଅଞ୍ଚଳରେ ବିଜେପି ବିଧାୟକ ତଥା ସାଂସଦ ଦେଇଥିବା କୌଣସି ପ୍ରତିଶ୍ରୁତି ପାଳନ କରି ନଥିବା ବିଜେଡି ଦଳରେ ସାମିଲ ହେବାପରେ ସେମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବରିଷ୍ଠ ବିଜେଡ଼ି ନେତା ଏମବି ସତ୍ୟେନ, ଜଗନ୍ନାଥ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସାମିଲ ହେବା ପରେ ବିଜେପି ନେତା ମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଥିଲେ।



## 'ପ୍ରଚାର ନୁହେଁ ସ୍ନେହର ସଭା'

# ବବି ଦାସଙ୍କ କୁଚିଣ୍ଡା ଗସ୍ତ ଆଜି

**କୁଚିଣ୍ଡା, ୨୩।୪(ସମିସ):** ବୁଧବାର କୁଚିଣ୍ଡା ନିର୍ବାଚନମଣ୍ଡଳୀ ବାମରା ବ୍ଲକ ଗୋବିନ୍ଦପୁର ଫୁଟବଲ ପଡ଼ିଆରେ ଅପରାହ୍ଣ ସାଢ଼େ ୩ଟାରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ 'ପ୍ରଚାର ନୁହେଁ ସ୍ନେହର ସଭା' ଅନୁଷ୍ଠିତ ହେବ। ବୁଧବାର ସମ୍ବଲପୁର ଲୋକସଭା କ୍ଷେତ୍ର ତାଳଚେରରେ ସକାଳ ୮ଟାରେ ମା'ହିଙ୍ଗୁଳାଙ୍କ ଦର୍ଶନ ପରେ ଛେଣ୍ଡିପଦା ଫୁଟବଲ ପଡ଼ିଆରେ ସ୍ନେହର ସଭା କରିବେ। ଏହାପରେ ଦେବଗଡ଼ ରିଆମାଳ ପଳାଶମା ହାଇସ୍କୁଲ ପଡ଼ିଆରେ ଦିନ ୧୧ଟାରେ ଜନସାଧାରଣଙ୍କ ସହିତ ଭାବର ଆଦାନପ୍ରଦାନ କରିବେ। ପରେ କୁଚିଣ୍ଡା ନିର୍ବାଚନମଣ୍ଡଳୀର ବାମରା ନିକଟସ୍ଥ ଗୋବିନପୁର ଫୁଟବଲ ପଡ଼ିଆରେ ଅପରାହ୍ଣ ୩ ଟାରେ 'ପ୍ରଚାର ନୁହେଁ ସ୍ନେହର ସଭା'ରେ ଯୋଗଦେଇ ସ୍ନେହ ସମ୍ପର୍କ ଯୋଡ଼ିବେ। କୁଚିଣ୍ଡା ନିର୍ବାଚନମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ରାଜେନ୍ଦ୍ର ଛାତ୍ରୀଆଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ କୁଚିଣ୍ଡାର ବିକାଶ ପାଇଁ ଡବଲ ଶଙ୍ଖକୁ ଆପଣେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଜନସାଧାରଣଙ୍କୁ ନିବେଦନ କରିବେ। ସନ୍ଧ୍ୟା ୫ଟାରେ ସଭା ସାରି ସମ୍ବଲପୁର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶଙ୍କୁ ସାଧପଡ଼ାଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେବାର କାର୍ଯ୍ୟକ୍ରମ ରହିଛି।



## ଜିଲ୍ଲା ପ୍ରଶାସନର ନିର୍ବାଚନ ପ୍ରସ୍ତୁତି

# ନାମାଙ୍କନପତ୍ର ଯାଞ୍ଚ, ପ୍ରତ୍ୟାହାର ଉପରେ ଆଲୋଚନା



**ସମ୍ବଲପୁର, ୨୩।୪(ସମିସ):** ଆଜି ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ନାମାଙ୍କନ ପତ୍ର ଯାଞ୍ଚ ଓ ପ୍ରତ୍ୟାହାର ସମ୍ପର୍କରେ ଏକ ଓରିଏଣ୍ଟେସନ୍ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ନାମାଙ୍କନ ଦଳରେ ରିଟର୍ଣ୍ଣିଂ ଅଫିସର, ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ଓ ଅଧିକାରୀଙ୍କୁ ଓରିଏଣ୍ଟେସନ୍ ଦିଆଯାଇଥିଲା। ବିଜ୍ଞପ୍ତି, ନାମାଙ୍କନ ପତ୍ର ଦାଖଲ, ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗାଡ଼ି ଓ ଲୋକଙ୍କ ସଂଖ୍ୟା ଉପରେ କଟକଣା, ନାମାଙ୍କନ ପତ୍ର ଦାଖଲ ପାଇଁ କୋଠରୀ ଭିତରେ ବ୍ୟବସ୍ଥା, ଲୋକସଭା ନିର୍ବାଚନ ଓ ବିଧାନସଭା ନିର୍ବାଚନ ପାଇଁ ସୁରକ୍ଷା ଜମା ରାଶି, ବୈଧ ନାମାଙ୍କନ ପାଇଁ ଆବଶ୍ୟକତା, ଅନଲାଇନ୍ ନାମାଙ୍କନ ଦାଖଲ, ନାମାଙ୍କନ ସହ ଜଡ଼ିତ ଦସ୍ତାବିଜ, ପ୍ରାର୍ଥୀଙ୍କ ସତ୍ୟପାଠ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି, ଶପଥ ଓ ପ୍ରତିଶୃତି, କେଉଁ କର୍ତ୍ତୃପକ୍ଷଙ୍କ ନିକଟରେ ଶପଥ ବା ପ୍ରତିଶୃତି ଦିଆଯିବ ତାହାର ତାଲିକା, ନାମାଙ୍କନ ପତ୍ର ପାଇବା ପରେ ଅଧିକାରୀଙ୍କୁ ପୁନଃ ଗଠନ କରି କାର୍ଯ୍ୟାନୁଷ୍ଠାନ, ନାମାଙ୍କନ ପ୍ରକ୍ରିୟା ସହ ଜଡ଼ିତ ବିପଦ, ନାମାଙ୍କନ ପ୍ରକ୍ରିୟା ସହିତ ଜଡ଼ିତ ବିପଦ, ନାମାଙ୍କନ ପ୍ରକ୍ରିୟା ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ଏବଂ ନାମାଙ୍କନ ପ୍ରକ୍ରିୟା ପାଇଁ ଆଇଟି ଆବେଦନ କରିବେ। ଅତିରିକ୍ତ ଜିଲ୍ଲାପାଳ ସୂଚାରୁ କୁମାର ବଳ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ସଦର ଡ଼ ପୁଷ୍ପାଞ୍ଜଳି ପଣ୍ଡା, ଉପଜିଲ୍ଲାପାଳ କୁଚିଣ୍ଡା ହେମସାଗର ଭୋଇ, ରେଢାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ଚୈତ୍ରାଦେବୀଙ୍କ ଚଇତି ପର୍ବ

**କୁଚିଣ୍ଡା, ୨୩।୪(ସମିସ):** ବହୁ ଦୂରରୁ ଦେଖାଯାଉଥିବା ବିରାଟକାୟ ଚୈତ୍ରା ପାହାଡ଼ ଆଗରୁ ଟାଙ୍ଗରା ଥିଲା। ଜଙ୍ଗଲ ବିଭାଗର ପ୍ରଚେଷ୍ଟାରେ ପାହାଡ଼ଟି ଏବେ ସବୁଜ ଶ୍ୟାମଳରେ ପରିପୂର୍ଣ୍ଣ। ଏହି ପାହାଡ଼ ଉପରେ ପୂର୍ବେ ଥିଲା ମା'ଙ୍କ ଆସ୍ଥାନ। ଏବେ କିନ୍ତୁ ମା'ଚୈତ୍ରା ଦେବୀ ସଇଡ଼ା ୧୧ ନଂ ୱାର୍ଡ ସନ୍ନିକଟ ଭେଡ଼େନ ନଦୀର କୂଳରେ ଏକ ଶାଳଗଛ ମୂଳରେ ପୂଜା ପାଉଛନ୍ତି। ଚୈତ୍ରା ପାହାଡ଼ର ପାଦଦେଶରେ ଗଢ଼ିଉଠିଥିବା ପତ୍ରାପାଲି, ରାମତିଲେଇମାଲ, ପାରୁଆଭାଡ଼ି, ଠେଲକୋବୁଡ଼ା, ସଇଡ଼ା ତଥା ଆଖପାଖ ଅଞ୍ଚଳର ଲୋକେ କାହିଁ କେତେବର୍ଷ ଆଗରୁ ମାଙ୍କୁ ପୂଜାର୍ଚ୍ଚନା କରିଆସୁଛନ୍ତି। ଚୈତ୍ରମାସ ପୂର୍ଣ୍ଣିମା ଦିନରେ ମା'ଚୈତ୍ରା ଦେବୀଙ୍କ ବଡ଼ ଆକାରରେ ଚୈତ୍ରପର୍ବ ହୋଇଥାଏ। ଏହିଦିନ ଶହଶହ ଭକ୍ତ ସମାଗମ ହୋଇ ମା'ଙ୍କୁ ମନାସୀ ଥିବା ଦ୍ରବ୍ୟ ଅର୍ପଣ କରି ତାଙ୍କର ସାନ୍ନିଧ ଲାଭ କରିଥାନ୍ତି। ମା'ଙ୍କ ପୀଠରେ ମନସ୍କାମନାପୂର୍ଣ୍ଣ ହୋଇଥିବା ବ୍ୟକ୍ତି ପଶୁପକ୍ଷୀ ବଳି ଦେଇଥାନ୍ତି। ମନସ୍କାମନା ରଖିଥିବା ଲୋକେ ଆରବର୍ଷକୁ ଅପେକ୍ଷା କରିଥାନ୍ତି। ବୁଧବାର ମା'ଚୈତ୍ରା ଦେବୀଙ୍କ ପୂଜା ହୋଇଥିବାରୁ ଦେବୀପୀଠରେ ଶହଶହ ଭକ୍ତଙ୍କ ସମାଗମ ହୋଇ ମା'ଙ୍କୁ ଯଥା ରୀତିନୀତି ଅନୁସାରେ ସଇଡ଼ା ଗ୍ରାମର ପୂଜକ କୁଳମଣି ରାଉତ, ଗାଁ ଗୌନ୍ତିଆ କଷ୍ଟୁ ପୃଷେଠ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରିଥିଲେ। ମା'ଙ୍କ ପୂଜା ଶେଷ ପରେ ପ୍ରସାଦ ପାଇ ଘରକୁ ଫେରିଥିଲେ। ପୂର୍ବେ କୁଳମଣି ରାଉତଙ୍କ ବାପାମା' ପୂଜାର୍ଚ୍ଚନା କରୁଥିଲେ। ତେବେ ତାଙ୍କର ଦେହାନ୍ତ ପରେ ପୁଅ କୁଳମଣି ଏସବୁ ଦାଇତ୍ୱ ତୁଲାଇଛନ୍ତି। ଦ୍ୱିପହରୁ ଆରମ୍ଭ ହୋଇ ରାତ୍ରି ପର୍ଯ୍ୟନ୍ତ ଚାଲିଥିବା ପୂଜା ଶେଷ ହେବାପରେ ରାତିରେ ଦେଖଣାହାରୀଙ୍କ ପାଇଁ ମନୋରଞ୍ଜନ ସକାଶେ ଗାଁ କମିଟି ସହଯୋଗରେ ବୁଧବାର ରାତି ଦୁଇଟି ସ୍ଥାନରେ ମେଲାଡୀ କାର୍ଯ୍ୟକ୍ରମ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।



# ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ଇସ୍ତଫା



**ସମ୍ବଲପୁର,୨୩।୪(ସମିସ):** ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଆଜି ବିଜେଡିର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଇସ୍ତଫାପତ୍ର ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଠାଇଛନ୍ତି। ଏହାସହ ତାଙ୍କ ସଂଗଠନର ଜିଲ୍ଲା ଓ ରାଜ୍ୟସ୍ତରର ବିଭିନ୍ନ ପଦପଦବୀରେ ଥିବା ୪୧ଜଣ ନେତା ମଧ୍ୟ ସାମୁହିକ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବାର କାରଣ ନେଇ ରାସେଶ୍ୱରୀ କହିଛନ୍ତି, ସେବା କରିବା ତାଙ୍କର ଲକ୍ଷ୍ୟ ରହିଛି। ପୂର୍ବରୁ ସେବା କରି ଆସିଥିଲେ, ଏହା ଜାରି ରହିବ। ଏକ ଟ୍ରଷ୍ଟ କରିଛନ୍ତି। ମେଧାବୀ ଓ ଗରିବ ପିଲାମାନଙ୍କୁ ପାଠପଢ଼ାରେ ସହଯୋଗ କରୁଛି, ଏହା ଜାରି ରହିବ। ମୋର ମୃତ୍ୟୁ ପରେ ମୋର ସବୁତକ ସମ୍ପତି ଟ୍ରଷ୍ଟକୁ ଚାଲିଯିବ ବୋଲି କହିଥିଲେ। ନିଜ ସମର୍ଥକମାନେ କ'ଣ କରିବେ ତାଙ୍କ ଉପରେ ଛାଡ଼ିଦେଇଛି। ଦଳ ପାଇଁ କାମ କରିହେଲା ନାହିଁ। ସମ୍ବଲପୁର ମାଟି ପ୍ରଥମେ ପରେ ପାର୍ଟି ବୋଲି କହିଥିଲେ।

# ଅଭିଯୁକ୍ତ ଗିରଫ



**କୁଚିଣ୍ଡା, ୨୩।୪(ସମିସ):** ଗତ ଶନିବାର ୨୦ ତାରିଖ ଦିନ ଗୋବିନ୍ଦପୁର ଥାନା ପାଶୁପଡ଼ା ଅଞ୍ଚଳର ମଜିତ ସିଂଙ୍କ ସ୍ତ୍ରୀ ଉମା ସିଂ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି ଯେ, ସେ ଆଉ ତାଙ୍କ ଦୁଇ ଛୁଆ ଘରେ ଏକୁଟିଆ ଥିବାବେଳେ ଦୁଇଜଣ ବ୍ୟକ୍ତି ଅଜୁ ପଟେଲ ଓ ବିଜୁ ପଟେଲ ତାଙ୍କ ଘରକୁ ଆସି ତାଙ୍କ ସ୍ୱାମୀଙ୍କ ବିଷୟରେ ପଚାରିଥିଲେ। ସେ କହିଥିଲେ ଯେ ତାଙ୍କ ସ୍ୱାମୀ ଘରେ ନାହାଁନ୍ତି। ତେବେ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଦୁର୍ବ୍ୟବହାର କରିଥିଲେ ଏବଂ ସେମାନଙ୍କ ଘରକୁ ପଥର ଫିଙ୍ଗିଥିଲେ। ଗୋବିନ୍ଦପୁର ପୁଲିସରେ ଅଭିଯୋଗ ପରେ ପୁଲିସ ଅନୁସନ୍ଧାନ କରି ଗୋବିନ୍ଦପୁରର ଅଭିଯୁକ୍ତ ବିଜୁ ଓ ଅଜୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାଁ ଗୁଲୁମେଶ୍ୱରୀ ପୀଠରେ ଚଇତିପର୍ବ

# ମାଁଙ୍କ ଦର୍ଶନ କଲେ ଶତାଧିକ ଭକ୍ତ



**ପଡ଼ିଆବାହାଲ, ୨୩।୪(ସମିସ):** ଘେନୁପାଲି ପଞ୍ଚାୟତର ମାଁ ଗୁଲୁମେଶ୍ୱର ପୀଠରେ ଆଜି ଚଇତିପର୍ବ ବହୁ ଉତ୍ସାହ ଉଦ୍ଦୀପନା ସହିତ ପାଳିତ ହୋଇଯାଇଛି। ସାଁପଲହରା ଘାଟି ଉପରେ ଥିବା ଗୁଲୁମେଶ୍ୱର ପୀଠରେ ଚୈତ୍ରପୂର୍ଣ୍ଣମୀ ଅବସରରେ ଆୟୋଜିତ ଏହି ଚଇତିପର୍ବରେ ପଣ୍ଡିତ ଗୁପ୍ତେଶ୍ୱର ଷଡଙ୍ଗୀଙ୍କ ପୌରୋହିତ୍ୟରେ ହୋମଯଜ୍ଞ ଓ ପୂଜାପାଠ ହୋଇଥିଲା। ଏଥିରେ ହୀରୋର ନରେଶ ପ୍ରଧାନ ଓ ଟିକି ପ୍ରଧାନ ଏବଂ ଚିତ୍ତରଞ୍ଜନ ନେଗୀ ଓ ଦୀପିକା ବିଶି କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ଶହ ଶହ ଭକ୍ତଙ୍କ ସମୋବେଶ ହୋଇଥିଲା। ଏହି ଅବସରରେ କୁଲସର ଗ୍ରାମର ସଂକୀର୍ତ୍ତନ ବୈଠକି, ସାଁପଲହରାର କରମା ଓ ଅଶ୍ୱିନୀ ପୂଜାରୀଙ୍କ ଦଳ ପାଲା ପରିବେଷଣ କରିଥିଲେ। ସମାଜସେବୀ ଡା.ରାଜାରାମ ଷଡଙ୍ଗୀ, ସୁରେଶ୍ୱର ପ୍ରଧାନ ଅତିଥି ଭାବେ ଯୋଗଦାନ କରି ଭାରତୀୟ ସଂସ୍କୃତିକୁ ଉଜ୍ଜୀବିତ କରିବାରେ ଏଭଳି ପରବ ଓ ଲୋକକଳାକୁ ବ୍ୟାପକ କରିବା ନେଇ ମତ ରଖିଥିଲେ। ଏହାକୁ ଅଶୋକ ଷଡଙ୍ଗୀ, ସୁଶାନ୍ତ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ



**କୁଚିଣ୍ଡା, ୨୩।୪ (ସମିସ):** ଜମନକିରା ଥାନା ବଡ଼ବାହାଲ ଗ୍ରାମର ଈଶ୍ୱର ନାଏକ (୮୦)ଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ସେ ଆଜି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ବର୍ତ୍ତମାନର ପ୍ରବଳ ଗ୍ରୀଷ୍ମ ଯୋଗୁ ଅଂଶୁଘାତ ଜନିତ ତାଙ୍କ ମୃତ୍ତୁ ହୋଇଥିବା ଚର୍ଚ୍ଚା ହେଉଛି।

# ଏସ୍ଇଏମ୍ ଓ ଗ୍ରାମୀଣ ଜଳଯୋଗାଣ କର୍ମଚାରୀ ମହାସଂଘର ଦାବିପତ୍ର

**ରେଙ୍ଗାଲି, ୨୩।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଏସ୍ଇଏମ୍ ଓ ଗ୍ରାମୀଣ ଜଳଯୋଗାଣ କର୍ମଚାରୀ ମହାସଂଘ ନଳକୂପର ତଳଅଂଶ ମରାମତି କରିବୁ ନାହିଁ ବୋଲି ଏକ ଦାବିପତ୍ର ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦେଇଛନ୍ତି। ମହାସଂଘର ଅଭିଯୋଗ ଅନୁଯାୟୀ, ଏସ୍ଇଏମ୍ କର୍ମଚାରୀମାନେ ସରକାରଙ୍କ ଆଇନ ଓ ଗାଇଡ୍‌ଲାଇନ ଅନୁଯାୟୀ ଗ୍ରାମାଞ୍ଚଳରେ ଦୀର୍ଘ ୨୫ବର୍ଷ ହେବ କାମ କରିଆସୁଛୁ। କିନ୍ତୁ ବାରମ୍ବାର ପଞ୍ଚାୟତ ଅଧିକାରୀ ତଥା ସଭାପତି ଚାପ ପକାଇ ଆମକୁ ନଳକୂପର ତଳ ଅଂଶ କାମ କରିବାକୁ ବାଧ୍ୟ କରୁଛନ୍ତି। ଯାହାକି ଆମ୍ଭ ମାନଙ୍କ ପାଇଁ ସମ୍ଭବ ନୁହେଁ। ଏଥିପ୍ରତି ସରକାର ତଥା ରାଜସ୍ୱ କମିଶନର ଦୃଷ୍ଟି ଦିଅନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ନ ଚେତ୍ ଆଗାମୀ ଦିନ ରେ ସେମା ନେ କାର୍ଯ୍ୟବନ୍ଦ ଆ ନ୍ଦୋଳନ କରିବେ ବୋଲି କହିଛନ୍ତି।

# ଟ୍ରେନ୍ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା

**ବାମରା, ୨୩।୪ (ସମିସ):** ବାମରା ଧାରୁଆଡ଼ିହି ରେଳ ଷ୍ଟେସନ ମଧ୍ୟବର୍ତ୍ତୀ କୁଅଁରମାଲ ରେଳ ଫାଟକ ନିକଟ ରେଳ ଲାଇନରୁ ରାଜଗାଙ୍ଗପୁର ଜିଆରପି ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ହେଲେ କୁଲୁଟା ଗ୍ରାମର ଜେଠୁ କିସାନ୍‌ଙ୍କ ପୁଅ କଳାକାର କିସାନ (୪୫)। ଏନେଇ ରାଜଗାଙ୍ଗପୁର ଜିଆରପି ଏଏସଆଇ ସୁଶାନ୍ତ ବେହେରା ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତ ବ୍ୟକ୍ତି ଜଣକ ଗତ କିଛିମାସରୁ ମାନସିକ ରୋଗରେ ଆକ୍ରାନ୍ତ ରହିଥିବାବେଳେ ସୋମବାର ସେ କୌଣସି ଟ୍ରେନ ସମ୍ମୁଖକୁ ଡେଇଁ ଆଇହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମୃତଙ୍କ ୨ ଟି ପୁଅ ଓ ଜଣେ ଝିଅ ରହିଛନ୍ତି। ବଡ଼ପୁଅ ସତ୍ୟଜିତ କିସାନ ମୁଖାଗ୍ନି ଦେଇଥିଲେ। ସାନ ପୁଅ ଅଜୁ କେରଳ ଠାରେ ଶ୍ରମିକ ଭାବେ କାମ କରୁଥିବାରୁ ସାମିଲ ହୋଇପାରି ନଥିଲେ।

# ଇଟାଭାଟି ନିଆଁ, ଧୂଆଁରେ ସିଝୁଛନ୍ତି ଗ୍ରାମବାସୀ

**କୁଚିଣ୍ଡା, ୨୩।୪(ସମିସ)**

ଚାରିଆଡ଼େ ସରକାରୀ ସ୍ତରରେ ପୋଡ଼ା ଇଟାକୁ ସମ୍ପୂର୍ଣ୍ଣ ବନ୍ଦ କରି ପାଉଁଶରେ ତିଆରି ଇଟାକୁ ବ୍ୟବହାର କରିବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି। ଯେଉଁ ବ୍ୟକ୍ତିବିଶେଷ ଏପରି ମାଟିରେ ପୋଡ଼ା ଇଟା ତିଆରି କରିବ ତା'ବିରୁଦ୍ଧରେ ଜଙ୍ଗଲ ବିଭାଗ, ତହସିଲ କାର୍ଯ୍ୟାଳୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହଇଛି। ମାଟିରେ ପୋଡ଼ାଇଟା ତିଆରି କରିବା ଦ୍ୱାରା ମୃତ୍ତିକା କ୍ଷୟ ହେଉଛି। ଏହାକୁ ପୋଡ଼ାଯିବା ପାଇଁ ଜଙ୍ଗଲ ନଷ୍ଟ କରାଯାଇ କାଠର ବ୍ୟବହାର ହେଉଛି। ପରିବେଶ ପ୍ରଦୂଷିତ ହେବା ସାଙ୍ଗକୁ ଅଞ୍ଚଳର ତାପମାତ୍ରା ବଢୁଛି। ପୋଟାଇଟାକୁ ସରକାର ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିଥିଲେ ସୁଦ୍ଧା କେହି ମାନୁ ନଥିବା ଦେଖାଯାଉଛି। ସରକାରୀ ନୀତିନିୟମକୁ ଉଲ୍ଲଂଘନ କରି ଜମନକିରା ତହସିଲ ଅନ୍ତର୍ଗତ ଫାଶୀମାଲ, ମହଦା ପଞ୍ଚାୟତ ଅଧିନସ୍ଥ ଚୁଡାଡ଼ିହି ନଦୀପଠା, କର୍ଡାଖମନ(କ) ଏବଂ (ଖ) ପଡ଼ା, ବେଲଗୁଡ଼ା ରାସ୍ତାର ଉଭୟ ପାର୍ଶ୍ୱ, ଅକଡ଼ାଦାଣ୍ଡ, ଫୁଲଟାଙ୍ଗୁଡ଼ି, ମହଦା, ଦଳକି ଆଦି ଅଞ୍ଚଳରେ ମାଟି ଇଟା ଗଡ଼ାଚାଲିଛି। ଅନେକ ସ୍ଥାନରେ ଇଟାଭାଟି ହୁ ହୁ ହୋଇ ଜଳୁଛି। ଅଞ୍ଚଳସାରା ଧୂଆଁମୟ ହୋଇ ପ୍ରବଳ ଗରମ ହେଉଛି। ଇଟାଭାଟି ମାଲିକମାନେ ଜଙ୍ଗଲରୁ ଆମ୍ବ, ଜାମୁ, ଶାଳ, ମହୁଲ ଭଳି ମୂଲ୍ୟବାନ ଗଛ କାଟିଆଣି ଇଟାଭାଟିରେ ପୋଡୁଛନ୍ତି। ଇଟାଭାଟି ଯୋଗୁ ଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଖରାଦିନରେ ବେଶୀ ଇଟା ପୋଡ଼ା କାମ ହେଉଥିବାରୁ ଏବର ଗରମ ସାଙ୍ଗକୁ ଇଟାଭାଟିର ଗରମ ଜୀବନଯାତ୍ରାକୁ ହନ୍ତସନ୍ତ କରିପକାଉଛି। ଏନେଇ ଲୋକେ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି। ତହସିଲଦାର, ରାଜସ୍ୱ ଅଧିକାରୀ ଜାଣିଶୁଣି ଚୁପ୍ ରହୁଥିବା ଅଭିଯୋଗ ହେଉଛି। ଏନେଇ ଜମନକିରା ତହସିଲଦାର ହରେକୃଷ୍ଣ ବରିହାଙ୍କ ମୋବାଇଲ ନଂ ୯୯୩୮୮୩୩୮୧୪ରେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ତହସିଲଦାର ଶ୍ରୀ ବରିହା ଫୋନ ଉଠାଇ ନଥିଲେ। ଏହାପରେ ଭୋଜପୁର ରେଞ୍ଜର ଲକ୍ଷ୍ମୀ ନାରାୟଣ ନାଏକଙ୍କୁ ପଚାରିବାରୁ ସେ ଅଞ୍ଚଳଟି ହାତୀ ଅଞ୍ଚଳ। କିଛିବର୍ଷ ତଳେ ସେଠାରେ ଇଟା ତିଆରି କରୁଥିବାବେଳେ ହାତୀ ଆସି ଜଣକୁ ମାଡ଼ି ଦେଇଥିଲା। ତଥାପି ଲୋକେ ମାନୁନାହାନ୍ତି। ମୁଁ ନିଜେ ଦେଖିବା ସହ ଫରେଷ୍ଟରକୁ ସେଠାକୁ ପଠେଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜମନକିରା ତହସିଲଦାର କାହିଁକି ଚୁପ୍ ରହୁଛନ୍ତି ବୋଲି ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।



**ତହସିଲଦାର ଓ ଜଙ୍ଗଲ ବିଭାଗ ନିରବଦ୍ରଷ୍ଟା**









# ସୀମାନ୍ତରୁ ଦେଢ଼ ଲକ୍ଷ ଟଙ୍କା ଜବତ



**ଅମ୍ବାଭୋନା, ୨୩।୪ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ସୀମାନ୍ତ ଗ୍ରାମ ରୁଚିଦା ଚେକ୍ ପୋଷ୍ଟ ଠାରେ ସୋମବାର ଅମ୍ବାଭୋନା ପୁଲିସର ଚେକିଂ ଚାଲିଥିଲେ ବେଳେ ଛତିଶଗଡ଼ ରାଜ୍ୟର ଚିରରା ଗ୍ରାମର ବିଜୟ ସାହୁ (୩୧) ନାମକ ଜଣେ ଯୁବକଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଜବତ କରିଛି ପୁଲିସ। ସମ୍ପୃକ୍ତ ଯୁବକ କେଉଁ ଉଦ୍ଦେଶ୍ୟରେ ଏହି ଟଙ୍କା ନେଇ ଯାଉଥିଲା ସେନେଇ କୌଣସି ସନ୍ତୋଷଜନକ ଉତ୍ତର ପୁଲିସକୁ ଦେଇ ନପାରିବାରୁ ପୁଲିସ ଉକ୍ତ ଟଙ୍କା ଜବତ କରିଛି। ଥାନାଧିକାରୀ ବିପିନ ବାଗଙ୍କ ନିର୍ଦ୍ଦେଶ ଓ ଏସ୍‌ଆଇ ସତ୍ୟାନନ୍ଦ ଭୋଇ ଏବଂ ଅନ୍ୟ ପୁଲିସ କର୍ମଚାରୀ ଯାଞ୍ଚ ବେଳେ ଉପସ୍ଥିତ ଥିଲେ।

# ପିକଅପ୍ ଧକ୍କାରେ ବାଇକ ଆରୋହୀ ମୃତ



**ପଦ୍ମପୁର, ୨୩।୪ (ସମିସ):** ମଙ୍ଗଳବାର ଅପରାହ୍ନରେ ପଦ୍ମପୁର ବରଗଡ଼ ରାସ୍ତା ଜୟ ଜଗନ୍ନାଥ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ବାଇକ (ଓଡି ୧୭ ଏଫ୬୩୯୩) କୁ ସେହିରାସ୍ତାରେ ଯାଉଥିବା ଏକ ପିକଅପ୍ (ଓଡି ୧୭ ଓ ୧୧୨୪) ଧକ୍କା ହେବା ଫଳରେ ବାଇକ ଚାଳକ ଜମଲା ଗ୍ରାମର ଶ୍ୟାମ ମେହେରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ପଦ୍ମପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଲୁଟ୍ ଘଟଣାର ମାଷ୍ଟରମାଇଣ୍ଡ ଗିରଫ

**ବରଗଡ଼, ୨୩।୪(ସମିସ)**

ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଲୁଟ୍ ଘଟଣାରେ ବରଗଡ଼ ପୁଲିସ ମାଷ୍ଟରମାଇଣ୍ଡକୁ ଗିରଫ କରିଛି। ଗିରଫ ଯୁବକ ବଲାଙ୍ଗୀର ଜିଲ୍ଲା ତୁଡ଼ୁକାଶିରାର ଚିଣ୍ଟୁ

## ମହିଳା ପୋଷାକ ପିନ୍ଧି ଲୁଟ୍ କରୁଥିଲା ଅଭିଯୁକ୍ତ

## ୪ ଲକ୍ଷ ୨୬ ହଜାର ଟଙ୍କା ଜବତ

ଓରଫ ଅମିତ କୁମାର ଦାଶ ବୋଲି ପୁଲିସ ସୂଚନା ଦେଇଛି। ଏ ନେଇ ବରଗଡ଼ ଏସପି ପିଏସ ମୀନା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ସହ ଗିରଫ ଅମିତ ବହୁ ଡକାୟତି, ଚୋରି ଓ ଲୁଟପାଟ ମାମଲାରେ ସମ୍ପୃକ୍ତ ଥିବା କହିଛନ୍ତି। ଅଭିଯୁକ୍ତ ଚିଣ୍ଟୁ ପାଖରୁ ପୁଲିସ ନଗଦ ୪ ଲକ୍ଷ ୨୬ ହଜାର ଟଙ୍କା ଜବତ କରିଛି। ଏହାସହ ଗୋଟିଏ ଦେଶୀ ବନ୍ଧୁକ, ୭ ଟି ମୋବାଇଲ, ଗୋଟିଏ ଟାଟା ଏସି ଗାଡ଼ି, ଗୋଟିଏ ମିନି ଟ୍ରକ, ଦୁଇଟି କାର, ଗୋଟିଏ ମୋଟର ସାଇକେଲ, ଗୋଟିଏ ସ୍କୁଟି ଏବଂ ୱାକିଟକି ଜବତ କରାଯାଇଛି। ତେବେ ଅମିତର ଅନ୍ୟ ସହଯୋଗୀକୁ ପୁଲିସ ଖୋଜୁଥିବା ବେଳେ ଗିରଫ



ଅମିତ ନାମରେ ବରଗଡ଼ ଜିଲ୍ଲାର ବିଭିନ୍ନ ଥାନା ସମେତ ବଲାଙ୍ଗୀର, ସମ୍ବଲପୁର, ବୁର୍ଲା, ସୁବର୍ଣ୍ଣପୁର, ଛତିଶଗଡ଼ର ରାୟଗଡ଼ ପ୍ରଭୃତି ବିଭିନ୍ନ ସ୍ଥାନରେ ୨୮ ଟି ମାମଲା ଥିବା ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ବିଳାସପୁର ଜେଲରେ ମଧ ସଜା କାଟିଥିବା ବରଗଡ଼ ଏସପି ସୂଚନା ଦେଇଛନ୍ତି। ପୂର୍ବରୁ ବରଗଡ଼ ଟାଉନଥାନାରେ ଏକ ଏନ୍‌ଡିପିଏସ ମାମଲାରେ ମଧ ସେ ଲିପ୍ତ ଥିଲା। କିନ୍ତୁ ସେ ସମୟରେ ପୁଲିସ ହାତରୁ ଖସିଯାଇଥିଲା। ଉକ୍ତ ମାମଲାରେ ସାରଥି ନାଗକୁ ପୁଲିସ କୋର୍ଟଚାଲାଣ କରିଥିବା ବେଳେ ସେ ସମୟରେ ବୋଲେରୋ, ୪ଟି ଅଫୁଟା ଗୁଳି, କାର ଆଦି ଜବତ କରାଯାଇଥିଲା। ତେବେ ଅମିତକୁ ପୁଲିସ ସେ ସମୟରେ ଧରିନଥିବା ବେଳେ ବର୍ତ୍ତମାନ ବ୍ୟାଙ୍କ ଲୁଟ ଘଟଣାରେ ବରପାଲି ଅଞ୍ଚଳରୁ ଧରିବାରେ ସକ୍ଷମ ହୋଇଛି। ଗତ ୧୮ ତାରିଖ ଦିନ ବରପାଲି ସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଦିନ ଦିପହରରେ ଦୁଇ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ୯ ଲକ୍ଷ ୨୬ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ସେଥିମଧ୍ୟରୁ ଜଣେ ଲୁଟେରା ମହିଳା ପୋଷାକ ପିନ୍ଧିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଯାହାକୁ ନେଇ ପୁଲିସ ତଦନ୍ତ କରିବା ସହ ଆଜି ଅମିତ ଦାଶକୁ ଗିରଫ କରିଥିବା ବରଗଡ଼ ଏସପି ସୂଚନା ଦେଇଛନ୍ତି। ସେହିପରି ଅମିତ ଦାଶ ଉକ୍ତ ଲୁଟ ଘଟଣାରେ ମହିଳା ପୋଷାକ ପିନ୍ଧିଥିବା ଏବଂ ପୂର୍ବରୁ ଏପରି ସେ ଲୁଟ ଡକାୟତି କରୁଥିବା ନେଇ ଏସପି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆଜି ଟାଉନ ଥାନାରେ ଥିବା ପୁରୁଣା ମାମଲା ସହ ବରପାଲି ବ୍ୟାଙ୍କ ଲୁଟ ଘଟଣାରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ବରଗଡ଼ ଏସପି ଶ୍ରୀ ମୀନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ୯ ଲକ୍ଷ ୨୬ ହଜାର ଟଙ୍କା ଲୁଟ ହୋଇଥିବା ବେଳେ ପୁଲିସ ଅଭିଯୁକ୍ତ ଅମିତ ଠାରୁ ୪ ଲକ୍ଷ ୨୬ ହଜାର ଟଙ୍କା ଜବତ କରିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ତପନ ମହାନ୍ତି, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକେଲ, ବରପାଲି ଥାନା ଅଧିକାରୀ ଜୟରଶ୍ମୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସଂଗଠନ ସହିତ ଦେବେଶଙ୍କ ଆଲୋଚନା



**ବରଗଡ଼, ୨୩।୪( ସମିସ):** ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ବିଜୁ ଜନତା ଦଳ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ବରଗଡ଼ ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ତୃତୀୟ ଥର ପାଇଁ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ବେଳେ ସେ ବିଭିନ୍ନ ଗ୍ରାମକୁ ଯାଇ ଜନସାଧାରଣଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜୁ ଜନତା ଦଳ ସରକାର ଦ୍ୱାରା ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକୁ ଲୋକଙ୍କୁ ଅବଗତ କରାଉଛନ୍ତି। ବିଭିନ୍ନ ଗ୍ରାମରେ ବିଭିନ୍ନ ମହିଳା ସଙ୍ଗଠନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ସହିତ ଶ୍ରୀ ଆଚାର୍ଯ୍ୟ ୍ରଆଲୋଚନା କରି ଆଶୀର୍ବାଦ କାମନା କରିଥିଲେ। ମିଶନ ଶକ୍ତିରେ ନାରୀ ମାନେ ସଶକ୍ତ ହୋଇ ପାରିଥିବା ବେଳେ ଆତ୍ମ ନିର୍ଭରଶୀଳ ହୋଇ ପାରିଥିବାରୁ ସରକାରଙ୍କ ପ୍ରତି ସନ୍ତୁଷ୍ଟ ଥିବା ମାଆ ମାନେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିବା ବିଧାୟକ ଶ୍ରୀ ଆଚାର୍ଯ୍ୟ ସୂଚନା ପ୍ରଦାନ କରିଛନ୍ତି।

# ବାସନ୍ତିକ ଚଣ୍ଡୀ ମହୋତ୍ସବ ଉଦ୍‌ଯାପିତ



**ପାଇକମାଲ, ୨୩।୪(ସମିସ):** ପାଇକମାଲ ବ୍ଲକ ନୃସିଂହନାଥ ନିକଟରେ ଥିବା ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଦୁଇ ଦିନ ଧରି ଚାଲିଥିବା ଚଣ୍ଡୀ ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ବିଶାଶହେ କୁଳ କୁଳିତା ସମାଜ ଦ୍ୱାରା ପରିଚାଳିତ ଏହି ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ସୋମବାର କଳସ ଯାତ୍ରା କରାଯାଇ ୫୧ କଳସ ପୂଜାପୀଠରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବରେ ପରମାନନ୍ଦ ଭୋଇ ଓ ତାଙ୍କ ସହଧର୍ମିଣୀ ଅନିମା ଭୋଇ ଦାୟିତ୍ୱ ତୁଲାଇ ଥିବା ବେଳେ ମିତ୍ରଭାନୁ ଦେବତା, ପୂଜାପାଠ ଓ ଚଣ୍ଡୀପାଠ, ଜପ, ହୋମଯଜ୍ଞ କରିଥିଲେ। କୁଳିତା ଜାତିର ପୂଜକ ଉଦ୍ଧବ ଭୋଇ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ମଙ୍ଗଳବାର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ପଦ୍ମପୁର କାର୍ଯ୍ୟକାରିଣୀ ସଭାପତି ଯୋଗେନ୍ଦ୍ର ଭୋଇ, ପୂର୍ଣ୍ଣାନନ୍ଦ ଭୋଇ, କୁଳତା ସମାଜ ଯୁବ ସଂଗଠନର ସଭାପତି ଡା. ବୁଲୁ ବାରିକ ସମ୍ପାଦକ ଭୁବନେଶ୍ୱର ସା, ଚିତ୍ତରଞ୍ଜନ ପ୍ରଧାନ, ଜଗଦୀଶ ପ୍ରଧାନ, କେଶବ ଭୋଇ ପ୍ରମୁଖ ଏଥିରେ ସହଯୋଗ କରି ଥିଲେ।

# ନିର୍ବାଚନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ

**ପଦ୍ମପୁର, ୨୩।୪ (ସମିସ):** ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଭୋଟର କିପରି ସାଧାରଣ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ସେମାନଙ୍କର ଭୋଟଦାନ କରିବେ ଏବଂ ଭାରତର ସର୍ବବୃହତ ଗଣତନ୍ତ୍ରର ଅଂଶୀଦାର ହେବେ ସେଥିନିମନ୍ତେ ଲୋକମାନଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟରେ ନିର୍ବାଚନ ସଚେତନତା ନିମନ୍ତେ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବରିଷ୍ଠ ନାଗରିକ ନିରୋଜ ଦୋରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ, ଅଭିଳାଷ ସାହୁ, ମୋହନ ବନଛୋର, ପ୍ରଭାସିନୀ ସା, ତୃପ୍ତିମୟୀ ଝଗରା, ରୁଦ୍ରାଙ୍ଗଦ ବାରିକ, ପ୍ରୀତିରଶ୍ମି ସେଠ, ମଧୁସ୍ମିତା ବର୍ଗେ, ହରେକୃଷ୍ଣ ମେହେର, ସଂଗ୍ରାମ କେଶରୀ ଦୀପ୍, ଅମୃତା ବାରିକ, ଚନ୍ଦନ ନାୟକ, ଅମ୍ବିକା ରଥ, ଅଳକାଶ୍ରୀ ପଣ୍ଡା, ଚନ୍ଦ୍ରାଶେଖର ଭୋସାଗର, ସୁନୀତା ଖମାରୀ, ଦୀପକ କୁମାର ତିୱାରୀ, କୃଷ୍ଣଚନ୍ଦ୍ର ପଧାନ ଓ ନିରୁପମା ଭୋଇ ପ୍ରମୁଖ ସହଯୋଗ କରିଥିଲେ।



# ପଦ୍ମପୁର ବିଜେଡିର ମିଶ୍ରଣ ପର୍ବ

**ଦହିତା, ୨୩।୪ (ସମିସ):** ପଦ୍ମପୁର ବିଜୁ ଜନତା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଡ଼ାମାଲ ପଞ୍ଚାୟତର ଶତାଧିକ ଭାଜପା କର୍ମୀ ବିଧାୟିକା ବର୍ଷାସିଂ ବରିହାଙ୍କ ନେତୃତ୍ୱରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଶାନ୍ତ ମହାନ୍ତି, ରାଜୁ ଘିବେଲା, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଟାଉନ ସଭାପତି ନବ କିଶୋର ସାହୁ, ପେକ୍ସ ସଭାପତି ମହେଶ୍ୱର ପୁରୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



# ଘେଁସ୍ ହାଇସ୍କୁଲର ଆଦର୍ଶ ଶିକ୍ଷକ ମଙ୍ଗଲୁ ସାହୁଙ୍କ ଦେହାନ୍ତ

**ବରଗଡ଼/ଘେଁସ, ୨୩।୪ (ସମିସ):** ଘେଁସ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ମଙ୍ଗଲୁ ସାହୁ ଗତ ଗୁରୁବାର ଅପରାହ୍ନ ୨ ଟା ସମୟରେ ୮୫ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ସେ ଦୀର୍ଘ ଚାରି ଦଶନ୍ଧୀ ପର୍ଯ୍ୟନ୍ତ ଘେଁସ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ପ୍ରଧାନ ଶିକ୍ଷକ ଭାବରେ ଅବସର ଗ୍ରହଣ କରିଥିଲେ। ଜଣେ ଜ୍ଞାନୀ ଓ ଆଦର୍ଶ ଶିକ୍ଷକ ଭାବରେ ସୁନାମ ଅର୍ଜନ କରିଥିଲେ। ଅଭିମନ୍ୟୁ ସାହିତ୍ୟ ସଂସଦର ସଭାପତି ଭାବରେ ମଧ ଅନେକ ବର୍ଷ ରହିଥିଲେ। ଝର ଗ୍ରାମରେ ଜନ୍ମିତ ମଙ୍ଗଲୁ ସାହୁଙ୍କ ବହୁମୁଖି ପ୍ରତିଭାର ଅଧିକାରୀ। ତାଂକର ଅନେକ ଛାତ୍ର ଓ ବନ୍ଧୁ ବାନ୍ଧବ ତାଂକ ଶବାଧାରରେ ସାମିଲ ହୋଇଥିଲେ। ବ? ପୁଅ ଦେବଦତ୍ତ ମୁଖାଗ୍ନି ଦେଇଥିଲେ। ସେ ତାଂକ ପଛରେ ପତ୍ନୀ, ପୁଅ ଦେବଦତ୍ତ, ବିଭୁଦତ୍ତ ଓ ତିନି ଝିଅଙ୍କୁ ଛା? ଯାଇଛନ୍ତି।



# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୨୫ୟୁନିଟ୍ ରକ୍ତ ସଂଗ୍ରହ

**ଭେଡେନ, ୨୩।୪(ସମିସ):** ବୁର୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦେଖି ଭେଡେନ ଅମୃତ କୁଟୁମ୍ବ ତରଫରୁ ଏକ ଜରୁରୀକାଳୀନ ରକ୍ତଦାନ ଶିବିର ଭେଡେନ ବସଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାର ଡାକ୍ତର ସୃତିଶୁଭମ ରଥ, ମନ୍ତୁ ପଧାନ, ଦେବାଶିଷ ମିଶ୍ର ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଆନନ୍ଦ ସୁନା, ଘନଶ୍ୟାମ ଅଗ୍ରୱାଲ, ରୁଦ୍ରନାରାୟଣ ସାହୁ, ବଂଶୀଧର ବେହେରା, ଭବାନୀ ପାଢ଼ୀ, ଆନନ୍ଦ ସେଠ, ତୀର୍ଥରାଜ ଭୋଇ, ଅଜୁ ବାଗ, ରୋଶନ ପଣ୍ଡା, ଭୀଷ୍ମସିଂ ଛନ୍ଦ, ଗୋପୀ ମେହେରଙ୍କ ସମେତ ସମସ୍ତ ସଦସ୍ୟ ଶିବିରରେ ସହଯୋଗ କରିଥିଲେ।

# ରାଣା ପ୍ରତାପ ସ୍କୁଲରେ ମତଦାନ ସଚେତନତା କାର୍ଯ୍ୟକ୍ରମ



**ବରଗଡ଼, ୨୩।୪(ସମିସ):** ଆଗାମୀ ନିର୍ବାଚନରେ କିପରି ପ୍ରତ୍ୟେକ ମତଦାତା ମତଦାନ କରି ତାଙ୍କର ଅଧିକାର ସାବ୍ୟସ୍ତ କରିବେ ସେ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ବରଗଡ଼ ରାଣା ପ୍ରତାପ ସ୍କୁଲର ଛାତ୍ରଛାତ୍ରୀ ମାନେ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ୟୋତ୍ସ୍ନା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସ୍କୁଲରୁ ବାହାରି ଭଟଲି ଛକ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅର୍ଜୁନ ସେଟ୍ ଯୋଗଦେଇ ଗଣତନ୍ତ୍ରକୁ ମଜବୁତ୍ କରିବାରେ ମତଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ମତଦାନ ସମସ୍ତେ କରିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ, ଜ୍ୟୋତି ବେହେରା, ବବିତା ନାଏକ, ଦୀପିକା କୁଲୁ, ତପସ୍ୱିନୀ ତ୍ରିପାଠୀ, ଗୋପବନ୍ଧୁ ପୁରୋହିତ, ସୁନୀତା ମିଶ୍ର, ଗୀତା ଜାଲ ପ୍ରମୁଖ ଯୋଗ ଦେଇ ମତଦାନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

# ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସଂକଳ୍ପ ନେଲେ ସାଧନକର୍ମୀ

**ବରଗଡ଼, ୨୩।୪(ସମିସ):** ବରଗଡ଼ ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଠାରେ ସାଧନ କର୍ମୀ ମାନଙ୍କୁ ନେଇ ଏକ ମାନସ ମନ୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଅଧ୍ୟକ୍ଷତା ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଷ୍ଟେପ ଅଫ ୭, ସାଇନିଂ ଷ୍ଟାର ଓ ବିଜ୍ଞାନ ଭିତ୍ତିକ ପୁସ୍ତକ ଏକ୍ସପେରେନ୍ସିଆର ରୂପରେଖ ପ୍ରସ୍ତୁତ ସହିତ ଆଗାମୀ ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀ ମାନଙ୍କୁ କିପରି ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ କରାଯାଇ ପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଷୟରେ ଦକ୍ଷତା ସମ୍ପନ୍ନ ୪୦ ରୁ ଊର୍ଦ୍ଧ୍ୱର୍ ଅଭିଜ୍ଞ ଶିକ୍ଷକ ତଥା ସାଧନ କର୍ମୀ ଯୋଗ ଦେଇ ଆଗାମୀ ଦିନରେ କିପରି ବରଗଡ଼ ଶିକ୍ଷା ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ଆହୁରି ବିକାଶ ହୋଇ ପାରିବ ସେ ବିଷୟରେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

## ଚୈତ୍ର ପୂର୍ଣ୍ଣିମା ଅବସରରେ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ବାର୍ଷିକ ସ୍ନାନଉତ୍ସବ

# ମାଁଙ୍କୁ ଅର୍ପଣ କରାଗଲା ମହାଭୋଗ







**ବରଗଡ଼, ୨୩।୪(ସମିସ)**

ମଙ୍ଗଳବାର ଚୈତ୍ର ପୂର୍ଣ୍ଣିମା ତିଥିରେ ବରଗଡ଼ର ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀ ଦେବୀଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଭୋରରୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ଚୈତ୍ର ପୂର୍ଣ୍ଣିମା ଅବସରରେ ମାଁଙ୍କୁ ମହାଭୋଗ ଅର୍ପଣ କରାଯିବା ସହ ପରେ ଭକ୍ତମାନଙ୍କୁ ସେହି ମହାଭୋଗ ପ୍ରସାଦ ଆକାରରେ ଦିଆଯାଇଥିଲା। ସେହିପରି ସପ୍ତଶତୀ ଚଣ୍ଡୀପାଠ ହୋମ ସହ ମାଁଙ୍କର ବାସନ୍ତିକ ପୂଜାର ପୂର୍ଣ୍ଣାହୂତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଚୈତ୍ର ପୂର୍ଣ୍ଣିମା ଅବସରରେ ବରଗଡ଼ର ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀ ଦେବୀଙ୍କ ବାର୍ଷିକ ମହାସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା। ମହାସ୍ନାନ ପାଇଁ ଭୋରରେ ମାଁଙ୍କ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଥିଲା। ପରେ ଭକ୍ତମାନଙ୍କ ଦ୍ୱାରା ମାଁଙ୍କ ଜଳାଭିଷେକ ଆରମ୍ଭ ହୋଇଥିଲା। ଏଥିରେ ହଜାର ହଜାର ଭକ୍ତ ସାମିଲ ହୋଇ ପାଣି, କ୍ଷୀର, ପଣା ସମର୍ପଣ କରିଥିଲେ। ଦେବୀ ସମଲେଶ୍ୱରୀ ହେଉଛନ୍ତି ମାତା ପାର୍ବତୀଙ୍କ ସ୍ୱରୂପ। ତେଣୁ ମାତା ପାର୍ବତୀଙ୍କୁ ଚୈତ୍ର ପୂର୍ଣ୍ଣିମା ତଥା ଆଜିର ଦିନରେ ଜଳାଭିଷେକ କରାଗଲେ ସମଗ୍ର ପୃଥିବୀ ଶୀତଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାଁ ବାସ୍ନାଭୋଗୀ ହୋଇଥିବାରୁ ମାଁଙ୍କ ଠାରେ ୬୧ ପ୍ରକାର ମିଷ୍ଟାନ୍ନ ତଥା ଫଳମୂଳ ମହାଭୋଗ ଅର୍ପଣ କରାଯାଇଥିଲା। ଅପରାହ୍ନରେ ଜଳାଭିଷେକ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସ୍ୱତନ୍ତ୍ର ଆଳତୀ ପରେ ସେହି ପାଣିଙ୍କୁ ଭକ୍ତମାନଙ୍କୁ ଅର୍ପଣ କରାଯାଇଥିଲା। ଚୈତ୍ର ପୂର୍ଣ୍ଣିମା ଦିନ ଚୈତ୍ର ପୂଜା ସମାପନ ହେଉଥିବା ବେଳେ ସପ୍ତଶତୀ ଚଣ୍ଡୀ ହୋମ ପୂର୍ଣ୍ଣାହୁତୀ ହୋଇଥିଲା। ଏଥିରେ ଚଣ୍ଡୀପାଠକ ପଣ୍ଡିତ ଚୂଡ଼ାମଣୀ ରଥ, ପୁରୋହିତ ପଣ୍ଡିତ ଶିବ ଦାଶ ଏବଂ ପଣ୍ଡିତ ବିଘ୍ନରାଜ ଦାଶ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିରର ପୂଜକ ରତ୍ନାକର ଝାଙ୍କର, କ୍ଷୀରୋଦ୍ର ଝାଙ୍କର, କର୍ତ୍ତା ନରେନ୍ଦ୍ର ଦାଶ, ଜୟପ୍ରକାଶ ଦାଶ, ପଣ୍ଡିତ ରାଜା ଦାଶ ପ୍ରମୁଖ ପୂଜାରେ ସହଯୋଗ କରିଥିଲେ। ସେହିପରି ବିଧାୟକ ଦେବେଶ ଆଚାର୍ଯ୍ୟ ସପତ୍ନୀକ ମାଁଙ୍କ ଜଳାଭିଷେକରେ ସାମିଲ ହୋଇଥିଲେ। ଅନୁରୂପ ଭାବେ ବିଜେପି ଜିଲ୍ଲା ସଭାପତି ଅଶ୍ୱିନୀ ଷଡଙ୍ଗୀ, ଡାକ୍ତର ଆଶିଷ ପୁରୋହିତ, ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ବହୁ ବ୍ୟକ୍ତିବିଶେଷ ମାଁ ଙ୍କ ଜଳାଭିଷେକରେ ସାମିଲ ହୋଇ ଆଶୀଷ ଲାଭ କରିଥିଲେ। ଅପରପକ୍ଷେ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ଭକ୍ତମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରାଯିବା ସହ ଖରାଦାଉରୁ ରକ୍ଷା ପାଇଁ ଛାଉଣୀ ନିର୍ମାଣ କରାଯାଇଥିଲା। ଭକ୍ତମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ମୁଦ୍ରା ଏକ ରାଷ୍ଟ୍ରର ରାଜନୀତି, ରାଷ୍ଟ୍ରନୀତି, ଅର୍ଥନୀତି ଓ ସଂସ୍କୃତିର ପରିଚାୟକ।
-ଚାଣକ୍ୟ



ସକାଳ
THE SAKALA

## ପତଞ୍ଜଳି ମାମଲାରେ ଅଦାଲତଙ୍କ ଉଚିତ ରାୟ

# ଜନତାଙ୍କ ବୃହତ୍ ସ୍ୱାର୍ଥ ସୁରକ୍ଷିତ ରହୁ

ଯୋଗ, ଭକ୍ତି, ଧ୍ୟାନ, ନିୟମ, ପ୍ରାଣାୟାମ, ଆୟୁର୍ବେଦ ଆଦି ଭାରତୀୟ ସଂସ୍କୃତିର ଗୋଟିଏ ଗୋଟିଏ ଅଙ୍ଗ, ଯାହା ମାନବ କଲ୍ୟାଣ ପାଇଁ ଅଭିପ୍ରେତ। ଏଥିରେ ବ୍ୟବସାୟିକତା ନଥାଏ। ଏହା ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହାସତ୍ତ୍ୱେ ଆଧୁନିକ ଉପଭୋକ୍ତାବାଦ ଏ ସବୁକୁ ବେପାରରେ ପରିଣତ କରିଛି। ଯୋଗ ପାଇଁ ଖ୍ୟାତି ଅର୍ଜନ କରିଥିବା ବାବା ରାମଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ପତଞ୍ଜଳି ଆୟୁର୍ବେଦ ଔଷଧ କମ୍ପାନୀ ବିଭ୍ରାନ୍ତିକର ବିଜ୍ଞାପନ ଦେଇ ଲୋକଙ୍କୁ ଠକି ଯେଉଁସବୁ ଔଷଧ ବିକ୍ରି କରୁଛି ତାହାର ଦ୍ରବ୍ୟଗୁଣ, ମାନ ଓ କରାମତି ବିଜ୍ଞାପନ ଅନୁରୂପ ନୁହେଁ ବୋଲି ଜଣାପଡ଼ିବା ପରେ ବାବା ଓ ତାଙ୍କ ଔଷଧ କମ୍ପାନୀ ପତଞ୍ଜଳି ଏବେ କାଠଗଡ଼ାରେ। ମଙ୍ଗଳବାର ସୁପ୍ରିମକୋର୍ଟ ରାମଦେବ ଓ ତାଙ୍କ କମ୍ପାନୀର ପରିଚାଳକ ଆଚାର୍ଯ୍ୟ ବାଳକୃଷ୍ଣଙ୍କୁ ଅଦାଲତ ନିର୍ଦ୍ଦେଶ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ବଡ଼ ବିଜ୍ଞାପନ ମାଧ୍ୟମରେ କ୍ଷମା ପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଅନୁପାଳନ ନ କଲେ ବାବାଙ୍କ ପ୍ରତି କଠୋର ଦଣ୍ଡବିଧାନ ହୋଇପାରେ। ଅଦାଲତ ସ୍ପଷ୍ଟ କରିଦେଇଛନ୍ତି ଯେ ପତଞ୍ଜଳି କମ୍ପାନୀ ନିଜର ଔଷଧର ବିଜ୍ଞାପନ ଯେପରି ବଡ଼ ବଡ଼ ଆକାରରେ ଦିଏ ରାମଦେବ ସେହି ଆକାରର କ୍ଷମାପ୍ରାର୍ଥନା ବିଜ୍ଞାପନ ଗଣମାଧ୍ୟମରେ ଦେବା ସହିତ ତାହାର ପରିବର୍ଦ୍ଧିତ ଅକାରରେ ନକଲ ଆଦଲତରେ ଉପସ୍ଥାପିତ କରିବେ।

ଅନେକେ ହୁଏତ ପଚାରି ପାରନ୍ତି ଯେ ବାବାଙ୍କ ଉପରେ ସୁପ୍ରିମକୋର୍ଟ ଏତେ କଠୋର କାହିଁକି? ଏହାର ଉତ୍ତର ବଡ଼ ସରଳ। ଜଣେ ବାବା ହୁଅନ୍ତୁ କି ତପସ୍ୱୀ ଦେଶର ଆଇନ ଆଗରେ ସମସ୍ତେ ସମାନ। ବାବା ରାମଦେବ ଜଣେ ଯୋଗଗୁରୁ ହୋଇଥିଲେ ମଧ୍ୟ ସେ ବ୍ୟବସାୟିକ ଜଗତରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ। କିନ୍ତୁ ସେ ଯଦି ଦେଶର ପ୍ରଚଳିତ ନିୟମ ଓ କାନୁନ ଅନୁଯାୟୀ ଆୟୁର୍ବେଦ ଔଷଧ ପ୍ରସ୍ତୁତ କରିଥା'ନ୍ତେ ଏବଂ ସେଗୁଡ଼ିକର ବିକ୍ରିବଟା ପାଇଁ ଦେଉଥିବା ବିଜ୍ଞାପନରେ ସାଧୁତା ଅବଲମ୍ବନ କରିଥା'ନ୍ତେ ତେବେ ଅସୁବିଧା ନଥା'ନ୍ତା। ପତଞ୍ଜଳି ପ୍ରସ୍ତୁତ ଔଷଧ କ୍ୟାନସର, ଏଡ୍ସ, କରୋନା, ଟିବି ଓ ଆହୁରି ଅନେକ ମାରାତ୍ମକ ରୋଗସବୁ ଭଲ କରିଦେବାର ଦକ୍ଷତା ରଖିଛି ବୋଲି ଦାବି କରି ରାମଦେବ ଯେଉଁ ବିରାଟ ବିରାଟ ବିଜ୍ଞାପନ ଗଣମାଧ୍ୟମରେ ଦେଉଥିଲେ ତାହାକୁ ଚାଲେଞ୍ଜ କରି କେତେକ ପକ୍ଷ ଭାରତୀୟ ଭେଷଜ ପରିଷଦ, ସ୍ୱାସ୍ଥ୍ୟ, ରାସାୟନ, ଖାଦ୍ୟ, ଔଷଧ, ପ୍ରସାଧନ ଏବଂ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଥିଲେ। ଭାରତୀୟ ଚିକିତ୍ସା ପରିଷଦ ମଧ୍ୟ ବାବା ରାମଦେବଙ୍କ ଓ ତାଙ୍କ କମ୍ପାନୀର ମିଥ୍ୟା ପ୍ରଚାର ଓ ଦାବି ବିରୋଧରେ ମୋକଦ୍ଦମା କରିଥିଲା।

ବାବା ରାମଦେବ ଜଣେ ପ୍ରତିଷ୍ଠିତ ଯୋଗଗୁରୁ ଭାବେ ସମ୍ମାନ ଓ ମର୍ଯ୍ୟାଦାର ଅଧିକାରୀ। ଏଥିସହିତ ବିରାଟ ବ୍ୟବସାୟ ସାମ୍ରାଜ୍ୟର ସମ୍ମାନ ଓ ପ୍ରତିଷ୍ଠାର ମୋହ ଆଗରେ ତାଙ୍କୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ହେୟ ମନେ ହୋଇଥାଇପାରେ। ତେଣୁ ବୋଧହୁଏ ଏ ସମ୍ପର୍କିତ ଶୁଣାଣି ବେଳେ ବାରମ୍ବାର ସମନ୍ ସତ୍ତ୍ୱେ ବାବା ରାମ୍‌ଦେବ ଅଦାଲତରେ ଉପସ୍ଥିତ ହେଉନଥିଲେ। ଶେଷରେ ତାଙ୍କୁ ଗିରଫ କରାଯିବ ବୋଲି ଅଦାଲତ ଚେତାବନୀ ଦେବା ପରେ ରାମଦେବ ବହୁ ବିଳମ୍ବରେ ଅଦାଲତରେ ହାଜର ହୋଇ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଥିଲେ। କେବଳ ସେତିକି ନୁହେଁ, ସର୍ବସାଧାରଣରେ ସେ କରିଥିବା କ୍ଷମାପ୍ରାର୍ଥନାକୁ ଅତି ଛୋଟ ଆକାରରେ ଗଣମାଧ୍ୟମରେ ଦେଇଥିଲେ। ତାହା ଏତେ ଛୋଟ ଓ ଗୌଣ ଥିଲା ଯେ ଲୋକଙ୍କ ନଜରରେ ପଡ଼ି ନ ଥିଲା। ତେଣୁ ଅଦାଲତଙ୍କ ରାୟକୁ ଠିକ୍ ଭାବେ ପାଳନ ନ କରିବା ଓ ଏଥିପାଇଁ ଅଯଥାରେ ଅନେକ ସମୟ ନେଇ ନିଜ ସାମଗ୍ରୀ ସପକ୍ଷରେ ଖବର ପ୍ରକାଶ କରାଇବା ଗର୍ହିତ ଅପରାଧ ନିଶ୍ଚିତ। ଡ୍ରଗସ୍ ତଥା ଫାର୍ମାସ୍ୟୁଟିକାଲ୍ ଓ ଏଫ୍‌ଏମ୍‌ସିଜି ସାମଗ୍ରୀ ମାନ ସମ୍ପର୍କରେ ଲୋକଙ୍କୁ ବିଭ୍ରାନ୍ତ କରିବା ଭଳି ବିଜ୍ଞାପନ ଦେବା ମଧ୍ୟ ଆଇନ ବିରୋଧୀ ଓ ଧର୍ତ୍ତବ୍ୟ ଅପରାଧ ବର୍ଗଭୁକ୍ତ। ତେଣୁ ସୁପ୍ରିମକୋର୍ଟର ପୀଠ ଯଥାର୍ଥରେ କହିଛନ୍ତି ଯେ ପତଞ୍ଜଳି ସାମଗ୍ରୀ ବିଜ୍ଞାପନ ଯେପରି ବଡ଼ ବଡ଼ ଆକରରେ ପ୍ରକାଶ ପାଏ ସେହିଭଳି ରାମଦେବ ଓ ତାଙ୍କ ସହଯୋଗୀଙ୍କ କ୍ଷମା ପ୍ରାର୍ଥନାର ବିଜ୍ଞାପନ ମଧ୍ୟ ବଡ଼ ଆରକରେ ପ୍ରକାଶ ପାଇବାକୁ ବାଧ୍ୟ। ବୋଧହୁଏ ବାବା ଓ ତାଙ୍କ କମ୍ପାନୀ ପତଞ୍ଜଳି ପାଇଁ ଏହି ଦଣ୍ଡ ଯଥେଷ୍ଟ। ଏହାର କୁପ୍ରଭାବ ପତଞ୍ଜଳି ବ୍ୟବସାୟ ଉପରେ ଅବଶ୍ୟ ପଡ଼ିବ ଏବଂ ଲୋକଙ୍କ ବିଶ୍ୱାସ ହରାଇବ। ସୂଚନାଯୋଗ୍ୟ ଯେ ପତଞ୍ଜଳି ଗ୍ରୁପ୍‌ର ମୋଟ ବ୍ୟାବସାୟିକ କାରବାର ୫୩, ୩୧୧ କୋଟି ଟଙ୍କା। ସେଥିମଧ୍ୟରୁ ବଡ଼ ଭାଗ ହେଉଛି ଆୟୁର୍ବେଦ ଔଷଧ ଓ ଖାଦ୍ୟ ସାମଗ୍ରୀ। ଏହି କ୍ଷମା ପ୍ରାର୍ଥନା ପରେ କମ୍ପାନୀର ଅଂଶଧନ ମୂଲ୍ୟ ହ୍ରାସ ପାଇବା ନିଶ୍ଚିତ। ପାର୍ଥିବ ବ୍ୟାପାରରୁ ମୁକ୍ତ ରହି ଜଗତ କଲ୍ୟାଣ ପାଇଁ କାମ କରିବା ବାବା ମାନଙ୍କର ମୌଳିକ କାର୍ଯ୍ୟ ଓ ଧର୍ମ। କିନ୍ତୁ ବାବା ରାମଦେବ ସେହି ପନ୍ଥା ଛାଡ଼ି ବିଷୟାସକ୍ତ ହୋଇ ଆଜି ଏଭଳି ହିନସ୍ତା ହୋଇଛନ୍ତି।

ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ଏହାସତ୍ତ୍ୱେ କେବଳ ବାବା ରାମଦେବ ଓ ପତଞ୍ଜଳି କମ୍ପାନୀ କାହିଁକି? ଭାରତରେ ନିମ୍ନମାନର ଏଲୋପାଥି ଔଷଧକୁ ମଧ୍ୟ ଉଚ୍ଚମାନର କୁହାଯାଇ ଚିକିତ୍ସକମାନଙ୍କ ଜରିଆରେ ସେଗୁଡ଼ିକୁ ରୋଗୀଙ୍କ ଚିକିତ୍ସାରେ ପ୍ରୟୋଗ କରାଯାଉଛି। ଭାରତୀୟ ଭେଷଜ ପରିଷଦ ଓ ଭାରତୀୟ ଚିକିତ୍ସକ ସଂଘ ମଧ୍ୟ ଅନେକ ସମୟରେ ଏ କ୍ଷେତ୍ରରେ ଔଷଧର ଦ୍ରବ୍ୟଗୁଣ ଓ ମାନ ନିର୍ଦ୍ଧାରଣ ଠିକ୍ ଭାବେ କରୁନାହାନ୍ତି। ଏଲୋପାଥି ଔଷଧର ଅପମିଶ୍ରଣ ଏବେ ସାଧାରଣ କଥା ହୋଇଛି। ସେହିଭଳି ଅନ୍ୟାନ୍ୟ ଖାଉଟି ସାମଗ୍ରୀ(ଏଫଏମ୍‌ସିଜି), ଯାହା ବହୁଦେଶୀୟ କମ୍ପାନୀ ଦ୍ୱାରା ଉତ୍ପାଦିତ, ବିଜ୍ଞାପିତ ଓ ବିକ୍ରିବଟା ହେଉଛି, ତାହାର ମାନ ମଧ୍ୟ ସନ୍ଦେହରେ। ଏ ସବୁ ସାମଗ୍ରୀର ଗୁଣମାନ ଓ ବିଜ୍ଞାପନର ସଠିକତା ନେଇ ମାଳମାଳ ଅଭିଯୋଗ ହେଉଛି। ସୁପ୍ରିମକୋର୍ଟ ଏବେ କିଛି ତଥାକଥିତ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଶିଶୁ ଖାଦ୍ୟ ଓ ଶକ୍ତିବର୍ଦ୍ଧକ ପାନୀୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ତେବେ ଭାରତୀୟ ବଜାରରେ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଥିବା ଆଇନ୍ ଓ ବ୍ୟବସ୍ଥା ବିଶେଷ ଫଳପ୍ରଦ ହେଉ ନଥିବା ମନେ ହେଉଛି। ଏଠାକାର ଔଷଧ, ଖାଦ୍ୟ ଓ ଏଫଏମ୍‌ସିଜି ବଜାର ପ୍ରକାଣ୍ଡ। ଏହାକୁ ଆଗକୁ ବଢ଼ାଇବାକୁ କମ୍ପାନୀମାନେ ପ୍ରଚୁର ଅର୍ଥ ବିଜ୍ଞାପନରେ ଖର୍ଚ୍ଚ କରନ୍ତି ଏବଂ ନିୟାମକ ବ୍ୟବସ୍ଥା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଖୁସି କରିବାକୁ ଅର୍ଥ ଓ ଅନ୍ୟାନ୍ୟ ପନ୍ଥାର ଆଶ୍ରୟ ନିଅନ୍ତି। ନିୟାମକ ବ୍ୟବସ୍ଥା କୋହଳ ଓ ଦୁର୍ନୀତିପୂର୍ଣ୍ଣ ହେଲେ ଜନସ୍ୱାର୍ଥ ପ୍ରଭାବିତ ହୁଏ। ବିଜ୍ଞାପନ ଏପରି ଏକ ମାଧ୍ୟମ, ଯେଉଁଠି ଭେଣ୍ଡିକୁ ସୁନା ଭାବେ ଉପସ୍ଥାପିତ କରି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ସେମାନଙ୍କୁ ଠକି ହୁଏ। ତେଣୁ ଅଦାଲତ ଏହାକୁ ଏକା ରୋକିପାରିବେ ନାହିଁ। ସରକାର ଏବଂ ନିୟାମକ ବ୍ୟବସ୍ଥାର ଦାୟିତ୍ୱ ଏ କ୍ଷେତ୍ରରେ ଅଧିକ। ଅବଶ୍ୟ ବାବା ରାମଦେବ ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ଖାଉଟି ବ୍ୟାପାର, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଭାରତୀୟ ଡାକ୍ତରୀ ସଂଘକୁ ନୋଟିସ୍ ଜାରି କରିବା ସ୍ୱାଗତଯୋଗ୍ୟ।

# ଓଡ଼ିଶାର ପ୍ରାଚୀନ ମୁଦ୍ରା



ଡ. ଭାରତୀ ପାଲ୍
ଭୁବନେଶ୍ୱର, ମୋ: ୯୮୬୧୧୪୫୦୬୬

୧୯୩୨, ଡିସେମ୍ବର ୨୯ ତାରିଖରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏକାଧାରରେ ଐତିହ୍ୟର ମୂକସାକ୍ଷୀ ଓ ବିଦ୍ୟାର ମନ୍ଦିର। ଓଡ଼ିଆ ଜାତିର ଅସ୍ମିତାର ପରିଚୟ। ଭାରତବର୍ଷ ଏପରିକି ବିଶ୍ୱରେ ଥିବା ସଂଗ୍ରହାଳୟ ମଧ୍ୟରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ସଂଗ୍ରହାଳୟ ପ୍ରାଗ୍ ଐତିହାସିକ ଯୁଗରୁ ଆରମ୍ଭ କରି ଐତିହାସିକ ଏପରିକି ଆଧୁନିକ ଯୁଗର ବିଭିନ୍ନ ବିରଳ କଳାକୃତି ଦ୍ୱାରା ଭରପୂର। ଏଠାରେ ଥିବା ବିଭିନ୍ନ ବିଭାଗ ଯଥା ପ୍ରତ୍ନତତ୍ତ୍ୱ, ଲିପିତତ୍ତ୍ୱ, ମୁଦ୍ରା, ପ୍ରାଣୀବିଭାଗ, ଅସ୍ତ୍ରଶସ୍ତ୍ର ବିଭାଗ, ଚାରୁ ଓ କାରୁକଳା ବିଭାଗ, ନୃତତ୍ତ୍ୱ ବିଭାଗ, ପାଣ୍ଡୁଲିପି ବିଭାଗ, ପୋଷ୍ଟାଲ ଆଦି ବିଭିନ୍ନ ପ୍ରାଚୀନ କଳାକୃତି ଦ୍ୱାରା ବିମଣ୍ଡିତ। ଏହିସବୁ ବିଭିନ୍ନ ବିଭାଗ ମଧ୍ୟରୁ ମୁଦ୍ରା ବିଭାଗଟି ଉଭୟ ଗବେଷକ ଏବଂ ସାଧାରଣ ଦର୍ଶକ ଦ୍ୱାରା ବହୁଳ ଆଦୃତ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଆଦି ଧାତୁରେ ନିର୍ମିତ ପ୍ରାୟ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ କାଳର ମୁଦ୍ରାକୁ ଧାରଣ କରିଛି। ଏହି ପ୍ରାଚୀନ ମୁଦ୍ରା ଇତିହାସକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରେ। ଲିପିତତ୍ତ୍ୱ ପରି ମୁଦ୍ରା ମଧ୍ୟ ବିସ୍ମୃତ ଅତୀତ ଘଟଣାବଳୀର ପୁନରାବଲୋକନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଦେଶ ଓ ଜାତିର ରାଜନୈତିକ, ଆର୍ଥିକ, ସାମାଜିକ ସର୍ବୋପରି ଧାର୍ମିକ ଇତିହାସ ସମ୍ବନ୍ଧରେ ସମ୍ୟକ୍ ତଥ୍ୟ ପ୍ରଦାନ କରେ ମୁଦ୍ରା। ଏଥିସହିତ ଲୁପ୍ତ ପ୍ରାଚୀନ ଇତିହାସ ଓ ସଂସ୍କୃତି ପୁନରୁଦ୍ଧାରରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରେ।

ଓଡ଼ିଶାରେ ଆବିଷ୍କୃତ ସର୍ବପ୍ରାଚୀନ ମୁଦ୍ରା ହେଉଛି ରୌପ୍ୟ ଲାଞ୍ଛନ। ଏହି ମୁଦ୍ରା ସମଗ୍ର ଭାରତବର୍ଷରେ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ଦେଖିବାକୁ ମିଳେ। ଓଡ଼ିଶାରେ ମୁଖ୍ୟତଃ ଦୁଇପ୍ରକାର ଲାଞ୍ଛନ ମୁଦ୍ରା ଦେଖିବାକୁ ମିଳେ। ଏହାକୁ ଜନପଦ ବା ଆଞ୍ଚଳିକ ମୁଦ୍ରାଭାବେ ଐତିହାସିକମାନେ ଅଭିହିତ କରିଥା'ନ୍ତି। ଏହି ମୁଦ୍ରା ସାଧାରଣତଃ ଷୋଡ଼ଶ ଜନପଦ ଯଥା ପୁରାଣ ବର୍ଣ୍ଣିତ ଅଙ୍ଗ, ବଙ୍ଗ, କଳିଙ୍ଗ, ପାଞ୍ଚକ କୋଶଳ ଆଦି ରାଜ୍ୟରେ ଆବିଷ୍କୃତ ହୋଇଛି। ପତଳା ରୌପ୍ୟ ଖଣ୍ଡର ଏକ ପାର୍ଶ୍ୱରେ ଚାରଟି ପ୍ରତୀକ ଛାଞ୍ଚ ସାହାଯ୍ୟରେ ଉତ୍କୀର୍ଣ୍ଣ କରାଯାଇଥାଏ। ଅନ୍ୟ ପାର୍ଶ୍ୱରେ କୌଣସି ଚିହ୍ନ ନଥାଏ। ଦ୍ୱିତୀୟ ପ୍ରକାର ମୁଦ୍ରାଗୁଡ଼ିକୁ ମୌର୍ଯ୍ୟଯୁଗୀୟ ମୁଦ୍ରା କୁହାଯାଏ। ଏହି ମୁଦ୍ରାଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଆକାରଯୁକ୍ତ ନ ହୋଇ ଚତୁଷ୍କୋଣ, ତ୍ରିକୋଣ ବା ବହୁକୋଣ ବିଶିଷ୍ଟ ହୋଇଥାଏ। ଏହି ମୁଦ୍ରାଗୁଡ଼ିକର ଗୋଟିଏ ପାର୍ଶ୍ୱରେ ପାଞ୍ଚଗୋଟି ପ୍ରତୀକ ଏବଂ ଅନ୍ୟପାର୍ଶ୍ୱରେ ଏକ ବା ଦୁଇଟି ପ୍ରତୀକ ଦେଖିବାକୁ ମିଳିଥାଏ। ସେହିପରି ଏହି ମୁଦ୍ରାଗୁଡ଼ିକରେ ସୂର୍ଯ୍ୟ, ବିଭିନ୍ନ ପଶୁ, ବୃକ୍ଷ, ମନୁଷ୍ୟ, ପର୍ବତ ଆଦି ବିଭିନ୍ନ ପ୍ରତୀକ ଦେଖିବାକୁ ମିଳିଥାଏ। ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର, ଭୁବନେଶ୍ୱର ଶିଶୁପାଳଗଡ଼ ଆଦି ସ୍ଥାନରୁ ଏଭଳି ବହୁଳ ମୁଦ୍ରା ଆବିଷ୍କୃତ ହୋଇଛି।



ପରବର୍ତ୍ତୀ ପର୍ଯ୍ୟାୟରେ ଭାରତବର୍ଷର ଉତ୍ତରପ୍ରଦେଶ ଓ ଉତ୍ତର-ପଶ୍ଚିମ ସୀମାନ୍ତରେ ରାଜତ୍ୱ କରୁଥିବା କୁଷାଣ ରାଜବଂଶ ଦ୍ୱାରା ପ୍ରଚଳିତ ତାମ୍ର ମୁଦ୍ରା ଅନୁକରଣରେ 'ପୁରୀ-କୁଷାଣ' ମୁଦ୍ରା ଦେଖିବାକୁ ମିଳେ। ଏହି କୁଷାଣ ପ୍ରତିରୂପ ମୁଦ୍ରାଗୁଡ଼ିକ ପ୍ରଥମେ ପୁରୀ ଜିଲ୍ଲାର ମାଣିକପାଟଣା ନିକଟରୁ ୧୮୯୩ ମସିହାରେ ଆବିଷ୍କୃତ ହୋଇଥିବାରୁ ଏହାକୁ 'ପୁରୀ-କୁଷାଣ' ମୁଦ୍ରା ନାମରେ ଐତିହାସିକମାନେ ନାମିତ କରିଛନ୍ତି। ଓଡ଼ିଶାରୁ ଅନେକ ଅଞ୍ଚଳରୁ ଏଭଳି ହଜାର ହଜାର ସଂଖ୍ୟକ ତାମ୍ରମୁଦ୍ରା ଆବିଷ୍କୃତ ହୋଇ ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଅଛି। ଏହି ମୁଦ୍ରାଗୁଡ଼ିକର ଗୋଟିଏ ପାର୍ଶ୍ୱରେ କୁଷାଣ ରାଜା କନିଷ୍କ, ହୁବିଷ୍କ, ବାସୁଦେବ ଆଦିଙ୍କର ପ୍ରତିଛବି ଦେଖିବାକୁ ମିଳେ ଏବଂ ଅନ୍ୟ ପାର୍ଶ୍ୱରେ ଚନ୍ଦ୍ର ବା ଅର୍ଦ୍ଧଚନ୍ଦ୍ରର ପ୍ରତୀକ ଦେଖାଯାଏ। ତାମ୍ର ମୁଦ୍ରା ବ୍ୟତୀତ ଏହି ବଂଶର ପାଞ୍ଚଟି ସ୍ୱର୍ଣ୍ଣମୁଦ୍ରା ମଧ୍ୟ ଆବିଷ୍କୃତ ହୋଇଛି। ଓଡ଼ିଶାରେ ପ୍ରାପ୍ତ କୁଷାଣ ମୁଦ୍ରା ତାମ୍ରଧାତୁ ନିର୍ମିତ ମୁଦ୍ରା-ଛାଞ୍ଚ କିମ୍ବା ପୋଡ଼ା ମାଟିର ଛାଞ୍ଚରେ ପ୍ରସ୍ତୁତ କରାଯାଏ। ଓଡ଼ିଶାରେ କୁଷାଣ ମୁଦ୍ରାର ପ୍ରଚଳନ ସାଧାରଣତଃ ବ୍ୟବସାୟ ବାଣିଜ୍ୟ ବିନିମୟ ମାଧ୍ୟମରେ ହୋଇଥିବା ଏବଂ ମଧ୍ୟପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟରୁ ଓଡ଼ିଶାକୁ ଆସିଥିବାର ଅନୁମାନ କରାଯାଏ।

ଖ୍ରୀଷ୍ଟାବ୍ଦ ତୃତୀୟ ଓ ଚତୁର୍ଥ ଶତାବ୍ଦୀରେ ଭାରତ ବଂଶରେ ଗୁପ୍ତ ସାମ୍ରାଜ୍ୟର ଅଭ୍ୟୁଦୟ ଘଟିଲା। ଗୁପ୍ତଯୁଗକୁ ଭାରତବର୍ଷ ଇତିହାସରେ ସୁବର୍ଣ୍ଣଯୁଗ ଭାବେ ଅଭିହିତ କରାଯାଇଛି। ଏହି ବଂଶର ବିଭିନ୍ନ ଶାସକ ଯଥା ଚନ୍ଦ୍ରଗୁପ୍ତ, ସମୁଦ୍ରଗୁପ୍ତ, ଚନ୍ଦ୍ରଗୁପ୍ତ(ଦ୍ୱିତୀୟ), କୁମାରଗୁପ୍ତ ଆଦି ରାଜାମାନେ ସୁବର୍ଣ୍ଣ ମୁଦ୍ରା ବହୁଳ ଭାବରେ ପ୍ରବର୍ତ୍ତନ କରିଥିଲେ। ଏହି ରାଜାମାନେ ପ୍ରବଳ ପରାକ୍ରମୀ ଥିଲେ ଏବଂ ନିଜର ବାହୁବଳରେ ଅନେକ ରାଜ୍ୟକୁ ନିଜ ଶାସନାଧୀନ କରିଥିଲେ। ଖ୍ରୀଷ୍ଟାବ୍ଦ ୪ର୍ଥ ଶତାବ୍ଦୀରେ ସମୁଦ୍ରଗୁପ୍ତଙ୍କର ଦାକ୍ଷିଣାତ୍ୟ ଅଭିଯାନ ସମୟରେ କଳିଙ୍ଗ ରାଷ୍ଟ୍ରର ପାର୍ବତୀୟ ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଶାସକମାନେ ବିଶେଷକରି ଦକ୍ଷିଣ କୋଶଳର ଅନେକ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ ଏବଂ ଏହି ରାଜାମାନେ ତାଙ୍କର ସାର୍ବଭୌମତ୍ୱ ସ୍ୱୀକାର କରିଥିଲେ। ଏହି ରାଜ୍ୟଗୁଡ଼ିକ ସେ ଅଧିଗ୍ରହଣ ନକରି ସେମାନଙ୍କର ଠାରୁ ବହୁ ପରିମାଣରେ ରାଜସ୍ୱ ଆଦାୟ କରି ସେମାନଙ୍କର ରାଜ୍ୟ ଫେରାଇ ଦେଇଥିଲେ। ପ୍ରାଚୀନ ଯୁଗରେ ସମଗ୍ର ଉତ୍ତର ଭାରତରେ ଗୁପ୍ତମାନଙ୍କର ପ୍ରଭବ ଦେଖିବାକୁ ମିଳେ। ସେମାନଙ୍କର ରାଜନୈତିକ ଦକ୍ଷତା, ସୁଚିନ୍ତିତ ଅର୍ଥନୈତିକ ବ୍ୟବସ୍ଥା ଏବଂ ସାଂସ୍କୃତିକ ଓ ଧର୍ମୀୟ କ୍ଷେତ୍ରରେ ନୂତନ ଜାଗରଣ ସେମାନଙ୍କ ଶାସନ ବ୍ୟବସ୍ଥାର ପାରଦର୍ଶିତା ପ୍ରମାଣ କରେ। ଏହି ରାଜାମାନେ ବହୁସଂଖ୍ୟାରେ ସ୍ୱର୍ଣ୍ଣମୁଦ୍ରା ପ୍ରବର୍ତ୍ତନ କରିଥିଲେ। ଓଡ଼ିଶାରେ ଚନ୍ଦ୍ରଗୁପ୍ତ ଏବଂ କୁମାରଦେବୀଙ୍କର ଯୁଗ୍ମପ୍ରତୀକ ଥିବା ମୁଦ୍ରା, ସମୁଦ୍ରଗୁପ୍ତଙ୍କର ବୀଣା ବଜାଇବା ଦୃଶ୍ୟ, ଚନ୍ଦ୍ରଗୁପ୍ତ ଦ୍ୱିତୀୟ ଏବଂ କୁମାରଗୁପ୍ତଙ୍କର ଧନୁତୀରଧାରୀ ପ୍ରତୀକ ସମ୍ବଳିତ ମୁଦ୍ରା ଆବିଷ୍କୃତ ହୋଇଛି। ଏହି ମୁଦ୍ରାମାନଙ୍କର ମଧ୍ୟ ଦେବୀ ଲକ୍ଷ୍ମୀଙ୍କର ପ୍ରତୀକ ଦେଖିବାକୁ ମିଳେ।

ସେହିପରି ଖ୍ରୀଷ୍ଟାବ୍ଦ ୬ଷ୍ଠ-୭ମ ଶତାବ୍ଦୀରେ ଦକ୍ଷିଣ କୋଶଳ ଅର୍ଥାତ ଓଡ଼ିଶାର କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଏବଂ ସମ୍ବଲପୁର ଅଞ୍ଚଳ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳରେ ଶାସନ କରୁଥିବା ଶରଭପୁରୀୟ ଶାସକମାନେ ମଧ୍ୟ ସ୍ୱର୍ଣ୍ଣମୁଦ୍ରା ପ୍ରବର୍ତ୍ତନ କରିଥିଲେ। ଏହି ଶାସକମାନେ ବୈଷ୍ଣବ ଧର୍ମାବଲମ୍ବୀ ଥିବାରୁ ସେମାନଙ୍କର ପ୍ରବର୍ତ୍ତନ ମୁଦ୍ରାରେ ବୈଷ୍ଣବ ଧର୍ମର ପ୍ରତୀକ ଗରୁଡ଼, ଶଙ୍ଖ, ଚକ୍ର ଆଦିର ପ୍ରତୀକ ଦେଖିବାକୁ ମିଳେ। ଶରଭପୁରୀୟ ଶାସକମାନଙ୍କ ମଧ୍ୟରେ ମହେନ୍ଦ୍ରାଦିତ୍ୟ, ବିକ୍ରମାଦିତ୍ୟ ଓ ପ୍ରସନ୍ନମାତ୍ରଙ୍କ ସ୍ୱର୍ଣ୍ଣମୁଦ୍ରା ଓଡ଼ିଶାରେ ଦେଖିବାକୁ ମିଳେ। ଏହି ସମୟରେ ଓଡ଼ିଶାର କୋରାପୁଟ ଜିଲ୍ଲାର ପଶ୍ଚିମାଞ୍ଚଳ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ରାଜ୍ୟରେ ଶାସନ କରୁଥିବା ନଳବଂଶୀ ଶାସକମାନେ ମଧ୍ୟ ଶରଭପୁରୀୟ ମୁଦ୍ରା ଅନୁକରଣରେ ସ୍ୱର୍ଣ୍ଣମୁଦ୍ରା ନିଜ ରାଜ୍ୟରେ ପ୍ରଚଳନ କରିଥିଲେ। ଏହି ମୁଦ୍ରାଗୁଡ଼ିକରେ ଗରୁଡ଼ ପରିବର୍ତ୍ତେ ବୃଷଭ ଲାଞ୍ଛନ ସହିତ ରାଜାମାନଙ୍କର ନାମ ଉତ୍କୀର୍ଣ୍ଣ ହୋଇଥିବାର ଦେଖିବାକୁ ମିଳେ।

# ପ୍ରଚଣ୍ଡ ତାତିରୁ ତ୍ରାହି କାହିଁ?



ହିତାଂଶୁ ଶେଖର ମହାନ୍ତ
ଭୁବନେଶ୍ୱର, ମୋ: ୯୪୩୭୮୭୨୯୦୪

୧୯୯୮ ମସିହା ପୂର୍ବରୁ 'ହିଟ୍ ୱେଭ୍' ବା 'ଗ୍ରୀଷ୍ମ ଲହରୀ' ବିଷୟରେ ଆମ ପିଢ଼ିର ଲୋକେ ଜାଣି ନ ଥିଲୁ। ତେବେ ହଠାତ୍ ଯେତେବେଳେ ଅଂଶୁଘାତର ସମ୍ବାଦ ସାରା ଦେଶକୁ ତାବଦା କରିଦେଲା, ସେତେବେଳେ ଯାଇ ଲୋକେ ଏ ବିଷୟରେ କିଛିଟା ସଚେତନ ହେଲେ। ସେତେବେଳେ କେବଳ ଓଡ଼ିଶାରେ ପ୍ରାୟ ଅଢ଼େଇ ହଜାର ଲୋକଙ୍କ ପ୍ରାଣହାନି ଘଟିଲା। ଓଡ଼ିଶା ପ୍ରଥମ କରି ଅଂଶୁଘାତଜନିତ ମୃତ୍ୟୁ ଭଳି ବିପର୍ଯ୍ୟୟକୁ ସାମ୍ନା କଲା। ଏହା ପୂର୍ବରୁ ଯେ ଖରା ତାତିରେ କାହାରି ମୃତ୍ୟୁ ଘଟୁ ନଥିଲା, ଏପରି ନୁହେଁ। ତେବେ ଏକାଦିକ୍ରମେ ଗଣମୃତ୍ୟୁ ହେବା ବୋଧହୁଏ ଥିଲା ପ୍ରଥମ। ତାତିରେ ମଧ୍ୟ ସେହିବର୍ଷ ଓଡ଼ିଶା ସର୍ବଭାରତୀୟସ୍ତରରେ ରେକର୍ଡ କରିଥିଲା। ଏପରିକି ରାଜ୍ୟର କେତେକ ଅଞ୍ଚଳରେ ତାପମାତ୍ରା ୪୯ ଡିଗ୍ରୀ ଟପିଥିଲା। ଗଛରେ ବସିଥିବା ଚଢ଼େଇ ମଧ୍ୟ ଖରାତାତି ସହ୍ୟ କରି ନ ପାରି ତଳେ ଖସି ପଡୁଥିଲେ। ଗଣମାଧ୍ୟମରେ ଏକାଧିକବାର ଏ ସମ୍ପର୍କରେ ଖବର ପ୍ରକାଶ ପାଇଥିଲା।

ସେବେଠାରୁ ଗାଁ ଗାଁରେ, ପ୍ରତି ପଞ୍ଚାୟତରେ ସରକାରୀ ଖର୍ଚ୍ଚରେ ମାର୍ଚ୍ଚ ମାସଠାରୁ ଜୁନ୍ ପର୍ଯ୍ୟନ୍ତ ଜଳଛତ୍ର ଖୋଲିବା ବ୍ୟବସ୍ଥା ହେଲା। ମାଟି ହାଣ୍ଡିରେ ଥିବା ଥଣ୍ଡା ଜଳ ପିଇ ପଥଚାରୀ ତୃଷା ନିବାରଣ କଲେ। ୧୯୯୯ ମସିହାଠାରୁ ରାଜ୍ୟ ସରକାର ଟାଣ ଖରାରେ କାମ କରିବା ଉପରେ କଟକଣା ଜାରି କଲେ। ଏହି କଟକଣା ପୂର୍ବାହ୍ନ ସାଢ଼େ ୧୧ଟା ପରଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବଳବତ୍ତର ରହିଲା। ମନରେଗା ଶ୍ରମିକମାନଙ୍କ ପାଇଁ ସକାଳୁ ସାଢ଼େ ୧୧ଟା ପର୍ଯ୍ୟନ୍ତ କାମ କରିବାକୁ ନିର୍ଦ୍ଦେଶ ଥିଲା। ପରବର୍ତ୍ତୀ ସମୟରେ କଟକଣା ଆହୁରି ବଢ଼ିଲା।

ଏବେ ଏଭଳି ଅସ୍ୱାଭାବିକ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ପଛର କାରଣ ଆଲୋଚନା କରିବା। କେବଳ ରାଜଧାନୀ କଥା ଆଲୋଚନା କରାଯାଉ। ରାଜ୍ୟର ଏହି ଅତ୍ୟାଧୁନିକ ଯୋଜନାବଦ୍ଧ ରାଜଧାନୀ-ସହର ଏକଦା ଝଙ୍କାଳିଆ ବଡ଼ ବଡ଼ ଗଛରେ ପରିପୂର୍ଣ୍ଣ ଥିଲା। କ୍ରମେ ଉନ୍ନତିକରଣର ଆଳରେ ବିପୁଳ ଗଛ କଟା ଚାଲିଲା। ରାଜଧାନୀବାସୀଙ୍କ ମଧ୍ୟରୁ ଅନେକଙ୍କ ମନେ ଥିବ, ରାମମନ୍ଦିର ପଟୁ ବାଣୀବିହାର ଆସୁଥିବା ରାସ୍ତାରେ ବର୍ତ୍ତମାନର ଡିସିପି କାର୍ଯ୍ୟାଳୟ ନିକଟରେ ଏକ ବିରାଟ ଝଙ୍କାଳିଆ ଜାମୁଗଛ ଥିଲା। ଏହାର ସୁମଧୁର ମିଠା କୋଳି (ଦୁଃଖର କଥା, ସେସବୁ କାହା ଉଦରକୁ ଯିବା ପରିବର୍ତ୍ତେ ବିଭିନ୍ନ ଯାନବାହନର ଚକାତଳେ ଜୀବନ ହାରୁଥିଲା!) ଏବଂ ସୁଶୀତଳ ଛାୟାର ଆନନ୍ଦ ଯିଏ ଉଠାଇଥିଲେ, ସେମାନେ ଆଜି ତାକୁ ପ୍ରାୟ ଷୋହଳ ବର୍ଷ ପରେ ଝୁରୁଛନ୍ତି। ଏମିତି ଏମିତି ସାରା ରାଜଧାନୀକୁ ସୁଶୀତଳ ଛାୟା ପ୍ରଦାନ କରୁଥିବା ବୃକ୍ଷଗୁଡ଼ିକ (ଯେଉଁମାନେ ୧୯୯୯ ମହାବାତ୍ୟାକୁ ମଧ୍ୟ ପିଠି କରି ସଦର୍ପେ ଦଣ୍ଡାୟମାନ ଥିଲେ) ଅଚିରେ ଭୂପତିତ ହେଲେ। ଏହା ଖାଲି ରାଜଧାନୀ ଭୁବନେଶ୍ୱରର କାହାଣୀ ନୁହେଁ, ଏ କାହାଣୀ ଓଡ଼ିଶାର ଉପାନ୍ତ ଅଞ୍ଚଳଗୁଡ଼ିକର ମଧ୍ୟ। ସବୁସ୍ଥାନରେ ଗଛକଟାର ସତେଯେମିତି ପ୍ରତିଯୋଗିତା ଚାଲିଥିଲା।



ଏହାର ପ୍ରତିକ୍ରିୟା ସ୍ୱରୂପ ସରକାରୀ ଭାବରେ ବନ ବିଭାଗ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ମଧ୍ୟ ଚାରାରୋପଣ ଓ ବନୀକରଣ ନେଇ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା। କିଏ କେତେ ଗଛ ଲଗାଇବେ (ଅବଶ୍ୟ କେଉଁଠି, ସେକଥା କହିପାରିବିନି!) ସେ ନେଇ ତୀବ୍ର ପ୍ରତିଯୋଗିତା ହେଲା। କିଏ ପାଞ୍ଚ ହଜାର ତ କିଏ ଦଶ ହଜାର କିଏ ପୁଣି ଲକ୍ଷାଧିକ ଚାରାରୋପଣ କରି ରେକର୍ଡ ପରେ ରେକର୍ଡ ପ୍ରତିଷ୍ଠା କଲେ। ଗଣମାଧ୍ୟମରେ ଏସବୁ ଖବର ପୃଷ୍ଠା ମଣ୍ଡନ କଲା। ତେବେ ଗୋଟିଏ କଥା ବୁଝି ହେଲା ନାହିଁ, ଏତେ ଗଛ ଲଗାଇବା ପରେ ମଧ୍ୟ ଖରାଦିନ ଆସିଲେ କାହିଁକି ରାଜଧାନୀ ସମେତ ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଏତେ ପ୍ରଚଣ୍ଡ ହେଉଛି। କାହିଁକି ପ୍ରତିବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଶିକ୍ଷାନୁଷ୍ଠାଗୁଡ଼ିକରେ ଗ୍ରୀଷ୍ମଛୁଟି ହୁଏ। ଏହାର କାରଣ ଖୋଜିବାକୁ ହେଲେ ଏଠାରେ ଗୋଟିଏ ଗପର ଅବତାରଣା କରିବାକୁ ପଡ଼ିବ। ଗପଟି ଏହିପରି -

ଥରେ କୌଣସି ଏକ ରାଜ୍ୟର ରାଜା ଏକ ପୋଖରୀ ଖୋଳିବାକୁ ମନ କଲେ, ଯାହା ପାଣି ବଦଳରେ ସମ୍ପୂର୍ଣ୍ଣ ରୂପେ କ୍ଷୀରରେ ପରିପୂର୍ଣ୍ଣ ହୋଇଥିବ। ସେଥିରେ ରାଜଉଆସରେ ଥିବା ରାଣୀହଂସପୁରର ନାରୀମାନେ ସ୍ନାନ କରିବେ। ରାଜାଙ୍କ ଆଦେଶ ଆସିବା ମାତ୍ରକେ ଦିନ କେଇଟାରେ ଖୋଳା ହୋଇଗଲା ପୋଖରୀ। ପଥରରେ ସମ୍ପୂର୍ଣ୍ଣ ନିବୁଜ କରି ଦିଆଗଲା। ଏବେ ଏହାକୁ କ୍ଷୀରରେ ପରିପୂର୍ଣ୍ଣ କରିବାର ବେଳ ଆସିଲା। ରାଜା ସମସ୍ତ ରାଜ୍ୟବାସୀଙ୍କୁ ନିର୍ଦ୍ଦେଶ ଦେଲେ ଆସନ୍ତାକାଲି ରାତି ନ ପାହୁଣୁ ଯେଭଳି ସମସ୍ତେ ଘରପିଛା ଏକ ଘଡ଼ି (ବା କଳସୀ) ଖାଣ୍ଟି ଗାଈକ୍ଷୀର ଆଣି ଉପରୋକ୍ତ ପୋଖରୀରେ ଢାଳିବେ। ରାଜାଆଜ୍ଞା ଏଡ଼ାବାକୁ କାହାର ବା ଶକ୍ତି ଅଛି! ରାତିରେ ସମସ୍ତେ ନିଶ୍ଚିନ୍ତରେ ଶୋଇଲେ। ତେବେ ଭୋର ହେବା ପରେ ସମସ୍ତେ ଭାବିଲେ, ସମସ୍ତେ ତ କ୍ଷୀର ଘଡ଼ିଏ ଲେଖାଏଁ ଢାଳି ଦେବେ। ମୁଁ ଏକୁଟିଆଟା କ୍ଷୀର ନ ଢାଳି ପାଣି ଢାଳିଦେଲେ କିଏ ବା ଜାଣୁଛି! ବାସ୍, ତମାମ ରାଜ୍ୟବାସୀଙ୍କ ମନରେ ଏ ଚିନ୍ତା ଆସିବାର ପରିଣତି ହେଲା, ସକାଳେ ରାଜା ନିଜର ନୂତନ ଉଦ୍ଭାବନ 'କ୍ଷୀରସାଗର'କୁ ଦେଖିବାକୁ ଅତ୍ୟନ୍ତ ଉତ୍ସୁକତାର ସହ ଯାଇ ଏକ ସାଧାରଣ ଜଳର ପୋଖରୀ ଦେଖିଲେ। ଅବଶ୍ୟ ଏହାପରେ ରାଜା କାହାକୁ ଦଣ୍ଡିଲେ, ସେ କଥା ଗପରେ ଉଲ୍ଲେଖ ନାହିଁ।

ଉପରୋକ୍ତ ଗପ ସହ ଆମମାନଙ୍କ ମାନସିକତାକୁ ଯୋଡ଼ି ଦେଖିଲେ ଆମେ ସେହି କଳ୍ପିତ ରାଜ୍ୟବାସୀଙ୍କଠାରୁ କୌଣସି ଗୁଣରେ ଭିନ୍ନ ନୋହୁଁ। ଆମେ ଭାବୁଛୁ ସରକାର, ପ୍ରଶାସନ, ବନ ବିଭାଗ ସମସ୍ତେ ତ ଗଛ ଲଗାଉଛନ୍ତି, ତେଣୁ କେଉଁଠି କେମିତି ସୁଯୋଗଟିଏ ପାଇଲେ ଗଛଟିମାନ କାଟି ନେବାକୁ ଆମ ହାତ ଥରି ଉଠୁନାହିଁ। ପ୍ରକାରାନ୍ତରେ ଚାରାରୋପଣ ପାଇଁ ଯେତେ କେଞ୍ଚିଲେ ମଧ୍ୟ 'ଅନ୍ୟମାନେ ତ ଲଗାଉଥିବେ' ଭାବି ଆମେମାନେ ଚୁପ୍ ହୋଇ ବସିପଡୁ। ନିଜଘରେ ବାତାନୁକୂଳିତ ଯନ୍ତ୍ର ଲଗାଇ 'ଓଃ ଏ ବର୍ଷ କି ଗରମ'ରେ ସୀମିତ ରହିଯାଏ ବାକିମାନଙ୍କ ପ୍ରତି ଆମର ସହାନୁଭୂତି।

ତଥ୍ୟ କହୁଛି, ୨୦୦୧ ମସିହା ପରଠାରୁ ଜଙ୍ଗଲ କ୍ଷୟର ଆଲୋଡ଼ା ରେକର୍ଡରେ ସ୍ଥାନ ପାଇଥିବା ରାଜ୍ୟର ଶ୍ରେଷ୍ଠ ତିନି ଜିଲ୍ଲା ହେଲେ କନ୍ଧମାଳ, ଜଗତସିଂହପୁର ଓ ଭଦ୍ରକ। ଏସବୁ ଅଞ୍ଚଳରେ ୭୨ ପ୍ରତିଶତ ପର୍ଯ୍ୟନ୍ତ ଜଙ୍ଗଲ ଅବକ୍ଷୟ ଘଟିଛି। ଆହୁରି ମଧ୍ୟ ଜଣାପଡ଼ିଛି ଯେ, ୧୯୯୦ ପରଠାରୁ ଓଡ଼ିଶାରେ ବନାନିର ଆବରଣ ୨୨.୮୮ ପ୍ରତିଶତ ହ୍ରାସ ପାଇଛି, ଯେଉଁଥିରୁ ୧୯୯୦ରୁ ୨୦୦୦ ମସିହା ଭିତରେ ୨୫.୬ ପ୍ରତିଶତ, ୨୦୦୦ରୁ ୨୦୧୦ ମଧ୍ୟରେ ୩.୪୪ ପ୍ରତିଶତ ଓ ୨୦୧୦ରୁ ୨୦୨୨ ମସିହା ମଧ୍ୟରେ ୦.୧୯ ପ୍ରତିଶତ ହ୍ରାସ ପାଇଛି। ଅପରପକ୍ଷରେ 'ଭାରତୀୟ ବନ ସର୍ବେକ୍ଷଣ' ସଂସ୍ଥାର ସର୍ଭେ ଅନୁଯାୟୀ, ୨୦୧୭ରୁ ୨୦୧୯ ମସିହା ମଧ୍ୟରେ ୨୭୪ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି। ଏଥିସହ ଉକ୍ତ ସଂସ୍ଥା ଏକଥା ବି କହିଛି ଯେ, ୨୦୧୦ରୁ ୨୦୨୧ ମଧ୍ୟରେ ରାଜ୍ୟର ୧ କୋଟି ୮୫ ଲକ୍ଷ ୭୪୮ଟି ବୃକ୍ଷକୁ ରାସ୍ତା ସମ୍ପ୍ରସାରଣ ପାଇଁ ସହିଦ ହେବାକୁ ପଡ଼ିଛି। ବଦଳରେ ଲଗାଯାଇଥିବା ବୃକ୍ଷଗୁଡ଼ିକର ସଂଖ୍ୟା ହେଉଛି ୨୯ ଲକ୍ଷ ୮୩ ହଜାର ୫୭୩। ଅର୍ଥାତ୍ ଆଜି ମଧ୍ୟ ଆମେ ଭାବୁଛୁ, ଆଉ କେହି ଆସି ପୋଖରୀରେ କ୍ଷୀର ଢାଳି ଦେଇଯିବ। ଆଉ କେହି ଆସି ଆମ ପାଇଁ ଗଛ ଲଗାଇ ବନୀକରଣ କରିବ। ଏ ପ୍ରକାର ମାନସିକତା ନ ବଦଳିଲେ ଏ ପ୍ରଚଣ୍ଡ ତାତିରୁ ତ୍ରାହି କାହିଁ! ଏଣେ ଖରାରେ ସନ୍ତୁଳି ହେଉଥିବା ବେଳେ ତେଣେ ଗଛକଟାର ଏ ନଗ୍ନ ପ୍ରତିଯୋଗିତାର ଅନ୍ତ କ'ଣ ସତରେ ସମ୍ଭବ?

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# କେନ୍ଦୁଝର ବନଖଣ୍ଡର ୩୬୦ ସ୍ଥାନରେ ଜଙ୍ଗଲ ନିଆଁ

## ୧୦ ରକ୍ଷକ ଗାଡ଼ି, ୧୪୪ଟି ମେସିନ୍ ଓ ୧୦୪ ଜଣ ନିଆଁ ଲିଭାରେ ନିୟୋଜିତ






**କେନ୍ଦୁଝର, ୨୩।୪(ସମିସ):** ମଙ୍ଗଳବାର ସୁଦ୍ଧା କେନ୍ଦୁଝର ବନଖଣ୍ଡର ୩୬୦ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିବା ସୂଚନା ମିଳିଛି। ଆଉ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ବର୍ଷା ନ ହେଲେ ସ୍ଥିତି ଉତ୍କଟ ହେବାର ଆଶଙ୍କା ଉପୁଜିଛି। ଜିଲ୍ଲାରେ ବର୍ତ୍ତମାନ ବ୍ୟାପକ ଜଙ୍ଗଲରେ ନିଆଁ ଲାଗି ଔଷଧୀୟ ବୃକ୍ଷଲତା ସମେତ ହଜାର ହଜାର ଅନ୍ୟାନ୍ୟ ଗଛଲତା ପୋଡ଼ି ପାଉଁଶ ହେଉଥିବା ବେଳେ ନିଆଁ ଲିଭାଇବା ବନ ବିଭାଗ ପାଇଁ ଏବେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ସୂଚନାନୁସାରେ, ମଙ୍ଗଳବାର କେନ୍ଦୁଝର ବନଖଣ୍ଡର ମୁଖ୍ୟତଃ ୩ଗୋଟି ରେଞ୍ଜ ଅଞ୍ଚଳରେ ୩୬୦ ସ୍ଥାନରେ ନିଆଁ ଲାଗିଛି। ଏଥି ମଧ୍ୟରୁ ୨୮୦ ସ୍ଥାନରେ ଜଙ୍ଗଲ ମଧ୍ୟରେ ଏବଂ ଜଙ୍ଗଲ ବାହାରେ ୮୦ ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ସମସ୍ତ ସ୍ଥାନର ନିଆଁ ମନୁଷ୍ୟକୃତ ବୋଲି କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ମଙ୍ଗଳବାର ସୁଦ୍ଧା ଚମ୍ପୁଆ ରେଞ୍ଜର ୮୦ଟି ସ୍ଥାନ, କେନ୍ଦୁଝର ସଦର ରେଞ୍ଜର ୫୫ଟି ସ୍ଥାନ, ଭୂୟାଁ ଜୁଆଙ୍ଗ ପିଢ଼ ଅଞ୍ଚଳରେ ୭୦ଟି ପଏଣ୍ଟରେ ନିଆଁ ଲାଗିଥିବା ଜଣାଡ଼ିଛି। ଏଥିମଧ୍ୟରୁ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ, କାକୁଡ଼ିଅମ୍ବା, କାଞ୍ଜିପାଣି, ଚମକପୁର, ଠାକୁରାଣୀ ଓ କଳାପାଟ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ନିଆଁ ଲାଗିଥିବା ସୂଚନା ମିଳିଛି।

ଡିଏଫ୍‌ଓ କହିଛନ୍ତି ଯେ ବନବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବା ସତ୍ତ୍ୱେ ଲୁଚାଛପାରେ ପାହାଡ଼ରେ ପୋଡୁଚାଷ, ମହୁଲ ଫୁଲ ଗୋଟାଇବା, ଜନ୍ତୁ ଶିକାର ଏବଂ ଜାଳେଣି କାଠ ସଂଗ୍ରହ କରିବା ପାଇଁ ଏଭଳି ମନୁଷ୍ୟକୃତ ଜଙ୍ଗଲ ନିଆଁ ସୃଷ୍ଟି କରାଯାଉଛି। ଗତ ୭ଦିନ ମଧ୍ୟରେ ଯେତିକି ସ୍ଥାନରେ ନିଆଁ ଲାଗିଥିଲା, ବନ କର୍ମଚାରୀ ଓ ଟିମ୍ ମିଶି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାପମାତ୍ରା ବୃଦ୍ଧି କାରଣରୁ ଅଧିକ ମାତ୍ରାରେ ନିଆଁ ବ୍ୟାପୁଥିବା ଜଣାପଡ଼ିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜଙ୍ଗଲଗୁଡ଼ିକରେ ଥିବା ୬୮୫ଟି ବନସୁରକ୍ଷା ସମିତିର ସଦସ୍ୟ/ସଦସ୍ୟାଙ୍କ ମାଧ୍ୟମରେ ବ୍ୟାପକ ସଚେତନତା କରାଯାଉଛି। ଏବର୍ଷ ୨୩୭ ଟି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସରିଲାଣି। ନିଆଁ ଲିଭାଇବାକୁ ୧୪୪ ନିଆଁଲିଭା ମେସିନର ବ୍ୟବହାର କରାଯାଉଥିବା ବେଳେ ୧୦ଟି ଅତ୍ୟାଧୁନିକ ରକ୍ଷକ ଗାଡ଼ି ନିୟୋଜିତ ଅଛନ୍ତି। ଏଥି ନିମନ୍ତେ ୧୦୪ଜଣ ନିୟୋଜିତ ରହିଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ ୧୨୩୫ କିଲୋମିଟର ସ୍ଥାନରେ ନିଆଁ ନ ଡେଇଁବା ରାସ୍ତା ମଧ୍ୟ ତିଆରି କରାଯାଇଥିବା ଡିଏଫଓ କହିଛନ୍ତି। ବନ ବିଭାଗକୁ ଜଙ୍ଗଲରେ ନିଆଁ ଲାଗିଥିବା ସୂଚନା ମିଳିବା ମାତ୍ରେ ୧ ଘଣ୍ଟା ମଧ୍ୟରେ ନିଆଁଲିଭା ଯନ୍ତ୍ରପାତି ସହିତ ବନ କର୍ମଚାରୀ ଟିମ ସେଠାରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ କରୁଥିବା ଡିଏଫଓ କହିଛନ୍ତି।

# ବନାଗ୍ନି ମୁକ୍ତ ହେଲା ଶିମିଳିପାଳ



**ବାରିପଦା, ୨୩।୪(ସମିସ):** ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣ ହୋଇଛି। ଯୋଜନାବଦ୍ଧ ପଦକ୍ଷେପ ନିଆଯିବାରୁ ଏହି ସଫଳତା ମିଳିଛି। ବ ନସୁରକ୍ଷା ସମିତି, ଓଡ୍ରାଫ ଟିମ, ବନ କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମ ଯୋଗୁ ସମସ୍ତ ଫାୟାର ପଏଣ୍ଟରେ ନିଆଁ ଲିଭିଛି। ଫଳରେ ଅଭୟାରଣ୍ୟ ମଙ୍ଗଳବାର ଜିରୋ ଫାୟାର ପଏଣ୍ଟ ସ୍ଥିତି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ସଫଳତା ଦେଲା ଯୋଜନାବଦ୍ଧ ପଦକ୍ଷେପ**

ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଜିଲ୍ଲାର ତାପମାତ୍ରା ପାରଦ ୪୫ ଡିଗ୍ରୀ ପାର ହୋଇଥିବା ବେଳେ ହୁତୁହୁତୁ ହୋଇ ଜଳୁଥିଲା ଶିମିଳିପାଳ। ଅଭୟାରଣ୍ୟ ମଧ୍ୟରେ ଥିବା ବନ୍ୟଜନ୍ତୁ ଗରମରେ ଆଉଟୁପାଉଟୁ ହେଉଥିଲେ। ପ୍ରତିଦିନ କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବା ସହ ବନାଗ୍ନି ସ୍ଥିତି ମଧ୍ୟ ବଢ଼ିବାରେ ଲାଗିଥିଲା। ଗତ ଶନିବାର ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ୧୩ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଥିବା ବେଳେ ରବିବାର ଏହି ସଂଖ୍ୟା ୪୫କୁ ବୃଦ୍ଧି ପାଇଥିଲା। ସେହିପରି ସୋମବାର ୨୮ଗୋଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଥିଲା। ଫଳରେ ଅଭୟାରଣ୍ୟରେ ଜଙ୍ଗଲ ନିଆଁ ଅଣାୟତ୍ତ ହୋଇଥିଲା। ତେବେ ବନ କର୍ମଚାରୀ ସମେତ ୨୬ଜଣିଆ ଓଡ୍ରାଫ ଟିମ, ଅଗ୍ନିଶମ ବାହିନୀ ସ୍ଥିତି ନିୟନ୍ତ୍ରଣ କରିବାରେ ଆପ୍ରାଣ ଉଦ୍ୟମ କରିବା ପରେ ସଫଳତା ମିଳିଛି।

# ଅବଶିଷ୍ଟାଂଶ...

## 'ନବୀନ' ବିକାଶର...

ଦେଇଥିବା ବେଳେ ଏହାଦ୍ୱାରା ଜିଲ୍ଲାର ୮୦ ହଜାର ଚାଷୀ ଏବଂ ୭୦ ହଜାର ଲୋକଙ୍କୁ ପିଇବା ପାଣି ମିଳିପାରିଛି। ଜଳସେଚନ କ୍ଷେତ୍ରରେ ଏହି ତିନୋଟି ବଡ଼ ପ୍ରକଳ୍ପ ଅଭୂତପୂର୍ବ ରୂପାନ୍ତରଣ ଆଣିଥିବା ବେଳେ ଏହା ସହ ଏକାଧିକ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଜାରି ରହିଛି।

ଅପରପକ୍ଷେ ସମଗ୍ର ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଗମନାଗମନ କ୍ଷେତ୍ରରେ ବରଦାନ ସାଜିଛି ବିଜୁ ଏକ୍ସପ୍ରେସ ୱେ। ପଶ୍ଚିମ ଓଡ଼ିଶାର ଜୀବନରେଖା କୁହାଯାଉଥିବା ଏହି ଏକ୍ସପ୍ରେସ ୱେ ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସହରକୁ ଏବେ ନିବେଶକଙ୍କ ଆଗମନ ବଢ଼ିଛି। ପର୍ଯ୍ୟଟନ ରୂପାନ୍ତରଣ କ୍ଷେତ୍ରରେ ମଧ୍ୟ ପଛରେ ପଡ଼ିନାହିଁ। ରାଜ୍ୟ ସରକାର ସମ୍ବଲପୁରବାସୀଙ୍କୁ ସମଲେଇ ପ୍ରକଳ୍ପ ଭେଟି ଦେଇଥିବା ଏହାସହ ହରିଶଙ୍କର, ନୃସିଂହନାଥ ପ୍ରକଳ୍ପ ମଧ୍ୟ ପର୍ଯ୍ୟଟନକୁ ନୂଆରୂପ ଦେଇଛି। ସେହିପରି ୧୦୦୦ କୋଟି ଟଙ୍କା ବିନିମୟରେ ଭିସୁଟର ରୂପାନ୍ତରଣ, ହଜାର ହଜାରକୋଟି ଟଙ୍କା ବ୍ୟୟରେ ଭିମସାରର ଉନ୍ନତିକରଣ, ଝାରସୁଗୁଡ଼ା ଓ ବରଗଡ଼ରେ କ୍ୟାନ୍ସର ହସ୍ପିଟାଲ ସହ ଝାରସୁଗୁଡ଼ା, ରାଉରକେଲା, କଳାହାଣ୍ଡିରେ ନୂଆ ବିମାନ ବନ୍ଦର, ତୁଷରା ଏୟାରଷ୍ଟ୍ରିପର ଉନ୍ନତିକରଣ ପଶ୍ଚିମ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ନୂଆ ଦିଗ ଦେଇଛି। ସେହିପରି ହଜାର ହଜାର କୋଟି ଟଙ୍କା ମୂଲ୍ୟରେ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର କାର୍ଯ୍ୟକାରୀ କରି ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଅବ୍ୟାହତ ରଖିଥିବା ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧିନରେ ସମଗ୍ର ଅଞ୍ଚଳର ଉନ୍ନୟନ ପ୍ରକ୍ରିୟାକୁ ଗୁରୁତ୍ୱ ଦେଉଛନ୍ତି।

ବିଗତ କିଛିବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପଶ୍ଚିମ ଓଡ଼ିଶାକୁ ଘନ ଘନ ଗସ୍ତ କରିଛନ୍ତି। ବିକାଶ ପ୍ରକ୍ରିୟାକୁ ସଠିକ୍ ମାର୍ଗରେ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ରୋଡମ୍ୟାପ୍ ପ୍ରସ୍ତୁତ କରିଥିବା ବେଳେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି କାର୍ତ୍ତିକ ପାଣ୍ଡିଆନ୍। ଅତଏବ ମୁଖ୍ୟମନ୍ତ୍ରୀ ଏଠାରୁ ବିଜୟ ଲାଭ କଲେ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ବିକାଶ ପ୍ରକ୍ରିୟା ଶିଖର ଛୁଇଁବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ଆସନରୁ ଲଢୁଛନ୍ତି। ଯାହାକୁ ନେଇ ବିଜେଡି ପ୍ରାର୍ଥୀ ଏବଂ କର୍ମୀମାନେ ପ୍ରବଳ ଉତ୍ସାହ ମଧ୍ୟରେ ରହିଛନ୍ତି। ଉଭୟଙ୍କ ପ୍ରାର୍ଥିତ୍ୱ ପୂରା ପଶ୍ଚିମ ଓଡ଼ିଶାର ବିଜେଡି ପାଇଁ ରାସ୍ତା ସହଜ କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଅନ୍‌ଲାଇନ୍ ପେମେଣ୍ଟରେ...

ଯାଞ୍ଚ କରାଯାଇପାରିବ। ସୂଚନାଯୋଗ୍ୟ ଯେ ପିଓଏସ୍‌ରେ ଭିସା, ମାଷ୍ଟରକାର୍ଡ ଏବଂ ରୁପେ ଭଳି ନେଟୱାର୍କ ଅନ୍ତର୍ଭୁକ୍ତ। ଏହାସହିତ, ରୋଜରପାଇ, କ୍ୟାସଫ୍ରି, ସିସିଏଭେନ୍ୟୁ ଏବଂ ମିସୱାଇପ୍ ପରି ଟେକ୍‌ଟେକ୍ କମ୍ପାନୀଗୁଡିକ ହେଉଛନ୍ତି ନିୟନ୍ତ୍ରିତ ପେମେଣ୍ଟ ଏଗ୍ରିଗେଟର୍ । ଏତାଛଡା ପେଟିଏମ୍, ଫୋନ୍ ପେ', ଭାରତ ପେ' ଏବଂ ମୋବିକ୍ୱିକ୍ ଭଳି କମ୍ପାନୀଗୁଡିକ ହେଉଛନ୍ତି ମୋବାଇଲ୍ ୱାଲେଟ୍ ଲାଇସେନ୍ସଧାରୀ। ପେମେଣ୍ଟ କମ୍ପାନୀଗୁଡ଼ିକ ଦ୍ୱାରା ହେଉଥିବା ସନ୍ଦେହଜନକ କାରବାର ଉପରେ ନଜର ରଖିବାକୁ ଏବଂ ସଂପୃକ୍ତ ଅଧିକାରୀଙ୍କ ନିକଟରେ ଏ ସମ୍ପର୍କରେ ରିପୋର୍ଟ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ଅପରେଟରମାନଙ୍କୁ କହିଛି। ସୂଚନାଯୋଗ୍ୟ ଯେ ନିର୍ବାଚନ ସମୟରେ ନଗଦ ଅର୍ଥ କାରବାରରେ ଐତିହାସିକ ବୃଦ୍ଧି ଘଟିଛି।

## 'ମିଶନ ଶକ୍ତି' ବନ୍ଦ ପାଇଁ...

ଗୋଷ୍ଠୀରେ ଏହାକୁ କାର୍ଯ୍ୟକାରୀ କରି ସେମାନଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ସହ ସମକକ୍ଷ କରିବା, ଏଚଏଚଜିଗୁଡ଼ିକୁ ଏମ୍‌ଏସ୍‌ଏମ୍‌ଇରେ ପରିଣତ କରିବା ପାଇଁ ତୃଣମୂଳସ୍ତରର ମିଶନଶକ୍ତି ମହିଳାଙ୍କ ନେତୃତ୍ୱର ଅନେକ ପ୍ରତିନିଧିଙ୍କୁ ଦୁବାଇ ପଠାଯାଇଥିଲା। ତେବେ ମିଶନ ଶକ୍ତିର ବିଶ୍ୱସ୍ତରୀୟ ସଫଳତା ଏବଂ ମିଶନ ଶକ୍ତି ମାଧ୍ୟମରେ ଓଡ଼ିଶାର ଲକ୍ଷ ଲକ୍ଷ ମହିଳାଙ୍କ ସଶକ୍ତିକରଣରେ ଅସହିଷ୍ଣୁ ଓ ଇର୍ଷାପରାୟଣ ହୋଇପଡିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମିଶନ ଶକ୍ତିର ଏହି ମହିଳା ଏସଏଚଜି ସଦସ୍ୟମାନେ ୨୦୨୪ ଏପ୍ରିଲରେ କିଭଳି ଦୁବାଇକୁ ଯାଇ ନପାରିବେ ସେଥିପାଇଁ ଷଡ଼ଯନ୍ତ୍ର କରିଛନ୍ତି। ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୪ ମାର୍ଚ୍ଚ ୨୭ ତାରିଖରେ ମିଶନ ଶକ୍ତି ପ୍ରତିନିଧିଙ୍କ ଦୁବାଇ ଗସ୍ତରେ ପ୍ରତିବନ୍ଧକ ଆଣିବା ନିମନ୍ତେ ଏକ ଅଭିଯୋଗ ପତ୍ର ପଠାଇବା ପାଇଁ ଯୋଜନା କରିଥିଲେ ଏବଂ ଏହାର ଶୀର୍ଷରେ ରହିଥିଲେ। ମିଶନ ଶକ୍ତି ମହିଳା ନେତ୍ରୀଙ୍କ ନାମ ତାଲିକାକୁ ପରବର୍ତ୍ତୀ ସମୟରେ ଇସିଆଇଙ୍କ ମାର୍ଗଦର୍ଶିକା ଆଧାରରେ ପ୍ରକାଶ କରାଯାଇଥିଲା; କିନ୍ତୁ ଶ୍ରୀ ପ୍ରଧାନ ମିଶନ ଶକ୍ତିର ମହିଳାମାନଙ୍କୁ ସଶକ୍ତିକରଣ କରିବାକୁ ଚାହୁଁନଥିବା ଏଥିରୁ ସ୍ପଷ୍ଟ ହୋଇଥିଲା।

ସୁଲତା ପୁଣି କହିଛନ୍ତି ଯେ ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭାରୁ ପ୍ରାର୍ଥୀ ଭାବେ ସେ ସମ୍ବଲପୁରରୁ ମିଶନ ଶକ୍ତି ଏସ୍‌ଏଚଜି ସଦସ୍ୟଙ୍କୁ ଦୁବାଇ ଗସ୍ତରେ ଯିବାକୁ ବାରଣ କରିଛନ୍ତି। ଯଦି ସେ ସାଂସଦ ଭାବେ ନିର୍ବାଚିତ ହୁଅନ୍ତି, ତେବେ ମିଶନ ଶକ୍ତିକୁ ବନ୍ଦ କରି ଦେବେ ଏବଂ ୭୦ ଲକ୍ଷ ମିଶନ ଶକ୍ତି ମହିଳାଙ୍କ ସଶକ୍ତୀକରଣକୁ ନଷ୍ଟ କରି ପୁଣିଥରେ ସେମାନଙ୍କୁ ଘରର ଚାରି କାନ୍ଥ ଭିତରକୁ ଠେଲି ଦେବେ। ଏହା କେବଳ ଶ୍ରୀ ପ୍ରଧାନଙ୍କ ଉଗ୍ର ଅସହିଷ୍ଣୁତା, ଈର୍ଷା ଏବଂ ମହିଳା-ବିରୋଧୀ ମନୋଭାବକୁ ଦର୍ଶାଉଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମହିଳାମାନଙ୍କ ସଶକ୍ତିକରଣକୁ ବରଦାସ୍ତ କରିପାରୁ ନାହାନ୍ତି। ଓଡ଼ିଶାର ମହିଳାମାନଙ୍କ ସଫଳତାକୁ ଗ୍ରହଣ ସେ କରିପାରୁ ନାହାନ୍ତି। ସେ ମହିଳା ସଶକ୍ତିକରଣ ବିରୋଧି, ମହିଳା ବିକାଶର ବିରୋଧୀ ଏବଂ ମିଶନ ଶକ୍ତି ବିରୋଧର ଷଡଯନ୍ତ୍ରକାରୀ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

## ତାରିଖ ଅନୁଯାୟୀ...

ଅଫିସରଙ୍କ ନିକଟରେ ହାଜର ହେବ। ଆହୁରି ମଧ୍ୟ ତଦନ୍ତ ସମୟରେ ସହଯୋଗ କରିବେ। କୋର୍ଟଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଯାଇପାରିବେ ନାହିଁ। ଅଭିଯୁକ୍ତ କୋର୍ଟରେ ନିଜ ପାସ୍‌ପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଥିଲେ।

ମାତ୍ର ହାଇକୋର୍ଟଙ୍କ ସର୍ତ୍ତକୁ ଶ୍ରୀ ପାଣିଗ୍ରାହୀ ବାରମ୍ବାର ଉଲ୍ଲଘଂନ କରିଥିବା ସୂଚନା ଅଦାଲତଙ୍କ ନିକଟରେ ପହଞ୍ଚିଥିଲା। ଜାମିନରେ ଥିବା ସମୟରେ ମାମଲା ସହ ଜଡ଼ିତ ପ୍ରସଙ୍ଗରେ କୌଣସି ମନ୍ତବ୍ୟ ଗଣମାଧ୍ୟମରେ ରଖିବେ ନାହିଁ ଓ ସାକ୍ଷାତକାର ଦେବେ ନାହିଁ ବୋଲି ସର୍ତ୍ତକୁ ମଧ୍ୟ ଶ୍ରୀ ପାଣିଗ୍ରାହୀ ଭାଙ୍ଗିଥିଲେ। ତେଣୁ ଏହି ମାମଲାରେ ରହିଥିବା ରହିତାଦେଶକୁ ହାଇକୋର୍ଟ ପ୍ରତ୍ୟାହାର କରି ନେଇଛନ୍ତି । ଏପରିକି ଏହି କାରଣ ଯୋଗୁଁ ତାଙ୍କ ଜାମିନ ଖାରଜ ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି । ସେହିପରି ଏହି ଠକେଇରେ ଜଡ଼ିତ ଅନ୍ୟ ଅଭିଯୁକ୍ତ ଭି.ସର୍ବେଶ୍ୱର ରାଓଙ୍କ ଏକ ପିଟିସନରେ ହାଇକୋର୍ଟ ଜାରି କରିଥିବା ରହିତାଦେଶକୁ ମଧ୍ୟ ପ୍ରତ୍ୟାହାର କରିଛନ୍ତି । ତେଣୁ ବିଚାରବିଭାଗୀୟ ଅଦାଲତରେ ବିଚାରାଧୀନ ମାମଲାରେ ଅଭିଯୁକ୍ତ ପ୍ରଦୀପ ପାଣିଗ୍ରାହୀ ଓ ଆକାଶ ପାଠକଙ୍କୁ ହାଜର ହେବାକୁ ପଡ଼ିବ ବୋଲି ସୂଚନା ମିଳିଛି ।

## ମିଳିଲାନି ଦଣ୍ଡ ଉପରେ...

ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାରେ ମୋକିମ୍‌ଙ୍କୁ ନିରାଶ କରିଛନ୍ତି । ତାଙ୍କର ଜେଲ ଦଣ୍ଡ ନିର୍ଦ୍ଦେଶ ଉପରେ ପ୍ରତିବନ୍ଧକ ଆବେଦନ ଖାରଜ ହୋଇଥିଲେ ହେଁ ଏହି ମାମଲାର ଚୂଡ଼ାନ୍ତ ବିଚାର ପର୍ଯ୍ୟନ୍ତ ତାଙ୍କୁ ଗିରଫ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାର ଓ ଭିଜିଲାନ୍ସକୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ଗତ ୧୬ତାରିଖରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କୁ ଆତ୍ମସମର୍ପଣରୁ ମୁକ୍ତ କରିଥିଲେ । ପୂର୍ବରୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଚାଲେଞ୍ଜ କରି ମୋକିମଙ୍କ ପକ୍ଷରୁ ରୁଜୁ କ୍ରିମିନାଲ ଅପିଲକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ଏଥିସହ ନିମ୍ନ ଅଦାଲତ ପ୍ରଦାନ କରିଥିବା ୩ବର୍ଷ ସଶ୍ରମ ଜେଲ ଦଣ୍ଡ ଓ ଜରିମାନା ଆଦେଶକୁ କାଏମ ରଖିଥିଲେ। ଏହା ବିରୋଧରେ ସୁପ୍ରିମକୋର୍ଟରେ ମୋକିମ ଏକ ଏସଏଲପି ରୁଜୁ କରିଥିଲେ । ସୁପ୍ରିମକୋର୍ଟ ଯେହେତୁ ତାଙ୍କର ଦୋଷୀସାବ୍ୟସ୍ତ ଆଦେଶ ଉପରେ ରୋକ ଲଗାଇନାହାଁନ୍ତି ଏଣୁ ସେ ଜନପ୍ରତିନିଧି ଆଇନ ଅନୁସାରେ ନିର୍ବାଚନ ଲଢିପାରିବେ ନାହିଁ ବୋଲି ଆଇନ ବିଶାରଦ ମାନେ ମତ ଦିଅନ୍ତି। ବାରବାଟୀ-କଟକରୁ ନିର୍ବାଚନ ଲଢିବାକୁ ଆଶାୟୀ ଥିବା ମୋକିମଙ୍କୁ ଏହା ଏକ ଝଟକା ହୋଇଛି। ଓଆରଏଚଡିସିର ଦେଢ କୋଟି ଟଙ୍କା ଦୁର୍ନୀତି ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ମେଟ୍ରୋ ବିଲଡର୍ସର ପରିଚାଳନା ନିର୍ଦ୍ଦେଶକ ଙ୍କ ମହମ୍ମଦ ମୋକିମ,ଆଇଏଏସ ବିନୋଦ କୁମାରଙ୍କ ସମେତ ଅନ୍ୟ ୨ଜଣଙ୍କୁ ୩ବର୍ଷ ଜେଲ ଓ ୫୦ହଜାର ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ।

## ମେ' ୧୦ରେ ଚନ୍ଦନ ଯାତ୍ରା

# ନରେନ୍ଦ୍ରରୁ କଢ଼ାଗଲା ୫ ଡଙ୍ଗା

**ପୁରୀ, ୨୩।୪(ସମିସ):** ଆସନ୍ତା ମେ' ୧୦ ତାରିଖରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ୨୧ ଦିନିଆ ବାହାର ଚନ୍ଦନ ଯାତ୍ରାରେ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ ମହାପ୍ରଭୁ। ତେଣୁ ଠାକୁରଙ୍କ ନନ୍ଦା ଓ ଭଦ୍ରାଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି। ପରମ୍ପରା ମୁତାବକ, ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ାଯାଇଥିବା ୫ ଡଙ୍ଗା(୨ଟି ଲେଖାଏଁ ଡଙ୍ଗାକୁ ଯୋଡ଼ି ନନ୍ଦା ଓ ଭଦ୍ରା ଚାପ ଓ ଅନ୍ୟଟି ବୈଜୟନ୍ତୀ)କୁ ଚୈତ୍ର ପୂର୍ଣ୍ଣିମାରେ ଭୋଇ ସେବକମାନେ ଉପରକୁ କାଢ଼ିଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୨୮ ଜଣ ଭୋଇ ସେବକ ପ୍ରାୟ ୫ ଘଣ୍ଟା ପରିଶ୍ରମ କରି ଡଙ୍ଗାଗୁଡ଼ିକୁ ପାଣି ଭିତରୁ ବାହାର କରିଛନ୍ତି।

ଏ ସମ୍ପର୍କରେ ଭୋଇ ସର୍ଦ୍ଦାର କୁହନ୍ତି, ଗତବର୍ଷ ଚନ୍ଦନ ଯାତ୍ରା ଶେଷ ହେବା ପରେ ୨ଟି ଚାପକୁ ଖୋଲି ୪ଟି ଡଙ୍ଗାକୁ ଅଲଗା କରାଯାଏ। ଚନ୍ଦନ ଯାତ୍ରାରେ ସାମିଲ ୫ଟି ଯାକ ଡଙ୍ଗାକୁ ନରେନ୍ଦ୍ରରେ ବୁଡ଼ାଇ ରଖାଯାଏ। ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ଦିନ ଡଙ୍ଗାଗୁଡ଼ିକୁ ବାହାର କରାଯାଇ ନରେନ୍ଦ୍ର ପୁଷ୍କରିଣୀ କଡ଼ରେ ରଖାଯାଏ। ଶୁଖିଯିବା ପରେ ସେଥିରେ ଆବଶ୍ୟକ ମରାମତି ସହ ରଙ୍ଗ ଦିଆଯାଏ। ଶ୍ରୀମନ୍ଦିରର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ମତରେ ଚନ୍ଦନ ଯାତ୍ରାର ୪/୫ ଦିନ ପୂର୍ବରୁ ଚାପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ବିଶ୍ୱକର୍ମାମାନେ ଚାପ ନିର୍ମାଣ କରନ୍ତି। ଦୁଇଟି ଡଙ୍ଗାକୁ ନେଇ ଗୋଟିଏ ଗୋଟିଏ ଚାପ ପ୍ରସ୍ତୁତ ହୁଏ। ଦୁଇ ଚାପ ନନ୍ଦା ଓ ଭଦ୍ରା ଆଗରେ ବୈଜୟନ୍ତୀ ଡଙ୍ଗା ରହିଥାଏ। ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଅବସ୍ଥାନ କରନ୍ତି। ଭଦ୍ରା ଚାପରେ ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ବିଜେ କରି ଚାପ ଖେଳିଥାନ୍ତି। ବୈଜୟନ୍ତୀରେ ତେଲିଙ୍ଗ ବାଜା ବଜାଯାଏ।

# ନୂତନ ବାଲାଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



**ବାଲେଶ୍ୱର, ୨୩।୪(ସମିସ):** ଭାରତ ଲଗାତାର ନିଜର ଶକ୍ତିକୁ ବଢ଼ାଇବା ପାଇଁ ନୂଆନୂଆ ପ୍ରକାରର କ୍ଷେପଣାସ୍ତ୍ର ପରୀକ୍ଷଣ କରି ଆସୁଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାତି ୭ଟା ୩୦ରେ ମଧ୍ୟମଧରଣର ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ରର ନୂତନ ସଂସ୍କରଣକୁ ସଫଳତାର ସହିତ ଉତ୍‌କ୍ଷେପଣ କରାଯାଇଛି। ଆଜିର ଏହି ପରୀକ୍ଷଣ ଷ୍ଟ୍ରାଟେଜିକଫୋର୍ସ କମାଣ୍ଡର ତତ୍ତ୍ୱାବଧାନରେ କରାଯାଇଥିଲା। ଏହା ୨୩୦ କିମି ଦୂରରେ ଥିବା ଲକ୍ଷ୍ୟକୁ ଭେଦ କରିବାର କ୍ଷମତା ରଖିଛି। ଓଡ଼ିଶା ସମୁଦ୍ର ଉପକୂଳରେ ଥିବା ଅବଦୁଲ କାଲାମ ଦ୍ୱୀପରୁ ଏହି କ୍ଷେପଣାସ୍ତ୍ରକୁ ପରୀକ୍ଷା କରାଯାଇଛି।

# ସୁଧୁରୁ ନାହାନ୍ତି ଅପରାଜିତା

## ୪୨ ଡିଗ୍ରୀ ଖରାରେ ପିଲାଙ୍କ ଦ୍ୱାରା କଲେ ନିର୍ବାଚନ ପ୍ରଚାର



ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ: ବିଜେଡି

**ଭୁବନେଶ୍ୱର, ୨୩।୪(ସମିସ):** ବିଜେପି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ସୁଧୁରିବାର ନାଁ ଧରୁନାହାନ୍ତି। ବାରମ୍ବାର ଆଦର୍ଶ ଆଚରଣ ବିଧି ଉଲ୍ଲଘଂନ କରି ଚାଲିଛନ୍ତି ଅପରାଜିତା। ଛୋଟ ପିଲାଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରୁଥିବା ନେଇ ସାଂଘାତିକ ଅଭିଯୋଗ ଆସିଥିଲା। ଏହାକୁ ନେଇ ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେବା ପରେ ଗତକାଲି ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଆଜି ବିଜେଡି ପୁଣି ଶ୍ରୀମତୀ ଷଡ଼ଙ୍ଗୀଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିବା ସହିତ ସମସ୍ତ ପ୍ରମାଣ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ଶ୍ରୀମତୀ ଷଡ଼ଙ୍ଗୀ ଗତକାଲି ଜଟଣୀରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ୍ ୟୁନିଫର୍ମରେ ଥିବା ପିଲାମାନଙ୍କୁ ବ୍ୟବହାର କରିଥିଲେ। ଭୋଟ ରାଜନୀତି ପାଇଁ ଶ୍ରୀମତି ଷଡ଼ଙ୍ଗୀ ୪୨ ଡିଗ୍ରୀ ଖରାରେ ବି ପିଲାମାନଙ୍କୁ ନିବାଚନୀ ସଭାରେ ସାମିଲ କରିବାକୁ ପଛାଉନାହାନ୍ତି। ଟାଣ ଖରାରେ ଆଉ ନିର୍ବାଚନୀ ସଭାରେ ଛୋଟ ପିଲାମାନଙ୍କ ବ୍ୟବହାର କେବଳ ଅନୈତିକ ନୁହେଁ ବରଂ ନିର୍ବାଚନ ଆଇନ୍‌ର ଉଲ୍ଲଙ୍ଘନ। ଶ୍ରମୀତୀ ଷଡ଼ଙ୍ଗୀ ପୂର୍ବରୁ ଖୋର୍ଦ୍ଧା ଓ ଭୁବନେଶ୍ୱରରେ ଆୟୋଜିତ ନିର୍ବାଚନୀ ସଭାରେ ଛୋଟ ଛୋଟ ପିଲାମାନଙ୍କୁ ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି। କିନ୍ତୁ ତାଙ୍କ ଉପରେ ଏହାର କିଛି ପ୍ରଭାବ ପଡୁଥିବା ଜଣାପଡୁନାହିଁ। ବାରମ୍ବାର ଏପରି ବେଆଇନ କାର୍ଯ୍ୟ କରି ଚାଲିଛନ୍ତି। ତେଣୁ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ଯଦ୍ୱାରା ଅନ୍ୟମାନେ ଏଥିରୁ ଶିକ୍ଷା ଗ୍ରହଣ କରିବେ ବୋଲି ବିଜେଡି ଦାବି କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ରଙ୍କ ସମେତ ସୋଫିଆ ଆଲାମ୍, ମାହିକ୍ଷୀତା ମିଶ୍ର, ମଧୁସ୍ମିତା ନାୟକ, ଇପ୍ସିତା ସାହୁ, ଓମ୍ ପ୍ରକାଶ ସାହୁ, ମିହିର ରାୟ, ଡ଼ ପ୍ରିୟବ୍ରତ ମାଝୀ ସାମିଲ ଥିଲେ।

## ଜିଲ୍ଲା ଡିଏମଏଫ ପାଣ୍ଠିରୁ ୯ କୋଟି ହଡ଼ପ ଘଟଣା

# ୩ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୫ ଜଣଙ୍କ ବଦଳି

**ବାରିପଦା, ୨୩।୪(ସମିସ):** ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ଶାଖାରୁ ମୟୂରଭଞ୍ଜ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ପାଣ୍ଠି ଜମାଖାତାରୁ ୯ କୋଟି ୫୬ ଲକ୍ଷ ୭୬ ହଜାର ୬୦୦ ଟଙ୍କା ଠକେଇ ମାମଲାରେ ବ୍ୟାଙ୍କ ଅଫ ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ମାମଲାକୁ ରାଜ୍ୟ ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବାବେଳେ ବ୍ୟାଙ୍କ ଅଫ ଇଣ୍ଡିଆ କର୍ତ୍ତୃପକ୍ଷ ପକ୍ଷରୁ ସିଭିଆଇ (ଚିଫ ଭିଜିଲାନ୍ସ ଅଫିସର)ଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଅପରପକ୍ଷରେ ଏହି ଶାଖାରେ ହୋଇଥିବା ଠକେଇ ମାମଲାରେ ବ୍ୟାଙ୍କ କର୍ତ୍ତୃପକ୍ଷ ଶାଖାର ଚିଫ ମ୍ୟାନେଜରଙ୍କ ସମେତ ଦୁଇ ଅଧିକାରୀ ଏବଂ ଦୁଇ ଜଣ କର୍ମଚାରୀ (କ୍ଲର୍କ) ମୋଟ ୫ଜଣଙ୍କୁ ବଦଳି କରାଯାଇଛି। ଏହି ଶାଖାର ଚିଫ ମ୍ୟାନେଜର ସୁଜାତା କାନୁନଗୋଙ୍କୁ ବ୍ୟାଙ୍କ ଅଫ ଇଣ୍ଡିଆର ଜୋନାଲ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ଆଡମିନ ମ୍ୟାନେଜର ଅନନ୍ତ ଦାସଙ୍କୁ କୋରାପୁଟ ଜିଲ୍ଲାର ଜୟପୁର ଶାଖା ଏବଂ ଅନ୍ୟ ଜଣେ ମ୍ୟାନେଜର ଗାୟତ୍ରୀ ସାହୁଙ୍କୁ କେନ୍ଦୁଝର ଜିଲ୍ଲାର ଯୋଡା ଶାଖାକୁ ବଦଳି ହୋଇଛି। ସେହିପରି ଶାଖାର ଅନ୍ୟ ଦୁଇ ଜଣ କର୍ମଚାରୀ (କ୍ଲର୍କ)ଙ୍କୁ ବାରିପଦାର ଅନ୍ୟ ଦୁଇ ଶାଖାକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କୋଟିଏ ଟଙ୍କାର ବ୍ରାଉନ୍‌ସୁଗର ଜବତ, ଦୁଇ ଗିରଫ

**ଭୁବନେଶ୍ୱର, ୨୩।୪(ସମିସ):** ଅନୁଗୋଳ ପୁଲିସ ଓ ଏସ୍‌ଟିଏଫ୍‌ର ମିଳିତ ଟିମ୍ ସୋମବାର ପୂର୍ବାହ୍ନରେ ତାଳଚେରରୁ ୧.୧ କେଜିର ବ୍ରାଉନ୍‌ସୁଗର ଜବତ କରିଛି। ଏହାର ମୂଲ୍ୟ ଏକ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏହି ବେଆଇନ କାରବାର ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ପଶ୍ଚିମବଙ୍ଗର ରକିବୁଲ ସେକ୍ (୪୩) ଓ ତାଳଚେରର ବିଜୟ ବୀରବର୍ମା (୨୬) ।

ବ୍ରାଉନସୁଗର କାରବାର ନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ତାଳଚେର ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲା ଫରକ୍କା ଅର୍ଜୁନପୁର ଥାନା ଅଧୀନ ଖୋଡ଼ାବାନପୁର ସ୍ୱର୍ଗତଃ ମୁନ୍ତାଜା ଅଲିଙ୍କ ପୁଅ ରକିବୁଲ ଓ ଅନୁଗୁଳ ଜିଲ୍ଲା ତାଳଚେର ଥାନା ଅଧୀନ ତ୍ରିନାଥ କଲୋନିର ସ୍ୱର୍ଗତ ବୁଲୁ ବୀରବ୍ରହ୍ମାଙ୍କ ପୁଅ ବିଜୟଙ୍କ ଠାରୁ ୧୧୨୦ ଗ୍ରାମ୍ ବ୍ରାଉନସୁଗାର ଓ ଅନ୍ୟ ସାମଗ୍ରୀ ଜବତ ହୋଇଥିଲା। ପୁଲିସ ବ୍ରାଉନସୁଗାର ଜବତ ସହ ଏକ ମାମଲା ରୁଜୁ କରି ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏହି ଲିଙ୍କ୍‌ରେ ଆଉ କେଉଁମାନେ ଅଛନ୍ତି ତାହା ଜାଣିବା ପାଇଁ ଏସ୍‌ଟିଏଫ ଦୁଇ ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ। ପୁଲିସ କହିଛି, ଗିରଫ ହୋଇଥିବା ବିଜୟ ଏବଂ ତାର ଭାଇ ଅଜୟ ମୁର୍ସିଦାବାଦରୁ ରକିବୁଲ୍ ମାଧ୍ୟମରେ ଏହି ଧଳାଜହର ମଗାଇଥାନ୍ତି। ପୂର୍ବରୁ ମଧ୍ୟ ଡ୍ରଗ୍ସ ଚାଲାଣ ବେଳେ ବିଜୟର ଭାଇ ଅଜୟ ଧରାପଡ଼ି ଜେଲ୍‌ରେ ଯାଇଛି। ବିଜୟର ବାପା ରିକ୍ସାଚାଳନା କରି ଦୁଇ ଭାଇଙ୍କୁ ବଢ଼ାଇଥିଲେ। କିନ୍ତୁ ବାପା ମରିଗଲା ପରେ ଦୁଇ ପୁଅ ସହଜରେ ଟଙ୍କା ରୋଜଗାର ପାଇଁ ଡ୍ରଗ୍ସ କାରବାର କରୁଥିଲେ। ସେହିପରି ରକିବୁଲ ପୁଲିସ ହାତରେ ଧରା ନପଡ଼ିବା ପାଇଁ ଫେରିବାଲା ପରି ବୁଲୁଥିଲା। ଆଉ ଏହି ମାଧ୍ୟମରେ ସେ ଡ୍ରଗ୍ସ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ସହଜରେ ଆଣିପାରୁଥିଲେ।

# ବିଜୁ ଶ୍ରମିକ ସାମ୍ଭଖ୍ୟ ସମାବେଶ

**ଝାରସୁଗୁଡ଼ା, ୨୩।୪(ସମିସ)**

ବିଜୁ ଶ୍ରମିକ ସାମ୍ଭଖ୍ୟ ପକ୍ଷରୁ ଚୈତନ୍ୟ ଶାହାଣୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସତ୍‌ସଙ୍ଗ ଭବନ ପରିସରରେ ଏକ ସାଧାରଣ ସଭା ଆୟୋଜନ କରାଯାଇଛି। ଉକ୍ତ ସଭାରେ ଝାରସୁଗୁଡ଼ା ଜିଲ୍ଲାର ସମସ୍ତ ବର୍ଗର ହଜାରରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ସମାବେଶ କରାଯାଇଥିଲା। ସଭାରେ ବିଶିଷ୍ଟ ଶ୍ରମିକ ନେତା ବିଜୁ ଶ୍ରମିକ ସାମ୍ଭଖ୍ୟର ମହାସଚିବ ତଥା କଟକ ମେୟର ସୁବାସ ସିଂ ଉପସ୍ଥିତ ଥିଲେ। ତାଙ୍କ ସହିତ ରଘୁମଣି ପଟେଲ, ରାଜିବ ମହାନ୍ତି, ପ୍ରଦ୍ୟୁମ୍ନ ସାମଲ, ଦେବେନ୍ଦ୍ର ପାଣିଗ୍ରାହୀ, ଲୋକସଭା ବରଗଡ଼ର ଲୋକସଭା ପ୍ରାର୍ଥୀନୀ ପରିହିତା ମିଶ୍ର, ଝାରସୁଗୁଡ଼ା ବିଧାୟିକା ଦିପାଳି ଦାସ, ରୁବିନା ଖାତୁନ, ଶତାଧିକ ପରିବହନ ଶ୍ରମିକ, ସଫେଇ କର୍ମଚାରୀ, ନିର୍ମାଣ ଶ୍ରମିକ, ବିଦ୍ୟୁତ ଶ୍ରମିକ, ସିକ୍ୟୁରିଟି କର୍ମଚାରୀ, ବୁଣାକାର ଓ କେନ୍ଦୁପତ୍ର ଶ୍ରମିକ ଆଦି ଯୋଗଦେଇଥିଲେ। ଶ୍ରମିକ ନେତା ସୁବାସ ସିଂ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଶ୍ରମଜୀବୀ ଯୋଜନା ଲୋକଙ୍କ ପାଇଁ ଏକକାଳୀନ ୧୦୦ ମଜୁରି ବୃଦ୍ଧି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳା ଓ ପୁରୁଷଙ୍କ ପାଇଁ ମାଗଣା ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ରହିଛି ବୋଲି କହିଥିଲେ। ପରିବହନ ଶ୍ରମିକ ପାଇଁ କଲ୍ୟାଣ ବୋର୍ଡ ଜରିଆରେ ଦୁର୍ଘଟଣାରେ ମୃତ୍ୟୁ ହେଲେ ୪ ଲକ୍ଷ, ସାଧାରଣ ମୃତ୍ୟୁ ହେଲେ ୨ ଲକ୍ଷ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇ ପାରୁଛନ୍ତି ବୋଲି ଶ୍ରୀ ସିଂ କହିଥିଲେ। ବିଧାୟିକା ଦିପାଳି ଦାସ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ପରିବହନ ଶ୍ରମିକ ବୋର୍ଡରେ ସଦସ୍ୟ ହିସାବରେ ଚୟନ କରିଥିବାରୁ ସେ କୃତଜ୍ଞତା ଜଣାଇଥିଲେ। ଝାରସୁଗୁଡ଼ା ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା ହଜାର ହଜାର ପରିବହନ ଠାରୁ ଆରମ୍ଭ କରି ବିଭିନ୍ନ ଶିଳ୍ପରେ କାର୍ଯ୍ୟରତ ଶ୍ରମିକମାନଙ୍କର ମଜୁରି ବୃଦ୍ଧି ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ଲାଗୁ କରି ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ଭରସା ଓ ବିଶ୍ୱାସ ଜିତିଛନ୍ତି। ନିର୍ବାଚନ ଆସିଲେ ଅନ୍ୟାନ୍ୟ ଦଳର ନେତାମାନେ ମିଛ ପ୍ରଲୋଭନ ତୋଫାନୀ ଗସ୍ତକରି ଭୋଟନେବା ପାଇଁ ଆଶ୍ୱାସନା ଦେଇଥାନ୍ତି। ନିର୍ବାଚନ ସରିଗଲା ପରେ ଆଉ ଦେଖା ଦିଅନ୍ତି ନାହିଁ। ଆମର ପ୍ରିୟ ନେତା ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା କାର୍ଯ୍ୟରେ କରି ଦେଖାନ୍ତି। ବର୍ତ୍ତମାନ ସମୟ ଆସିଛି ଷଷ୍ଠଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଅନୁରୋଧ କରିଥିଲେ।



# ବିଭିନ୍ନ ଗ୍ରାମରେ ବିଜେପି ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର



**ପାଇକମାଲ/ପଦ୍ମପୁର, ୨୩।୪ (ସମିସ):** ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ପ୍ରତିଦିନ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସହ ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ ଦିଗରେ ଆଲୋଚନା କରୁଛନ୍ତି। ମଙ୍ଗଳବାର ସରେଇକେଲା ଗ୍ରାମର ନାମ ଯଜ୍ଞ, ବାଦୀକଟା ଠାରେ କୈବର୍ତ୍ତ ସମାଜର ମା ସମଲେଶ୍ୱରୀ ପୂଜା, ବିଜାଡିହି ମା ସମଲେଶ୍ୱରୀ ମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦାନ, ଭେଉଁରିଆ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିରେ ସରୋଜ ସାମଲ, ସୁରେନ୍ଦ୍ର ପ୍ରତାପ ସିଂ ବରିହା, ଗୋବର୍ଦ୍ଧନ ଅଗ୍ରୱାଲ, ସୁନିଲ ଅଗ୍ରୱାଲ, ଭିଷ୍ମଦେବ ସାହୁଙ୍କ ସମେତ ବହୁ ବରିଷ୍ଠ ବିଜେପି ନେତା ଉପସ୍ଥିତ ଥିଲେ।

# ନୃସିଂହନାଥ ପ୍ରସିଦ୍ଧ ବୈଶାଖ ମେଳା ପାଇଁ ପୋଷ୍ଟର ଉନ୍ମୋଚିତ

**ପାଇକମାଲ, ୨୩।୪ (ସମିସ) :** ଆସନ୍ତା ମେ ମାସ ୧୯ ତାରିଖ ରୁ ୨୩ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ପ୍ରସିଦ୍ଧ ବୈଶାଖ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏଥି ପାଇଁ ମଙ୍ଗଳବାର ମନ୍ଦିର ମୁଖ୍ୟ ଦ୍ୱାରରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ନୃସିଂହନାଥ ମାର୍ଜାର କେଶରୀ ବିଚାରାଳୟର ବିଚାରପତି ସୁବୋଧ ପଣ୍ଡା, ବଡ଼ ଶତପଥୀ ଓ ଗୌରାଙ୍ଗଚରଣ ଦାସ ପ୍ରମୁଖ ଉପସ୍ଥିତ ରହି ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ବୈଶାଖ ମେଳାର ପ୍ରଚାର ପ୍ରସାର ପାଇଁ ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ପୋଷ୍ଟର ଉନ୍ମୋଚନ କରିଛନ୍ତି। ଚଳିତ ବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ପ୍ରସ୍ତୁତି ଯୋରସୋରରେ ଚାଲିଛି।




# ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟରେ ଧରିତ୍ରୀ ଦିବସ ପାଳିତ

**ଅମ୍ବାଭୋନା, ୨୩।୪(ସମିସ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ, ରୁଚିଦାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଇକୋ କ୍ଲବ ଶିକ୍ଷକ ସୁବୋଧ ଭୋଇ ଧରିତ୍ରୀ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ମେହେର ପରିବେଶ ଉପରେ ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଧାରଣା ଦେଇଥିଲେ। ଏହି ଅବସରରେ ଆୟୋଜିତ



ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଦ୍ୟାଶା ପଧାନ, ରୋଜି ସା, ପୂଜା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଭାତ ନାଏକ, ବଳରାମ ରଣା, ଶିକ୍ଷୟିତ୍ରୀ ରୀନା କୁମାରୀ ମେହେର, ତନୟା ଡନସନା, ମେନକା ସୁନା, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ସମେତ ଇକୋ କ୍ଲବ, ବିଜ୍ଞାନ କ୍ଲବର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ସୁବୋଧ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁରପଡ଼ାରେ ହନୁମାନ ଜନ୍ମୋତ୍ସବ



**ବ୍ରଜରାଜନଗର, ୨୩।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମ୍ୟୁନିସିପାଲିଟି ଅନ୍ତର୍ଗତ ୨ନମ୍ବର ଠାକୁରପଡ଼ାରେ ମଙ୍ଗଳବାର ହନୁମାନ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବୀର ହନୁମାନଙ୍କ ପୂଜାର୍ଚ୍ଚନା କରାଯିବା ସହିତ ଭକ୍ତମାନଙ୍କୁ ଭୋଗ ବଣ୍ଟନ କରାଯାଇଥିଲା। ପ୍ରତିବର୍ଷ ହନୁମାନ ଜୟନ୍ତୀ ବେଶ ଧୁମଧାମ୍‌ରେ ପାଳନ କରାଯାଏ। ଅତିଥି ଭାବରେ ବିଧାୟିକା ତଥା ବିଜେଡି ପ୍ରାର୍ଥୀନୀ ଅଳକା ମହାନ୍ତି ଯୋଗଦାନ କରି ଆଶୀର୍ବାଦ ଲାଭ କରିବା ସହିତ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପାଇଁ ମଙ୍ଗଳ କାମନା କରିଥିଲେ। ଏହା ସହିତ ବ୍ରଜରାଜନଗରର ପୂର୍ବତନ ନଗରପାଳ କିଶୋର ଅଗ୍ରୱାଲଙ୍କ ସହିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବାବା ବିଶାଶହେ କୁଲତା ସମାଜ ଆଞ୍ଚଳିକ କମିଟି ଗଠିତ

**ଜମନକିରା, ୨୩।୪(ସମିସ):** ଜମନକିରା ବ୍ଲକ ମହକୁମା ଜମନକିରା କଦଳୀମୁଣ୍ଡା ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରଠାରେ ଆଜି ଆଞ୍ଚଳିକ କୁଲତା ସମାଜର ବାର୍ଷିକ ପୂଜନୋତ୍ସବ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କୁଳ ଦେବତା ରଣେଶ୍ୱର ରାମଚଣ୍ଡୀଙ୍କୁ ପୂଜକ ବଳରାମ ପଧାନ ପୂଜାର୍ଚ୍ଚନା କରିବା ପରେ ବାର୍ଷିକ ସାଧାରଣ ସଭା ହୋଇଥିଲା। ଅସ୍ଥାୟୀ ସଭାପତି ସଚ୍ଚିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ହୋଇଥିଲା। ପ୍ରାରମ୍ଭରେ କୁଲତା ସମାଜ ହରାଇଥିବା ପ୍ରିୟଜନ ଦିବଂଗତ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଞ୍ଚଳିକ କମିଟି ସମ୍ପାଦକ ଅର୍ଜୁନ ମୋହନ ପଧାନ ବିଗତ ବର୍ଷର ବାର୍ଷିକ ବିବରଣୀ ପଠନ କରିଥିଲେ। ସଭାରେ ଜାତିସମାଜର ଉନ୍ନତି ପାଇଁ ଗଠନମୂଳକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ପରେ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବରେ କ୍ଷିତି ରଞ୍ଜନ ପଧାନ, ସମ୍ପାଦକ ଭାବେ ଅର୍ଜୁନ ମୋହନ ପଧାନ, ସଭ୍ୟ ଭାବେ ଗୋବିନ୍ଦ ପଧାନ, ବୃନ୍ଦାବନ ପଧାନ, ରାମପ୍ରସାଦ ବାରିକ, ସନ୍ତୋଷ ପଧାନ, ଭୋଜରାଜ ସାହୁ, କ୍ଷିରୋଦ ପଧାନ, ମଧୁ ପଧାନ, ଆନନ୍ଦ ମାଝି, କୃଷ୍ଣଚନ୍ଦ୍ର ମାଝିଙ୍କୁ ମନୋନୀତ କରାଯାଇଥିଲା। ସେହିପରି ନୂତନ ଭାବେ ୫ଜଣ ଯୁବକଙ୍କୁ ଆଞ୍ଚଳିକ କମିଟିରେ ସାମିଲ କରାଯାଇଥିଲା। ସେମାନେ ହେଲେ ଡୋଳାମଣି ପଧାନ, ଦୀପକ ସାହୁ, ମହେଶ୍ୱର ପଧାନ, ସୁରେଶ ପଧାନ ଓ ସୁଦାମ ମାଝି। ସଭାରେ ନାରାୟଣ ସାହୁ, ସାଲେକରାମ ପଧାନ, ଡ଼ା. କାର୍ତ୍ତିକେଶ୍ୱର୍ ପଧାନ, ସନ୍ତୋଷ ବାରିକ, ନଳିନୀ ପଧାନ, ପଦ୍ମତୋଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନୂତନ ମନୋନୀତ ସଭାପତି କ୍ଷିତି ରଞ୍ଜନ ପଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସଭାରେ କଦଳିମୁଣ୍ଡା, ଜମନକିରା, ଟିକିଲିପଡ଼ା ଓ କଂସର ଗ୍ରାମର ଶହ ଶହ ପୁରୁଷ ମହିଳା ଯୋଗ ଦେଇଥିଲେ।

# ଚୈତ୍ର ବାସନ୍ତିକ ପୂଜା ସମ୍ପନ୍ନ



**ପାଇକମାଲ, ୨୩।୪ (ସମିସ) :** ପାଇକମାଲ ଓ ଝାରବନ୍ଧ ବ୍ଲକ ଯାଦବ ସମାଜର ମିଳିତ ଉଦ୍ୟମରେ ଶ୍ରୀ ଶ୍ରୀ ନୃସିଂହନାଥ ସମଲେଶ୍ୱରୀ ମନ୍ଦିର ପୀଠରେ ତିନିଦିନ ଧରି ଚାଲିଥିବ ଚୈତ୍ର ବାସନ୍ତିକ ପୂଜା ମହୋତ୍ସବ ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି। ଏହି ପୂଜାରେ କର୍ତ୍ତା ଭାବେ ସମଲେଶ୍ୱରୀ ମନ୍ଦିର କମିଟି ସଭାପତି ମଧୁସୂଦନ ପାଣ୍ଡେ ଓ ତାଙ୍କ ଧର୍ମପତ୍ନୀ କିରଣ ପାଣ୍ଡେ ଦାୟିତ୍ୱ ତୁଲାଇଥିଲେ। ଗୌଡ଼ ସମାଜର ପାରମ୍ପାରିକ ବାଡ଼ିଖେଳ, ଘୁମୁରାନାଚ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ଗୌଡ଼ ସମାଜ ପାଇକମାଲ ବ୍ଲକ ସଭାପତି ବନମାଳୀ ଚନ୍ଦନ, ସମ୍ପାଦକ ବାଳକୃଷ୍ଣ ବନଛୋର, ସୁବାସ ହଂସ, ସଚିଦା ନାଗ, ଭକଲ ହଂସ, ମାନସ ନାଗ, ଝାରବନ୍ଧ ବ୍ଲକ ସଭାପତି ଧୃବଚରଣ ହାତୀ, ଅମୃତଲାଲ ବନଛୋର, ମିନା ବାଗ ପ୍ରମୁଖ ଯୋଗ ଦେଇଥିଲେ।

# ବିଦ୍ୟାଳୟରେ ଅନ୍ତର୍ଜାତୀୟ ଇଂରାଜୀ ଭାଷା ଦିବସ




**ଝାରସୁଗୁଡ଼ା, ୨୩।୪(ସମିସ):** ପ୍ରତି ବର୍ଷ ଏପ୍ରିଲ ୨୩ ତାରିଖ ତଥା ଇଂରାଜୀ ଭାଷାର ପ୍ରଖ୍ୟାତ ନାଟ୍ୟ ଲେଖକ ତଥା କବି ୱିଲିୟମ୍ ସେକ୍ସପିଅରଙ୍କ ଜନ୍ମ ଦିବସକୁ ୟୁନେସ୍କୋ ଦ୍ୱାରା ଅନ୍ତର୍ଜାତୀୟ ଇଂରାଜୀ ଭାଷା ଦିବସ ରୁପେ ପାଳନ କରାଯାଇଥାଏ। ଏହି ଅବସରରେ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ରହି ଆଜି ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିବା ସହିତ ଇଂରାଜୀ ଭାଷାର ପ୍ରାଚୀର ପତ୍ରିକା 'ଦ ଭିର୍ଗାର' ପଞ୍ଚଦଶ ବର୍ଷ ପ୍ରଥମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏଥିରେ ଛାତ୍ରଛାତ୍ରୀ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରାୟ ୧୮ଟି ଲେଖା ପ୍ରକାଶିତ ହୋଇଥିଲା। ସୂଚନା ଯୋଗ୍ୟ ଯେ, ଏହି ବିଦ୍ୟାଳୟ ଇଂରାଜୀ ବିଭାଗ ତରଫରୁ ଏହି ପ୍ରାଚୀର ପତ୍ରିକାଟି ବାର୍ଷିକ ଦୁଇ ଥର ପ୍ରକାଶିତ ହେଉଛି। ଇଂରାଜୀ ଶିକ୍ଷକ ତେଜରାମ ସା ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଅନ୍ୟତମ ଇଂରାଜୀ ଶିକ୍ଷକ ଟଙ୍କଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାତି ବକ୍ସି ପତ୍ରିକା ପ୍ରକାଶନରେ ସହଯୋଗ କରିଥିଲେ। ପରେ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଅଭିଭାବକ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୭୦ଜଣ ଅଭିଭାବକ ଓ ଅଭିଭାବକ ଉପସ୍ଥିତ ରହି ପିଲାଙ୍କ ଶୈକ୍ଷିକ ବିକାଶ କଳ୍ପେ ବହୁ ଗଠନମୂଳକ ପ୍ରସ୍ତାବ ଆଗତ କରିଥିଲେ। ଏହି ବୈଠକରେ ବରିଷ୍ଠ ଶିକ୍ଷକ ପଣ୍ଡିତ ରଘୁନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସହକାରୀ ପ୍ରଧାନଶିକ୍ଷୟିତ୍ରୀ ନିରୁପମା ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ସମାସିଂହାରେ ବିଜୁ ଜନତା ଦଳ ପକ୍ଷରୁ ମହିଳା ସମାବେଶ

**ଝାରସୁଗୁଡ଼ା/କୋଲାବିରା, ୨୩।୪(ସମିସ)**

କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ଠାରେ ବିଜୁ ଜନତା ଦଳ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାସିଂହା ହାଇସ୍କୁଲ୍‌ପଡ଼ିଆରେ ଅନୁଷ୍ଠିତ ଏହି ସଭାରେ ଆଖପାଖ ଅଞ୍ଚଳରୁ ହଜାରହଜାର ମହିଳା ସମବେତ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ମହିଳା ସମାବେଶ ସଭା ଆରମ୍ଭ କରିଥିଲେ। ସମାବେଶରେ ବିଧାୟିକା ପ୍ରାର୍ଥୀନୀ ଦିପାଲି ଦାସ ଓ ବରଗଡ଼ ଲୋକସଭା ପ୍ରାର୍ଥୀନୀ ପରିନିତା ମିଶ୍ର ଓ ଅନ୍ୟ ବରିଷ୍ଠ ଦଳୀୟ କର୍ମୀ ଦୀପ ପ୍ରଜ୍ୱଳନ କରିଥିଲେ। ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରଚେଷ୍ଟାରେ ଏହି ଅଞ୍ଚଳର ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ସହ ଅଞ୍ଚଳର ଲୋକଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ପ୍ରତ୍ୟେକ ଛକଠାରେ କଲ୍ୟାଣମଣ୍ଡପ ତିଆରି କରି ବିକାଶ ମୂଳକ କାର୍ଯ୍ୟ କରିଥିଲେ ତାହା ଭୁଲି ହେବନାହିଁ ବୋଲି ସୁଶ୍ରୀ ଦିପାଲି ଦାସ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରି ଯେଉଁ ସମ୍ମାନ ପ୍ରଦାନ କରିଛନ୍ତି ତାହା ମହିଳା ସଶକ୍ତିକରଣର ଏକ ଉଦାହରଣ। ଜନସାଧାରଣଙ୍କ ଗହଣରେ ରହି ଏହି ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ପାଇଁ ପ୍ରତିବଦ୍ଧ ଅଟେ ବୋଲି ସେ କହିଛନ୍ତି। ବିରୋଧିଙ୍କୁ କଡା ଜବାବ ଦେଇ ଗ୍ୟାସ୍, ପେଟ୍ରୋଲ ଓ ପନିପରିବା ଦରଦାମ ବୃଦ୍ଧିକୁ ନେଇ ବିରୋଧିଙ୍କୁ ଜବାବ ମାଗିଥିଲେ। ଆଜିର ଏହି ବିଶାଳ ସମାବେଶରେ ଜିଲ୍ଲା ସଭାପତି ରବି ସିଂ, ସୁଶାନ୍ତ ମିଶ୍ର, ଜିଲ୍ଲା ମହିଳା ସଭାନେତ୍ରୀ ରୋଜାଲିନ ପଟେଲ, କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଜିଲ୍ଲା ପରିଷଦ ସଦସ୍ୟ ନୃପାଲାଲ ପଶାୟତ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତି ବାହୁକଙ୍କ ସହ ବ୍ଲକସ୍ତରୀୟ ଜନପ୍ରତିନିଧି ନେତୃବୃନ୍ଦ ମଞ୍ଚାସୀନ ଥିଲେ। ଏହି ସଭାକୁ ତୁଲାରାମ ସେନାପତି ପରିଚାଳନା କରିଥିଲେ। ସଭାରେ ହଜାରହଜାର ମହିଳା ଓ ପୁରୁଷ ଦଳୀୟକର୍ମୀ ସମାବେଶ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦିପାଲି ଦାସ ଓ ପରିନିତା ମିଶ୍ର ଜିନ୍ଦାବାଦ ନାରାରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।



# ଝାରସୁଗୁଡ଼ାରୁ ମହାରାଷ୍ଟ୍ର ଫେରିଲେ ବୃଦ୍ଧ ସଞ୍ଜୟ




**ଝାରସୁଗୁଡ଼ା, ୨୩।୪(ସମିସ):** ଜିଲ୍ଲା ପ୍ରଶାସନ ଓ ପିପୁଲ୍ସ ଫୋରମ୍ ଦ୍ୱାରା ପରିଚାଳିତ ପୁରୁଷ ମାନସିକ ବିକାରଗ୍ରସ୍ତ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଥଇଥାନ କେନ୍ଦ୍ର ରାଜପୁର କଟାପାଲିସ୍ଥିତ ମିଶନ ଆଶାଲୋକର ଜଣେ ମାନସିକ ବିକାରଗ୍ରସ୍ତ ସଞ୍ଜୟ ସିରାସତେଙ୍କ ଘର ବାହୁଡ଼ା କାର୍ଯ୍ୟକ୍ରମ ହୋଇ ଅଛି। ଆଜକୁ ପ୍ରାୟ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ଏକ ମାନସିକ ଅସୁସ୍ଥ ସଞ୍ଜୟଙ୍କୁ ମିଶନ ଆଶାଲୋକ୍ର ଉଦ୍ଧାରକାରୀ ଦଳ ଝାରସୁଗୁଡ଼ା ସଞ୍ଜୀବନୀ ହସ୍ପିଟାଲ ନିକଟରୁ ଉଦ୍ଧାର କରିଥିଲେ। ମିଶନ ଅଶାଲୋକର କର୍ମଚାରୀଙ୍କ ସେବା, ଯତ୍ନ, ନିୟମିତ ଔଷଧ ଓ ବିଭିନ୍ନ ପ୍ରକାର କାଉନସେଲିଂ, ଥେରାପି ଏବଂ ଧନ୍ଦାମୂଳକ ଶିକ୍ଷା ଫଳରେ ସଞ୍ଜୟଙ୍କ ମାନସିକ ସ୍ଥିତିରେ ସୁଧାର ଆସିଥିଲା। ସୁସ୍ଥ ହେବା ପରେ ସେ ନିଜ ଘର ଠିକଣା ମନେ ପକାଇଥିଲେ। ଆଶାଲୋକର ପରାମର୍ଶଦାତା ତାଙ୍କର ଠିକଣା ଖୋଜିବାରେ ପ୍ରୟାସ କରିଥଲେ। ମହାରାଷ୍ଟ୍ରର ଲାଟୁର ଜିଲ୍ଲା ଅନ୍ତର୍ଗତ ଚାକୁର ପୁଲିସ ଷ୍ଟେସନକୁ ସଠିକ ଠିକଣା ପାଇଁ ଯୋଗାଯୋଗ କରାଯାଇଥିଲା। ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଥିଲା। ଗତ ୨୦ ତାରିଖରେ ତାଙ୍କ ପରିବାରର ବାପା ଭାଇ, ଭାଉଜ, ୨ ପୁତୁରା ଗତକାଲି ସନ୍ଧ୍ୟାରେ ମିଶନ ଆଶାଲୋକରେ ପହଞ୍ଚିଥିଲେ। ଆଜି ତାଙ୍କ ପରିବାର ଲୋକ ସଞ୍ଜୟଙ୍କୁ ନେଇ ଘରକୁ ଫେରିଛନ୍ତି। ତାଙ୍କ ପରିବାର ଲୋକ ସଞ୍ଜୟଙ୍କୁ ଦେଖିବା ମାତ୍ରେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ପରିବାର ଲୋକଙ୍କ କହିବାନୁଯାୟୀ ସେ ଘରୁ ୨ ବର୍ଷରୁ ଊର୍ଦ୍ଧ୍ୱ ନିଖୋଜ ଥିଲେ। ପରିବାର ଲୋକ ଏ ସମ୍ପର୍କରେ ସ୍ଥାନୀୟ ପୁଲିସରେ ରିପୋର୍ଟ କରିଥଲେ। ଆଜିର ଏହି ଘର ବାହୁଡ଼ା କାର୍ଯ୍ୟକ୍ରମରେ ଅତିଥି ଭାବେ ଝାରସୁଗୁଡା ଜିଲ୍ଲାର ବରିଷ୍ଠ ନାଗରିକ ସଂଘର ସଭାପତି ବାଲଗୋବିନ୍ଦ ମିଶ୍ର, ଝଡେଶ୍ୱରି ଦିବ୍ୟାଙ୍କ ବିଦ୍ୟାଳୟର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର, ଶିକ୍ଷାବିତ୍ ଏବଂ ସମାଜସେବିକା କବିତା ପଣ୍ଡା, ଅଧାପିକା ଓ କବୟତ୍ରୀ ମନ୍ଦାକିନୀ ଶତପଥୀ ଏବଂ ୟଙ୍ଗ ଷ୍ଟାର ଚାରିଟେବୁଲ ଟ୍ରଷ୍ଟର ରାଜେଶ ପାଢ଼ୀ ଏବଂ ବିଜୟ ସିଗାଲ ଯୋଗ ଦେଇ ତାଙ୍କ ପରିବାରକୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

**୨ ବର୍ଷ ତଳୁ ନିଖୋଜ ଥିଲେ**

# ପିଇବା ପାଣିରେ ମାରାତ୍ମକ କାଡମିୟମ, ହୋଇପାରେ କ୍ୟାନସର

ଝାରସୁଗୁଡ଼ା, ୨୩।୪(ସମିସ)

ବେଶ କିଛିଦିନ ହେବ ପଶ୍ଚିମ ଓଡ଼ିଶାର ଅନେକ ସହରରେ କର୍କଟ ରୋଗୀଙ୍କ ସଂଖ୍ୟା ଚିନ୍ତାଜନକ ଭାବରେ ବୃଦ୍ଧି ପାଇଛି। ଏହି ରୋଗ ଯୋଗୁ ଅନେକ ମୂଲ୍ୟବାନ ଜୀବନ ଅକାଳରେ ଝଡ଼ିଯାଉଛି। ତେବେ ଏହି ଅଞ୍ଚଳରେ କ୍ୟାନସର ହେବାର କାରଣ ହେଉଛି ପାଣିରେ କାଡମିୟମ ଧାତୁ ଅଧିକ ପରିମାଣ ରହୁଛି। ଜିଲ୍ଲାର ଅନେକ ନଦୀନାଳରୁ ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ପାଣିରେ ହେଭି ମେଟାଲ ବାହାରୁଥିବା ଏକ ସର୍ବେକ୍ଷଣରୁ ସ୍ପଷ୍ଟ ହୋଇଛି। ବ୍ରଜରାଜନଗର ଓ ବେଲପାହାଡ଼ ସହରର ମାଟିତଳୁ ବାହାରୁଥିବା ପାଣିରେ ଆଇରନ୍ ଅଂଶ (ଲୌହଯୁକ୍ତ) ରହିଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ମୁମ୍ବାଇସ୍ଥିତ ଏକ ପାଣିଯାଞ୍ଚକାରୀ ସଂସ୍ଥା ଏସ୍କୋଭା ମେଟ୍ରୋଲୋଜିକାଲ ସର୍ଭିସେସ୍ ଝାରସୁଗୁଡ଼ା ତଥା ବେଲପାହାଡ଼ ଓ ଲଖନପୁର ଅଞ୍ଚଳରୁ ପାଣିର ନମୂନା ସଂଗ୍ରହ କରିଥିଲା। ଦୁଇବର୍ଷ ତଳେ ଉକ୍ତ ସଂସ୍ଥା ଜାରି କରିଥିବା ରିପୋର୍ଟରେ ଉକ୍ତ ଅଞ୍ଚଳର ପାଣି କାଡମିୟମ ସଂଖ୍ୟା ୦.୦୦୦୧୭ ପିପିଏମ ରହିଛି। ଏହି ପାଣି ପିଇବା ଯୋଗ୍ୟ ନୁହେଁ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। କାଡମିୟମ ଯେହେତୁ ଏକ ପ୍ରକାର ବିଷାକ୍ତ କଠିନ ବସ୍ତୁ ଏଣୁ ଏହି ପାଣିକୁ ଯେତେ ପ୍ରକାର ଫିଲଟର କଲେ ମଧ୍ୟ





ଏହି ଧାତୁକୁ ପାଣିରୁ ବାହାର କରିବା ସମ୍ଭବପର ନୁହେଁ। ଏହି ପାଣି ପିଇଲେ ଅନ୍ୟାନ ରୋଗ ସହିତ କ୍ୟାନସର ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ବଢ଼ିଯାଇଥାଏ। ବିଗତ କିଛି ବର୍ଷ ହେବ ଓଡ଼ିଶାର କର୍କଟ ରୋଗୀଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର ପ୍ରତିକାର ପାଇଁ ସରକାର ସ୍ୱତନ୍ତ୍ର ଖସଡ଼ା ତିଆରି କରିବାକୁ ସାଧାରଣରେ ଦାବି ହୋଇଛି। କାଡ଼ମିୟମ ଏକ ଭାରିଧାତୁ (ହେବି ମେଟାଲ) ଭାବରେ ପରିଗଣିତ। ଏହା ଏକ ନୀଳ ଓ ଧଳା ରଙ୍ଗର ଧାତୁ ଅଟେ। ଯାହାକି ବିଶେଷ ଭାବରେ ଖଣିଜ ଗ୍ରିନିଫାଇଡ଼ ଜିଙ୍କ କାର୍ବୋନେଟ ଏବଂ ହାଲୁକା ହଳଦିଆ ଅକସାଇଡ଼ରେ ଓ କାଡ଼ମିୟମ ସଲଫାଇଡ଼ ନାମକ କେତେକ ବିଷାକ୍ତ ରାସାୟନିକ ପଦାର୍ଥ ରହିଥାଏ। ବିଶେଷ ଭାବରେ ଖଣି ଓ ଶିଳ୍ପ ସଂସ୍ଥାମାନଙ୍କରେ ବ୍ୟବହାର ହେଉଥିବା କାଡମିୟମ ତମ୍ବାରେ ବ୍ୟବହାର କରଯାଏ। ବୃହତ ବିଦ୍ୟୁତ କେବୁଲରେ ମଧ୍ୟ କାଡ଼ମିୟମର ଲେପ ମଧ୍ୟ ଦିଆଯାଇଥାଏ ଯାହା ଫଳରେ ଏହାର ଗୁଣବତ୍ତା ବଢ଼ିଯାଏ। ମହାନଦୀ କୂଳରେ କେବଳ ଓଡ଼ିଶା ନୁହଁ ଛତିଶଗଡ଼ରେ ଅନେକ ଶିଳ୍ପ ସଂସ୍ଥା ମାନଙ୍କର ଏହି କାଡ଼ମିୟମ ମିଶ୍ରିତ ପାଣି ପଡୁଥିବାରୁ ତାହା ବୋହିଆସି ହୀରାକୁଦ ଜଳ ଭଣ୍ଡାରରେ ମିଶୁଛି। ଏମିତିକି ମହାନଦୀର ଉପନଦୀ ମାନଙ୍କରେ ମଧ୍ୟ ଶିଳ୍ପ ସଂସ୍ଥାର ବର୍ଜ୍ୟବସ୍ତୁରେ କାଡ଼ମିୟମ ବୋହି ଆସି ଜହରରେ ପରିଣତ ହୋଇଛି। କାଡ଼ମିୟମ ଯୁକ୍ତ ପାଣି ବହିଆସି କିମ୍ବା ବର୍ଷାରେ ବିଭିନ୍ନ ଶିଳ୍ପ ସଂସ୍ଥାରୁ ଏହି ବିଷାକ୍ତ ପାଣି ବୋହିଆସି ଲୋକଙ୍କ କୂଅ କିମ୍ବା ଜଳାଶୟରେ ପଶିଥାଏ। ଏହି କାଡ଼ମିୟମ ରସାୟନକୁ ପିଇଲେ କିମ୍ବା ଚାଷରେ ଏହି ପାଣି ସିଞ୍ଚନ କଲେ ଏହାର ଧାନ, ଗହମ କିମ୍ବା ପନିପରିବାରରେ କାଡମିୟମ ରହିଯାଏ। ଏହାକୁ ରୋଷେଇରେ ବ୍ୟବହାର କଲେ ମଧ୍ୟ କ୍ୟାନସର ହେବାର ଆଶଙ୍କା ଶତକଡ଼ା ୨୧ ପ୍ରତିଶତ ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଜାରି କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି।

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ମାଡ଼ ଘଟଣା; ୬ ଗିରଫ

**ଝାରସୁଗୁଡ଼ା, ୨୩।୪(ସମିସ):** ବଡ଼ମାଲ ଥାନା ଭୁସୁଣ୍ଡ ଗ୍ରାମରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ଉଲଗ୍ନ କରି ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗ୍ରାମର ଜମାନୀ କରାଲୀଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଗ୍ରାମର ସନ୍ତୋଷ କୁମାର ଚାନ୍ଦ (୨୮), ଫୁଙ୍କି ଚାନ୍ଦ (୩୫), ବୃନ୍ଦା ଚାନ୍ଦ (୩୨), ସନ୍ଦିପ ଚାନ୍ଦ (୨୬), ମୌସୁମୀ ଚାନ୍ଦ(୨୨) ଓ ବୈଦେହୀ ଚାନ୍ଦ (୪୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବିବାହର ୫ ବର୍ଷ ପରେ ବି ମଙ୍ଗଳୀଙ୍କର ପିଲାଛୁଆ ହେଉ ନଥିଲା। କିଛିଦିନ ତଳେ ତାଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ ଜମାନୀ ଡାହାଣୀ ହୋଇଥିବାରୁ ତାର ପିଲା ଛୁଆ ହେଉନାହିଁ। ତେଣୁ ୧୯ ତାରିଖରେ ସମସ୍ତ ଅଭିଯୁକ୍ତ ମଙ୍ଗଳୀଙ୍କୁ ପୂଜା ଘରକୁ ନେଇଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଗୁଣିଆ ତାଙ୍କ ଶରୀରରେ କାଳିଶୀ ପ୍ରବେଶ କରାଇବାକୁ ଉଦ୍ୟମ କରିଥିଲା। କିନ୍ତୁ କାଳିଶୀ ନଲାଗିବାରୁ ଜମାନୀଙ୍କୁ ଅଭିଯୁକ୍ତମାନେ ମାଡ଼ମାରି ଉଲଗ୍ନ କରିଥିଲେ। ଏହାପରେ ବି କାଳିଶୀ ନ ଲାଗିବାରୁ ତାଙ୍କୁ ଆଉ ଜଣେ ଗୁଣିଆ ପାଖକୁ ନେଇ ସେଠାରେ ମଧ୍ୟ ମାଡ଼ମାରି ଲହୁଲୁହାଣ କରିଥିଲେ। ଏନେଇ ଜମାନୀ ବଡ଼ମାଲ ଥାନାରେ ଏତଲା ଦେବାରେ ପୁଲିସ ମାମଲା ରୁଜୁ କରି ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବାମଣ୍ଡା କଳାକାର ସଂଘର ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ

**ଦେବଗଡ଼, ୨୩।୪(ସମିସ):** ବାମଣ୍ଡା କଳାକାର ସଂଘର ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ବିପିନ ବିହାରୀ ନନ୍ଦ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ଅମାତ, ମାର୍ଗଦର୍ଶକ ହେମନ୍ତ ମହାପାତ୍ର, ପରାମର୍ଶଦାତା ନେତ୍ରାନନ୍ଦ ସାହୁ, ମନୋଜ ପାଢ଼ୀ, ହିମାଂଶୁ ଶେଖର ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ। କୁମୁଦଚନ୍ଦ୍ର ଶତପଥୀ ଓ ରୋମିଓ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦାମନଯୋଡି ଅଷ୍ଟାଦଶ ପଞ୍ଚପଟମାଳୀ ନାଟକ ମହୋତ୍ସବରେ ସଂଘ ପକ୍ଷରୁ ନାଟକ ‘ଧୁନ୍ଦି’ରେ ପୁରସ୍କୃତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପ୍ରଶାନ୍ତ ଦ୍ୱିବେଦୀ, ଶିଶିର ଦାଶ, ସୁଶାନ୍ତ ନନ୍ଦ, ସନ୍ତୋଷ ସାହୁ, ଧ୍ରୁବଚରଣ ବେହେରା, ତେଜସ୍ୱିନୀ ନାୟକ, ଗୀତା ତିୱାରୀ, ସୁଜାତା କୁଅଁର, ଶୁକଦେବ ଭଞ୍ଜ, ସୁନୀଲ ଦାଶ, ଉପେନ୍ଦ୍ର ଭଞ୍ଜ, ଶ୍ରବଣ ନାୟକ, ମଦନ ଦାଶ, ସାଗର ପୃଷ୍ଟି, ମୃତ୍ୟୁଞ୍ଜୟ ପାତ୍ର, ଦୀନେଶ ବାଗ, ସନ୍ତୋଷ ଦେବତା, ପୂର୍ଣ୍ଣଚନ୍ଦ୍ର ବୁଡା ପ୍ରମୁଖ କଳାକାର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଚିନ୍ମୟ ଦାଶ, ତେମିଓ ରଞ୍ଜନ, ପ୍ରଶାନ୍ତ ଦେବ, ପ୍ରୀତମ ବେହେରା, ରବି ନାୟକ, ଦୀପକ ଗୁରୁ, ରାଜୁ ପାତ୍ର, ମନୋରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।




# ସାଗରପାଲିରେ ୬୬ତମ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ସମାପନ



**ଝାରସୁଗୁଡ଼ା, ୨୩।୪(ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ସାଗରପାଲି ଗ୍ରାମରେ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ସମାପନ ହୋଇଛି। ବୁଧବାର ସନ୍ଧ୍ୟାରେ କଳସ ଯାତ୍ରା ସହ ଅଧିବାସ କରାଯାଇ ଗୁରୁବାର ସକାଳ ୯ ଟାରୁ ସମ୍ପୂର୍ଣ ରୀତିନୀତିରେ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ରବିବାର ନାମ ସମାପନ ଏବଂ ସୋମବାର ହଳଦୀ କୀର୍ତ୍ତନ ସମ୍ପୂର୍ଣ୍ଣର୍ ରୀତିନୀତିରେ ସମାପନ ହୋଇଛି। ଭଅଁରଖୋଲ, ଠେବରା, ସିଂହାରପୁର, ପରସିଆଁ, ଷ୍ଟେସନ ଜମଗାଁ, ତିଳେଇମାଲ, ରେଙ୍ଗୁଲି, ଆଦି ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଛନ୍ତି। ଏହି ନାମଯଜ୍ଞରେ କର୍ତ୍ତା ଭାବରେ ସପତ୍ନୀକ ଶିବୁ ପ୍ରଧାନ, ପଦ୍ମିନୀ ପ୍ରଧାନ, ପୂଜକ ଭାବରେ ଶିବ ନାରାୟଣ ନାୟକ ଦାୟିତ୍ୱ ତୁଲାଇଥିବା ବେଳେ ଯାଦବ ସେଟ, ଭବାନୀ ପାତ୍ର, ଜନ୍ମେଜୟ କାଲୋ, ସମାରୁ ମୁଣ୍ଡା, କୁଳମଣି ବଣିଆ, ଧନୁର୍ଜୟ ବଣିଆ ଷଡବୈଷ୍ଣବ ହୋଇଥିଲେ। ସାଗରପାଲି ଗ୍ରାମର ସମସ୍ତ ଗ୍ରାମବାସୀ ଏହି ନାମଯଜ୍ଞରେ ସହଯୋଗ କରିଥିଲେ।

# ବିରନବନ୍ଧରେ ବାର୍ଷିକ ଚୈତ୍ରପୂର୍ଣ୍ଣିମା ପାଳିତ



**ଲଖନପୁର, ୨୩।୪(ସମିସ):** ଝାରସୁଗୁଡା ଜିଲ୍ଲା ଅନ୍ତର୍ଗତ ଲଖନପୁର ବ୍ଲକ ପଣ୍ଡରୀ ଶାଖାର ବିରନବନ୍ଧ ଗ୍ରାମରେ ୨୪ତମ ବାର୍ଷିକ ଚୈତ୍ର-ପୂର୍ଣିମାକୁ ନେଇ ମାଁ ସମଲେଶ୍ୱରୀଙ୍କ ପୂଜା ସହିତ ବିଙ୍ଗାନୀ କୈବର୍ତ୍ତର ଶ୍ରୀରାମଙ୍କ ପାଦୁକା ଧୌତ ତଥା ନାବ ପୂଜା କାର୍ଯ୍ୟକ୍ରମ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ବିଭିନ୍ନ କେନ୍ଦ୍ରଠାରୁ ଉତ୍ସାହିତ ସଭାପତି, ସମ୍ପାଦକ ଓ କୈବର୍ତ୍ତ ଭାଇମାନେ ଯୋଗ ଦେବାସହ ଝାରସୁଗୁଡା ଜିଲ୍ଲା କୈବର୍ତ୍ତ ସମାଜ ସଭାପତି ଧନୁର୍ଯ୍ୟ ସେଟ ଓ ସମ୍ପାଦକ ଚୈତନ୍ୟ ତନସନା ପ୍ରମୁଖ ଯୋଗ ଦେଇଥିଲେ। ଏଥି ସହିତ ମୁଖ୍ୟଅତିଥି ଭାବେ ବିଧାୟିକା ଅଳକା ମହାନ୍ତି ଓ ଜିଲ୍ଲା ପରିଷଦ ଉପ ସଭାପତି ଅକ୍ଷୟ କୁମାର ସାହୁ ତଥା ପଣ୍ଡରୀ ସରପଞ୍ଚ ସୁବାସିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ସ୍ଥାୟୀ ସଭାପତି ନରେନ୍ଦ୍ର ବେରିଆଙ୍କ ନେତୃତ୍ୱରେ ସଭା କାର୍ଯ୍ୟ ପରିଚାଳନା ହେବା ସହ ମୁଖ୍ୟଅତିଥି ବିଧାୟିକା ଶ୍ରୀମତୀ ମହାନ୍ତି କୈବର୍ତ୍ତ ସମାଜକୁ ସୁଦୃଢ଼ କରିବା ଓ ପ୍ରତିବର୍ଷ ମାଁ ସମଲେଶ୍ୱରୀଙ୍କ ପୂଜା ମହା ଆଡମ୍ବରରେ ହେବା ପାଇଁ କାମନା କରିଥିଲେ। ଏହି ସଭାରେ ବିବାହ ବନ୍ଧନ, ନିଶା ନିବାରଣ, ନାରୀଶିକ୍ଷା, ଓ ସମାଜ ପ୍ରତି ଆସୁଥିବା ବିଭିନ୍ନ ସମସ୍ୟା ଏବଂ ସମାଜ ସଂସ୍କାର ଉପରେ ଉପସ୍ଥିତ ଥିବା ସଦସ୍ୟମାନେ ନିଜ ନିଜ ବକ୍ତବ୍ୟରେ ଆଲୋଚନା କରିଥିଲେ। ଶେଷରେ ଶାଖା-ସମ୍ପାଦକ ପଦ୍ମଲୋଚନ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।



## ୩ ମଦ୍ୟପ ଡ୍ରାଇଭର ଗିରଫ; ୩ ଟ୍ରକ ଜବତ

**ଝାରସୁଗୁଡ଼ା, ୨୩।୪(ସମିସ):** ୪୯ ନମ୍ବର ଜାତୀୟ ରାଜପଥ ବେଲପାହାଡ଼ ମହିମା ଛକଠାରେ ମଙ୍ଗଳବାର ଅପରାହ୍ନ ୨ଟାରେ ବିଭିନ୍ନ ଯାନବାହନ ଯାଞ୍ଚ କରୁଥିଲା। ୩ ଟି ଟ୍ରକର ଡ୍ରାଇଭର ମଦ ପିଇ ଟ୍ରକ ଚଲାଉଥିବାରୁ ବେଲପାହାଡ଼ ପୁଲିସ ୩ ଜଣ ଡ୍ରାଇଭରଙ୍କୁ ଗିରଫ କରିବା ସହିତ ୩ଟି ଟ୍ରକ ଜବତ କରିଛି। ଏହି ରାସ୍ତାରେ କୋଇଲା ଟ୍ରକ ଚଲାଉଥିବା ଟ୍ରକ ଗୁଡ଼ିକର ଡ୍ରାଇଭରମାନେ ମଦ ପିଇ ଗାଡ଼ି ଚଲାଉଥିବା ଅଭିଯୋଗ ହୋଇଆସୁଛି।

## କଂଗ୍ରେସର କର୍ମୀ ସମ୍ମିଳନୀ

**ଦେବଗଡ଼, ୨୩।୪(ସମିସ):** ରିଆମାଳ ବ୍ଲକର ଖିଲେଇ ଗ୍ରାମରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ବିଧାନସଭା ଆସନ କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗିରିଧାରୀ ପ୍ରଧାନ, ଝସକେତନ ଧଳ, ଗୁଣନିଧି ବେହେରା, କୃଷ୍ଣଚନ୍ଦ୍ର ସାମଲ, ଶିଶିର ନାୟକ, ଶ୍ରୀତମ ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# କୋଲାବିରାର ପ୍ରସିଦ୍ଧ ଚଇତପୁନି ବଏଲ୍ ଯାତ୍ରା ସମ୍ପନ୍ନ

**କୋଲାବିରା, ୨୩।୪(ସମିସ):** ଝାରସୁଗୁଡା ଜିଲ୍ଲା କୋଲାବିରା ଅଞ୍ଚଳର ଇଷ୍ଟଦେବୀ ଭାବରେ ପୂଜିତ ମା'ଦକ୍ଷିଣକାଳୀଙ୍କ ଚଇତ ପୁନି ବଏଲଯାତ୍ରା ଆନନ୍ଦ ଉତ୍ସାହର ସହିତ ସମ୍ପନ୍ନ ହୋଇଛି। ମହାବିଷୁବ(ପଣା) ସଂକ୍ରାନ୍ତିରେ ମା'ଙ୍କ ପୀଠରେ ଆଦ୍ୟପୂଜା ଆରମ୍ଭ ହୁଏ। ଏହି ପରିପ୍ରେକ୍ଷୀରେ ସଂକ୍ରାନ୍ତି ମଧ୍ୟରାତ୍ରିରେ ପୂଜା ପରେ ହୋମଯଜ୍ଞ, ପୂର୍ଣ୍ଣାହୁତୀ ପରେ ଗୁପ୍ତବଳି ତଥା ପୂଜା ହୋଇଥିଲା। ପରେ ମଧ୍ୟରାତ୍ରିରେ ଦେବୀବାହନ ବରୁଆ ଦେହରେ ଦୈବଶକ୍ତି ସଞ୍ଚାରିତ ହେବାପରେ ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନ ଲଭିଥିଲେ ଶ୍ରଦ୍ଧାଳୁ। ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଶାକ୍ତ ପରମ୍ପରା ବହୁ ପୁରାତନ। ଶାକ୍ତ ପରମ୍ପରାରେ ଜୟପୁର ଇଷ୍ଟେଟ (କୋଲାବିରା) ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣକାଳୀଙ୍କ ପ୍ରତି ଜନସାଧାରଣଙ୍କ ରହିଛି ଅଗାଧ ବିଶ୍ୱାସ, ଭକ୍ତି ଓ ଭୟ। କଳା ଓ ସଂସ୍କୃତିର ପରିଚୟ ତଥା ନିଷ୍ଠା ଓ ଭକ୍ତିର ଅନନ୍ୟ ପରମ୍ପରା ଏଠାକାର ବଏଲ ଯାତ୍ରା। ଦୈବୀଶକ୍ତି ବା ତନ୍ତ୍ରମନ୍ତ୍ର ଶକ୍ତିର ଆଧାର କରିହେଉ କିମ୍ବା ପ୍ରାଚୀନ ସଂସ୍କୃତିର ପ୍ରଚଳିତ ପରମ୍ପରା ଦୃଷ୍ଟି କୋଣରୁ ହେଉ ଦୈବୀଶକ୍ତି ବା ମାତୃଶକ୍ତିର ମହତ୍ତ୍ୱକୁ ସାର୍ବଜନୀନ କରିବା ପାଇଁ କୋଲାବିରାରେ ବହୁ ଆବହମାନକାଳରୁ ଶକ୍ତିପୂଜାର ସୂତ୍ରପାତ ଘଟାଇ ମାଁ ଦକ୍ଷିଣକାଳୀଙ୍କ ପାରମ୍ପରିକ ବଏଲ ଯାତ୍ରା। ଚଳିତ ବର୍ଷ ଚୈତ୍ର ପୂର୍ଣ୍ଣିମା ଅବସରରେ ଆରମ୍ଭ ହୋଇଛି ଚଇତ ପୁନି ବଏଲଯାତ୍ରା। ଏଥିରେ ଦେବୀବାହନ ବରୁଆ ଭାବରେ ଯୋଗୀ ଯୋଗେନ୍ଦ୍ର ରାଏଙ୍କୁ କମିଟି ପକ୍ଷରୁ ବିବେଚନା କରାଯାଇଥିବା ବେଳେ କର୍ତ୍ତା ଭାବରେ ଜମିଦାର ବଂଶଜ ସାନମଝଲା ଦୁଆନ ରୁଦ୍ର ପ୍ରତାପ ସିଂ ସପତ୍ନୀକ କାର୍ଯ୍ୟ ତୁଲେଇଥିଲେ। ରାଜ ପୁରୋହିତ ପ୍ରଦ୍ୟୁମ୍ନ ପୁରୋହିତ, ପୂଜକ ବିଜୟ କୁମାର ପୁଝାରୀ ପୂଜାପଚାର କାର୍ଯ୍ୟ ନିର୍ବାହ କରିଥିବା ବେଳେ ପଣ୍ଡିତ ପ୍ରକାଶ ଚନ୍ଦ୍ର ହୋତା ଚଣ୍ଡିପାଠ କରିଥିଲେ। ସ୍ମୃତିରଞ୍ଜନ ରାୟ, ସନ୍ତୋଷ ଦଲାଇ, ଲଳିତ ସାହୁ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ବିନୟ ମହାପାତ୍ର, ଆଲୋକ ମହାପାତ୍ର, ସଚିନ ମହାପାତ୍ର, ଶଚ୍ଚିଦାନନ୍ଦ ଠାକୁର, ଦେବାଶୀଷ ସିଂ ଠାକୁର, ସରୋଜ ଟଣକାର, ସୁବ୍ରତ ଦାସ, ଦୀପକ ରାୟ, ପ୍ରବୀଣ ସାହୁ, ଚେତାନନ୍ଦ ନଈ, ଭୀମ ଭଞ୍ଜ, ଅସିତ ବହିଦାର, ଚିନ୍ମୟ ବହିଦାର, କୁନାଲ ବହିଦାର, ଯଜାତିକେଶରୀ ବେହେରାଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଚଇତପୁନି ବଏଲଯାତ୍ରାରେ ଜନସାଧାରଣଙ୍କ ଉପସ୍ଥତି ଅଧିକ ଦେଖିବାକୁ ମିଳିଥିଲା।



**ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ**

# ରାଜନୈତିକ ଦଳ ସହ ପ୍ରଶାସନର ବୈଠକ

ଦେବଗଡ଼, ୨୩।୪(ସମିସ)

ଆଗାମୀ ୨୦୨୪ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ପ୍ରକ୍ରିୟାରେ ପ୍ରାର୍ଥୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ନିର୍ଦ୍ଧାରିତ ଦର ସମ୍ବନ୍ଧରେ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ଏଜେଲିନ୍ ବାରା ସାଧାରଣ ନିର୍ବାଚନ ପାଇଁ ଉପସ୍ଥିତ ଥିବା ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କ ଅବଗତି ଉଦ୍ଦେଶ୍ୟରେ ଆଦର୍ଶ ଆଚରଣବିଧି ପାଳନ, ପୋଷ୍ଟର, ବ୍ୟାନର ଆଦିର ମୁଦ୍ରଣ ନେଇ ବିଧିବିଧାନ ଅନୁପାଳନ, ସଭା ସମିତି ପ୍ରଚାର, ପ୍ରାର୍ଥିପତ୍ର ଦାଖଲ, ବିଭିନ୍ନ ଶୋଭାଯାତ୍ରା ପାଇଁ ବ୍ୟବହାର କରିବାକୁ ଥିବା ଯାନ ବାହନ ପାଇଁ ଅନୁମତି ନେବା, ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ବ୍ୟୟର ହିସାବ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝି, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଓ ଗୃହ) ଆର୍ ସିଂ ସେଠୀ, ସହକାରୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ଚିତ୍ତରଞ୍ଜନ ନାଏକ, ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ନିର୍ବାହୀ ଅଧିକାରୀ ପୌରପରିଷଦ କୃପାସିନ୍ଧୁ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ବିଜୁ ଜନତା ଦଳର ପ୍ରତିନିଧି କାମାକ୍ଷା ଗଙ୍ଗଦେବ, ରଞ୍ଜିତ ପ୍ରଧାନ, ଭାରତୀୟ ଜନତା ପାର୍ଟିର ପ୍ରତିନିଧି ସଞ୍ଜୟ ପ୍ରଧାନ, କଂଗ୍ରେସର ପ୍ରତିନିଧି ରେବତୀ ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ୨ଗିରଫ

**ଦେବଗଡ଼, ୨୩।୪(ସମିସ):** ବାରକୋଟ ଥାନା ବଲଣ୍ଡା ଗ୍ରାମର ଜଣେ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ଏହି ଅଭିଯୋଗରେ ବାରକୋଟ ଥାନା ପୁଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାରକୋଟ ଥାନା ବଲଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ ସାହୁ ଓ ବାହାଡାପଶି ଗ୍ରାମର ଅନୁ ପ୍ରଧାନ।

ଗତ ୨୧ ତାରିଖ ଦିନ ଏକ ବୈଠକରୁ ବଲଣ୍ଡା ଗ୍ରାମର ଭୁବନେଶ୍ୱର ନାୟକ ଫେରୁଥିବା ସମୟରେ ଅଭିଯୁକ୍ତ ପ୍ରଦ୍ୟୁମ୍ନ ଓ ଅନୁ ଭୁବନେଶ୍ୱରଙ୍କୁ ଅଟାକଇ ଗାଳିଗୁଲଜ କରିଥିଲେ। ଭୁବନେଶ୍ୱର ଏହାର ପ୍ରତିବାଦ କରିବାରୁ ପ୍ରଦ୍ୟୁମ୍ନ ହାତରେ ପିନ୍ଧିଥିବା ବଳାରେ ଭୁବନେଶ୍ୱରଙ୍କ ମୁଣ୍ଡରେ ଆକ୍ରମଣ କରିଥିଲା। ଏହାଫଳରେ ଭୁବନେଶ୍ୱରଙ୍କ ମୁଣ୍ଡଠରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଭୁବନେଶ୍ୱର ବାରକୋଟ ମେଡିକାଲରେ ଚିକିତ୍ସିତ ହେବା ପରେ ଏ ନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରଥିଲେ। ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା।

# କରୁଆଁଝରର ଡକାୟତି ଘଟଣାରେ ନାବାଳକ ସମେତ ୭ ଗିରଫ

**ବୋଲେରୋ, ବାଇକ୍ ଓ ମାରଣାସ୍ତ୍ର ଜବତ**

ଦେଓଗାଁ, ୨୩।୪(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗ୍ରାମରେ ୨ ଦିନ ତଳେ ୨୦ ରୁ ୨୫ ଜଣ ଡକାୟତ ମାରଣାସ୍ତ୍ର ଧରି କବାଟ ଭାଙ୍ଗି ଘର ଭିତରୁ ସୁନା, ରୁପା ଓ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଗ୍ରାମର ସତ୍ୟନାରାୟଣ ସୁନାଙ୍କ ଓ ତାଙ୍କ ପତ୍ନୀଙ୍କ ଅଭିଯୋଗ କ୍ରମେ ପୁଲିସ ତଦନ୍ତ କରି ୭ ଜଣଙ୍କୁ ଅଟକ ରଖି ପଚରାଉଚରା ପରେ ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ସେହି ଗ୍ରାମର ପ୍ରଫୁଲ୍ଲ ମିଶ୍ର (୩୨), ଦେବପ୍ରତାପ ଷଣ୍ଡ (୩୨), ସଇଁନ୍ତଲା ଥାନା ଅନ୍ତର୍ଗତ ଖରସେଲବାଞ୍ଜିର ରାଜିବ ବଏ (୩୨), ମିଥୁନ ବଏ (୨୮), କରମତଲାର ସୌମ୍ୟ ରଞ୍ଜନ ନାଏକ (୨୩), କମରଲଗା ଗାଁର ଶକ୍ତିମାନ ଓରଫ ଅଖିଳ ମାଝୀ (୨୪) ସମେତ ଜଣେ ନାବାଳକକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଅଭିଯୋଗକାରୀଙ୍କ କହିବାନୁସାରେ ବଲାଙ୍ଗିରର ବହୁ ଚର୍ଚ୍ଚିତ ଘଟଣା ସୁଦପଡ଼ା ମଦଭାଟିରୁ ଶହଶହ କୋଟି ଟଙ୍କା ଜବତ ହେବାପରେ କିଛି ଭାଟି କର୍ମଚାରୀ କରୁଆଁଝରକୁ ଆସି ଏକ ମହୁଲ ଗୋଦାମ ଘରେ କିଛି ଦିନ ରାତ୍ରି ଯାପନ କରିଥିଲେ। ଫଳରେ ସେଥିରୁ ପ୍ରାୟ କୋଡିଏ କୋଟି ଟଙ୍କା କରୁଆଁଝରର କିଛି ପରିବାରଙ୍କ ନିକଟରେ ଥିବା ସେସମୟରେ ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଉପରୋକ୍ତ ଅଭିଯୁକ୍ତମାନେ ବିଳମ୍ବିତ ରାତିରେ ଘରକୁ ପଶି ଅଭିଯୋଗକାରୀଙ୍କୁ ମାଡ଼ ମାରି ମାରଣାସ୍ତ୍ର ଦେଖାଇ ଟଙ୍କା କେଉଁଠି ଲୁଚାଯାଇଛି ଦେଖାଇବାକୁ କହିଥିଲେ। ଏପରିକି ଟଙ୍କା ନ ପାଇବାରୁ ଅଭିଯୁକ୍ତମାନେ ଦୁଇଟି ପରିବାରର ଘରେ ଥିବା ସୁନା, ରୁପା ଓ ଟଙ୍କା ଲୁଟି ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଉକ୍ତ ଘଟଣାରେ ଦେଓଗାଁ ପୁଲିସ ଡକାୟତି ମାମଲା ରୁଜୁ କରି ୭ ଜଣ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିବାସହ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।

# ଲୋଇସିଂହାରେ ବିଜେଡିର ମିଶ୍ରଣ ପର୍ବ




**ଲୋଇସିଂହା, ୨୩।୪(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବିଜୁ ଜନତା ଦଳର କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳିଉଡ଼ାର, ଉପରବାହାଳ ପଞ୍ଚାୟତ ବହୁ ଯୁବକ ଓ ଛାତ୍ର ବିଜୁ ଜନତା ଦଳରେ ଯୋଗଦେଇଥିଲେ। ସେହିପରି ରାଘୁପଦର ଗାଁର ୧୫ ଜଣ ବିଜେପି କର୍ମକର୍ତ୍ତା ଓ ବାନିପାଲି କଂଗ୍ରେସ କର୍ମକର୍ତ୍ତା ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବ ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ୩୪ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରତିନିଧି କୈଳାଶ ବରିହା, ବ୍ଲକ ମହିଳା ସଭାପତି ଜ୍ୟୋତ୍ସ୍ନାମୟୀ ନାଗ, ନେହେରୁ ବିଶ୍ୱାଳ, ରାଜକିଶୋର ପଟେଲ, ସରୋଜ ବେହେରା ଓ ସହ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଡାକ୍ତରଖାନାରୁ ବୃଦ୍ଧଙ୍କ ସାଇକଲ ଚୋରି

**ସୋନପୁର, ୨୩।୪(ସମିସ):** ସୁବର୍ଣ୍ଣପୁର ସଦର ମହକୁମାରେ ନୂତନ ଭାବେ ନିର୍ମିତ ମୁଖ୍ୟ ଡାକ୍ତରଖାନାରେ ଚୋରି ଘଟଣା ବୃଦ୍ଧି ପାଉଛି। ମଙ୍ଗଳବାର ଜଣେ ରୋଗୀ ସହାୟକଙ୍କ ସାଇକଲ ଚୋରି ହୋଇଛି। ସକାଳ ୧୦ ଘଣ୍ଟାରେ ସୋନପୁର ବ୍ଲକର ଜନମୁରା ପଞ୍ଚାୟତ ହଳଦିପାଲି ଗାଁର ଉପେନ୍ଦ୍ର ସାହା ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ନୂତନ ମେଡ଼ିକାଲକୁ ଆସିଥିଲେ। ଡାକ୍ତର ଦେଖାଇ ନିରାମୟ କେନ୍ଦ୍ରରୁ ଔଷଧ ନେଇ ଫେରିବା ପରେ ସାଇକଲ ଷ୍ଟାଣ୍ଡରେ ତାଙ୍କ ସାଇକଲ ନ ଥିଲା। ଖୋଜା ଖୋଜି କରି ସାଇକଲ ନ ମିଳିବାରୁ ନିରାଶ ହୋଇଥିଲେ। ଏହା ପରେ ସେ ସଦର ଥାନାକୁ ଆସି ସାଇକଲ ଚୋରି ନେଇ ଲିଖିତ ଅଭିଯୋଗ କରିଥିଲେ।

# ମୁଖ୍ୟାଳୟରେ ରହୁ ନାହାନ୍ତି ଅଧିକାରୀ

**ସୁବଳୟା, ୨୩।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ମୁଖ୍ୟାଳୟରେ ରହୁ ନାହାନ୍ତି। ଅଧିକାରୀମାନେ ଜିଲ୍ଲା ମୁଖ୍ୟାଳୟ ସୁବର୍ଣ୍ଣପୁର ସହରରେ ରହି ଯିବା ଆସିବା କରୁଛନ୍ତି। ଏଣୁ ସେମାନେ ନିଜ କାର୍ଯ୍ୟରେ ଠିକ୍ ସମୟ ଅନୁସାରେ ପହଞ୍ଚି ପାରୁ ନାହାନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ମଧ୍ୟ ମୁଖ୍ୟାଳୟରେ ରହୁନାହାନ୍ତି। ତେବେ ଏଥିପାଇଁ ଲୋକେ ବିଭିନ୍ନ କାମରେ ଆସି ଘଣ୍ଟା ଘଣ୍ଟା କାଳ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ଅପେକ୍ଷା କରୁଛନ୍ତି।

# ଗଞ୍ଜେଇ ଚାଲାଣ ବେଳେ ଜଣେ ଗିରଫ

**ହରଭଙ୍ଗା, ୨୩।୪(ସମିସ):** ହରଭଙ୍ଗା ପୁଲିସ ଗଞ୍ଜେଇ କାରବାରରେ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ରାମଗଡ଼ ଗ୍ରାମର ସନତ ନାୟକ। ବାଇକ୍‌ରେ ସେ ଗଞ୍ଜେଇ ନେଇ ବୌଦ୍ଧ ଜିଲ୍ଲାରୁ ଧଳପୁର ବ୍ରିଜ ଦେଇ ଅନୁଗୋଳ ଜିଲ୍ଲା ଆଠମଲ୍ଲିକକୁ ଚାଲାଣ କରୁଥିଲା। ଧଳପୁର ବ୍ରିଜ ଉପରେ ହରଭଙ୍ଗା ପୁଲିସ ଯାଞ୍ଚରେ ପଡ଼ି ଧରା ପଡ଼ିଥିଲା। ପୁଲିସ ଗାଡି ତଲାସି କଲାବେଳେ ୪କେଜି ଗଞ୍ଜେଇ ପାଇଥିଲା।

# ବଲାଙ୍ଗିରରେ କଂଗ୍ରେସକୁ ବଡ଼ ଝଟ୍‌କା

**ଦଳ ଛାଡ଼ିଲେ ଆକାଶ**



**ବଲାଙ୍ଗିର, ୨୩।୪ (ସମିସ):** ବଲାଙ୍ଗିର ପୂର୍ବତନ ସାଂସଦ ତଥା ଅଞ୍ଚଳର ଟାଣୁଆ ନେତା ବାଲଗୋପାଳ ମିଶ୍ରଙ୍କ ପୁଅ ଆକାଶ ମିଶ୍ର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପଦବୀ ସହ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଆଗାମୀ ଭବିଷ୍ୟତରେ ରାଜନୈତିକ ଆଭିମୁଖ୍ୟ କଣ ରହିବ ସେ ନେଇ ସମର୍ଥକମାନଙ୍କ ସହ ଆଲୋଚନା କରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଶ୍ରୀ ମିଶ୍ର ୨୦୦୪ ମସିହାରୁ ସେ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ସେହି ବର୍ଷ ପ୍ରଥମ ଥର ପାଇଁ କଂଗ୍ରେସ ପ୍ରାର୍ଥୀ ନରସିଂହ ମିଶ୍ରଙ୍କ ବିରୋଧରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଆସନରେ ସ୍ୱାଧୀନ ଭାବେ ଲଢ଼ି ପ୍ରାୟ ୪ ହଜାର ଭୋଟରେ ସେ ପରାଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସରେ ରହି ବିଭିନ୍ନ ପଦପଦବୀରେ କାମ କରିଛନ୍ତି। ୨୦୧୨ ମସିହାରେ ସେ ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀ ଯୁବ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଗତ ୨୦୧୪ ନିର୍ବାଚନ ପରେ ସେ କଂଗ୍ରେସ ଦଳରୁ ଲୋକସଭା ଆସନ ପାଇଁ କ୍ରମାଗତ ଭାବେ ଆଶାୟୀ ରହିଥିଲେ। ନିର୍ବାଚନ ସମୟରେ ତାଙ୍କୁ ଦଳ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦଳ ଦାୟିତ୍ୱ ଦେଇଥିଲା ସତ୍ କିନ୍ତୁ ନିର୍ବାଚନର କୌଣସି ଦାୟିତ୍ୱ ତାଙ୍କୁ ପ୍ରଦାନ କରିବା ତାଙ୍କ ସ୍ୱାଭିମାନକୁ କୁଠାରଘାତ କରିଥିବା ସେ କ୍ଷୋଭର ସହ କହିଛନ୍ତି। କଂଗ୍ରେସ ନେତୃବର୍ଗ ଯୁବନେତାମାନଙ୍କୁ ସୁଯୋଗ ଦେଉନଥିବା ବେଳେ ଜାଣିଶୁଣି ତାଙ୍କୁ ଦଳରେ କଣଠେସା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ଦଳରୁ ନିରାଶ ହେବା ପରେ ଆଜି ବାଧ୍ୟ ହୋଇ ସେ ଦଳ ଛାଡ଼ିଥିବା କହିଛନ୍ତି। ତେବେ ଶ୍ରୀ ମିଶ୍ର ଦଳ ଛାଡ଼ିବା କଂଗ୍ରେସ ପାଇଁ ଏକ ବଡ଼ କ୍ଷତି ବୋଲି ଆଲୋଚନା ହେଉଛି। ଜଣେ ଦୃଢ଼ ଯୁବ ସଂଗଠକ ହୋଇଥିବା ବେଳେ ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ତାଙ୍କର ବ୍ୟକ୍ତିଗତ ସଂଗଠନ ରହିଛି। ସେ ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ରଙ୍କ ସାନପୁଅ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଭଣଜା। ତେବେ ଉଭୟଙ୍କ ମଧ୍ୟରେ ପୂର୍ବରୁ ହିଁ ତିକ୍ତ ରାଜନୈତିକ ସମ୍ପର୍କ ରହିଆସିଛି। ସେ ତାଙ୍କ ଇସ୍ତଫା ପତ୍ର ଜାତୀୟ ସଭାପତି, ରାଜ୍ୟ ସଭାପତିଙ୍କୁ ପଠାଇ ଦେଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ମା' ନିତେଇ ଧୋବଣୀଙ୍କ ଚୈତ୍ର ପର୍ବ

**ବଲାଙ୍ଗିର, ୨୩।୪(ସମିସ):** ବଲାଙ୍ଗିର ଜିଲ୍ଲା ରଜକ ସମାଜ ତରଫରୁ ମଙ୍ଗଳବାର ପୂର୍ଣ୍ଣିମା ଦିନ ଇଷ୍ଟଦେବୀ ମା' ନିତେଇ ଧୋବଣୀଙ୍କ ଚୈତ୍ର ପର୍ବ ବିଷ୍ଣୁମୁଣ୍ଡା ଗ୍ରାମସ୍ଥିତ ମା' ନିତେଇ ଧୋବଣୀଙ୍କ ମନ୍ଦିରରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ପୂଜକ ଚୈତରାମ ସେଠ୍ ଓ ଛବିଲାଲ ସେଠ୍ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ପର୍ବରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ରଜକ ଭାଇ ବନ୍ଧୁ ଯୋଗଦେଇଥିଲେ।



ବଲାଙ୍ଗିର ଜିଲ୍ଲା ରଜକ ସମାଜର ସଭାପତି କଳାକାହ୍ନୁ ସେଠ୍‌ଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମ୍ପାଦକ କିର୍ତ୍ତିଚନ୍ଦ୍ର ସେଠ୍ ସଭା ପରିଚାଳନା କରିଥିଲେ। ବୈଠକରେ ଆଗକୁ ହେବାକୁ ଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ କିପରି ଭାବରେ ସମ୍ପାଦନ କରାଯିବ ସେ ବିଷୟରେ ସମସ୍ତଙ୍କ ସହଯୋଗ କାମନା କରାଗଲା। କୋଷାଧ୍ୟକ୍ଷ ଶେଖରସେନ୍ ସେଠ୍ ହିସାବ କାର୍ଯ୍ୟ ତୁଲାଇଥିଲେ। ମନ୍ଦିର କମିଟି ସମ୍ପାଦକ ଗଦାଧର ସେଠ୍ ବିଶେଷ କାର୍ଯ୍ୟ ତୁଲାଇଥିଲେ। ବଲାଙ୍ଗିର ଉପଖଣ୍ଡ ସଭାପତି ଭୁବନେଶ୍ୱର ସେଠ୍ ଓ ସମ୍ପାଦକ ଶିବପ୍ରସାଦ ସେଠ୍ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ସଭ୍ୟ ଜଗଦୀଶ ସେଠ୍ ଓ ସୁଦାମ ସେଠ୍ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ




**ସଇଁତଲା, ୨୩।୪(ସମିସ):** ସଇଁତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଜୁନିଅର ରେଡ କ୍ରସ ତରଫରୁ ଅଂଶୁଘାତ ପ୍ରତି ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜୁନିଅର ରେଡକ୍ରସ କାଉନସିଲର ରାମ ନାରାୟଣ ଦାଶ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ବିନୟ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ବନଜା ବାସିନୀ ଦାଶ ଓ ଡେଙ୍ଗ ପଞ୍ଚାୟତର ପିଇଓ ଅକ୍ଷୟ କୁମାର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଅଂଶୁଘାତ ପ୍ରତି ସଚେତନତା ବାର୍ତ୍ତା ଦେଇଥିଲେ। ଟାଣ ଖରାରେ ପଦାକୁ ନ ବାହାରିବା, ଖରାରେ କଠିନ ପରିଶ୍ରମ କରିବା ନାହିଁ, ଜରୁରୀ କାମରେ ବାହାରକୁ ଯିବାକୁ ହେଲେ କଳାଚଷମା ଓ ମୁଣ୍ଡରେ ଓଦା ଗାମୁଛା ଏବଂ ଛତା ବ୍ୟବହାର କରିବା, ହାଲୁକା ଓ ଢିଲା ପୋଷାକ ପରିଧାନ, ମାଦକ ଦ୍ରବ୍ୟରୁ ଦୂରେଇ ରହିବା, ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓଆର୍‌ଏସ୍ ଦ୍ରବଣ, ପଣା, ତୋରାଣି ପିଇବା, ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଯଥାଶୀଘ୍ର ଡାକ୍ତରଖାନା ନେଇ ଚିକିତ୍ସା କରିବା, ଗୃହପାଳିତ ପଶୁପକ୍ଷୀମାନଙ୍କୁ ଛାଇରେ ରଖନ୍ତୁ ଏବଂ ପ୍ରଚୁର ପରିମାଣରେ ପାଣି ପିଇବାକୁ ଦେବା ଆଦି ବିଷୟରେ ସେ ମତ ରଖିଥିଲେ। ଶିକ୍ଷାର୍ଥୀଙ୍କୁ ପରିବାରର ଅନ୍ୟ ସଦସ୍ୟ ଓ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ଉପଦେଶ ଦେଇଥିଲେ। ଶିକ୍ଷକ କୃପାସିନ୍ଧୁ ମିଶ୍ର, ସୁଦର୍ଶନ ଦାଶ, ସମୀର ସେଠି, ହିମାଂଶୁ ଶେଖର ବିଶ୍ୱାଳ, ଲିଙ୍ଗରାଜ ନନ୍ଦ, ଜୁନିଅର ଆସିଷ୍ଟାଣ୍ଟ ଅବିନାଶ ଭୋଇ, ଶିକ୍ଷୟିତ୍ରୀ ରେଣୁକା ସାହୁ, ତପସ୍ୱିନୀ ପଟେଲ, କାନ୍ତି ଭୋଇ, ଶିବାନୀ ଭୋଇ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷୟିତ୍ରୀ ଗାୟତ୍ରୀ ବାରିକ ପରିଚାଳନା କରୁଥିବା ବେଳେ ଶିକ୍ଷକ ଦୀପକ ସେନ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଛ ଭିଡିଓ ପ୍ରସ୍ତୁତକାରୀଙ୍କ ବିରୋଧରେ ଗ୍ରାମବାସୀଙ୍କ କାର୍ଯ୍ୟାନୁଷ୍ଠାନ ଦାବି

**ଶଗଡ଼ା, ୨୩।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଲୋକାପଡ଼ାରେ ସରକାରଙ୍କ ପକ୍ଷରୁ ପ୍ରାୟ ୫ଶହ କୋଟି ଟଙ୍କାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ବ୍ଲକର ୨୪ଟି ପଞ୍ଚାୟତର ପ୍ରତ୍ୟେକ ପରିବାରକୁ ଜଳଯୋଗାଣ କରିବାର ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ; କିନ୍ତୁ ବିଭାଗୀୟ ଅଧିକାରୀ ଓ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ମନ୍ଦ ବୁଦ୍ଧି ଯୋଗୁଁ ଗୋଟିଏ ଗ୍ରାମର ଗ୍ରାମବାସୀଙ୍କ ନାଁରେ ଏକ ମିଛ ଭିଡିଓ ପ୍ରସ୍ତୁତ କରି ପାଣି ପାଉଥିବା କହି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଏହି ମେଗା ପ୍ରକଳ୍ପରୁ ପ୍ରାୟ ୨ ବର୍ଷ ହେଲା ଜଳଯୋଗାଣ କାର୍ଯ୍ୟ ଆରମ୍ଭ ହୋଇଛି। ଶିମିଳିପଦର ପଞ୍ଚାୟତ ସିଆଳଝୁଲି ଗ୍ରାମବାସୀ ବର୍ତ୍ତମାନ ସୁଦ୍ଧା ଉକ୍ତ ପାଣି ପାଇବାରୁ ବଞ୍ଚିତଥିବା ଅଭିଯୋଗ କରିଛନ୍ତି; ଯାହାକି ଉକ୍ତ ପ୍ରକଳ୍ପରୁ ମାତ୍ର ୨ କିଲୋମିଟର ଦୂରରେ ଅବସ୍ଥିତ; କିନ୍ତୁ ବିଭାଗୀୟ ଅଧିକାରୀ ହେଉ କିମ୍ବା ଉକ୍ତ ପ୍ରକଳ୍ପର କାର୍ଯ୍ୟରତ କର୍ମଚାରୀ ହୁଅନ୍ତୁ ଏକ ମିଛ ଭିଡିଓ ପ୍ରସ୍ତୁତ କରିଛନ୍ତି। ସେମାନେ କିନ୍ତୁ ଶିଆଳଝୁଲି ଗ୍ରାମର ନୁହନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ସେହି ଭିଡିଓକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ମିଛ ଭିଡିଓ ପ୍ରସ୍ତୁତକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗାଁକୁ ଜଳଯୋଗାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଜଳ ଓ ପରିମଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ଏହି ଭିଡିଓ ପ୍ରସ୍ତୁତକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏହି ଗ୍ରାମକୁ ଅତିଶିଘ୍ର ଜଳଯୋଗାଣ କରାଯିବ ବୋଲି କହିଛନ୍ତି।

**'ନବୀନ ଯେଉଁଠି ବିକାଶ ସେଇଠି'**

# ସାଲୁଜା ବିକାଶ ବିରୋଧୀ

**ତୁରେକେଲା, ୨୩।୪(ସମିସ):** କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ନା ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ନାମରେ ଅପପ୍ରଚାର କରୁଛନ୍ତି କଂଗ୍ରେସ ନେତା। ଏହାକୁ ନେଇ ମୁଁହ ଖୋଲିଛନ୍ତି ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ। ସେ କହିଛନ୍ତି ଯେ, କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ଅନେକ ଥର ବିଧାୟକ ଭାବେ ବିଜୟ ହୋଇଥିବା ବରିଷ୍ଠ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ରାଜ୍ୟ ସରକାରଙ୍କୁ ଏହି ଅଞ୍ଚଳ ଶ୍ରମିକ ବାହାର ରାଜ୍ୟକୁ ଦାଦନ କେମିତି ଯାଉଛନ୍ତି ବୋଲି ପ୍ରଶ୍ନ କରୁଛନ୍ତି। କିନ୍ତୁ କଂଗ୍ରେସ ବିଧାୟକ ସାଲୁଜା ମଧ୍ୟ କଣ୍ଟାବାଞ୍ଜିରୁ ଅନେକ ଥର ବିଧାୟକ ଭାବେ ବିଜୟ ହୋଇଛନ୍ତି। ସେ କାହିଁକି ଏହି ସମସ୍ୟାର ସମାଧାନ କରିପାରିଲେ ନାହିଁ। କଣ୍ଟାବାଞ୍ଜିରେ ଏକ କାରଖାନା ସ୍ଥାପନ କରି ସ୍ଥାନୀୟ ନିଯୁକ୍ତି ଦେବାକୁ କାହିଁକି ସେ ସ୍ୱର ଉଠାଇ ପାରିଲେ ନାହିଁ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ସବୁ ସମସ୍ୟାର ସମାଧାନ କରି ପ୍ରଗତି ପଥରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀକୁ ଆଗେଇ ନେବାକୁ ଆମ ଅଞ୍ଚଳ ପ୍ରାର୍ଥୀ ହୋଇଛନ୍ତି। ଆଜି ତାଙ୍କୁ ବିରୋଧ କରୁଛନ୍ତି ସାଲୁଜା। ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳ ବିଧାୟକ ହେଲେ ସବୁ ସମସ୍ୟାର ସମାଧାନ ହେବ ଦାଦନ ସମସ୍ୟା ଦୂର ହେବ କଳକାରଖାନା ସ୍ଥାପନ ହେବ। ଶିକ୍ଷିତ ଯୁବକଯୁବତୀ ରୋଜଗାର ପାଇବେ। ହଜାରହଜାର ଭୋଟ ପାଇ ମୁଖ୍ୟମନ୍ତ୍ରୀ ବିଜୟ ହେବେ। ଏନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରୁ ୯୦ ପ୍ରତିଶତ ବିକାଶ ହୋଇଛି। ଆଉ ୧୦ ପ୍ରତିଶତ ବିକାଶ ବାକି ରହିଛି ଯାହା ମୁଖ୍ୟମନ୍ତ୍ରୀ ଆସିଲେ ପୂରଣ ହେବ। ଆମ ଅଞ୍ଚଳରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବାରୁ ଶ୍ରମିକରୁ ଚାଷୀ, ଛାତ୍ରରୁ ପ୍ରଶାସନିକ କର୍ମଚାରୀ ସମସ୍ତେ ଖୁସୀ। କେବଳ ବିରୋଧୀ ନେତା ସାଲୁଜା ହୀନ ରାଜନୀତି କରି ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ କହିଛନ୍ତି।



# କପିଳେଶ୍ୱର ମନ୍ଦିରକୁ ରାସ୍ତା ନାହିଁ

**ବାଉଁଶୁଣି, ୨୩।୪(ସମିସ):** ବୌଦ୍ଧ ବ୍ଲକ ଗୋଛାପଡ଼ା ପଞ୍ଚାୟତର କରଡ଼ାପଡ଼ା ଗ୍ରାମ ନିକଟ ବାଘନଦୀ କୂଳରେ ଥିବା ପ୍ରସିଦ୍ଧ ଶୈବପୀଠ କପିଳେଶ୍ୱର ମନ୍ଦିରକୁ ରାସ୍ତା ନାହିଁ। ବାଉଁଶୁଣି-ଗୁନ୍ଦୁଳିଆ ରାସ୍ତାର ଗୋଛାପଡ଼ା ପଞ୍ଚାୟତ ସଦର ମହକୁମାରୁ ମାତ୍ର ଦେଢ କିଲୋମିଟର ଦୂରରେ ଏହି ଶିବ ମନ୍ଦିର ଅବସ୍ଥିତ। ତେବେ ଏହି ଦେଢ଼ କିଲୋମିଟର ରାସ୍ତା ଏବେ ବି ମାଟି ରାସ୍ତା ହୋଇ ରହିଛି। ଏଣୁ ବର୍ଷାଋତୁରେ ଲୋକେ ଏହି ମନ୍ଦିରକୁ ଯିବାଆସିବା କରିବାରେ ହଇରାଣ ହେଉଛନ୍ତି।

**୧୫ଦିନ ହେବ ନଳକୂପ ଅଚଳ**

# ପାଣି ପାଇଁ ଡହକବିକଳ ଲାଏଡ଼ା ଗ୍ରାମବାସୀ

ଶଗଡ଼ା, ୨୩।୪(ସମିସ)

କଣ୍ଟାମାଳ ବ୍ଲକ ଦପଲା ଗ୍ରାମ ପଞ୍ଚାୟତ ଲଏଡା ଗ୍ରାମର ଏକ ନଳକୂପ ଦୀର୍ଘ ୧୫ ଦିନ ହେବ ଅଚଳ ହୋଇ ପଡ଼ି ରହିଛି। ପ୍ରବଳ ଖରା ସାଙ୍ଗକୁ ଅଚଳ ନଳକୂପରୁ ପାଣି ବାହାରୁ ନ ଥିବାରୁ ଗ୍ରାମବାସୀ ଜଳ କଷ୍ଟ ଲୋକଙ୍କ ସମସ୍ୟା ବଢ଼ାଇ ଦେଉଥିବା ଅଭିଯୋଗ ହୋଇଛି। ଗ୍ରାମର ୧୫୦ରୁ ଅଧିକ ପରିବାର ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ସମୟ ଧରି ନଳକୂପ ହ୍ୟାଣ୍ଡେଲ୍ ମାରିଲେ ମଧ୍ୟ ଟୋପାଏ ପାଣି ବାହାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ଅଚଳ ନଳକୂପକୁ ତୁରନ୍ତ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# କୁଲୁତା ଦିବସ ପାଳିତ

**ବଲାଙ୍ଗୀର, ୨୩।୪(ସମିସ):** ବଲାଙ୍ଗିର ଭଗବତି ନଗର ସ୍ଥିତ କୁଲୁତା ସମାଜ ତରଫରୁ କୁଲୁତା ଜାତିର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡିଙ୍କ ଚୈତ୍ର ପୂର୍ଣ୍ଣିମା ବାସନ୍ତିକ ପୂଜା ତଥା କୁଲୁତା ଦିବସ ମହାସମାରୋହରେ ପାଳିତ ହୋଇଛି। ପୂଜକ ସୁରଥ ପ୍ରଧାନଙ୍କ ଦ୍ୱାରା କୁଲୁତା ଜାତିର



ରତିନୀତି ଅନୁସାରେ ପୂଜାକାର୍ଯ୍ୟ କରାଯାଇଥିଲା। ପୂଜା ପରେ ସମାଜର ସଭାପତି ରବୀନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରି ସମ୍ପାଦକ ବିଦେଶି ପ୍ରଧାନ ଗୋଟିଏ ବର୍ଷର ସମ୍ପୂର୍ଣ୍ଣ କାର୍ଯ୍ୟବିବରଣୀ ପଠନ କରିଥିବା ବେଳେ କୋଷାଧ୍ୟକ୍ଷ ଅଜିତ କୁମାର ଭୋଇ ବାର୍ଷିକ ଆୟବ୍ୟୟର ହିସାବ ପଠନ କରିଥିଲେ। ଉପସ୍ଥିତ ସଭ୍ୟସଭ୍ୟା କରତାଳି ଦେଇ ପ୍ରଶଂସା କରିବା ସହ ଐତିହାସିକ ସେବାସଦନ ନିର୍ମାଣ କାର୍ଯ୍ୟ ପାଇଁ ନବ ଗଠିତ କମିଟିକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାରେ ପୂର୍ବତନ ସଭାପତି ସୁରଥ ପ୍ରଧାନ, ପୂର୍ବତନ ସମ୍ପାଦକ ସାନ୍ତନୁ କୁମାର ଭୋଇ ଓ ବର୍ତ୍ତମାନ ସହ-ସମ୍ପାଦକ ମଧୁ ସାହୁ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜର ଉପ-ସଭାପତି ବୁଢୁ ପ୍ରଧାନ ଧନ୍ୟବାଦ ପ୍ରଦାନ କରିବା ପୂର୍ବକ ସଭାରେ ଉପସ୍ଥିତ ଥିବା ଉପ-ସଭାପତି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ବରିଷ୍ଠ କାର୍ଯ୍ୟକାରୀ ସଭ୍ୟ ରାଜେନ୍ଦ୍ର ପ୍ରସାଦ ସାହୁ, ଶାନ୍ତନୁ ପାତ୍ର, ଯୁବ ସାମୁଖ୍ୟର ମୁଖ୍ୟ ରାମଚନ୍ଦ୍ର ଭୋଇ, ଶିରୋମଣି ସାହୁ, ସୁଦର୍ଶନ ସାହୁ, ସଞ୍ଜୀବ ସାମଲ, ଜିଲ୍ଲା ଯୁବ ସଭାପତି ଉମେଶ ଚନ୍ଦ୍ର ଗଡ଼ତ୍ୟା, ମହିଳା ସଂଗଠନର ଜାମିନି ଭୋଇ, ମଞ୍ଜୁଲା ସାହୁ, ଶୁଭାଷିନୀ ପ୍ରଧାନ, ଏଲିନା ପ୍ରଧାନ, ମିରା ବିଶି, ଶ୍ରୀନିବାସ ସାହୁ, ପ୍ରିୟଦର୍ଶିନୀ ମାଝି, କବିରାଜ ପ୍ରଧାନ ସହଯୋଗ କରିଥିଲେ।

### ୨୦୨୪ ଲୋକସଭା ନିର୍ବାଚନ : ସ୍ଥିତି ଓ ସମ୍ଭାବନା

# କେରଳରେ ତ୍ରିମୁଖୀ ଲଢ଼େଇ

୨୦୨୪ ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୬ ତାରିଖରେ କେରଳରେ ମତଦାନ ହେବ। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସମେତ ମହାରାଷ୍ଟ୍ର, ଛତିଶଗଡ଼, ବିହାର, ପଶ୍ଚିମବଙ୍ଗ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ। ତେବେ ଏସବୁ ରାଜ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଭାରତର ଦୁଇ ରାଜ୍ୟ କର୍ଣ୍ଣାଟକ ଏବଂ କେରଳକୁ ନେଇ ଆକଳନ କରାଯିବା ଆରମ୍ଭ ହୋଇଛି। ବିଶେଷକରି କେରଳରେ ଚଳିତ ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବାରୁ ୨୦୨୪ ନିର୍ବାଚନ ଫଳାଫଳ କ'ଣ ହେବ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ୨୦ ଲୋକସଭା ଆସନ ବିଶିଷ୍ଟ ଏହି ରାଜ୍ୟରେ ୨୦୧୯ ନିର୍ବାଚନରେ ୨୦ଟି ଆସନ ମଧ୍ୟରୁ କଂଗ୍ରେସ ସର୍ବାଧିକ ୧୫ଟି ଆସନରେ ବିଜୟୀ ହେବା ସହିତ ୩୭.୫ ପ୍ରତିଶତ ଭୋଟ ହାସଲ କରିଥିଲା। ଏହାପଛକୁ ଇଣ୍ଡିଆନ ମୁସଲିମ ଲିଗ୍ ୨ଟି (୫.୫ ପ୍ରତିଶତ), ସିପିଆଇ(ଏମ) ୧(୨୬ ପ୍ରତିଶତ), ଆରସିପି ୧(୨.୫ ପ୍ରତିଶତ) ଏବଂ କେସିଏମ ୧(୨.୧ ପ୍ରତିଶତ) ଆସନ ପାଇଥିଲା। ଏହି ବର୍ଷ ମୁଖ୍ୟତଃ କଂଗ୍ରେସ ଏବଂ ବାମପନ୍ଥୀ ଦଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ବେଳେ ବିଜେପିର କୌଣସି ପ୍ରଭାବ ନଥିଲା। କିନ୍ତୁ ବିଗତ କିଛି ବର୍ଷ ମଧ୍ୟରେ ବିଜେପି ଏଠାରେ ନିଜର ପ୍ରଭାବ ବିସ୍ତାର କରିବା ସହିତ ଚଳିତ ନିର୍ବାଚନରେ କଂଗ୍ରେସ ଏବଂ ବାମପନ୍ଥୀଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିରୋଧୀ ଇଣ୍ଡିଆ ମେଣ୍ଟରେ ସଦସ୍ୟ ରହିଥିବା କଂଗ୍ରେସ ଓ ସିପିଆଇ ଅନ୍ୟ ରାଜ୍ୟରେ ମେଣ୍ଟ କରି ଲଢୁଥିଲେ ହେଁ ଏଠାରେ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବା କଂଗ୍ରେସ ପାଇଁ କାଳ ହୋଇଛି। ସ୍ଥିତି ଏଭଳି ହୋଇଛି ଯେ, ଖୋଦ୍ ରାହୁଲ ଗାନ୍ଧୀଙ୍କ ନିର୍ବାଚନ ମଣ୍ଡଳୀରେ ରାହୁଲ ଜିତିବେ କି ହାରିବେ ତାହାକୁ ନେଇ ଦଳ ଭିତରେ ଦ୍ୱନ୍ଦ୍ୱ ଉପୁଜୁଛି। ଯେଉଁଥିପାଇଁ ଏବେ ମଧ୍ୟ କଂଗ୍ରେସ ଆମେଥି ଆସନ ରାହୁଲଙ୍କ ପାଇଁ ସଂରକ୍ଷିତ ରଖିଛି। ଯଦି ମତଦାନ ପରେ ରାହୁଲ ହାରିଯିବାର ସମ୍ଭାବନା ବଢ଼େ ତେବେ ଆମେଥି ଆସନରେ ପୁଣି ରାହୁଲଙ୍କୁ ଛିଡ଼ା କରାଯିବ ବୋଲି କଂଗ୍ରେସ ଚିନ୍ତା କରୁଥିବା କୁହାଯାଉଛି। ଅନ୍ୟପକ୍ଷରେ ଚଳିତ ନିର୍ବାଚନକୁ ନେଇ ଅଧିକ ସକ୍ରିୟ ହୋଇଥିବା ସିପିଆଇ, ସିପିଆଇ(ଏମ) ୨୦୦୪ ସ୍ଥିତି ହାସଲ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହି ବର୍ଷ ଦଳ ୨୦ଟି ଆସନରୁ ୧୫ଟି ଆସନରେ ବାମପନ୍ଥୀ ବିଜୟୀ ହୋଇଥିଲା ବେଳେ ଚଳିତ ବର୍ଷ ମଧ୍ୟ ସେଭଳି ସଫଳତା ହାସଲ କରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ବିଶେଷକରି ୱାଏନାଡରେ ରାହୁଲଙ୍କ ବିରୋଧରେ ସିପିଆଇ ସାଧାରଣ ସମ୍ପାଦକ ଡି ରାଜାଙ୍କ ପତ୍ନୀ ଆନି ରାଜାଙ୍କୁ ଦଳ ଛିଡ଼ା କରିବା ଏହାର ପ୍ରମୁଖ ଉଦାହରଣ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେହିପରି ବିଜେପି ମଧ୍ୟ ନିଜର ପ୍ରଭାବ ବିସ୍ତାର କରିବା ସହିତ କେରଳରେ ୪ଟି ଆସନ ହାସଲ କରିବାକୁ ରଣନୀତି ପ୍ରସ୍ତୁତ କରିଛି। ତିରୁଅନନ୍ତପୁରମ ଏବଂ ତ୍ରିଶୂର ବ୍ୟତୀତ ଅନ୍ୟ ଦୁଇ ପ୍ରମୁଖ ଆସନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କୁହାଯାଉଛି। ହିନ୍ଦୁ ଭୋଟରଙ୍କ ବ୍ୟତୀତ ଖ୍ରୀଷ୍ଟିୟାନ ଭୋଟରଙ୍କୁ ମଧ୍ୟ ନିଜ ସପକ୍ଷରେ ଟାଣିବାକୁ ଦଳ ପକ୍ଷରୁ ଉଦ୍ୟମ ଜାରି ରହିଛି। ୱାଏନାଡ କଂଗ୍ରେସ ସାଧାରଣ ସମ୍ପାଦକ ପିଏମ ସୁଧାକରନ୍ ଦୁଇ ଦିନ ତଳେ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେବା ଦଳ ପାଇଁ ଅଧିକ ସଫଳତା ଆଣିଦେବ ବୋଲି କୁହାଯାଉଛି।

**ଆସନ ସଂଖ୍ୟା**
**୨୦**
**ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ**
କଂଗ୍ରେସ, ସିପିଆଇ(ଏମ), ବିଜେପି




**୨୦୧୯ ସ୍ଥିତି**

| ଦଳ | ଆସନ | ସଂଖ୍ୟା ଭୋଟ୍ |
|---|---|---|
| କଂଗ୍ରେସ | ୧୫ | ୩୭.୪% |
| ଆଇଏମଏଲ | ୨ | ୫.୫% |
| ସିପିଆଇ(ଏମ୍) | ୧ | ୨୬% |
| ଆରସିପି | ୧ | ୨.୫% |
| କେସିଏମ୍ | ୧ | ୨.୧% |

### ନିର୍ବାଚନୀ ଇସ୍ତାହାରକୁ ନେଇ ରାଜନୀତି ଜୋରଦାର୍

# ନିଜ ଜାଲରେ ନିଜେ ଫସିଗଲେ ରାହୁଲ !



*ଦଳୀୟ ନିର୍ବାଚନ ଇସ୍ତାହାରକୁ ନେଇ ରାହୁଲ ନିକଟରେ ହାଇଦରାବାଦରେ ଏକ ନିର୍ବାଚନୀ ରାଲିରେ ଯାହା କହିଥିଲେ ତାହାକୁ ପ୍ରଧାନମନ୍ତ୍ରୀ ମୋଦୀ ରାଜନୈତିକ ଚାଲ୍ ଖେଳିଛନ୍ତି। ରାହୁଲଙ୍କ ବୟାନର ରାଜନୈତିକ ରୂପକରଣ କରି ସେ ଭୋଟରମାନଙ୍କ ନିକଟରେ ଯେଭଳି ଉପସ୍ଥାପନ କରିଛନ୍ତି ତାହା ଏବେ କଂଗ୍ରେସ ପାଇଁ ବଡ଼ ସମସ୍ୟା ପାଲଟିଛି। ବରଂ ବିଜେପିକୁ ଫସାଇବା ପାଇଁ କଂଗ୍ରେସ ଯେଉଁ ଜାଲ ବିଛାଇଥିଲା ସେହି ଜାଲରେ ନିଜେ ରାହୁଲ ପଡ଼ିଯାଇଛନ୍ତି ବୋଲି ରାଜନୀତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।*

୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ଆସନ୍ତା ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଆସାମ, ବିହାର, ଛତିଶଗଡ଼, କର୍ଣ୍ଣାଟକ, ରାଜସ୍ଥାନ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ତ୍ରିପୁରା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଜମ୍ମୁ-କାଶ୍ମୀର ଭଳି ୧୩ ରାଜ୍ୟରେ ମତଦାନ ହେବ। ଜମ୍ମୁ କାଶ୍ମୀର ବ୍ୟତୀତ ତ୍ରିପୁରା, ମଣିପୁର, ଆସାମ ଭଳି ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ବାଦ୍ ଦେଲେ ଆଉ ପ୍ରାୟ ସବୁ ରାଜ୍ୟରେ ବିଜେପି ସହ କଂଗ୍ରେସର ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ। ଏଥିପାଇଁ ମୁଖ୍ୟତଃ ଏହି ଦୁଇ ପ୍ରମୁଖ ଦଳ ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର କରାଯାଇଛି। ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ରାଜ୍ୟରେ ଘନ ଘନ ସଭାସମିତି କରୁଥିଲା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ନିଜର ଦଳୀୟ କାର୍ଯ୍ୟକ୍ରମକୁ ଜୋରଦାର କରିଛନ୍ତି। ହେଲେ ଏହାମଧ୍ୟରେ କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ନେଇ ଉଠିଥିବା ବିବାଦ ସବୁଠୁ ରୋଚକ ହେବାରେ ଲାଗିଛି। ଦଳୀୟ ନିର୍ବାଚନ ଇସ୍ତାହାରକୁ ନେଇ ରାହୁଲ ନିକଟରେ ହାଇଦରାବାଦ୍‌ରେ ଏକ ନିର୍ବାଚନୀ ରାଲିରେ ଯାହା କହିଥିଲେ ତାହାକୁ ପ୍ରଧାନମନ୍ତ୍ରୀ ମୋଦୀ ରାଜନୈତିକ ରୂପକରଣ କରି ଭୋଟରମାନଙ୍କ ନିକଟରେ ଯେଭଳି ଉପସ୍ଥାପନ କରିଛନ୍ତି ତାହା ଏବେ କଂଗ୍ରେସ ପାଇଁ ବଡ଼ ସମସ୍ୟା ପାଲଟିଛି। ବରଂ ବିଜେପିକୁ ଫସାଇବା ପାଇଁ କଂଗ୍ରେସ ଯେଉଁ ଜାଲ ବିଛାଇଥିଲା ସେହି ଜାଲରେ ନିଜେ ରାହୁଲ ପଡ଼ିଯାଇଛନ୍ତି ବୋଲି ରାଜନୀତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। କଂଗ୍ରେସ ନିଜ ନିର୍ବାଚନୀ ଇସ୍ତାହାରରେ ଦେଶର ଲୋକମାନଙ୍କ ମଧ୍ୟରେ ଧନ ସମ୍ପତ୍ତିକୁ ନେଇ ରହିଥିବା ଅସାମଞ୍ଜସ୍ୟ ନେଇ ଉଲ୍ଲେଖ କରିବା ସହିତ ଦଳ କ୍ଷମତାକୁ ଆସିଲେ ଏହାକୁ ଦୂର କରିବ ବୋଲି କହିଥିଲା। ଏହାକୁ ଦୃଷ୍ଟିରେ ରଖି ରାହୁଲ ହାଇଦରାବାଦରେ କହିଥିଲେ ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ପ୍ରଥମେ ଦେଶରେ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ନେଇ ଜାତିଭିତ୍ତିକ ଜନଗଣନା କରିବ। ଏହା ପରେ ଲୋକଙ୍କ ଆର୍ଥିକ ଦିଗକୁ ନେଇ ସର୍ଭେ କରାଯିବା ସହିତ ଦେଶର ସମ୍ବଳ ଓ ସମ୍ପତ୍ତିକୁ ମଧ୍ୟ ସମାନ ଭାବରେ ବାଣ୍ଟିବା ପାଇଁ କଂଗ୍ରେସ ଗୁରୁତ୍ୱ ଦେବ। କେବଳ ଗରୁତ୍ୱ ନୁହେଁ, ତାଙ୍କ ଦଳ ଏଥିପାଇଁ ଗ୍ୟାରେଣ୍ଟି ଦେଉଛି ବୋଲି ରାହୁଲ କହିଥିଲେ। କେବଳ ସେତିକି ନୁହେଁ, ଏହାପରେ ଦେଶରେ ଆର୍ଥିକ ସ୍ତରରେ କଂଗ୍ରେସ କ୍ରାନ୍ତି ଆଣିବ ବୋଲି ରାହୁଲ କହିଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ରାହୁଲଙ୍କ ଏହି ଉକ୍ତିକୁ ନେଇ ରାଜନୈତିକ ଚାଲ ଖେଳିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ଧନ ସମ୍ପତ୍ତି ଉପରେ ଆଖି ପକାଇବ ଏବଂ ଅଧିକ ସମ୍ପତ୍ତି ଥିବା ଲୋକମାନଙ୍କ ଧନକୁ ଦଳ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦେବ ବୋଲି ମୋଦୀ କହିଛନ୍ତି। ଏହାଛଡ଼ା କଂଗ୍ରେସ ନିଜର ନବ ସଙ୍କଳ୍ପ ଅର୍ଥନୀତିକୁ ନେଇ ଆର୍ଥିକ ସମତୁଲତା ବିଷୟରେ ଯାହା କହୁଛି ତାହା କେବଳ ତୁଷ୍ଟୀକରଣ ରାଜନୀତିକ ପାଇଁ ଉଦ୍ଦିଷ୍ଟ। କଂଗ୍ରେସ ଗରିବ ଏବଂ ଅଳ୍ପ ସଂଖ୍ୟକଙ୍କ କଥା ଉଠାଇଥିଲା ବେଳେ ସମ୍ପତ୍ତି ଥିଲାବାଲା ଲୋକଙ୍କ ଧନକୁ କଂଗ୍ରେସ ବେଆଇନ ଭାବେ ଭାରତରେ ରହିଥିବା ବିଦେଶାଗତ ଲୋକଙ୍କ ମଧ୍ୟରେ ବିତରଣ କରିଦେବ ବୋଲି ମୋଦୀ କହିଛନ୍ତି। ଏପରିକି ମହିଳାମାନଙ୍କ ମଙ୍ଗଳସୂତ୍ର ଉପରେ ମଧ୍ୟ କଂଗ୍ରେସ ଆଖି ପକାଇବାକୁ ପଛାଇବ ନାହିଁ। ତେଣୁ ଦେଶବାସୀ କଂଗ୍ରେସ ଠାରୁ ସତର୍କ ରହିବା ଦରକାର ବୋଲି ମୋଦୀ କହିଥିଲା ବେଳେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଏକପ୍ରକାର ସମସ୍ୟାରେ ପଡ଼ିଥିବା ରାଜନୀତିକ ମହଲରେ ବିଚାର କରାଯାଉଛି। ମୋଦୀଙ୍କ ଏଭଳି ବୟାନକୁ ନେଇ କଂଗ୍ରେସ ଖପ୍ପା ହେବା ସହିତ ଲୋକଙ୍କ ସମ୍ପତ୍ତିକୁ କଂଗ୍ରେସ କିଛି ନିର୍ଦ୍ଦିଷ୍ଟ ଶ୍ରେଣୀଙ୍କ ମଧ୍ୟରେ ବିତରଣ କରିବ ବୋଲି ମୋଦୀ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ମୋଦୀଙ୍କ ଏଭଳି ବୟାନ ଦେଶରେ ସଂପ୍ରଦାୟଗତ ବିଭେଦ ଆଣିବା ପାଇଁ ଉଦ୍ଦିଷ୍ଟ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାସହିତ ଏହା ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରୁଛି ବୋଲି ଅଭିଯୋଗ କରି ଦଳ ନିର୍ବାଚନ ଆୟୋଗଙ୍କ ନିକଟରେ ବିଜେପି ବିରୋଧରେ ଫେରାଦ ହୋଇଛି। ତେବେ କଂଗ୍ରେସର ନିର୍ବାଚନ ଇସ୍ତାହାର ଏବଂ ରାହୁଲଙ୍କ ନିର୍ବାଚନୀ ଭାଷଣକୁ ନେଇ ରାଜନୈତିକ ବିଶେଷଜ୍ଞମାନଙ୍କ ମହଲରେ ମଧ୍ୟ ଗୁଞ୍ଜରଣ ସୃଷ୍ଟି କରିଛି। ରାହୁଲ ଏବଂ ତାଙ୍କ ଦଳର ଆଭିମୁଖ୍ୟ ଯାହା ରହିଛି ତାହା ସମ୍ପୂର୍ଣ୍ଣ ବାମପନ୍ଥୀ ଚିନ୍ତାଧାରା ଆଧାରିତ। ବାମପନ୍ଥୀ ଚିନ୍ତାଧାରାରେ ହିଁ କେବଳ ସାମ୍ୟବାଦର ସ୍ୱର ଉଠିପାରେ ଏବଂ ଦେଶର ସମ୍ପତ୍ତି ଓ ଧନ ଉଚ୍ଚ ଲୋକଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ଦିଆଯାଇପାରେ। କିନ୍ତୁ ଏଭଳି କଥା ରୁଷିଆ ଏବଂ ଚୀନ ଭଳି କମ୍ୟୁନିଷ୍ଟ ଚିନ୍ତାଧାରା ରାଷ୍ଟ୍ରରେ ଯେତେବେଳେ ସମ୍ଭବ ହୋଇ ନାହିଁ ତାହା ଭାରତ ଭଳି ଏକ ଗଣତନ୍ତ୍ରରେ କିଭଳି ସମ୍ଭବ ହେବ ବୋଲି ରାଜନୀତିକ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ପଶ୍ଚିମବଙ୍ଗରେ କ୍ରମାଗତ ୩୪ ବର୍ଷ ଧରି କ୍ଷମତାରେ ରହିଥିବା ବାମପନ୍ଥୀ ଦଳ ଏହି ଚିନ୍ତାଧାରାକୁ ନେଇ ଶାସନ କରିଥିଲା ବେଳେ ଦେଶର ପ୍ରମୁଖ ଶିଳ୍ପନଗରୀ ଭାବେ ପରିଚିତ ଥିବା କୋଲକାତା ସହର କ୍ରମଶଃ ଶିଳ୍ପାୟନ ଦୃଷ୍ଟିରୁ ଶ୍ରୀହୀନ ହେବାରେ ଲାଗିଥିଲା। କେବଳ ଭୋଟ ହାସଲ ଲାଗି କଂଗ୍ରେସ ଗରିବଙ୍କ କଥା ଉଠାଇବା ସହିତ ତୁଷ୍ଟୀକରଣ ରାଜନୀତି କରିବା ଉଦ୍ଦେଶ୍ୟରେ ଏଭଳି ଅବାସ୍ତବ ପ୍ରସଙ୍ଗ ଆଣିଛି ବୋଲି ବିଭିନ୍ନ ଜାତୀୟ ସ୍ତରର ଗଣମାଧ୍ୟମରେ ରାଜନୀତିକ ବିଶାରଦମାନେ ମତାମତ ଦେଇଛନ୍ତି।





# ଶ୍ରୀନଗରରେ ବିଶାଳ ଭୋଟର ସଚେତନତା କାର୍ଯ୍ୟକ୍ରମ

ସିଷ୍ଟମେଟିକ୍ ଭୋଟର୍ସ ଏଜୁକେସନ ଆଣ୍ଡ ଇଲେକ୍ଟୋରାଲ ପାର୍ଟିସିପେସନ୍ (ଏସଭିଇଇପି)ର ଅଂଶ ଭାବେ ଆଜି ଶ୍ରୀନଗରର ଟୁଲିପ୍ ଗାର୍ଡେନରେ ଏକ ବିଶାଳ ଭୋଟର ସଚେତନତା କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଭୋଟ ଦାନର ମହତ୍ତ୍ୱ ଓ ଆବଶ୍ୟକତା, ଭୋଟର ପଞ୍ଜୀକରଣର ପଦ୍ଧତି, ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣର ଆବଶ୍ୟକତା ଆଦି ବିଷୟରେ ଲୋକଙ୍କୁ ବୁଝାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଭୋଟର ସଚେତନତା କାର୍ଯ୍ୟକ୍ରମରେ କୁହାଯାଇଛି, ଆତଙ୍କବାଦୀଙ୍କ ଭୟରେ କାଶ୍ମୀର ଉପତ୍ୟକାରୁ ପଳାୟନ କରି ଯେଉଁମାନେ ଜମ୍ମୁ, ଉଦ୍ଧମପୁର କିମ୍ବା ଅନ୍ୟତ୍ର ଥିବା ଆଶ୍ରୟ ଶିବିରରେ ଓ ସୁରକ୍ଷା ଜୋନରେ ରହୁଛନ୍ତି, ସେମାନେ ଯେପରି ୨୦୨୪ ଲୋକସଭା ନିର୍ବାଚନରେ ଭୋଟ ଦେଇପାରିବେ ତାହାର ବ୍ୟବସ୍ଥା ଜାତୀୟ ନିର୍ବାଚନ କମିଶନ କରିଛନ୍ତି। ବିସ୍ଥାପିତ ଓ ସ୍ଥାନାନ୍ତରିତ ଲୋକଙ୍କ ପାଇଁ ଜମ୍ମୁରେ ୨୧ଟି ଓ ଉଦ୍ଧମପୁରରେ ଗୋଟିଏ ସ୍ୱତନ୍ତ୍ର ଭୋଟ କେନ୍ଦ୍ରର ବ୍ୟବସ୍ଥା ହୋଇଛି। ବାରମୂଳା, ଶ୍ରୀନଗର ଓ ଅନନ୍ତନାଗ-ରଜୌରୀର ବିସ୍ଥାପିତ ଭୋଟର, ବିଶେଷକରି ବିସ୍ଥାପିତ କାଶ୍ମୀରୀ ପଣ୍ଡିତଙ୍କୁ ଫର୍ମ ଏମ୍ ଭରିବାକୁ ପଡ଼ିବ ନାହିଁ। ନିଜ ନିର୍ବାଚନମଣ୍ଡଳୀ ବାହାରେ କୌଣସି ଭୋଟ କେନ୍ଦ୍ରରେ ଭୋଟ ଦେବାକୁ ଅନୁମତି ପାଇଁ ଫର୍ମ ଏମ୍ ଭରିବାକୁ ପଡ଼ିଥାଏ। ପ୍ରବାସୀ କାଶ୍ମୀରୀମାନେ ଆଶ୍ରୟ ଶିବିରରେ ଖୋଲାଯିବାକୁ ଥିବା ଭୋଟ କେନ୍ଦ୍ରକୁ ଯାଇ କିମ୍ବା ପୋଷ୍ଟାଲ ବ୍ୟାଲେଟ ଜରିଆରେ ଭୋଟ ଦେଇପାରିବେ।




### ଲୋକସଭା ନିର୍ବାଚନର ସବୁଠୁ ଧନୀ ପ୍ରାର୍ଥୀ

# ପି ଚନ୍ଦ୍ରଶେଖରଙ୍କ ସମ୍ପତ୍ତି ୫, ୭୮୫ କୋଟି

ତେଲୁଗ ଦେଶ ପାର୍ଟି (ଟିଡିପି)ର ଗୁଣ୍ଟୁର ଲୋକସଭା ପ୍ରାର୍ଥୀ ପି ଚନ୍ଦ୍ରଶେଖର ଏବେ ସାରା ଦେଶରେ ଚର୍ଚ୍ଚା ଅଛନ୍ତି। ଏହି ଚର୍ଚ୍ଚା ତାଙ୍କ ସମ୍ପତ୍ତିକୁ ନେଇ ହେଉଛି। ପି ଚନ୍ଦ୍ରଶେଖର ଏବଂ ତାଙ୍କ ପରିବାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୫, ୭୮୫ କୋଟି ଟଙ୍କା ରହିଛି। ସେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ଏହା ଦର୍ଶାଇଛନ୍ତି। ଏଥି ସହିତ ସେ ଚଳିତ ନିର୍ବାଚନର ସବୁଠାରୁ ଧନୀ ପ୍ରାର୍ଥୀ ହୋଇଛନ୍ତି। ସତ୍ୟପାଠ ଅନୁଯାୟୀ ତାଙ୍କର ବ୍ୟକ୍ତିଗତ ସମ୍ପତ୍ତିର ମୂଲ୍ୟ ୨, ୪୪୮ କୋଟି ଟଙ୍କା ରହିଛି। ସେହିପରି ତାଙ୍କ ପତ୍ନୀ ଶ୍ରୀରତ୍ନା କୋନେରୁଙ୍କ ପାଖରେ ୨, ୩୪୩. ୭୮ କୋଟି ଟଙ୍କା ଏବଂ ପିଲାମାନଙ୍କ ପାଖରେ ପ୍ରାୟ ହଜାରେ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହା ପୂର୍ବରୁ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଥିଲା ଯେ ପ୍ରଥମ ପର୍ଯ୍ୟାୟରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁଅ ନକୁଲନାଥ ଧନୀ ତାଲିକାର ଶୀର୍ଷରେ ଥିଲେ। ତାଙ୍କ ପାଖରେ ପ୍ରାୟ ୭୧୭ କୋଟି ଟଙ୍କାର ସମ୍ପତ୍ତି ଥିଲା।

ଚନ୍ଦ୍ରଶେଖରଙ୍କ ପରିବାର ନାମରେ ୧,୧୩୮ କୋଟି ଟଙ୍କାର ଋଣ ରହିଛି। ଆମେରିକାର ଜେପି ମୋର୍ଗାନ ଚେଜ୍ ବ୍ୟାଙ୍କରୁ ଏହି ଋଣ ଅଣାଯାଇଛି। ଆନ୍ଧ୍ର ପ୍ରଦେଶ ବୁରିପାଲେମ ଗ୍ରାମରୁ ଜନ୍ ହପ୍‌କିନ୍ସ ୟୁନିଭର୍ସିଟି ଡାକ୍ତରୀ ଶିକ୍ଷକ, ସିନାଇ ହସ୍ପିଟାଲ୍ର ୟୁୱାର୍ଲ୍ଡର ପ୍ରତିଷ୍ଠାତା ଭାବେ ଚନ୍ଦ୍ରଶେଖରଙ୍କ ଯାତ୍ରା ଅତ୍ୟନ୍ତ ଆକର୍ଷଣୀୟ ଥିଲା। ସେ ଏକାଧାରରେ ଜଣେ ଡାକ୍ତର, ଉଦ୍ୟୋଗୀ ଏବଂ ରାଜନେତା। ସେ ୧୯୯୯ରେ ବିଜୟୱାଡ଼ାର ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସରେ ଏମ୍‌ବିବିଏସ୍ ପାସ୍ କରିଥିଲେ। ପରେ ୨୦୦୫ରେ ପେନସିଲଭାନିଆର ଜେଇସିଞ୍ଜର ମେଡିକାଲ ସେଣ୍ଟର ଇନ୍ ଡାନିଭିଲେରୁ ଇଣ୍ଟରନାଲ ମେଡିସନ୍‌ରୁ ଏମ୍‌ଡି କରିଥିଲେ। ଚନ୍ଦ୍ରଶେଖର ଜନସେବା କରିବାକୁ ଚାହୁଁଥିଲେ। ସେ ୨୦୧୦ରୁ ସେ ଟିଡିପିର ଏନ୍‌ଆରଆଇ ଶାଖା ସହ ଜଡ଼ିତ ହୋଇ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଦଳକୁ ସମର୍ଥ ଦେଇ ଆସୁଛନ୍ତି।

ଚନ୍ଦ୍ରଶେଖର ୨୦୧୪ ନରସରାୟପେଟରୁ ସଂସଦୀୟ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ। ମାତ୍ର ରାଜନୈତିକ ସମସ୍ୟା ଯୋଗୁଁ ସେହି ବର୍ଷ ଆର ଶାମ୍ବଶିବ ରାଓଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଅନ୍ୟପକ୍ଷରେ ୨୦୨୨ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ସ୍ୱାମୀସ୍ତ୍ରୀଙ୍କ ସମ୍ପତ୍ତି ୬୦୫.୫୭ କୋଟି ଟଙ୍କା ଥିବା ଘୋଷଣା କରିଥିଲେ। ସେ ଆମେରିକାରେ ଏହି ତଥ୍ୟ ଦେଇଥିଲେ। ଆମେରିକାର ବିଭିନ୍ନ କମ୍ପାନୀରେ ପି ଚନ୍ଦ୍ରଶେଖରଙ୍କ ସେୟାର ରହିଛି। ସେ ନିବେଶ ମଧ୍ୟ କରିଛନ୍ତି। ତାଙ୍କ ପାଖରେ ରୋଲ୍ସ ରୟେସୀ ଘୋଷ୍ଟ, ମର୍ସିଡିଜ୍ ବେଞ୍ଜ୍ ଏବଂ ଆମେରିକାରେ ଟେସ୍‌ଲା ଭଳି ବିଳାସପୂର୍ଣ୍ଣ କାର୍ ରହିଛି।

**ବ୍ୟକ୍ତିଗତ ସମ୍ପତ୍ତି ମୂଲ୍ୟ**
**୨, ୪୪୮ କୋଟି ଟଙ୍କା**

**ପତ୍ନୀ ଶ୍ରୀରତ୍ନାଙ୍କ**
**୨, ୩୪୩. ୭୮ କୋଟି ଟଙ୍କା**

**ପିଲାମାନଙ୍କ ସମ୍ପତ୍ତି ହଜାରେ କୋଟି ଟଙ୍କା**



### ପଶ୍ଚିମବଙ୍ଗରେ ବିଜେପିର ନିର୍ବାଚନ ପ୍ରଚାର

# ସିଏଏ ଲାଗୁ ହୋଇଛି, ଅନୁପ୍ରବେଶ ରୋକିବୁ: ଅମିତ ଶାହ

କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏକ ନିର୍ବାଚନ ପ୍ରଚାର ସଭାରେ ଯୋଗଦେବାକୁ ଆଜି ପଶ୍ଚିମବଙ୍ଗର କାରାନଡିଘିକୁ ଆସି କହିଛନ୍ତି ଯେ ନାଗରିକତା (ସଂଶୋଧନ)ଆଇନ ବା ସିଏଏ ସମ୍ପର୍କରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକଙ୍କୁ ଲୋକଙ୍କୁ ଭୁଲ ତଥ୍ୟ ଦେଇ ଭ୍ରମରେ ପକାଉଛନ୍ତି। ମମତା ଭୁଲରେ କହୁଛନ୍ତି ଯେ ସିଏଏ ପାଇଁ ଦରଖାସ୍ତ ଦେବା ବ୍ୟକ୍ତି ତାଙ୍କର ନାଗରିକତା ହରାଇବେ। ତୃଣମୂଳ କଂଗ୍ରେସ ନେତ୍ରୀ ମମତା ସିଏଏକୁ ଯେତେ ବିରୋଧ କରନ୍ତୁ, ସିଏଏ ଆଇନ ପ୍ରଣୟନ ହୋଇଛି ଓ ଲାଗୁ ହେଉଛି ବୋଲି ଶାହ କହିଛନ୍ତି। ସେ ପୁଣି କହିଛନ୍ତି, ସଶକ୍ତ ଭାରତ ଗଠନ ନିମନ୍ତେ ବେଙ୍ଗାଲକୁ ସଶକ୍ତ କରିବାକୁ ହେବ। ପଶ୍ଚିମବଙ୍ଗକୁ ବାଂଲାଦେଶ ପଟୁ ଅନୁପ୍ରବେଶ ଘଟୁଛି। ଏଭଳି ଅନୁପ୍ରବେଶ ଚାଲୁରହି ପଶ୍ଚିମବଙ୍ଗର ବିକାଶ ବାଧାପ୍ରାପ୍ତ ହେଉଛି ଓ ବେଙ୍ଗାଲ ସଶକ୍ତ ହେବାରେ ବାଧା ଉପୁଜୁଛି। ମମତା ବାନାର୍ଜୀ ଅନୁପ୍ରବେଶ ରୋକିବାକୁ କେବେ ଚାହିଁବେ ନାହିଁ। କାରଣ ଅନୁପ୍ରବେଶକାରୀମାନେ ହିଁ ମମତାଙ୍କ ତୃଣମୂଳ କଂଗ୍ରେସର ଭୋଟବ୍ୟାଙ୍କ। ଆସାମର ବିଜେପି ସରକାର ଅନୁପ୍ରବେଶ ରୋକିପାରିଥିବା ଦର୍ଶାଇ କେନ୍ଦ୍ର ମନ୍ତ୍ରୀ ଶାହ କହିଛନ୍ତି ଯେ ଯଦି ପଶ୍ଚିମବଙ୍ଗରେ ବିଜେପି ସରକାର ଆସେ ଓ ବିଜେପି ରାଜ୍ୟରେ ୩୫ରୁ ଅଧିକ ଲୋକସଭା ଆସନ ଜିତେ ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନୁପ୍ରବେଶକୁ ନିଶ୍ଚୟ ସମ୍ପୂର୍ଣ୍ଣ ରୋକିପାରିବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଗ୍ୟାରେଣ୍ଟିର ବାର୍ତ୍ତା ପଶ୍ଚିମବଙ୍ଗ ଲୋକଙ୍କୁ ଜଣାଇବା ପାଇଁ ସେ ଆସିଛନ୍ତି ବୋଲି ଶାହ କହିଛନ୍ତି। ପଶ୍ଚିମବଙ୍ଗରେ ସମସ୍ତ ୭ଟି ପର୍ଯ୍ୟାୟରେ ମତଦାନ ହେଉଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ଟି ସଂସଦୀୟ କ୍ଷେତ୍ରରେ ମତଦାନ ସରିଛି। ପଶ୍ଚିମବଙ୍ଗର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୪୨। ୨୦୧୯ ଲୋକସଭା ନିର୍ବାଚନରେ ମମତାଙ୍କ ତୃଣମୂଳ କଂଗ୍ରେସ (ଟିଏମସି)୨୨, ବିଜେପି ୧୮ ଓ କଂଗ୍ରେସ ୨ଟି ଆସନ ଜିତିଥିଲା।





## ମିତବ୍ୟୟୀ ମୃଣାଳ

ଛୋଟ ପରଦାରୁ କ୍ୟାରିୟର୍ ଆରମ୍ଭ କରିଥିବା ଅଭିନେତ୍ରୀ ମୃଣାଳ ଠାକୁର ବଡ଼ ପରଦାରେ ମଧ୍ୟ ତାଙ୍କ ଅଭିନୟର ଛାପ ଛାଡ଼ିଛନ୍ତି । ସେ 'ସୁପର୍ ୩୦' ଫିଲ୍ମରେ ବଲିଉଡ୍ ଡେବ୍ୟୁ କରିଥିଲେ । ତେଲୁଗୁ ଫିଲ୍ମ 'ସୀତା ରାମମ୍' ପାଇଁ ସେ ବେଶ୍ ପ୍ରଶଂସା ସାଉଁଟିଥିଲେ । ସାଧାରଣତଃ ସେଲିବ୍ରିଟିମାନେ ବ୍ରାଣ୍ଡେଡ୍ ପୋଷାକ ଓ ଜୋତା ପିନ୍ଧୁଥିବାର ଦେଖାଯାଏ । ଏହି ପୋଷାକଗୁଡ଼ିକୁ ନାମୀଦାମୀ ଡିଜାଇନର୍‌ମାନେ ଡିଜାଇନ୍ କରିଥାଆନ୍ତି । ଏହି କ୍ଷେତ୍ରରେ ମୃଣାଳ ଏକ ବ୍ୟତିକ୍ରମ ।

ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ମୃଣାଳ ତାଙ୍କ ଆଉଟ୍‌ଫିଟ୍‌କୁ ନେଇ ଆଲୋଚନା କରିଥିଲେ । ମୃଣାଳ କହିଥିଲେ ଯେ, 'ମୁଁ ନିଜ ପାଖରେ ଯେତିକି ଆବଶ୍ୟକ ସେତିକି ପୋଷାକ ରଖେ । ଫିଲ୍ମ ସ୍କ୍ରିନିଂ କିମ୍ବା ଇଭେଣ୍ଟଗୁଡ଼ିକରେ ଯେଉଁ ପୋଷାକଗୁଡ଼ିକ ମୁଁ ପିନ୍ଧିଥାଏ, ସେଗୁଡ଼ିକ ପିନ୍ଧିବା ପାଇଁ ସଂପୃକ୍ତ ସଂସ୍ଥାଗୁଡ଼ିକ ପକ୍ଷରୁ ମୋତେ ଦିଆଯାଇଥାଏ । ଯେତେବେଳେ ମୋ ନିଜ ପାଇଁ ମୁଁ ପୋଷାକ କିଣେ ଅତିବେଶୀରେ ଏଥିପାଇଁ ୨୦୦୦ ଟଙ୍କା ଖର୍ଚ୍ଚ କରେ । ଏହା ବି ମୋତେ ବେଶୀ ଲାଗେ । ଯେଉଁ ପୋଷାକଗୁଡ଼ିକ ଦାମୀ ହୋଇଥାଏ, ତାକୁ ଜଣେ ବାରମ୍ବାର ପିନ୍ଧି ପାରିବେନି । ତେଣୁ ବ୍ରାଣ୍ଡେଡ୍ ପୋଷାକ କିଣିବା ଅର୍ଥ ଅଯଥା ଅର୍ଥ ବ୍ୟୟ କରିବା ଛଡ଼ା କିଛି ନୁହେଁ । କେବଳ ପୋଷାକ ନୁହେଁ ଅତି ଦାମୀ ଜିନିଷ ବି ମୁଁ କେବେ କିଣେ ନାହିଁ । ଦାମୀ ପୋଷାକ ବଦଳରେ ଖାଦ୍ୟ, ଗଛ, ଚାଷୋପଯୋଗୀ ଜମି କିଣିବାରେ ଅର୍ଥ ବ୍ୟୟ କରିବାକୁ ମୋତେ ଭଲ ଲାଗେ ।'

## ମେଟ୍ରୋସିଟିରେ ରହୁଥିଲେ ସାବଧାନ

### ଦେଖାଯାଉଛି ଏହି ଭିଟାମିନ୍‌ର ଅଭାବ

ମହାନଗରରେ ରହୁଥିବା ଲୋକେ ବହୁତ କମ୍ ବୟସରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବାର ଦେଖାଯାଉଛି । ଏହାର ମୁଖ୍ୟ କାରଣ ବିଶୃଙ୍ଖଳିତ ଜୀବନଚର୍ଯ୍ୟା । ଫ୍ଲାଟ୍‌ର ନିବୁଜ ଘର ଭିତରେ ଅଧିକ ସମୟ ବିତାଇବା ସହ ଅଧିକ ସମୟ ଏସିରେ ରହିବା, ଅପମିଶ୍ରଣ ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକୀୟ ଭିଟାମିନ୍ ଓ ଖଣିଜପଦାର୍ଥ ମିଳିପାରୁନାହିଁ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ, ବନ୍ଦ ଘରେ ରହିବା ଓ ଅଫିସ୍‌ରେ ଅଧିକ ସମୟ ଏସିରେ ବସି ରହି କାମ କରିବା ଯୋଗୁ ଶରୀରରେ ଭିଟାମିନ୍-ଡି'ର ଅଭାବ ଦେଖାଯାଉଛି । ଏଥିସହିତ ଅପମିଶ୍ରଣ ଯୁକ୍ତ ଖାଦ୍ୟ ଖାଇବା ଯୋଗୁ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ପୋଷକ ତତ୍ତ୍ୱ ମିଳୁନାହିଁ । ଏଥିଯୋଗୁ ଭିଟାମିନ୍ ବି-୧୨ର ଅଭାବ ଦେଖାଯାଉଛି । ଏହି ଦୁଇଟି ଭିଟାମିନ୍ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଭିଟାମିନ୍–ଡି'ର ଅଭାବ ଯୋଗୁ ମାଂସପେଶୀରେ ଯନ୍ତ୍ରଣା ହେବା ସହ ହାଡ଼ଗୁଡ଼ିକ ଦୁର୍ବଳ ହୋଇ ବିନ୍ଧିଥାଏ । ଏହାର ଅଭାବକୁ ଦୂର କରିବା



ପାଇଁ ନିୟମିତ ସକାଳେ ୧୫ରୁ ୨୦ ମିନିଟ୍ କଅଁଳ ଖରାରେ ବସିବା ଆବଶ୍ୟକ । ଏହାବାଦ୍ ଦୁଗ୍ଧ ଜାତୀୟ ଖାଦ୍ୟ, ଛତୁ, କମଳା ଆଦି ଖାଇବା ଉଚିତ୍ । ସେହିଭଳି ଭିଟାମିନ୍ ବି-୧୨ର ଅଭାବ ଯୋଗୁ ସବୁବେଳେ ଥକ୍କା ଲାଗେ । ଅବସାଦ, ଚିନ୍ତା ଭଳି ସମସ୍ୟା ଦେଖାଯାଏ । ପାଟି ଘା' ସମସ୍ୟା ମଧ୍ୟ ଦେଖାଦିଏ । ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ମାଂସ, ମାଛ, କ୍ଷୀର, ପନିର, ଦହି, ଆଳମଣ୍ଡ, ପାଳଙ୍ଗ ଆଦି ଖାଇବା ଆବଶ୍ୟକ । ଏହାବାଦ୍ ଭିଟାମିନ୍ ବି-୧୨ ସପ୍ଲିମେଣ୍ଟ ନେଇ ଏହାର ଅଭାବକୁ ଦୂର କରିହେବ । ତେବେ ଭିଟାମିନ୍ ସପ୍ଲିମେଣ୍ଟ ନେବା ପୂର୍ବରୁ ଡାକ୍ତରଙ୍କ ଗପରାମର୍ଶ ନେବା ଜରୁରି ।

## ପରିବେଶ ପ୍ରଦୂଷଣ ହେବନି ବୋଲି...

### ସାଇକଲରେ ଆସିଲେ ବର ଓ ବରଯାତ୍ରୀ



ବିନା ବାଜା, ବାଣ, ଡିଜେରେ ବି ହୋଇପାରେ ବାହାଘର । ପରିବେଶକୁ ପ୍ରଦୂଷିତ ନ କରିବାର ଦୃଢ଼ ସଙ୍କଳ୍ପ ଯୋଗୁ ଏମିତି ଏକ ନିଆରା ଓ ଭିନ୍ନ ବାହାଘର ଦେଖିବାକୁ ମିଳିଛି ଏବେ ଉତ୍ତର ପ୍ରଦେଶ ପ୍ରତାପଗଡ଼ରେ । ଏହି ବାହାଘରରେ ଉଭୟ ବର ଓ ବରଯାତ୍ରୀ ସାଇକଲ ଚଳାଇ କନିଆ ଘରେ ପହଞ୍ଚିଥିଲେ । ପ୍ରତାପଗଡ଼ରୁ ସାଇକଲରେ ବରଯାତ୍ରୀ ଶୋଭାଯାତ୍ରା ଆରମ୍ଭ ହୋଇ ଉଗରାପୁର ଗାଁରେ ପହଞ୍ଚିଥିଲା । ବର ସହ ୨୫ଜଣ ବରଯାତ୍ରୀ ସମୁଦାୟ ୮ କିଲୋମିଟର ସାଇକଲ ଚଳାଇ କନିଆ ଘରେ ପହଞ୍ଚି ଥିଲେ । ସାଇକଲରେ ବର ତଥା ବରଯାତ୍ରୀ ଆସିବା ଦେଖି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ କୌତୂହଳ ପ୍ରକାଶ ପାଇଥିଲା । ଏହାସହ ସେମାନେ ଏଭଳି ନିଆରା ବରଯାତ୍ରୀଙ୍କ ଫଟୋ ଉତ୍ତୋଳନ କରିବା ସହିତ ଭିଡିଓ କରିଥିଲେ । ତେବେ ଏହି ସବୁଜ ବାହାଘରର ଶ୍ରେୟ ଯାଏ ପରିବେଶ କର୍ମୀ ଅଜୟ କ୍ରାନ୍ତିକାରୀଙ୍କୁ । ସେ ହିଁ ବର ଅଭିଷେକ ପଟେଲ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ବ୍ୟାଣ୍ଡ, ବାଜା ବଦଳରେ ସାଇକଲ ଚଳାଇ କନିଆ ଘରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ ।

## ଆଜିର ଇତିହାସ

- ୧୮୭୭-ରୁଷ୍ ଅଟୋମନ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୮୯୮-ସ୍ପେନ୍ ଆମେରିକା ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୨୦- ପୋଲାଣ୍ଡ ସେନା ୟୁକ୍ରେନ୍ ଉପରେ ଆକ୍ରମଣ କଲା ।
- ୧୯୫୪- ଅଷ୍ଟ୍ରେଲିଆ ସୋଭିଏତ୍ ସଂଘଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା ।
- ୨୦୦୨-ଆର୍ଜେଣ୍ଟିନାରେ ବ୍ୟାଙ୍କଗୁଡ଼ିକୁ ଅନିଶ୍ଚିତ କାଳ ପାଇଁ ବନ୍ଦ କରି ଦିଆଗଲା ।
- ୨୦୧୧- ଶ୍ରୀ ସତ୍ୟସାଇ ବାବାଙ୍କ ଦେହାନ୍ତ ।
- ୨୦୧୩- ଢାକାରେ ଏକ କୋଠା ଭୁଶୁଡ଼ି ପଡ଼ିବାରୁ ୧୧୨୯ ଲୋକଙ୍କ ମୃତ୍ୟୁ, ୨୫୦୦ ଆହତ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଯାନବାହନ କିଣିବେ । ନିବେଶରୁ ଦୂରେଇ ରୁହନ୍ତୁ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ । ପିତାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟାର ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଆୟ-ବ୍ୟୟ ସମାନ ରହିବ । କର୍ମକ୍ଷେତ୍ରରେ କାମଚାପ ବଢ଼ିବ । ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ଶିକ୍ଷାକ୍ଷେତ୍ରରେ ସଫଳ ହେବେ । ବହୁ ଦିନରୁ ଅଟକି ଥିବା କାର୍ଯ୍ୟ ପୂରା କରିବେ ।

## ଡ୍ରାଏ ପ୍ରମୋସନ

### ବଢ଼ୁନି ପାରିଶ୍ରମିକ



**ସାଧାରଣତଃ ଚାକିରିରେ କର୍ମଚାରୀଙ୍କ ପଦୋନ୍ନତି ହେଲେ ସେମାନଙ୍କ ଦରମା ବୃଦ୍ଧି ପାଏ । କିନ୍ତୁ ଏବେ କର୍ପୋରେଟ୍ ହାଉସ୍‌ରେ 'ଡ୍ରାଏ ପ୍ରମୋସନ' ଧାରା ଦେଖିବାକୁ ମିଳିଛି । ଯେଉଁଥିରେ କର୍ମଚାରୀଙ୍କୁ ପଦୋନ୍ନତି ମିଳୁଥିଲେ ମଧ୍ୟ ସେମାନଙ୍କର ଦରମା ବୃଦ୍ଧି ଘଟୁ ନାହିଁ । ଏହା ପଛରେ ବି କାରଣ ରହିଛି ।**

ଏବେ ବହୁ ସଂଖ୍ୟକ କର୍ମଚାରୀ ଇସ୍ତଫା ଦେଉଛନ୍ତି । ତା'ସହ ଜଲ୍‌ଦି ଜଲ୍‌ଦି ଲୋକମାନେ ଚାକିରି ବଦଳାଉଛନ୍ତି । ଏହାକୁ ରୋକିବା ପାଇଁ ଡ୍ରାଏ ପ୍ରମୋସନ ଦିଗରେ କମ୍ପାନି ଗୁରୁତ୍ୱ ଦେଉଛନ୍ତି । ଡ୍ରାଏ ପ୍ରମୋସନ ମାଧ୍ୟମରେ ଜଣଙ୍କ ପଦୋନ୍ନତି କରାଯାଏ । ସେମାନଙ୍କ କାମ ଓ ଦାୟିତ୍ୱ ବୃଦ୍ଧି କରାଯାଏ, କିନ୍ତୁ ପାରିଶ୍ରମିକ ବୃଦ୍ଧି କରାଯାଏ ନାହିଁ ।

ସର୍ଭେରୁ ଜଣାପଡ଼ିଛି ଯେ, ଡ୍ରାଏ ପ୍ରମୋସନକୁ ନେଇ କର୍ମଚାରୀମାନେ ଗଭୀର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ପାରିଶ୍ରମିକ ବୃଦ୍ଧି ହେଉ ନ ଥିବାରୁ ସେମାନଙ୍କ ମନରେ ନିରାଶା ଭାବ ସୃଷ୍ଟି ହେଉଛି । ଅନ୍ୟପକ୍ଷରେ କିଛି କର୍ମଚାରୀ ନିଜ ବାୟୋଡାଟାକୁ ମଜଭୁତ କରିବା ପାଇଁ ଏଭଳି ବ୍ୟବସ୍ଥାକୁ ଗ୍ରହଣ କରୁଛନ୍ତି ।। ଏହାବାଦ୍ କମ୍ପାନିର ସ୍ଥିତି ଠିକ୍ ନ ଥିଲେ କେତେକ କର୍ମଚାରୀ ଏଭଳି ଧାରାକୁ ଆପଣାଉ ଥିବା ଦେଖାଯାଏ ।

## ବିମାନ ଯାତ୍ରାରେ

### କେଉଁ ଗ୍ୟାଜେଟ୍ ରଖିବେନି



**ବିମାନଯାତ୍ରାକୁ ମଜାଦାର କରିବା ପାଇଁ ବହୁ ଯାତ୍ରୀ ଅନେକ ଗ୍ୟାଜେଟ୍ ନେଇ ଯାଆନ୍ତି । କିନ୍ତୁ ସ୍ମାର୍ଟଫୋନ୍ ଏବଂ ହେଡ୍‌ଫୋନ୍ ବ୍ୟତୀତ କିଛି ଗ୍ୟାଜେଟ୍ ଏଭଳି ଅଛି, ଯାହାକୁ ବିମାନଯାତ୍ରା ସମୟରେ ନିଜ ପାଖରେ ରଖିବା ଠିକ୍ ନୁହେଁ ।**

**ପୋର୍ଟେବଲ ୱାଇଫାଇ ହଟ୍‌ସ୍ପଟ୍:** ଯଦିଓ ଏହା ଉପଯୋଗୀ ତଥାପି, ବିମାନର ୱେୟାର୍‌ଲେସ୍ ନେଟ୍‌ୱାର୍କ ଏବଂ ନାଭିଗେସନ୍ ସିଷ୍ଟମ୍‌କୁ ଏହା ପ୍ରଭାବିତ କରିଥାଏ । ଏଣୁ ଆବଶ୍ୟକ ସ୍ଥଳେ ବିମାନର ମାଗଣା ୱାଇଫାଇ ବା ମୋବାଇଲ ଡାଟାକୁ ଉପଯୋଗ କରନ୍ତୁ ।

**ଉଚ୍ଚ କ୍ଷମତା ସମ୍ପନ୍ନ ପାୱାର ବ୍ୟାଙ୍କ:** ବିମାନ ଯାତ୍ରା ସମୟରେ କମ୍ କ୍ଷମତା ସମ୍ପନ୍ନ ପାୱାର ବ୍ୟାଙ୍କକୁ ପାଖରେ ରଖନ୍ତୁ । କାରଣ ୨୦୦୦ଏମ୍‌ଏଏଚ୍‌ରୁ ଅଧିକ କ୍ଷମତାଯୁକ୍ତ ପାୱାର ଉପରେ କଟକଣା ଅଛି ।

**ରିମୋଟ୍ କଣ୍ଟ୍ରୋଲ ଖେଳଣା:** ଡ୍ରୋନ୍ ଏବଂ ରିମୋଟ୍ କଣ୍ଟ୍ରୋଲଯୁକ୍ତ ଖେଳଣାକୁ ବିମାନଯାତ୍ରାରେ କଟକଣା ଲଗା ଯାଇଛି । ଏହି ଉପକରଣ ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ ।

**ଲେଜର୍ ପଏଣ୍ଟର:** ଲେଜର ପଏଣ୍ଟର ଓ ପେନ୍ ବିମାନବନ୍ଦର ସେଟିଂ ପାଇଁ ବିପଜ୍ଜନକ ହୋଇପାରେ । ଏହି ଡିଭାଇସ୍ ପାଇଲଟ୍ ଏବଂ ବିମାନ କର୍ମଚାରୀଙ୍କ ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିଥାଏ । ଏହାକୁ ପାଖରେ ରଖିବା ଅନୁଚିତ ।



## ସମ୍ଭାବନା

### ବୃତ୍ତିଗତ ଶିକ୍ଷା



## ଡବିଂ ଆର୍ଟିଷ୍ଟ

**ପରଦା ଆଢୁଆଳରେ ରହି ବିଭିନ୍ନ ଚରିତ୍ରଙ୍କ ପାଇଁ ଯେଉଁମାନେ ସ୍ୱର ପ୍ରଦାନ କରନ୍ତି ସେମାନେ ହେଲେ ଡବିଂ ବା ଭଏସ୍ ଓଭର୍ ଆର୍ଟିଷ୍ଟ । ବିଭିନ୍ନ ଭାଷାରେ ପ୍ରଚାର କରିବା ପାଇଁ ବି ଡବିଂ ଆର୍ଟିଷ୍ଟ ଲୋଡ଼ା ପଡ଼ନ୍ତି । ଏଭଳି କଳକାର ନିଜ ସ୍ୱର ମାଧ୍ୟମରେ ଲୋକଙ୍କ ମନୋରଞ୍ଜନ କରିଥାନ୍ତି । ଏଣୁ ସୁନ୍ଦର କଣ୍ଠ ସ୍ୱର ଥିଲେ ଡବିଂ ଆର୍ଟିଷ୍ଟ ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ ।**

#### ଶିକ୍ଷାଗତ ଯୋଗ୍ୟତା

ଏ ଲାଗି ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ । କେବଳ ସ୍ପଷ୍ଟ ଉଚ୍ଚାରଣ ତଥା ଶବ୍ଦ ଜ୍ଞାନ ଥିବା ଜରୁରି । ଦଶମ ପରେ ବି ଏହି କୋର୍ସ କରିପାରିବେ । ଡବିଂ ଆର୍ଟିଷ୍ଟ ପାଇଁ ଭଏସ୍ ଆକ୍ଟିଂ, ଡବିଂ ଆର୍ଟିଷ୍ଟ ବା ଭଏସ୍ ଓଭର ଆର୍ଟିଷ୍ଟ ସମ୍ବନ୍ଧିତ କୋର୍ସ କରିବାକୁ ହେବ । ସେହିପରି ସ୍ୱର ଉପରେ ବି ବହୁ କାମ କରିବାକୁ ହୋଇଥାଏ । ମୁଖ୍ୟତଃ ସ୍ୱର ଯେଭଳି ଆକର୍ଷଣୀୟ ଲାଗିବ, ସେ ଦିଗରେ ଗୁରୁତ୍ୱ ଦେବା ଜରୁରି ।

#### ଅବସରର ଅଭାବ ନାହିଁ

ଡବିଂ ଆର୍ଟିଷ୍ଟ ଭାବେ ଫିଲ୍ମ ତଥା ଟିଭି ଉଦ୍ୟୋଗରେ କାମ କରିବାର ଅବସର ଅଛି । ଟିଭି ସିରିଏଲ, ସାଉଥ୍ ଫିଲ୍ମ, ବଲିଉଡ୍, ଆନିମେସନ୍ ଫିଲ୍ମ, କାର୍ଟୁନ୍ ଫିଲ୍ମ, ଡକ୍ୟୁମେଣ୍ଟ୍ରିରେ ଡବିଂ ଆର୍ଟିଷ୍ଟଙ୍କ ଚାହିଦା ଅଧିକ । ମୁଖ୍ୟତଃ ଏଥିରେ କଳାକାରଙ୍କ ସ୍ୱରକୁ ଡବିଂ କରାଯାଏ । ଏଭଳି କରିବାର କାରଣ ହେଉଛି ବେଳେବେଳେ କିଛି କଳକାର, ଯେଉଁ ଭାଷାରେ କାମ କରନ୍ତି, ତାହା ଜାଣି ନ ଥାନ୍ତି । ସାଉଥ୍ କଳାକାର ହିନ୍ଦୀ ଜାଣି ନ ଥିବା ବେଳେ ହିନ୍ଦୀ କଳାକାରଙ୍କୁ ଓଡ଼ିଆ, ତାମିଲ ଆଦି ଭାଷାର ଜ୍ଞାନ ନ ଥାଏ । ଏହାବାଦ୍ କୌଣସି କଳାକାର ଅସୁସ୍ଥ ଥଲେ ବି ସେମାନଙ୍କ ଭଏସ୍ ପାଇଁ ଡବିଂ ଆର୍ଟିଷ୍ଟ କାମ କରନ୍ତି ।

#### ରୋଜଗାର

ସେମାନଙ୍କ ପାରିଶ୍ରମିକ ମାସିକ ହିସାବରେ ନ ଥାଏ । ଏସବୁ ସିନେମା ତଥା ପ୍ରୋଜେକ୍ଟ ହିସାବରେ ନିର୍ଦ୍ଧାରିତ କରାଯାଏ । ବଲିଉଡ୍, ହଲିଉଡ୍, ସାଉଥ୍ ଫିଲ୍ମରେ ଡବିଂ ଆର୍ଷ୍ଟିଷ୍ଟଙ୍କୁ ପାରିଶ୍ରମିକ ଭଲ ମିଳିଥାଏ । ମାସକୁ ସେମାନେ ୨୦ରୁ ୩୫ ହଜାର ରୋଜଗାର କରିଥାନ୍ତି ।

#### ପ୍ରମୁଖ ସଂସ୍ଥାନ

- ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ପୁଣେ
- ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ

#### କୋର୍ସ

- ସାର୍ଟିଫିକେଟ୍ ଇନ୍ ଡବିଂ ଆର୍ଟିଷ୍ଟ
- ଡିପ୍ଲୋମା ଇନ୍ ଭଏସ୍ ଆକ୍ଟିଂ
- ଏମ୍‌ଏସ୍‌ସି ଇନ୍ ମାସକମ୍ୟୁନିକେସନ୍

## ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ...

**ସାଧାରଣତଃ ପରୀକ୍ଷା ପାଖେଇ ଆସିଲେ ବିଦ୍ୟାର୍ଥୀ ପଢ଼ାପଢ଼ିରେ ବ୍ୟସ୍ତ ରୁହନ୍ତି । ପରୀକ୍ଷାରେ କିଭଳି ଭଲ ମାର୍କ ରଖିବେ, ସେଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଥାନ୍ତି । ସେହିପରି ଦିନରାତି ପରିଶ୍ରମ କରିବା ପରେ ମଧ୍ୟ ଅନେକ ପିଲା ଅସଫଳ ହୋଇଥାନ୍ତି । ଏଣୁ ପରୀକ୍ଷା ପ୍ରସ୍ତୁତି ସମୟରେ ନିମ୍ନ ପ୍ରଦତ୍ତ ଦିଗ ଉପରେ ଦୃଷ୍ଟି ଦେବା ଜରୁରି ।**

- ପରୀକ୍ଷା ଚିନ୍ତାରେ ନିଦ ହୁଏ ନାହିଁ । ଫଳରେ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼େ । ଏଣୁ ଉପଯୁକ୍ତ ନିଦ୍ରା ଯାଆନ୍ତୁ ।
- ଭୟଭୀତ ନ ହୋଇ ଶାନ୍ତ ମନରେ ପଢ଼ା ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ।
- ଏହି ସମୟରେ ସାମାଜିକ ଗଣମାଧ୍ୟମଠାରୁ ଦୂରତ୍ୱ ରକ୍ଷା କରନ୍ତୁ । ଏହା ଦ୍ୱାରା ସମୟ ନଷ୍ଟ ହୁଏ ।
- ରିଭିଜନ୍ ଉପରେ ଗୁରୁତ୍ୱ ଦିଅନ୍ତୁ ।
- କମ୍ ସମୟ ମଧ୍ୟ କିଭଳି ବେଶି ପାଠ ପଢ଼ିବେ, ସେହି ସମୟ ସାରଣୀ ପ୍ରସ୍ତୁତ କରନ୍ତୁ ।



# ରୋହିତଙ୍କ ସହ କୋହଲି ଓପନିଂ କରିବା ଉଚିତ୍: ଗାଙ୍ଗୁଲି

**ନୂଆଦିଲ୍ଲୀ,୨୩।୪(ଏଜେନ୍ସି):** ଆଗାମୀ ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଭାରତର ଓପନିଂ ଯୋଡି ନେଇ ମତ ରଖିଛନ୍ତି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି। ଅଧିନାୟକ ରୋହିତ ଶର୍ମାଙ୍କ ସହ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ବିଶ୍ୱକପ୍‌ରେ ଓପନିଂ କରିବା ଉଚିତ୍ ବୋଲି ସେ କହିଛନ୍ତି। ଏବେ କୋହଲି ୪୦ ବଲରୁ ଶତକ ହାସଲ କରିବାର ଦକ୍ଷତା ରଖୁଛନ୍ତି। କିଛି ଦିନ



**ଟି-୨୦ ବିଶ୍ୱକପ୍**

ତଳେ କୋହଲି ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୬୭ ବଲରୁ ବିସ୍ଫୋରକ ଶତକ ହାସଲ କରିଥିଲେ। ତେଣୁ କୋହଲି ଇନିଂସ ଓପନ୍ କରିବାରେ କୌଣସି ସମସ୍ୟା ନାହିଁ ବୋଲି ସେ କହିଛନ୍ତି। ତେବେ ଚୟନ କମିଟି, ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ଓ ଅଧିନାୟକ ରୋହିତ ଏକ ଶ୍ରେଷ୍ଠ ଦଳ ଚୟନ ପାଇଁ ଯାହା ନିଷ୍ପତ୍ତି ନେବାକୁ ହେବ ତାହା ନେବା ଉଚିତ ବୋଲି ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଦଳ ଚୟନ କରାଯିବା ଉପରେ ଧ୍ୟାନ ଦିଆଯିବା ଉଚିତ। ଭାରତୀୟ ଦଳରେ ଏକାଧିକ ଅଭିଜ୍ଞ ଖେଳାଳିମାନେ ରହିଛନ୍ତି ଓ ସେମାନେ ବହୁ ସଂଖ୍ୟାରେ ମ୍ୟାଚ୍ ଖେଳିଛନ୍ତି। ରୋହିତ ୩୭, କୋହଲି ଓ ରବୀନ୍ଦ୍ର ଜାଡେଜା ଚଳିତ ବର୍ଷ ଶେଷ ଆଡକୁ ୩୬ ବର୍ଷରେ ପଦାର୍ପଣ କରିବେ। କ୍ରିକେଟରେ ବୟସ ଅପେକ୍ଷା ପ୍ରଦର୍ଶନକୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ଦଳରେ କୋହଲି, ରୋହିତଙ୍କ ସମେତ ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେଙ୍କ ଭଳି ଖେଳାଳିଙ୍କର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ପେସାଦାର ସ୍କ୍ୱାଶରୁ ଓହରିଲେ ସୌରଭ

**ନୂଆଦିଲ୍ଲୀ,୨୩।୪(ଏଜେନ୍ସି):** ଭାରତର ଅନ୍ୟତମ ସଫଳ ସ୍କ୍ୱାଶ ଖେଳାଳି ସୌରଭ ଘୋଷାଲ ଅବସର ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ସେ ଏ ନେଇ ସୂଚନା ଦେଇଛନ୍ତି। ଅବସର ନେବାର ଏହା ହିଁ ପ୍ରକୃତ ସମୟ। ଶାରୀରିକ ଓ ମାନସିକ ଭାବେ ଏବେ ବିଶ୍ରାମ ନେବାର ଅବଶ୍ୟକତା ଅନୁଭବ କରୁଛି ବୋଲି ସେ କହିଛନ୍ତି। ପେସାଦାର ସ୍କ୍ୱାଶରୁ ଅବସର ନେଇଥିଲେ ମଧ୍ୟ ସେ ଭାରତ ପାଇଁ ଖେଳିବା ଜାରି ରଖିବେ ବୋଲି କହିଛନ୍ତି। ୩୭ ବର୍ଷୀୟ ସୌରଭ ୧୦ ପିଏସ୍‌ଏ ଟୁର ଟାଇଟଲ, ୧୩ ଥର ଜାତୀୟ ଏକକ ଟାଇଟଲ ହାସଲ କରିଛନ୍ତି। ଏକମାତ୍ର ଭାରତୀୟ ପୁରୁଷ ଖେଳାଳି ଭାବେ ସେ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୧୦ରେ ସ୍ଥାନ ପାଇଥିଲେ। ଅଗାମୀ ଜୁନ ୧୨ରୁ ୧୬ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ୨୨ତମ ଏସିଆନ ଟିମ୍ ଚାମ୍ପିଅନସିପ୍‌ରେ ସେ ଅଂଶଗ୍ରହଣ କରିବେ ନାହିଁ। ୨୦୦୩ରେ ସେ ପେସାଦର ସ୍କ୍ୱାଶ୍‌ରେ ପାଦ ଦେଇଥିଲେ।

**ଲୌରିୟସ ପୁରସ୍କାର**

# ଜୋକୋଭିଚ୍, ବୋନମାତି ଶ୍ରେଷ୍ଠ କ୍ରୀଡ଼ାବିତ୍

## ରାଫେଲ ନାଦାଲ ଫାଉଣ୍ଡେସନ, ସ୍ପେନ୍ ମହିଳା ଫୁଟବଲ ଦଳ ପୁରସ୍କୃତ



**ମାଦ୍ରିଦ୍,୨୩।୪(ଏଜେନ୍ସି)**

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ ବିବେଚିତ ହେଉଥିବା ଲୌରିୟସ କ୍ରୀଡ଼ା ପୁରସ୍କାର ସ୍ପେନ୍ ରାଜଧାନୀ ମାଦ୍ରିଦ୍‌ରେ ସୋମବାର ବିଳମ୍ବିତ ରାତିରେ ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ଉତ୍ସବର ୨୫ତମ ସଂସ୍କରଣରେ ବିଶ୍ୱରେ ୧ ନମ୍ବର ପୁରୁଷ ଟେନିସ ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ଏଥର ଶ୍ରେଷ୍ଠ କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି। ତାଙ୍କୁ ୨୦୨୪ ବର୍ଷ ପାଇଁ ଲୌରିୟସ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ଗତ କ୍ୟାଲେଣ୍ଡର ବର୍ଷରେ ପ୍ରଦର୍ଶନକୁ ଭିତ୍ତି କରି କ୍ରୀଡ଼ାବିତ ଓ ଦଳଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଇ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥାଏ। ଲୌରିୟସ ସ୍ପୋର୍ଟ୍ସ ଫର ଗୁଡ୍ ଫାଉଣ୍ଡେସନ ୧୯୯୯ରୁ ଏହି ପୁରସ୍କାର ପ୍ରଦାନ କରିଆସୁଛି।

### ୫ମ ଥର ପୁରସ୍କାର ଜିତି ଫେଡରରଙ୍କ ସମକକ୍ଷ

ଜୋକୋଭିଚ୍ ଏଥିସହ ୫ମଥର ପାଇଁ ଏହି ପୁରସ୍କାର ହାସଲ କରିଛନ୍ତି। ଏଥିସହ ସେ ସୁଇଜରଲାଣ୍ଡର କିମ୍ବଦନ୍ତୀ ଖେଳାଳି ରୋଜର ଫେଡେରରଙ୍କ ସମକକ୍ଷ ହୋଇଛନ୍ତି। ଏହି ଦୁଇ ଟେନିସ ଖେଳାଳି ଲୌରିୟସ ପୁରସ୍କାର ଇତିହାସରେ ସର୍ବାଧିକ ସମ୍ମାନୀତ ହୋଇଥିବା କ୍ରୀଡ଼ାବିତ୍‌ର ମାନ୍ୟତା ପାଇଛନ୍ତି। ପୂର୍ବରୁ ଜୋକୋଭିଚ୍ ୨୦୧୧, ୨୦୧୬, ୨୦୧୫ ଓ ୨୦୧୯ରେ ଏହି ପୁରସ୍କାରରେ ସମ୍ମାନୀତ ହୋଇଥିଲେ। ଜୋକୋଭିଚ୍ ପୁରୁଷ ଟେନିସରେ ସର୍ବାଧିକ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସେ ଗତବର୍ଷ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍, ଫ୍ରେଞ୍ଚ୍ ଓପନ ଓ ୟୁଏସ୍ ଓପନ୍ ଟାଇଟଲ ଜିତିଥିଲେ। କିନ୍ତୁ ୱିମ୍ବଲଡନ୍ ଫାଇନାଲରେ ୩୬ ବର୍ଷୀୟ ଜୋଭୋଭିଚ୍ ସ୍ପେନ କାର୍ଲୋସ ଆଲକାରାଜଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲେ। ବିଜୟୀ ହୋଇଥିଲେ ସବୁ ୪ଟି ଗ୍ରାଣ୍ଡସ୍ଲାମ ଜିତି ଏକ ବିରଳ ସଫଳତା ଅର୍ଜନ କରିଥାନ୍ତେ। ସେ ମଧ୍ୟ ଏହି ବର୍ଷ ଏଟିପି ଫାଇନାଲ୍ସ ଜିତିଥିଲେ ଓ ଏଟିପି ମାନ୍ୟତାର ନଂ ୧ ସ୍ଥାନ ଅଳଙ୍କୃତ କରିଥିଲେ। ଦୀର୍ଘ ୨୧ ବର୍ଷର କ୍ୟାରିୟରରେ ଜୋକୋଭିଚ୍ ୧୦ଟି ଅଷ୍ଟ୍ରେଲିଆନ୍ ଓପନ୍, ୭ଟି ୱିମ୍ବଲଡନ, ୪ଟି ୟୁଏସ୍ ଓପନ୍ ଓ ୩ଟି ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଛନ୍ତି। ପୁରସ୍କାର ଜିତିବା ପରେ ଜୋକୋଭିଚ୍ ଖୁସି ଜାହିର କରିଛନ୍ତି। ୫ମଥର ପାଇଁ ଏହି ପୁରସ୍କାର ହାସଲ କରିବା ମୋ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି।



ଏତାନା ବୋନମାତି

### ବୋନମାତି ଶ୍ରେଷ୍ଠ ମହିଳା କ୍ରୀଡାବିତ

ସ୍ପେନ୍ ମହିଳା ଫୁଟବଲ ଦଳର ମିଡ୍‌ଫିଲ୍ଡର ଏତାନା ବୋନମାତି ମହିଳା କ୍ରୀଡ଼ାବିତ୍ ଭାବେ ଲୌରିୟସ ପୁରସ୍କାର ହାସଲ କରିଛନ୍ତି। ଗତ ବର୍ଷ ଅନୁଷ୍ଠିତ ଫିଫା ମହିଳା ବିଶ୍ୱକପ୍‌ରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ଗୋଲ୍ଡେନ୍ ବୁଟ୍ ପୁରସ୍କାର ଜିତିଥିଲେ।

### ସ୍ପେନ୍ ମହିଳା ଫୁଟବଲକୁ ଟିମ୍ ପୁରସ୍କାର

ଗତବର୍ଷ ମହିଳା ଫିଫା ବିଶ୍ୱକପ୍‌ରେ ଟାଇଟଲ ଜିତିଥିବା ସ୍ପେନ୍ ଫୁଟବଲ ଦଳକୁ ଲୌରିୟସ ଟିମ୍ ପୁରସ୍କାର ପ୍ରଦାନ କରାଯାଇଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ର ଫାଇନାଲ ମୁକାବିଲାରେ ସ୍ପେନ୍ ୧-୦ ଗୋଲରେ ଇଂଲଣ୍ଡକୁ ପରାସ୍ତ କରି ପ୍ରଥମଥର ପାଇଁ ଚାମ୍ପିଅନ ହୋଇ ଇତିହାସ ସୃଷ୍ଟି କରିଥିଲା। ସେହିପରି ସ୍ପେନ୍ ଟେନିସ ସୁପରଷ୍ଟାର ରାଫେଲ ନାଦାଲଙ୍କ ଫାଉଣ୍ଡେସନ ଲୌରିୟସ ସ୍ପୋର୍ଟ୍ସ ଫର ଗୁଡ୍ ପୁରସ୍କାର ହାସଲ କରିଛି।



ସର୍ବିୟାର ନୋଭାକ ଜୋକୋଭିଚ୍

ଇଂଲଣ୍ଡ ତାରକା ଫୁଟବଲର ଜୁଡେ ବେଲିଂହାମ ଲୌରିୟସ ବ୍ରେକ୍ ଥ୍ରୁ ଅଫ୍ ଦି ଇୟର ପୁରସ୍କାର ଜିତିଛି। ସେହିପରି ଆମେରିକା ତାରକା ମହିଳା ଜିମ୍ନାଷ୍ଟ ସାଇମନ ବାଇଲ୍ସ ଲୌରିୟସ ପ୍ରତ୍ୟାବର୍ତ୍ତନ ଅର୍ଥାତ କମ୍‌ବ୍ୟାକ୍ ପୁରସ୍କାର ହାସଲ କରିଛନ୍ତି।

**ପୁରସ୍କାର ବିଜେତା ତାଲିକା**

- **ପୁରୁଷ କ୍ରୀଡ଼ାବିତ୍:** ନୋଭାକ ଜୋକୋଭିଚ୍
- **ମହିଳା କ୍ରୀଡ଼ାବିତ୍:** ଏତାନା ବୋନମାତି
- **ଦଳୀୟ ପୁରସ୍କାର:** ସ୍ପେନ୍ ମହିଳା ଫୁଟବଲ ଦଳ
- **ବ୍ରେକ୍‌ଥ୍ରୁ ପୁରସ୍କାର:** ଜୁଡେ ବେଲିଂହାମ୍
- **କମ୍‌ବ୍ୟାକ୍ ପୁରସ୍କାର:** ସାଇମୋନ ବାଇଲ୍ସ
- **ସ୍ପୋର୍ଟ୍ସ ଫର ଗୁଡ୍:** ରାଫେଲ ନାଦାଲ ଫାଉଣ୍ଡେସନ
- **ଭିନ୍ନକ୍ଷମ ପୁରୁଷ କ୍ରୀଡ଼ାବିତ୍:** ଡିଏଡ୍ ଡି ଗ୍ରୁଟ୍
- **ଆକ୍ସନ କ୍ରୀଡ଼ାବିତ୍:** ଆରିସା ଟ୍ରେଉ

**କାଉଣ୍ଟି କ୍ରିକେଟ**

# ସସେକ୍ସକୁ ଜିତାଇଲେ ପୂଜାରା

**ଲଣ୍ଡନ,୨୩।୪(ଏଜେନ୍ସି)**

କାଉଣ୍ଟି କ୍ରିକେଟରେ ଭାରତୀୟ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ନିଜ ଦମ୍‌ଦାର ପ୍ରଦର୍ଶନ ବଳରେ ସସେକ୍ସକୁ ଜିତାଇଛନ୍ତି। ହୋଭସ୍ଥିତ ଗ୍ରାଉଣ୍ଡରେ ଅନୁଷ୍ଠିତ କାଉଣ୍ଟି ଚାମ୍ପିଅନସିପ୍ ଗ୍ରାଉଣ୍ଡ-୨ ଟୁର୍ଣ୍ଣାମେଣ୍ଟର ଗ୍ଲୋସେଷ୍ଟାରସାୟର ବିପକ୍ଷ ମୁକାବିଲାରେ ପୂଜାର ପ୍ରଥମ ପାଳିରେ ୮୬ ଓ ଦ୍ୱିତୀୟ ପାଳିରେ ଅପରାଜିତ ୪୪ ରନକରି ସସେକ୍ସକୁ ୪ ୱିକେଟରେ ବିଜୟୀ କରାଇଛନ୍ତି। ପୂଜାରା ଏବେ ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡିଛନ୍ତି। ୨୦୨୩ ଜୁନ୍ ୧୧ ଅଷ୍ଟ୍ରେଲିଆ ବିପକ୍ଷରେ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ। ଏବେ ସେ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳୁଛନ୍ତି ଓ ସସେକ୍ସ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଏଥିସହ ସସେକ୍ସ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ ଡ୍ର ସହ ୫୧ ଅଙ୍କ ହାସଲ କରି ତାଲିକା ଶୀର୍ଷରେ ରହିଛି।



- ପ୍ରଥମ ପାଳିରେ ଶତକରୁ ବଞ୍ଚିତ
- ଦ୍ୱିତୀୟରେ ଅପରାଜିତ ୪୪ ରନ

ଟସ୍ ହାରି ପ୍ରଥମ ପାଳିରେ ଗ୍ଲୋସେଷ୍ଟରସାୟର ୧୦୮.୫ ଓଭରରେ ୪୧୭ ରନ ସଂଗ୍ରହ କରିଥିଲା। ଜବାବରେ ସସେକ୍ସ ୧୩୫.୫ ଓଭରରେ ୪୭୯ ରନ କରି ୬୨ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳିରେ ଗ୍ଲୋସେଷ୍ଟାସାୟର ୮୫.୨ ଓଭରରେ ୨୦୫ ରନକରି ଅଲଆଉଟ ହୋଇଥିଲା। ଫଳରେ ସସେକ୍ସ ସମ୍ମୁଖରେ ୧୪୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ସସେକ୍ସ ୩୭.୪ ଓଭରରେ ୬ ୱିକେଟ ହରାଇ ୧୪୪ ରନକରି ବିଜୟୀ ହୋଇଥିଲା। ପ୍ରଥମ ପାଳିରେ ୮୬ ରନକରି ବ୍ୟାଟିଂ କରୁଥିବା ବେଳେ ପୂଜାରା ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ ଓ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। କ୍ରିଜ୍‌ରେ ୨୧୯ ମିନିଟ୍ ବ୍ୟାଟିଂ କରିବା ସହ ୧୪୮ ବଲ ଖେଳି ସେ ୮ଟି ଚୌକା ମାରିଥିଲେ। ସେହିପରି ଦ୍ୱିତୀୟ ପାଳିରେ ୧୨୬ ମିନିଟ ବ୍ୟାଟିଂ କରି ସେ ୧୦୨ ବଲ ଖେଳି ୫ ଚୌକା ସହ ୪୪ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ।

**● ୟୁଇଏଫ୍‌ଏ ୟୁଥ୍ ଲିଗ୍**

# ଅଲିମ୍ପିଆକୋସ ଚାମ୍ପିଅନ

**ନିୟନ,୨୩।୪(ଏଜେନ୍ସି):** ସୁଇଜରଲାଣ୍ଡରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ୟୁନିଅନ ଅଫ୍ ୟୁରୋପିଆନ୍ ଫୁଟବଲ ଆସୋସିଏସନ (ୟୁଇଏଫ୍‌ଏ) ୟୁଥ୍ ଲିଗ୍‌ରେ ଏଥର ଗ୍ରୀସର ପେସାଦାର ଫୁଟବଲ କ୍ଲବ୍ ଅଲିମ୍ପିଆକୋସ୍ ପ୍ରଥମଥର ପାଇଁ ଟାଇଟଲ ଜିତିଛି। ସୋମବାର ବିଳମ୍ବିତ ରାତିରେ ସ୍ଥାନୀୟ କୋଲୋଭ୍ରେ ସ୍ପୋର୍ଟ୍ସ ସେଣ୍ଟରରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ୩-୦ ଗୋଲରେ ଏସି ମିଲାନକୁ ପରାସ୍ତ କରି ଅଲିମ୍ପିଆକୋସ ବାଜି ମାରିଛି। ଦ୍ୱିତୀୟାର୍ଦ୍ଧରେ ମାତ୍ର ୬ ମିନିଟ୍ ମଧ୍ୟରେ ଅଲିମ୍ପିଆକୋସ ତରଫରୁ ୩ଟି ଯାକ ଗୋଲ ସ୍କୋର କରାଯାଇଥିଲା। ଦଳ ତରଫରୁ କ୍ରିଷ୍ଟୋସ ମୌଜାକିଟିସ୍ ୬୦ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ, ୬୧ତମ ମିନିଟ୍‌ରେ ଆଣ୍ଟୋନିସ ପାପାକେନେଲୋସ ଓ ୬୬ତମ ମିନିଟ୍‌ରେ ଥେଓଫାନିସ ବାକୋଉଲାସ୍ ଗୋଲ ସ୍କୋର କରିଥିଲେ। ନିର୍ଣ୍ଣାୟକ ମୁକାବିଲାରେ ମିଲାନ ଖେଳାଳି ଗୋଟିଏ ହେଲେ ବି ଗୋଲ ଦେଇପାରି ନଥିଲେ। ମିଲାନ କିନ୍ତୁ ଏହି ମ୍ୟାଚ୍‌ରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲା। ମିଲାନ ଅଧିକ ସମୟ ବଲ ନିଜ ଅକ୍ତିଆରରେ ରଖିବା ସହ ପାସପାସ୍ ଆକ୍ୟୁରେସି, ସଟ୍ ଓ ସଟ୍ ଅନ୍ ଟାର୍ଗେଟରେ ଯଥେଷ୍ଟ ଆଗରେ ରହିଥିଲା। କିନ୍ତୁ ଦଳକୁ ଭାଗ୍ୟ ଦେବୀ ସହାୟ ହୋଇ ନଥିଲେ। ଏହି ଲିଗ୍‌ରେ ବାର୍ସିଲୋନ ଓ ଚେଲସି ୨ଟି ଲେଖାଏ ଟାଇଟଲ ଜିତି ସଫଳତମ ଦଳ ବିବେଚିତ ହେଉଛନ୍ତି। ୨୦୧୩ରେ ଅର୍ଥାତ୍ ୧୧ ବର୍ଷ ତଳେ ପ୍ରଥମଥର ପାଇଁ ଏହି ଲିଗ୍ ଆରମ୍ଭ ହୋଇଥିଲା।

**ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଓ ଚେସ୍ ଦଳ**

# ଭାରତୀୟ ଦଳରେ ଓଡ଼ିଶାରୁ ୮ ଖେଳାଳି



**ଭୁବନେଶ୍ୱର, ୨୩।୪ (ସମିସ):** ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାସଂଘ (ଏଫ୍‌ଆଇଏସ୍‌ୟୁ) ଆନୁକୂଲ୍ୟରେ ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ ୭ ଚାମ୍ପିଅନସିପ୍ ଓ ଚେସ୍ ଚାମ୍ପିଅନସିପ୍ ଖେଳାଯିବ। ଜୁନ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଫ୍ରାନ୍ସରେ ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଓ ଜୁନ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଚେସ୍ ଚାମ୍ପିଅନସିପ୍ ହେବ। ଏଥିଲାଗି ମଙ୍ଗଳବାର ଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଓ ଚେସ୍ ଦଳ ଘୋଷଣା କରାଯାଇଛି। ଉଭୟ ଦଳରେ ଓଡ଼ିଶାରୁ ୮ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଯେଉଁଥିରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ୭ଜଣ ଖେଳାଳି ରହିଛନ୍ତି।

ଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଦଳ ପ୍ରଥମଥର ଲାଗି ଏହି ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛି। ଭାରତୀୟ ମହିଳା ରଗ୍‌ବୀ ଦଳରେ କିଟ୍‌ର ନିର୍ମାଲ୍ୟ ରାଉତ ଓ କିସ୍‌ର ଦୁମୁଣୀ ମାର୍ଣ୍ଡି ଏବଂ ପୁରୁଷ ଦଳରେ କିଟ୍‌ର ମନୋଜ କୁମାର ସିଂ, ବିନୋଦ ମାରାଣ୍ଡି, ସାଲେ ମାଝି ଓ କିସ୍‌ର ଯୁଗଳ କିଶୋର ମାଝି ସ୍ଥାନ ପାଇଛନ୍ତି। ରିଜର୍ଭ ଦଳରେ କିଟ୍‌ର ତରୁଲତା ନାଏକ ଓ ରଞ୍ଜିତା ନାୟକ ଏବଂ କିସ୍‌ର ମକରନ୍ଦ ପ୍ରଧାନ ଓ ଫନିନ୍ଦ୍ର ଭୋଇ ରହିଛନ୍ତି। ଅପରପକ୍ଷରେ ଚେସ୍ ଲାଗି ଘୋଷିତ ଭାରତୀୟ ବିଶ୍ୱବିଦ୍ୟାଳୟ ମହିଳା ଦଳରେ କିସ୍‌ର ଜୁନୁ ବିରୁଆ ରହିଛନ୍ତି। ସେହିଭଳି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ମହିଳା ଖେଳାଳି ସାଇନା ସାଲୋନିକା ମଧ୍ୟ ସ୍ଥାନ ପାଇଛନ୍ତି। ଏହି ଉଭୟ ପ୍ରତିଯୋଗିତା ଲାଗି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୧୮ରୁ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଚେସ୍ ଚୟନ ଶିବିରରେ ଆଇଏସ୍ ଶେଖର ଚନ୍ଦ୍ର ସାହୁ, ଫିଡେ ପ୍ରଶିକ୍ଷକ ରଞ୍ଜନ ମହାନ୍ତି, ଅପରାଜିତା ଗୋଚ୍ଛିକର ଏବଂ ରଗ୍‌ବୀ ପାଇଁ ବିଜୟଲକ୍ଷ୍ମୀ ବାରିକ ଓ ଗଗନେନ୍ଦୁ ଦାଶ ଚୟନ କମିଟିରେ ରହିଥିଲେ। ଏହି ଅବସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

**ଆଇପିଏଲ୍‌ରେ ଚହଲଙ୍କ ୱିକେଟ୍ ଶିକାର**

# ବିଜୟ ପ୍ରଥମ; ନବି ୨୦୦ତମ



**ଜୟପୁର, ୨୩।୪ (ଏଜେନ୍ସି)**

ବିଶ୍ୱର ପ୍ରଥମ ବୋଲର ଭାବେ ଯୁଜବେନ୍ଦ୍ର ଚହଲ ଆଇପିଏଲ୍‌ରେ ୨୦୦ ୱିକେଟ ଅକ୍ତିଆର କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଚଳିତ ଆଇପିଏଲ୍-୧୭ରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସର ମହମ୍ମଦ ନବୀଙ୍କୁ ଫଲୋ ଥ୍ରୁ'ରେ କ୍ୟାଚ୍ ଆଉଟ୍ କରି ରାଜସ୍ଥାନ ରୟାଲ୍ସର ଏହି ଲେଗ୍ ସ୍ପିନର ୨୦୦ ୱିକେଟ୍ ମାଇଲଖୁଣ୍ଟ ଛୁଇଁଛନ୍ତି। ୧୫୩ତମ ମ୍ୟାଚ ଖେଳୁଥିବାବେଳେ ଚହଲ ଏହି ସଫଳତା ପାଇଛନ୍ତି।

ଚହଲ ୨୦୧୪ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳି ଆଇପିଏଲ୍ ପଦାର୍ପଣ କରିଥିଲେ। ସେ ସମୟରେ ଦିଲ୍ଲୀ ଡେୟାରଡେଭିଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମୁରଲୀ ବିଜୟଙ୍କୁ ଆଉଟ୍ କରି ଚହଲ ଆଇପିଏଲ୍‌ରେ ତାଙ୍କ ୱିକେଟ୍ ଖାତା ଖୋଲିଥିଲେ। ଏହାପରେ ୨୦୧୬ରେ କିଙ୍ଗସ ଇଲେଭେନ ବ୍ୟାଟର୍ କାଏଲ୍ ଆବଟଙ୍କୁ ଆଉଟ୍ କରି ସେ ଆଇପିଏଲ୍‌ରେ ୫୦ତମ ୱିକେଟ୍ ପୂରଣ କରିଥିଲେ। ଚହଲଙ୍କ ୧୦୦ତମ ଶିକାର ଥିଲେ ୟୁସୁଫ ପଠାନ। ୨୦୧୯ରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳୁଥିବାବେଳେ ଚହଲଙ୍କ ଶିକାର ବନିଥିଲେ ପଠାନ। ଏହାପରେ ଚହଲ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ ପକ୍ଷରୁ ଖେଳୁଥିବାବେଳେ ୧୫୦ତମ ଓ ୨୦୦ତମ ୱିକେଟ୍ ସଫଳତା ପାଇଛନ୍ତି। ୨୦୨୨ରେ ଲକ୍ଷ୍ନୌର ଦୁଷ୍ମନ୍ତ ଚାମିରା ଓ ଚଳିତ ବର୍ଷ ମୁମ୍ବାଇ ଇଣ୍ଡିଆନ୍ସର ମହମ୍ମଦ ନବୀ ଯଥାକ୍ରମେ ଚହଲଙ୍କ ଦେଢ଼ଶହତମ ଓ ୨୦୦ତମ ଶିକାର ବନିଥିଲେ।

### ଆର୍‌ପି ସିଂଙ୍କଠାରୁ ଚହଲଙ୍କ ପର୍ଯ୍ୟନ୍ତ

୨୦୦୮ରେ ଆଇପିଏଲ୍ ପ୍ରଥମ ସଂସ୍କରଣ ଖେଳାଯାଇଥିଲା। ଏହାର ଦୁଇବର୍ଷ ପରେ ଲିଗ୍ ଇତିହାସର ପ୍ରଥମ ବୋଲର ଭାବେ ରୁଦ୍ରପ୍ରତାପ (ଆର୍‌ପି) ସିଂ ୫୦ତମ ୱିକେଟ୍ ସଫଳତା ପାଇଥିଲେ। ସେହିଭଳି ଆଇପିଏଲ୍‌ର ପ୍ରଥମ ବୋଲର ଭାବେ ଲସିଥ୍ ମାଲିଙ୍ଗା ୧୦୦ତମ ଓ ୧୫୦ତମ ୱିକେଟ୍ ଅକ୍ତିଆର କରିଥିଲେ। ଏବେ ଚହଲ ବିଶ୍ୱର ପ୍ରଥମ ବୋଲର ଭାବେ ଆଇପିଏଲ୍‌ରେ ୨୦୦ତମ ୱିକେଟ୍ ନେବାର ସୌଭାଗ୍ୟ ଲାଭ କରିଛନ୍ତି।

**● ଏଆଇଏଫ୍‌ଏଫ୍ ପରୀକ୍ଷା**

# ଓଡ଼ିଶାର ୩ ରେଫରୀଙ୍କ କୃତୀତ୍ୱ



ଦେବରାଜ ସ୍ୱାଇଁ



ଜିତେନ୍ଦ୍ରିୟ ଥାନପତି



ଉତ୍କଳମଣି ବେହେରା

**କଟକ,୨୩।୪(ସମିସ):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଗ୍ୱାଲିୟରରେ ଏପ୍ରିଲ ୧୫ରୁ ୧୭ ପର୍ଯ୍ୟନ୍ତ ଜାତୀୟ ରେଫରୀ ପଦୋନ୍ନତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କେବଳ ଥିଓରୀ ଏବଂ ଫିଟନେସ ପାଇଁ ହୋଇଥିବା ଏହି ପରୀକ୍ଷାରେ ଓଡ଼ିଶାର ୩ଜଣ ଆସିଷ୍ଟାଣ୍ଟ ରେଫରୀ ଭାଗ ନେଇଥିଲେ। ସେମାନେ ହେଲେ ସୋନପୁରର ଜିତେନ୍ଦ୍ରିୟ ଥାନପତି, ମୟୂରଭଞ୍ଜର ଉତ୍କଳମଣି ବେହେରା ଏବଂ ଢେଙ୍କାନାଳର ଦେବରାଜ ସ୍ୱାଇଁ। ଏହି ତିନି ରେଫରୀ କୃତକାର୍ଯ୍ୟ ହୋଇଛନ୍ତି। ଆଗାମୀ ଦିନରେ ଏମାନଙ୍କର ପ୍ରାକ୍ଟିକାଲ ଏବଂ ମୌଖିକ ପରୀକ୍ଷା କରାଯିବ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ମୁଖ୍ୟ ରେଫରୀ ଦୁର୍ଗାମାଧବ ନାୟକ ଏହି ୩ କୃତୀ ରେଫରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କ୍ରୀଡ଼ା


ସକାଳ
www.sakalaepaper.com


### ଆଇଏସ୍ଏଲ୍ ସେମିଫାଇନାଲ

# ପ୍ରଥମ ଲେଗ୍ ଜିତିଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୨୩।୪(ସମିସ)



ମୁଖ୍ୟ ପ୍ରଶିକ୍ଷକ ସର୍ଜିଓ ଲୋବେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ୧୦ମ ସଂସ୍କରଣରେ ଚମତ୍କାର ପ୍ରଦର୍ଶନ କରିଛି। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ପ୍ରଥମ ଲେଗ୍ ମୁକାବିଲାରେ ଓଡ଼ିଶା ୨-୧ ଗୋଲରେ ଲିଗ୍ ଶିଲ୍ଡ ବିଜେତା ମୋହନ ବାଗାନ ସୁପର ଜାଏଣ୍ଟସକୁ ପରାସ୍ତ କରିଛି। ଆସନ୍ତା ୨୮ ତାରିଖ ରବିବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ସେମିଫାଇନାଲରେ ଦ୍ୱିତୀୟ ଲେଗ୍ ମୁକାବିଲା ଖେଳାଯିବ। ଏବେ ଫାଇନାଲ ଟିକଟ ହାସଲ କରିବାକୁ ହେଲେ ଓଡ଼ିଶାକୁ ଏହି ନିର୍ଣ୍ଣାୟକ ମ୍ୟାଚ୍‌କୁ ଅତିକମ୍‌ରେ ଅମୀମାଂସିତ ରଖିବାକୁ ହେବ। ଏହା ହେଲେ ଏଗ୍ରିଗେଟରେ ଓଡ଼ିଶା ଅଗ୍ରଣୀ ହୋଇ ପ୍ରଥମଥର ପାଇଁ ଆଇଏସ୍ଏଲ୍ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିବ। ଦଳର ପ୍ରଦର୍ଶନରେ ଲୋବେରା ଖୁସି ଜାହିର କରିଛନ୍ତି।

ଏହି ବିଜୟ ସହ ଘରୋଇ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ତା'ର ଅପରାଜେୟଧାରକୁ ବଜାୟ ରଖିବାରେ ସଫଳ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ପ୍ରଥମାର୍ଦ୍ଧରେ ୩ଟି ଯାକ ଗୋଲ ସ୍କୋର ହୋଇଥିଲା। ତୃତୀୟ ମିନିଟ୍‌ରେ ମନବୀର ସିଂ ଗୋଲ ଦେଇ ଭ୍ରମଣକାରୀ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୧୧ତମ ମିନିଟ୍‌ରେ କାର୍ଲୋସ ଡେଲଗାଡୋ ଓ ୩୯ତମ ମିନିଟ୍‌ରେ ରଏ କ୍ରିଷ୍ଣା ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଥିଲେ। ଦ୍ୱିତୀୟାର୍ଦ୍ଧରେ ଜବରଦସ୍ତ ସଂଘର୍ଷ ଓ ରୋମାଞ୍ଚ ଦେଖାଦେଇଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନଥିଲା। ଫଳରେ ଶେଷରେ ଓଡ଼ିଶା ବାଜି ମାରିଥିଲା। ଦ୍ୱିତୀୟାର୍ଦ୍ଧରେ ୬୭ତମ ମିନିଟ୍‌ରେ ଅର୍ମାଣ୍ଡୋ ସାଦିକୁ ଓ ୭୪ତମ ମିନିଟ୍‌ରେ ଓଡ଼ିଶାର ଡେଲଗାଡୋଙ୍କୁ ବିଶୃଙ୍ଖଳିତ ଆଚରଣ ଯୋଗୁ ରେଫରି ରେଡ୍ କାର୍ଡ ଦେଖାଇଥିଲେ। ଫଳରେ ଦୁଇ ଦଳ ୧୦ ଜଣ ଖେଳାଳିଙ୍କୁ ନେଇ ସଂଘର୍ଷ କରିଥିଲେ। ମ୍ୟାଚ୍‌ର ୫୯ତମ ମିନିଟ୍‌ରେ ମୋହନ ବାଗାନକୁ ୬୫ତମ ମିନିଟ୍‌ରେ ଓଡ଼ିଶାକୁ ଗୋଲ ସୁଯୋଗ ମିଳିଥିଲେ ମଧ୍ୟ ଗୋଲ ସ୍କୋର ହୋଇପାରି ନଥିଲା। ଇଞ୍ଜୁରି ଟାଇମ ବାବଦରେ ଅଧିକ ଷଷ୍ଠ ମିନିଟ୍ ଖେଳ ହୋଇଥିଲେ ମଧ୍ୟ ଫଳାଫଳ ପ୍ରଭାବିତ ହୋଇ ନଥିଲା।

## ମୋହନ ବାଗାନ ୧-୨ ଗୋଲ୍‌ରେ ପରାସ୍ତ
## ରବିବାର ଖେଳାଯିବ ଦ୍ୱିତୀୟ ଲେଗ୍

ମୋହନ ବାଗାନ କିନ୍ତୁ ସାରା ମ୍ୟାଚ୍‌ରେ କଳାତ୍ମକ ଖେଳ ପ୍ରଦର୍ଶନ କରି ବଲ୍‌କୁ ନିଜ ଅକ୍ତିଆରରେ ବେଶି ସମୟ ରଖିଥିଲା। ପାସ୍ ଦେବାରେ ଓ ନିର୍ଭୁଲ ପାସରେ ଓଡ଼ିଶା ପଛରେ ରହିଥିଲା। ସଟ୍ ଓ ଗୋଲ ପୋଷ୍ଟକୁ ସଟ୍ ମାରିବାରେ ମୋହନ ବାଗାନ ସାମାନ୍ୟ ଆଗରେ ରହିଥିଲା। ଉଭୟ ଦଳ ମିଳିଥିବା ସୁଯୋଗର ସଦ୍ ବ୍ୟବହାର କରିପାରିଥିଲେ ଫଳାଫଳ ଅଲଗା ହୋଇଥାନ୍ତା। ଘରୋଇ ଦର୍ଶକଙ୍କ ସମର୍ଥନ ଓଡ଼ିଶା ଖେଳାଳିଙ୍କୁ ଉତ୍ସାହିତ କରିଥିଲା।

### ପ୍ରଥମାର୍ଦ୍ଧରେ ୩ଟି ଯାକ ଗୋଲ

ଏହି ନିର୍ଣ୍ଣାୟକ ମ୍ୟାଚ୍‌ର ଆରମ୍ଭରୁ ନାଟକୀୟ ସ୍ଥିତି ଦେଖିବାକୁ ମିଳିଥିଲା। ପ୍ରଥମାର୍ଦ୍ଧରେ ୩ଟି ଗୋଲ ସ୍କୋର ହୋଇଥିଲା। ଘରୋଇ ପରିବେଶର ଫାଇଦା ଉଠାଇ ଓଡ଼ିଶା ଦୁଇଟି ଗୋଲ ଦେଇଥିଲା। କିନ୍ତୁ ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ମୋହନ ବାଗାନ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ଗୋଟିଏ ଗୋଲ ପଛରେ ପଡିଥିଲେ ମଧ୍ୟ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେବା ସହ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ପଞ୍ଜାବ ଜନ୍ମିତ ଅଗ୍ରଭାଗ ଖେଳାଳି ୨୮ ବର୍ଷୀୟ ମନବୀର ସିଂ ଫ୍ରି ହେଡର ମାଧ୍ୟମରେ ଏକ ଚମତ୍କାର ଗୋଲ ଦେଇ ମୋହନ ବାଗାନକୁ ଅଗ୍ରଣୀ କରାଇଥିଲେ। ଏହାପରେ ୧୧ତମ ମିନିଟ୍‌ରେ ସ୍ପେନର ୩୪ ବର୍ଷୀୟ ସେଣ୍ଟର ବ୍ୟାକ କାର୍ଲୋସ୍ ଡେଲଗାଡୋ କର୍ଣ୍ଣର କିକ୍ ମାଧ୍ୟମରେ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ୧୯ତମ ମିନିଟ୍‌ରେ ଓଡ଼ିଶା ଆଉ ଏକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇପାରି ନଥିଲା। ତାରକା ଷ୍ଟ୍ରାଇକର ରଏ କ୍ରିଷ୍ଣାଙ୍କ ସଟ୍‌କୁ ଅନୱର ଅଲି ଅଟକାଇବା ସହ ଗୋଲ ପ୍ରୟାସକୁ ପଣ୍ଡ କରିଥିଲେ। ୩୪ତମ ମିନିଟ୍‌ରେ ମୋହନ ବାଗାନର ଡିମିଟ୍ରି ପେଟ୍ରଟୋସ କର୍ଣ୍ଣର କିକ୍ ଜରିଆରେ ଦମ୍‌ଦାର ସଟ୍ ମାରିଥିଲେ। ତେବେ ଓଡ଼ିଶା ଗୋଲରକ୍ଷକ ଅମରିନ୍ଦର ସିଂ ତାହାଙ୍କୁ ଅଟକାଇବାରେ ସଫଳ ହୋଇଥିଲେ। ଶେଷରେ ୩୯ତମ ମିନିଟ୍‌ରେ କ୍ରିଷ୍ଣା ଏକ ଫିଲ୍ଡ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। କ୍ରିଷ୍ଣା ହେକ୍ଟର ୟୁସ୍ତେ ଓ ଗୋଲରକ୍ଷକ ବିଶାଲ କାଇଥଙ୍କୁ ଚକ୍‌ମା ଦେଇ ଗୋଲ ଦେବାରେ ସଫଳ ହୋଇଥିଲେ। ପ୍ରଥମାର୍ଦ୍ଧରେ ଇଞ୍ଜୁରି ଟାଇମ ବାବଦରେ ୫ ମିନିଟ୍ ଅଧିକ ଖେଳ ହୋଇଥିଲା।

### ରଏ କ୍ରିଷ୍ଣାଙ୍କ ରେକର୍ଡ

ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଓଡ଼ିଶା ତାରକା ଅଗ୍ରଭାଗ ଖେଳାଳି ତଥା ୩୬ ବର୍ଷୀୟ ଫିଜି ଫୁଟବଲର ରଏ କ୍ରିଷ୍ଣା ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ଦଳ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିବା ସହ ସେ ଓଡ଼ିଶା ପାଇଁ ଗୋଟିଏ ସେସନରେ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ସେ ଚଳିତ ସଂସ୍କରଣରେ ମୋଟ୍



ଉପରେ ୧୩ଟି ଗୋଲ ସ୍କୋର କରିଛନ୍ତି। ଏଥିସହ ସେ କେରଳ ବ୍ଲାଷ୍ଟର୍ସ ଷ୍ଟ୍ରାଇକର ଡିମିଟ୍ରିଅସ୍ ଡିଆମାଣ୍ଟୋକୋସ୍‌ଙ୍କ ସହ ସମକକ୍ଷ ହୋଇ ଗୋଲ୍ଡେନ ବୁଟ୍ ପୁରସ୍କାର ଦୌଡ଼ରେ ଆଗରେ ରହିଛନ୍ତି। ପୂର୍ବରୁ କ୍ରିଷ୍ଣା ୨୦୨୦-୨୧, ୨୦୨୨-୨୩ ସଂସ୍କରଣରେ ମଧ୍ୟ ଏହି ସଫଳତା ପାଇଥିଲେ। ଓଡ଼ିଶାର ଅନ୍ୟତମ ଖେଳାଳି ଡିଏଗୋ ମୌରିସିଓ ୧୧ଟି ଗୋଲ ସ୍କୋର କରି ଗୋଆର ନୋହ ସାଦାଓଉଇ ସହ ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ମନିକାଙ୍କୁ ହଟାଇ ଶ୍ରୀଜା ଦେଶର ଶୀର୍ଷ ମାନ୍ୟତା ଟିଟି ଖେଳାଳି

**ନୂଆଦିଲ୍ଲୀ, ୨୩।୪ (ଏଜେନ୍ସି):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ମିଶ୍ରିତ ଯୁଗଳ ଚାମ୍ପିଅନ ଶ୍ରୀଜା ଅକୁଳ ଭାରତର ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ମହିଳା ଟେବଲ୍ ଟେନିସ (ଟିଟି) ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ବିଶ୍ୱ ଟେବଲ୍ ଟେନିସର ସର୍ବୋଚ୍ଚ ସଂସ୍ଥା ଆଇଟିଟିଏଫ୍ ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଏକକ ର୍‍ୟାଙ୍କିଙ୍ଗ୍‌ରେ ଶ୍ରୀଜା



ଗୋଟିଏ ପାହାଚ ଉପରକୁ ଉଠି ୩୮ତମ ସ୍ଥାନରେ ରହିଛନ୍ତି। ୨୫ ବର୍ଷୀୟା ଶ୍ରୀଜାଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ମାନ୍ୟତା ହୋଇଛି। ସେହିଭଳି ଭାରତର ଶୀର୍ଷ ମାନ୍ୟତା ଖେଳାଳି ରହିଥିବା ମନିକା ବାତ୍ରା ସଦ୍ୟ ବିଶ୍ୱ ର୍‍ୟାଙ୍କିଙ୍ଗରେ ଦୁଇଟି ସ୍ଥାନ ତଳକୁ ଖସି ୩୯ରେ ରହିଛନ୍ତି। ଫଳରେ ର୍‍ୟାଙ୍କିଙ୍ଗ ଦୃଷ୍ଟିରୁ ଶ୍ରୀଜା ଭାରତର ଏକ ନମ୍ବର ମହିଳା ଟିଟି ଖେଳାଳି ହୋଇଛନ୍ତି।

## ଅଭୟ ଉଗାଣ୍ଡା କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ



**ନୂଆଦିଲ୍ଲୀ, ୨୩।୪ (ଏଜେନ୍ସି):** ଭାରତର ଅଭୟ ଶର୍ମା ଉଗାଣ୍ଡା କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଆଗାମୀ ୩ ବର୍ଷ ଲାଗି ଅଭୟଙ୍କୁ ଉଗାଣ୍ଡା କ୍ରିକେଟ୍ ଦଳର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଖେଳାଯିବାକୁ ଥିବା ଆଗାମୀ ଟି-୨୦ ବିଶ୍ୱକପ୍‌ରୁ ସେ ଦାୟିତ୍ୱ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ପୂର୍ବ-ଆଫ୍ରିକୀୟ ଦେଶ ଉଗାଣ୍ଡା ପ୍ରଥମଥର ଲାଗି ଟି-୨୦ ବିଶ୍ୱକପ୍‌ରେ ପଦାର୍ପଣ କରିବ। ୫୪ ବର୍ଷୀୟ ଅଭୟ ଶର୍ମା ଭାରତୀୟ ଘରୋଇ କ୍ରିକେଟ୍‌ରେ ଜଣେ ପରିଚିତ ଚେହେରା। ସେ ଦିଲ୍ଲୀ ଓ ରେଳବାଇ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ କେବେ ଭାରତୀୟ ଦଳରୁ ସୁଯୋଗ ପାଇ ନ ଥିଲେ। ମୋଟ୍ ଉପରେ ସେ ୮୯ ପ୍ରଥମ ଶ୍ରେଣୀ ଓ ୪୦ ଲିଷ୍ଟ-ଏ ମ୍ୟାଚ୍ ଖେଳି ଯଥାକ୍ରମେ ୪୧୦୫ ଓ ୭୮୦ ରନ ସଂଗ୍ରହ କରିଛନ୍ତି। ଅବସର ପରେ ଶର୍ମା ରେଳବାଇ ଦଳର ପ୍ରଶିକ୍ଷକ ଏବଂ ଭାରତ-ଏ ଓ ଭାରତୀୟ ୧୯ ବର୍ଷରୁ କମ୍ ଦଳର ଫିଲ୍ଡିଂ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ।

### ସ୍ୱାମୀ ବିବେକାନନ୍ଦ ଜାତୀୟ ଫୁଟବଲ

## ଓଡ଼ିଶାର ଦ୍ୱିତୀୟ ବିଜୟ

**କଟକ,୨୩।୪(ସମିସ):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଆନୁକୂଲ୍ୟରେ ୨୦ବର୍ଷରୁ କମ ପୁରୁଷ ସ୍ୱାମୀ ବିବେକାନନ୍ଦ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ଛତିଶଗଡର ରାମକୃଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ଚଣ୍ଡିଗଡ଼କୁ ହରାଇଥିଲା। ୨୨ତମ ମିନିଟରେ ମିଡଫିଲ୍ଡର ଅନୀଲ ଟପ୍ପୋ ଓଡ଼ିଶାର ଗୋଲ ଖାତା ଖୋଲିଥିଲେ। ଏହି ଗୋଲ ବଳରେ ଦଳ ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିଥିଲା। ଚଣ୍ଡିଗଡ଼ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ମ୍ୟାଚର ଅନ୍ତିମ କ୍ଷଣରେ ଓଡ଼ିଶା ନିମନ୍ତେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ଫରୱାର୍ଡ ଚନ୍ଦ୍ରମୋହନ ପୂର୍ତ୍ତି। ସେ ଦ୍ୱିତୀୟାର୍ଦ୍ଧ ଇଞ୍ଜୁରୀ ଟାଇମ ତଥା ୯୫ତମ ମିନିଟରେ ଏହି ଗୋଲଟି ଦେଇ ଓଡ଼ିଶାକୁ ୨-୦ରେ ଜିତାଇଥିଲେ।



## ଗୋଆ-ମୁମ୍ବାଇ ସେମି ଲେଗ୍-୧ ମୁକାବିଲା ଆଜି

ମାର୍ଗାଓ,୨୩।୪(ସମିସ)

ଆଇଏସ୍ଏଲ୍‌ରେ ଦ୍ୱିତୀୟ ସେମିଫାଇନାଲର ଲେଗ-୧ ମୁକାବିଲା ବୁଧବାର ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏଫ୍‌ସି ଗୋଆ ଓ ମୁମ୍ବାଇ ସିଟି ଏଫ୍‌ସି ପରସ୍ପରକୁ ଭେଟିବେ। ସ୍ଥାନୀୟ ଫଟୋର୍ଡା ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଗୋଆ ଘରୋଇ ପରିବେଶରୁ ଫାଇଦା ଉଠାଇ ମୁମ୍ବାଇକୁ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ୨୨ଟି ମ୍ୟାଚ୍ ଖେଳି ମୁମ୍ବାଇ ୧୪ ବିଜୟ, ୫ ଡ୍ର ଓ ୩ ପରାଜୟ ସହ ୪୭ ଅଙ୍କ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହି ସିଧାସଳଖ ସେମିକୁ ଉଠିଥିଲା। କିନ୍ତୁ ଗୋଆ ପ୍ଲେ-ଅଫ୍‌ରେ ଚେନ୍ନାଇ ଏଫ୍‌ସିକୁ ୨-୧ ଗୋଲରେ ହରାଇ ସେମିକୁ ଉଠିଥିଲା। ଗୋଆ ଗ୍ରୁପ୍ ପର୍ଯ୍ୟାୟରେ ୨୨ଟି ମ୍ୟାଚ୍ ଖେଳି ୧୩ ବିଜୟ, ୬ ଡ୍ର ଓ ୩ ପରାଜୟ ସହ ୪୫ ଅଙ୍କ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଥିଲା। ପର୍ଯ୍ୟନ୍ତ ଦୁଇ ଦଳ ପରସ୍ପରକୁ ୨୪ଟି ମୁକାବିଲାରେ ପରସ୍ପରକୁ ଭେଟିଛନ୍ତି। ଏଥିମଧ୍ୟରୁ ମୁମ୍ବାଇ ୧୦ଟିରେ ବିଜୟୀ ହୋଇଥିବା ବେଳେ ଗୋଆ ୭ଟିରେ ବାଜି ମାରିଛି। ୭ଟି ମ୍ୟାଚ୍ ଅମୀମାଂସିତ ରହିଛି। ରେକର୍ଡ, ଦକ୍ଷତା ଓ ପ୍ରଦର୍ଶନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମୁମ୍ବାଇ ପାଦେ ଆଗରେ ରହିଛି। କିନ୍ତୁ ଘରୋଇ ଦର୍ଶକଙ୍କ ସମର୍ଥନ ଗୋଆ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ଗୋଆର ନୋହ ସଦାଓଇ ଓ ମୁମ୍ବାଇର ଲାଲିଆନଜୁଆଲା ଚାଙ୍ଗତେଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ।

### ଗାଏକ୍ୱାଡଙ୍କ ଶତକ ବେକାର; ସୁପର୍ କିଙ୍ଗ୍‌ସ ପରାସ୍ତ

# ଲକ୍ଷ୍ନୌକୁ ଏକାକୀ ଜିତାଇଲେ ଷ୍ଟୋଇନିସ

ଚେନ୍ନାଇ, ୨୩।୪ (ଏଜେନ୍ସି)

ମାର୍କସ ଷ୍ଟୋଇନିସଙ୍କ ବିସ୍ଫୋରକ ଶତକ ଆଗରେ ଫିକା ପଡ଼ିଲା ଅଧିନାୟକ ଋତୁରାଜ ଗାଏକ୍ୱାଡ ଶତକ। ସ୍ଥାନୀୟ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ଚଳିତ ଆଇପିଏଲ୍‌ରେ ଖେଳାଯାଇଥିବା ଏକ ମ୍ୟାଚରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ୬ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ପରାସ୍ତ କରିଛି। ଗାଏକ୍ୱାଡ୍‌ଙ୍କ ଅପରାଜିତ ୧୦୮ ରନ ବଳରେ ଚେନ୍ନାଇ ପ୍ରଥମେ ବ୍ୟାଟିଂ କରି ୪ ୱିକେଟ୍‌ରେ ୨୧୦ ରନ କରିଥିଲା। ଜବାବରେ ଷ୍ଟୋଇନିସ ୬୩ ବଲରେ ୧୨୪ ରନର ଅପରାଜିତ ପାଳି ଖେଳି ଲକ୍ଷ୍ନୌକୁ ଏକାକୀ ଜିତାଇଥିଲେ। ଫଳରେ ଚଳିତ ସିଜନରେ ଚେନ୍ନାଇ ବିପକ୍ଷରେ ଲକ୍ଷ୍ନୌ ୨ୟ ବିଜୟ ହାସଲ କରିଛି। ଗତ ୧୯ରେ ଅନୁଷ୍ଠିତ ମ୍ୟାଚରେ ଲକ୍ଷ୍ନୌ ୮ ୱିକେଟ୍‌ରେ ସୁପର୍ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଏଥିସହ ୮ମ ମ୍ୟାଚରୁ ୫ମ ବିଜୟ ହାସଲ କରି ୧୦ ପଏଣ୍ଟ ସହ ଲକ୍ଷ୍ନୌ ୪ର୍ଥ ସ୍ଥାନକୁ ଉଠିଛି।

୨୧୧ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଲକ୍ଷ୍ନୌ ପ୍ରାରମ୍ଭରୁ ୩୩ ରନ ମଧ୍ୟରେ କ୍ୱିଣ୍ଟିନ ଡି କକ୍ (୦) ଓ ଅଧିନାୟକ ଲୋକେଶ ରାହୁଲ (୧୬ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ଷ୍ଟୋଇନିସ ଏକ ବିଧ୍ୱଂସୀ ଶତକୀୟ ପାଳି ଖେଳି ଚେନ୍ନାଇ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ସେ ୧୨୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ୩ଟି ବଲ୍ ପୂର୍ବରୁ ୪ ୱିକେଟ୍‌ରେ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଶେଷ ଓଭରରେ ବିଜୟ ଲାଗି ୧୭ ରନ ଆବଶ୍ୟକ ହେଉଥିବାବେଳେ ମୁସ୍ତାଫିଜୁର ରେହମାନଙ୍କ ପ୍ରଥମ ୩ଟି ବଲ୍ (୬, ୪, ନୋବଲ୍ ୪, ୪)ରୁ ଷ୍ଟୋଇନିସ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲେ। ୬୩ ବଲର ପାଳିରେ ଷ୍ଟୋଇନିସ ୧୩ଟି ଚୌକା ଓ ୬ ଛକା ମାରିଥିଲେ। ଆଇପିଏଲ୍‌ରେ ଏହା ତାଙ୍କର ପ୍ରଥମ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବଦତ୍ତ ପାଡିକଲ୍ ୧୩, ନିକୋଲାସ ପୁରନ ୧୫ ବଲରେ ୩୪ ରନ କରିଥିଲେ। ସେହିଭଳି ଦୀପକ ହୁଡା ୬ ବଲରେ ଅପରାଜିତ ୧୭ ରନର ଉପଯୋଗୀ ପାଳି ଖେଳିଥିଲେ। ବୋଲିଂରେ ଘରୋଇ ଚେନ୍ନାଇ ପକ୍ଷରୁ ମଥିସା ପତିରାଣାଙ୍କୁ ୨ଟି ୱିକେଟ୍ ମିଳିଥିଲା।







### ଚତୁର୍ଥ ୱିକେଟ୍‌ରେ ୧୦୪ ରନ୍

ପୂର୍ବରୁ ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ସୁପର୍ କିଙ୍ଗ୍‌ସ ପ୍ରଥମ ଓଭରରେ ଅଜିଙ୍କ୍ୟା ରାହାଣେ (୧ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅନ୍ୟତମ ଓପନର୍ ତଥା ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ଅପରାଜିତ ଶତକ ସହାୟତାରେ ୪ ୱିକେଟ୍‌ରେ ୨୧୦ ରନର ଏକ ଚ୍ୟାଲେଞ୍ଜିଂ ସ୍କୋର କରିପାରିଥିଲା। ଗାଏକ୍ୱାଡ ୬୦ ବଲରୁ ୧୨ ଚୌକା ଓ ୩ ଛକା ସହାୟତାରେ ୧୦୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଆଇପିଏଲ୍‌ରେ ଏହା ତାଙ୍କର ୨ୟ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଭମ ଦୁବେ ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ବ୍ୟାଟିଂକ୍ରମର ୫ମ ସ୍ଥାନରେ ଆସିଥିବା ଦୁବେ ୨୭ ବଲରୁ ୬୬ ରନର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଯେଉଁଥିରେ ସେ ୭ଟି ବିଶାଳ ଛକା ଓ ୩ଟି ଚୌକା ମାରିଥିଲେ। ୧୯.୪ ଓଭରରେ ଆଉଟ୍ ହେବା ପୂର୍ବରୁ ଦୁବେ ୪ର୍ଥ ୱିକେଟ୍‌ରେ ଗାଏକ୍ୱାଡଙ୍କ ସହ ୧୦୪ ରନ ଭାଗୀଦାରି ଗଢ଼ି ଦଳୀୟ ସ୍କୋରକୁ ୨୦୦ ରନ ଅତିକ୍ରମ କରାଇବାରେ ସହାୟକ ହୋଇଥିଲେ। ପାଳିର ଶେଷ ବଲ୍ ଖେଳିଥିବା ମହେନ୍ଦ୍ର ସିଂ ଧୋନି ଚୌକା ମାରିବା ଫଳରେ ଚେନ୍ନାଇ ୪ ୱିକେଟ୍‌ରେ ୨୧୦ ରନର ଏକ ବଡ଼ ସ୍କୋର ଠିଆ କରିଥିଲା। ଚେନ୍ନାଇ ଏଥିସହ ପୁରୁଷ ଟି-୨୦ କ୍ରିକେଟ୍ ଇତିହାସରେ ସର୍ବାଧିକ ୩୪ ଥର ୨୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବାରେ କାଉଣ୍ଟି କ୍ରିକେଟ୍ କ୍ଲବ ସମରସେଟ୍ ସହ ସମକକ୍ଷ ହୋଇଛି।

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା | ୭ | ୫ | ୨ | ୧୦ | +୧.୨୦୬ |
| ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| ଲକ୍ଷ୍ନୌ | ୮ | ୫ | ୩ | ୧୦ | +୦.୧୪୮ |
| ଚେନ୍ନାଇ | ୮ | ୪ | ୪ | ୮ | +୦.୪୧୫ |
| ଗୁଜରାଟ | ୮ | ୪ | ୪ | ୮ | -୧.୦୫୫ |
| ମୁମ୍ବାଇ | ୮ | ୩ | ୫ | ୬ | -୦.୨୨୭ |
| ଦିଲ୍ଲୀ | ୮ | ୩ | ୫ | ୬ | -୦.୪୭୭ |
| ପଞ୍ଜାବ | ୮ | ୨ | ୬ | ୪ | -୦.୨୯୨ |
| ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.୦୪୬ |

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ଦିଲ୍ଲୀ- ଗୁଜରାଟ**

ସ୍ଥାନ- ଦିଲ୍ଲୀ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

### ୩ ଘଣ୍ଟା ନାଁରେ ୫ ଘଣ୍ଟା ବିଦ୍ୟୁତ କାଟ୍

# ଟିପିଡବ୍ଲ୍ୟୁଓଡିଏଲ୍‌ର ଇଏ କି ଗୁଣାତ୍ମକ ବିଦ୍ୟୁତ୍ ସେବା

**ବୁର୍ଲା, ୨୩।୪(ସମିସ)**

ଅଇଁଠାପାଲି ନିକଟବର୍ତ୍ତୀ ୩୩କେଭି ଫିଡର୍‌ର ରକ୍ଷଣାବେକ୍ଷଣ ଏବଂ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଆଜି ୩ ଘଣ୍ଟା ବିଦ୍ୟୁତ୍ କାଟ ହେବ ବୋଲି ଟିପିଡବ୍ଲ୍ୟୁଓଡିଏଲ ପୂର୍ବରୁ ଘୋଷଣା କରିଥିଲା। ସକାଳ ୫ଟାରୁ ୮ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେବ ବୋଲି ପ୍ରେସ୍‌ରିଲିଜ ଜରିଆରେ ସୂଚନା ଦିଆଯାଇଥିଲା। ପୂର୍ବ ଘୋଷଣା ମୁତାବକ ସକାଳ ୫ଟାରେ ବିଦ୍ୟୁତ୍ କାଟ କରାଗଲା। ହେଲେ ସକାଳ ୮ଟାରେ ବିଦ୍ୟୁତ ସଂଯୋଗ କରାଗଲା ନାହିଁ। ସକାଳ ୧୦ଟା ପରେ ବିଦ୍ୟୁତ ସଂଯୋଗ କରାଯାଇଥିଲା। ଏଠି ପ୍ରଶ୍ନ ଉଠୁଛି ୩ ଘଣ୍ଟା କହି ୫ ଘଣ୍ଟା ବିଦ୍ୟୁତ କରିବା ଗୁଣାତ୍ମକ ବିଦ୍ୟୁତ ସେବା କି? କେଉଁଠି ଟ୍ରାନ୍ସଫରମର ପୋଡ଼ିଗଲେ ସେଠି ଭ୍ରାମ୍ୟମାଣ ଟ୍ରାନ୍ସଫରମର ସାହାଯ୍ୟରେ ବିଦ୍ୟୁତ ସେବା ଯୋଗାଇଲେ ଟିପିଡବ୍ଲ୍ୟୁଓଡିଏଲ ବାହାବାଃ ନେଉଛି। ଟ୍ରାନ୍ସଫରମର ପୋଡ଼ିଗଲେ ଯେନତେଣ ପ୍ରକାରେଣ ବିଦ୍ୟୁତ ସେବା ଯୋଗାଇବା ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତବ୍ୟ। ଏଥିରେ ବାହାବାଃ ନେଇ ପ୍ରେସ ବିବୃତି ଦେବାର ଯଥାର୍ଥତା ବୁଝାପଡୁନି। ଅନ୍ୟପକ୍ଷରେ ୩ ଘଣ୍ଟା କହି ୫ ଘଣ୍ଟା ବିଦ୍ୟୁତ କାଟ କରିବା ଉପରେ ମଧ୍ୟ ଟିପିଡବ୍ଲ୍ୟୁଓଡିଏଲ ପ୍ରେସ ବିବୃତି ରଖିବାର ଆବଶ୍ୟକତା ରହିଛି ବୋଲି ସମ୍ବଲପୁର ଜନସାଧାରଣ ପ୍ରଶ୍ନ କରୁଛନ୍ତି। ସୂଚନା ଅନୁସାରେ ସମ୍ବଲପୁର ସହର ଅନ୍ତର୍ଗତ ଅଇଁଠାପାଲି, କାଇଁସିର୍, ଭାଲୁପାଲି, ବୁଢାରଜା, ଜଗନ୍ନାଥ କଲୋନୀ, ଗୁଜୁରାଟୀ କଲୋନୀ, ଲକ୍ଷ୍ମଟକିଜ୍, ପୋଲିସ୍ ଲାଇନ୍, ଫାଟକ, ଚେରୁଆପଡ଼ା, ବଲବସପୁର, ସମଲେଇଶ୍ୱରୀ ମନ୍ଦିର ଅଞ୍ଚଳ, ବାଲିବନ୍ଧା, ପଟ୍ଟନାୟକପଡ଼ା, ମୁଦିପଡ଼ା, ନନ୍ଦପଡ଼ା, ଏସ୍‌ଆରଆଇଟି, ଫାର୍ମ ରୋଡ଼, ଡିଏଚ୍‌ଏଚ୍ ସମ୍ବଲପୁର, ଲେବର କଲୋନୀ, ରେଲୱେ କଲୋନୀ, ସରକାରୀ ବସଷ୍ଟାଣ୍ଡ, ବଙ୍ଗାଳିପଡ଼ା, ବଡ଼ବଜାର, ଲକ୍ଷ୍ମୀଡୁଙ୍ଗୁରୀ, ଦୁର୍ଗାପାଲି, କାନିଝୁରି, ସହଯୋଗ ନଗର, ରେମେଡ଼, ବରେଇପାଲି ଏବଂ କ୍ଷେତ୍ରରାଜପୁର ଆଦି ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଆଜି ୩ଘଣ୍ଟା ବଦଳରେ ୫ଘଣ୍ଟା ବିଦ୍ୟୁତ୍ କାଟ୍ ହୋଇଥିବା ଅଭିଯୋଗ ହୋଇଛି।

## ସହରର ମୁଖ୍ୟ ଚର୍ଚ୍ଚା

# ଆଇଆଇଏମ୍ ନିର୍ଦ୍ଦେଶକଙ୍କୁ ୨ଲକ୍ଷ ଟଙ୍କା ବଟି ଦାବି!

**ସମ୍ବଲପୁର, ୨୩।୪(ସମିସ):** ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ମହାଦେବ ଜୟସୱାଲଙ୍କୁ ୨ଲକ୍ଷ ଟଙ୍କା ବଟି ମାଗୁଥିବା ଘଟଣା ସହରରେ ଆଜି ଚର୍ଚ୍ଚାର ବିଷୟ ହୋଇଛି। ଏକ ରାଜନୈତିକ ଦଳର ଛତ୍ରଛାୟା ତଳେ ଥିବା ଏକ ଛାତ୍ର ସଂଗଠନର କର୍ମକର୍ତ୍ତା ଏହି ଟଙ୍କା ଦାବି କରୁଥିବା ନେଇ ଆଲୋଚନା ହେଉଛି। ନିର୍ଦ୍ଦେଶକ ଜୟସୱାଲ ଏହି ଘଟଣା ପରେ ମାନସିକ ରୂପରେ ଭାଙ୍ଗିପଡ଼ିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଘଟଣା ବିଷୟରେ ସେ ସ୍ଥାନୀୟ ପୁଲିସ ପାଖରେ ଅଭିଯୋଗ କରିବାକୁ ମଧ୍ୟ ବାହାରିଥିଲେ, ହେଲେ କୌଣସି କାରଣରୁ ଯାଇ ନଥିଲେ। ମିଳିଥିବା ସୂଚନା ମୁତାବକ ରାଜନୀତି ଦଳର ଛତ୍ରଛାୟାରେ ଥିବା ଛାତ୍ର ସଂଗଠନ ଏକ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛି। ସଂଗଠନର କେତେକ କର୍ମକର୍ତ୍ତା ଆଇଆଇଏମ ନିର୍ଦ୍ଦେଶକ ଜୟସୱାଲଙ୍କୁ ସମ୍ମିଳନୀ କକ୍ଷ ଦେବାକୁ କହିଥିଲେ। ହେଲେ ନିର୍ଦ୍ଦେଶକ ଜୟସୱାଲ ଏବେ ନିର୍ବାଚନ ସମୟ ଚାଲିଛି। ନିର୍ବାଚନ ଆଚରଣ ବିଧି ଉଲଙ୍ଘନ ହୋଇଯିବ। ତେଣୁ ଅଡିଟୋରିୟମ ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ। ଏହା ଶୁଣିବା ପରେ ଛାତ୍ର ସଂଗଠନ କର୍ମକର୍ତ୍ତା ମାନେ ରାଗି ଯାଇଥିଲେ। ଶେଷରେ ଅଡିଟୋରିୟମ ନ ଦେଲେ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ଦେବାକୁ ମଧ୍ୟ ନିର୍ଦ୍ଦେଶକ ମନା କରି ଦେଇଥିଲେ। ଏଥିରୁ ଜଣାପଡୁଛି, ଛାତ୍ର ସଂଗଠନ କାହା ବଳରେ ବଳିୟାନ ହୋଇ ଜଣେ ଆଇଆଇଏମ ଭଳିଆ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକଙ୍କୁ ଟଙ୍କା ଦାବି କରୁଛନ୍ତି। ଗୋଟିଏ ଶିକ୍ଷାନୁଷ୍ଠାନକୁ ଛାତ୍ର ସଂଗଠନ କିଭଳି ଭାବେ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବି କାମ କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ନିର୍ଦ୍ଦେଶ ଜୟସୱାଲ କହିଛନ୍ତି, ଏକ କାର୍ଯ୍ୟକ୍ରମ କରିବାକୁ ଅଡିଟୋରିୟମ ମାଗୁଥିଲେ। ହେଲେ ନିର୍ବାଚନ ପକ୍ରିୟା ଥିବାରୁ ମନା କରିଦିଆଗଲା ବୋଲି କହିଥିଲେ। ତେବେ ଟଙ୍କା ମଗା ଘଟଣାକୁ ଅସ୍ୱୀକାର କରିଛନ୍ତି।

## ନୂଆଁ ତରିକାରେ ସାଇବର ଠକେଇ

**ସମ୍ବଲପୁର, ୨୩।୪(ସମିସ):** ମୁଁ ଏସ୍‌ପି ଅଫିସରୁ କହୁଛି, ଆପଣଙ୍କ ନାଁରେ ଅମୁକ କେସ ହୋଇଛି। ତମକୁ ଜେଲ୍ ହୋଇଯିବ। ଏଥିରୁ ଯଦି ବର୍ତ୍ତିବାକୁ ଚାହୁଁଛ କିମ୍ବା କେସ୍ ରଫାଦଫା କରିବାକୁ ଚାହୁଁଛ ତେବେ ଆମକୁ ପଇସା ଦିଅ। ଏମିତି କିଛି ଫୋନକଲ ଏବେ ସମ୍ବଲପୁର ଜନସାଧାରଣଙ୍କ ପାଖକୁ ଆସୁଛି। ଏହାସହ ଡରେଇ ଧମକେଇ ଭୟଭୀତ କରିବାକୁ ମଧ୍ୟ ଚେଷ୍ଟା କରାଯାଉଛି। ହେଲେ ଏହା କୌଣସି ପୁଲିସ ଅଫିସର ନୁହନ୍ତି। ବରଂ କିଛି ସାଇବର ଅପରାଧିମାନେ ନୂଆଁ ତରିକାରେ ସାଇବର ଠକେଇ କରିବାକୁ ଚେଷ୍ଟା କରୁଛନ୍ତି। ପୁଲିସ ପ୍ରତି ଜନସାଧାରଣଙ୍କ ଭୟ ରହୁଥିବାରୁ ଏହାର ଫାଇଦା ନେବାକୁ ସାଇବର ଅପରାଧିମାନେ ଚେଷ୍ଟା କରୁଛନ୍ତି। ଫଳରେ ଏନେଇ ଜନସାଧାରଣଙ୍କୁ ପୁଲିସ ସଚେତନ କରିବାର ସମୟ ଆସିଛି।

## ଭିମସାରରେ ଅଜଣା ଯୁବତୀ ଭର୍ତ୍ତି

**ବୁର୍ଲା,୨୩।୪(ସମିସ):** ଭିମସାର ବର୍ଣ୍ଣ ୟୁନିଟ୍‌ରେ ଜଣେ ଅଜଣା ଯୁବତୀ ଭର୍ତ୍ତି ହୋଇଛନ୍ତି। ଯୁବତୀଙ୍କ ଦୁଇହାତ କୌଣସି କାରଣବଶତଃ ପୋଡ଼ିଯାଇଛି। ଫଳରେ ବର୍ଣ୍ଣ ୟୁନିଟରେ ରଖି ସମ୍ପୃକ୍ତ ଯୁବତୀଙ୍କ ଚିକିତ୍ସା କରାଯାଉଛି। ତେବେ ଯୁବତୀଙ୍କ ପରିଚୟ ମିଳି ନାହିଁ। ତାଙ୍କର ଆତ୍ମୀୟସ୍ୱଜନ ମଧ୍ୟ କେହି ଦେଖାଶୁଣା କରିବାକୁ ନାହାନ୍ତି। କେହି ଜଣେ ଅଜଣା ବ୍ୟକ୍ତି ଯୁବତୀଙ୍କୁ ଭର୍ତ୍ତି କରି ଚାଲି ଯାଇଛନ୍ତି। ଯୁବତୀଙ୍କ ପରିଚୟ ପାଇଁ ବିଭିନ୍ନ ମହଲରେ ପ୍ରୟାସ ଜାରି ରହିଛି।

## ଘଣ୍ଟେଶ୍ୱରୀରେ ଦହିପାଣି ବଣ୍ଟନ

**ବୁର୍ଲା, ୨୩।୪(ସମିସ):** ଚିପିଲିମାସ୍ଥିତ ମାଁ ଘଣ୍ଟେଶ୍ୱରୀ ମନ୍ଦିର ପରିସରରେ ଚୈତ୍ରପୂର୍ଣ୍ଣିମା ଅବସରରେ ଦହିପାଣି ବଣ୍ଟନ କରାଯାଇଛି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଚିପିଲିମା ୟୁଥ୍ କମିଟି ପକ୍ଷରୁ ସଦସ୍ୟଙ୍କ ମଧ୍ୟରେ ପାଣ୍ଠି ସଂଗ୍ରହ କରି ଏହି ମହତ କାର୍ଯ୍ୟ ହାତକୁ ନିଆଯାଇଛି। ଚୈତ୍ର ପୂର୍ଣ୍ଣିମା ଅବସରରେ ଘଣ୍ଟେଶ୍ୱରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ତେବେ ଏହି କାର୍ଯ୍ୟକ୍ରମରେ ଚିପିଲିମା ୟୁଥ୍ କମିଟିର ସୂର୍ଯ୍ୟ କୁମାର ପୂଜାରୀ, ପିଙ୍କୁ ବୁଡା, ଅଂଶୁମାନ ସାମଲ, ବଲ୍ଲୁ ଅହମଦ, ଅମନ ପଣ୍ଡା, ସୁବ୍ରତ ନାଏକ ଓ ଅନ୍ୟ ସମସ୍ତ ସଦସ୍ୟ ସାମିଲ ଥିଲେ।

## ମୋବାଇଲ ଚୋରି ଅଭିଯୋଗ

**ସମ୍ବଲପୁର,୨୩।୪(ସମିସ):** ଅଇଁଠାପାଲି ଥାନା ଅନ୍ତର୍ଗତ ଶୁଭଶ୍ରୀ ବିହାର ଏସ୍‌ଆରବି କମ୍ପ୍ଲେକ୍ସରୁ ଚୋରି ହୋଇଥିବା ନେଇ ବିବେକାନନ୍ଦ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ବିବେକାନନ୍ଦ ରୁମ୍‌ରେ ଶୋଇଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ଦୁଇଟି ମୋବାଇଲ, ୫୦୦ ଟଙ୍କା ଓ ଡ୍ରାଇଭିଂ ଲାଇସନ୍ସ ଚୋରି କରି ନେଇଯାଇଛି। ଅଇଁଠାପାଲି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଦୁର୍ଘଟଣାରେ ଚିକିତ୍ସାଧୀନ ମହିଳା ମୃତ

**ସମ୍ବଲପୁର, ୨୩।୪(ସମିସ):** ସମ୍ବଲପୁର ଟାଉନ ଥାନା ଅଞ୍ଚଳରେ ପୂର୍ବରୁ ଘଟିଥିବା ଦୁର୍ଘଟଣାରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଚେରୁଆପଡ଼ା ନିବାସୀ ଶ୍ରୀକାନ୍ତ ବାଗ ଓ ତାଙ୍କ ପତ୍ନୀ ମୁକ୍ତା ବାଗ ଗତ ୧୫ ତାରିଖରେ ଏକ ବାଇକ(ଓଡି ୧୫ଏସ୪୫୧୦) ସାହାଯ୍ୟରେ ବଜାରରୁ ମାର୍କେଟିଂ ସାରି ଘରକୁ ଫେରୁଥିଲେ। ଷ୍ଟାଇଲ ବଜାର ନିକଟରେ ଏକ ସ୍କୁଟି(ଓଡି ୧୫ ଡବ୍ଲ୍ୟୁ୯୨୫୩) ସହ ଦୁର୍ଘଟଣା ହୋଇଥିଲା। ମୁକ୍ତା ଅଧିକ ଗୁରୁତର ହୋଇଥିବାରୁ ପ୍ରଥମେ ସଦର ମେଡିକାଲ ପରେ ବୁର୍ଲାକୁ ରେଫର କରାଯାଇଥିଲା। ଚିକିତ୍ସାରେ ଭଲ ହେବା ପରେ ଘରକୁ ଫେରି ଆସିଥିଲେ। ହେଲେ ଆଜି ମୁକ୍ତା ଅଧିକ ଗୁରୁତର ହୋଇଯିବା ଫଳରେ ତାଙ୍କୁ ପୁଣି ସଦର ମେଡିକାଲକୁ ପରିବାର ଲୋକ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପାଇଁ ସ୍ତ୍ରୀଙ୍କ ଜୀବନ ଯାଇଥିବା ନେଇ ସ୍ୱାମୀ ଶ୍ରୀକାନ୍ତ ଆଜି ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବେପରୁଆ ଗାଡ଼ି ଚାଳନା ପାଇଁ ସ୍ତ୍ରୀଙ୍କ ଜୀବନ ଯାଇଛି। ଗାଡ଼ି ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ସୋ'ରୁମ୍ କର୍ମଚାରୀଙ୍କ ନାଁରେ ଠକେଇ ଅଭିଯୋଗ

**ସମ୍ବଲପୁର, ୨୩।୪(ସମିସ):** ବରେଇପାଲି ଥାନା ରେମେଡ ଅଞ୍ଚଳରେ ଥିବା ଏକ କାର ସୋ'ରୁମ୍‌ର ମ୍ୟାନେଜର ଜଣେ କର୍ମଚାରୀଙ୍କ ଟଙ୍କା ଠକେଇ କରିଥିବା ନେଇ ଅଭିଯୋଗ ହୋଇଛି। ସୋଭାରାମ ଡିଲା ନାମକ ଜଣେ କର୍ମଚାରୀ ସେଲ୍ସ ଏକ୍‌ଜିକ୍ୟୁଟିଭ ଭାବରେ କାମ କରୁଥିଲେ। କାମ କରୁଥିବା ସମୟରେ ଅନେକ ଗ୍ରହକଙ୍କ ଟଙ୍କା କମ୍ପାନୀକୁ ଦେବା ବଦଳରେ ନିଜ ଆକାଉଣ୍ଟରେ ଜମା କରି ଠକେଇ କରଛନ୍ତି। ବାରମ୍ବାର ଏପରି କରୁଥିବା ଜାଣିବା ପରେ ତାଙ୍କୁ ତାଗିଦ୍ ମଧ୍ୟ କରାଯାଇଥିଲା। ମାର୍ଚ୍ଚ ୨୦ ସୁଦ୍ଧା ସେ ୩୦ ହଜାର ଟଙ୍କା ଫେରାଇବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଟଙ୍କା ଦେବା ବଦଳରେ ଠକିବା ସହ ଆହୁରି ୨ ଲକ୍ଷ ୪୦ ହଜାର ଟଙ୍କା ଦେଇ ନାହାନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଟିପିଡବ୍ଲ୍ୟୁଓଡିଏଲର ନୂତନ ସିଇଓ

**ବୁର୍ଲା, ୨୩।୪(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପ୍ରବୀଣ କୁମାର ବର୍ମା ଦାୟିତ୍ୱ ଗ୍ରହଣ କରିଛନ୍ତି।



ଶ୍ରୀ ବର୍ମାଙ୍କ ପାଖରେ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ପ୍ରାୟ ଅଢେଇ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଅଛି। ଟିପିଡବ୍ଲୁଓଡିଏଲରେ ଯୋଗ ଦେବା ପୂର୍ବରୁ, ଶ୍ରୀ ବର୍ମା ୨୦୨୦ ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ବ୍ୟବସାୟ ବିଭାଗର ମୁଖ୍ୟ ରୂପେ କାର୍ଯ୍ୟରତ ଥିଲେ। ସେହିପରି ସେ ମଧ୍ୟ ସ୍ୱଳ୍ପ ସମୟ ପାଇଁ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ରେ ସେହି ପଦବୀରେ କାର୍ଯ୍ୟ କରିଥିଲେ। ଶ୍ରୀ ବର୍ମା ଗତ ୨୦୦୪ ମସିହାଠାରୁ ଟାଟା ପାୱାର୍ ଗ୍ରୁପ୍ ସହିତ ଜଡ଼ିତ ଅଛନ୍ତି। ତାଙ୍କ ନିଯୁକ୍ତିକୁ ଅଭିନନ୍ଦନ ଜଣାଇ ଟାଟା ପାୱାରର ସଭାପତି (ଟିଆଣ୍ଡଡି) ସଞ୍ଜୟ ବାଙ୍ଗା କହିଛନ୍ତି, 'ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ପ୍ରବୀଣ ଜଣେ ଦକ୍ଷ ବ୍ୟକ୍ତି। ଯାହା ତାଙ୍କ ପୂର୍ବ ଟ୍ରାକ୍ ରେକର୍ଡରୁ ପ୍ରମାଣିତ ହେଉଅଛି। ତେଣୁ ମୁଁ ନିଶ୍ଚିତ ଯେ, ତାଙ୍କ ନେତୃତ୍ୱରେ ଟିପିଡବ୍ଲୁଓଡିଏଲ୍ ସଫଳତାର ଏକ ନୂତନ ପାହାଚ ଚଢ଼ିବ। ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ତାଙ୍କର ନୂତନ ଭୂମିକା ବିଷୟରେ ପ୍ରବୀଣ କୁମାର ବର୍ମା କହନ୍ତି, ଟିପିଡବ୍ଲୁଓଡିଏଲରେ ଯୋଗଦାନ କରି ମୁଁ ଗୌରବାନ୍ୱିତ ଏବଂ ମୋତେ ସିଇଓ ଭାବରେ ନିଯୁକ୍ତ କରିଥିବାରୁ ମୁଁ କମ୍ପାନୀର ବୋର୍ଡକୁ ଧନ୍ୟବାଦ ଦେଉଛି। ଟିପିଡବ୍ଲୁଓଡିଏଲ ପଶ୍ଚିମ ଓଡ଼ିଶାରେ ନିଜର ଯାତ୍ରା ଆରମ୍ଭରୁ ଅନେକ ସଫଳତା ସାଉଣ୍ଟିଛି ଏବଂ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ପ୍ରାୟ ପ୍ରତ୍ୟେକଟି କ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିଛି। ତେଣୁ ଟିପିଡବ୍ଲୁଓଡିଏଲର ସଫଳତାର ଯାତ୍ରାରେ, ପ୍ରତ୍ୟେକ କର୍ମଚାରୀଙ୍କ ସହଯୋଗରେ ମୁଁ ଆହୁରି କିଛି ନୂଆ ଫର୍ଦ୍ଦ ଯୋଡି ପାରିବି ବୋଲି ଆଶା କରୁଛି।

# ଟାଉନ ହାଇସ୍କୁଲରେ ବିଶ୍ୱ ପୁସ୍ତକ ଦିବସ

**ସମ୍ବଲପୁର, ୨୩।୪(ସମିସ):** ନୃସିଂହ ଗୁରୁ ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ଛାତ୍ରମାନଙ୍କୁ ପୁସ୍ତକ ସମ୍ବନ୍ଧରେ ଅଧିକ ସଚେତନ କରିବା ପାଇଁ ଆଜି ସ୍କୁଲ ପ୍ରାଙ୍ଗଣରେ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ଡ଼.ପରେଶ ଚନ୍ଦ୍ର ଦାନୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପୁସ୍ତକ ଅଧ୍ୟୟନ ମାଧ୍ୟମରେ ଅଧିକ ଜ୍ଞାନ ଆହରଣ କରି ଛାତ୍ରମାନେ ନିଜ ନିଜ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ସଭାପତି କହିଥିଲେ। ଟାଉନ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପାଠାଗାର ଆନ୍ଦୋଳନର ପୁରୋଧା ରାଜେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରି କହିଛନ୍ତି, ପୁସ୍ତକ ମାଧ୍ୟମରେ ସମାଜରେ ଅନେକ ଆନ୍ଦୋଳନ ଗଢ଼ିଉଠିଛି। ତେଣୁ ସାମାଜିକ ପରିବର୍ତ୍ତନରେ ପୁସ୍ତକର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ଛାତ୍ରମାନେ ପୁସ୍ତକ ଅଧ୍ୟୟନ ଦ୍ୱାରା ନିଜର ଭବିଷ୍ୟତକୁ ଉଜ୍ଜଳମୟ କରିପାରିବେ ବୋଲି ଶିକ୍ଷୟିତ୍ରୀ ସ୍ମିତା ସନ୍ୟାଲ କହିଥିଲେ। ପ୍ରଧାନ ଶିକ୍ଷକ ବଲ୍ଲଭ ମେହେର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଯୁଗ୍ମ ସମ୍ପାଦକ ଗୋରେଖଲାଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୋନାଲିକା ଖଡିଆ, ବେଦବ୍ୟାସ ସୁପକାର, କୃଷ୍ଣଚନ୍ଦ୍ର ପତି, କୈଳାଶ ଚନ୍ଦ୍ର ମିସ୍ତ୍ରୀ, ପ୍ରଫୁଲ୍ଲ କୁମାର ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ସ୍ୱାମୀ ନାଁରେ ନିର୍ଯାତନା ଅଭିଯୋଗ ଆଣିଲେ ସ୍ତ୍ରୀ

**ସମ୍ବଲପୁର, ୨୩।୪(ସମିସ):** ଧମା ଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ରାଜେଶ୍ୱରୀ ହାତୀଙ୍କୁ ତାଙ୍କ ସ୍ୱାମୀ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସମ୍ବଲପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ଗତ ୧୦.୧୨.୨୦୨୩ ମସିହାରେ ରାଜେଶ୍ୱରୀ ଚାରମାଳ ଥାନା ଅନ୍ତର୍ଗତ ତୁଟାମୁଣ୍ଡା ଗ୍ରାମର ବିମଳ ହାତୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବାହାଘରର ୩ ମାସ ପରେ ରାଜେଶ୍ୱରୀଙ୍କ ଏପେଣ୍ଡିସ୍ ରୋଗ ବାହାରି ଥିଲା। ଡାକ୍ତରଖାନାରୁ ଭଲ ହୋଇ ଫେରିବା ପରେ ସ୍ୱାମୀ ତାଙ୍କୁ ବାରମ୍ବାର ଗାଳିଗୁଲଜ କରୁଥିଲେ। ଅପରେସନ ହୋଇଥିବା ସ୍ଥାନରେ ଆଘାତ ମଧ୍ୟ ଦେଉଥିଲେ। ବାପଘରୁ ଟଙ୍କା ନ ଆଣିଲେ ମାରିଦେବି ବୋଲି ଧମକ ମଧ୍ୟ ଦେଇଥିଲେ। କିଛିଦିନ ଉଭୟ ସ୍ୱାମୀସ୍ତ୍ରୀ ବାଇକ୍‌ରେ ଘରକୁ ଫେରୁଥିଲେ। ବାଟରେ ଆସିବାବେଳେ ବିମଳ ଗାଡିରୁ ତଳକୁ ଧକ୍କା ମଧ୍ୟ ଦେଇଥିଲେ। ରାଜେଶ୍ୱରୀ ଗର୍ଭବତୀ ଥିବା ଜାଣି ସତ୍ତ୍ୱେ ବାରମ୍ବାର ବିମଳ ନିର୍ଯାତନା ଦେଇଆସୁଛନ୍ତି। ଅତିଷ୍ଠ ହୋଇ ରାଜେଶ୍ୱରୀ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମହିଳା ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ବ୍ୟବହାର ଉପରେ ପ୍ରଶିକ୍ଷଣ



**ସମ୍ବଲପୁର, ୨୩।୪(ସମିସ):** ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରଠାରେ ଆଜି ଦିବ୍ୟାଙ୍ଗ ପିଲାମାନଙ୍କୁ ସହାୟକ ଯନ୍ତ୍ରର ବ୍ୟବହାର ଓ ରକ୍ଷଣାବେକ୍ଷଣ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଧନକଉଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଉପସ୍ଥିତ ରହି ଉପସ୍ଥିତ ଦିବ୍ୟାଙ୍ଗ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ରମେଶ ଚନ୍ଦ୍ର ମିଶ୍ର, ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ, ଆଇ.ଇ.ଡି କୋର୍ଡିନେଟର୍ ଅରୁଣ କୁମାର ଦାଶ, ବିଆର୍‌ପି ଅନ୍ନପୂର୍ଣ୍ଣା ଦାଶ, ପୂଜା ଅର୍ଚ୍ଚନା ମହାପାତ୍ର ଓ ପ୍ରଣତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ ରୋଗୀଙ୍କୁ 'ସ୍ୱଇଚ୍ଛା'ର ସହାୟତା



**ସମ୍ବଲପୁର, ୨୩।୪(ସମିସ):** ସମ୍ବଲପୁର ଭାଲୁପାଲି ଅନ୍ତର୍ଗତ ବେଲମତି ମୁଣ୍ଡା ନିଆଁରେ ପୋଡ଼ିହୋଇ ଦୀର୍ଘଦିନ ହେବ ଚିକିତ୍ସା ଅଭାବରୁ ଘରେ ପଡ଼ିରହିଥିଲେ। ଖବର ପାଇ 'ସ୍ୱଇଚ୍ଛା' ଅନୁଷ୍ଠାନ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୁର୍ଲା ମେଡିକାଲକୁ ଆଣି ଚିକିତ୍ସା ପାଇଁ ଭର୍ତ୍ତି କରିଛି। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କର ପ୍ଲାଷ୍ଟିକ ସର୍ଜରୀ କରାଯିବ। ଏଥିପାଇଁ ଯାହାକିଛି ସାହାଯ୍ୟ ସହଯୋଗ ଦରକାର ଯୋଗାଇଦେବ ବୋଲି ସ୍ୱଇଚ୍ଛା ପ୍ରତିଶ୍ରୁତି ଦେଇଛି। ଏହି ଅବସରରେ ସ୍ୱଇଚ୍ଛାର ଆକାଶ ବିଶ୍ୱକର୍ମା, ଅଭିଶେକ ଲିମା, ଆର୍ତ୍ତତ୍ରାଣ ଶତପଥୀ, ରଞ୍ଜନ ବଡପଣ୍ଡା, ସୈରଭ ପରିଛା, ମୋହିତ ଅଗ୍ରୱାଲ, ମନୋଜ ଗୁପ୍ତା, କହ୍ନେଇ ଚରଣ ରାଉତ ଉପସ୍ଥିତ ଥିଲେ।

# ଦଲେଇପଡ଼ା ଶ୍ରୀମାତା ବୁଢ଼ୀ ସମଲେଇ ମନ୍ଦିରରେ ଚୈତ୍ର ପୂର୍ଣ୍ଣିମା



**ସମ୍ବଲପୁର, ୨୩।୪(ସମିସ):** ସ୍ଥାନୀୟ ଦଲେଇପଡ଼ା ଶ୍ରୀମାତା ବୁଢ଼ି ସମଲେଇ ମନ୍ଦିରରେ ବାର୍ଷିକ ଚୈତ୍ର ପୂର୍ଣ୍ଣିମା ପୂଜା କୈବର୍ତ୍ତ ସମାଜ ସମ୍ବଲପୁର ଆନୁକୂଲ୍ୟରେ ପାଳନ କରାଯାଇଛି। ସକାଳ ୮ଟାରେ ସମାଜର ମହିଳା ଓ ଜାତି ଭାଇମାନଙ୍କ ସହଯୋଗରେ କଳସ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ମାରୱାଡ଼ିପଡ଼ା ଘାଟରୁ ଆରମ୍ଭ ହୋଇ ହାଟପଡ଼ା ଟାଉନ ସ୍କୁଲ, ବୈଦନାଥ ଛକ, ମ୍ୟୁନିସିପାଲଟି ଛକ ଦେଇ ଦଲାଇପଡ଼ା ଶ୍ରୀମାତା ବୁଢ଼ି ସମଲେଇ ମନ୍ଦିରରେ କଳସ ସ୍ଥାପନ କରାଯାଇ ମାଁଙ୍କ ପୂଜା ଆରାଧନା କରାଯାଇଥିଲା। ଦଲାଇପଡ଼ା କଲ୍ୟାଣ ମଣ୍ଡପଠାରେ କୈବର୍ତ୍ତ ସମାଜର ଏକ ସାଧାରଣ ସଭା ହୋଇଥିଲା। ଏହି ସଭାରେ ସମ୍ବଲପୁରର ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା କୈବର୍ତ୍ତ ଭାଇମାନେ ଭାଗ ନେଇଥିଲେ। ସଭାକାର୍ଯ୍ୟକୁ ଉପସଭାପତି ଶିଶିର ପାଣ୍ଡେ, ସମ୍ପାଦକ ସଞ୍ଜିବ ବାରିକ ଏବଂ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସମ୍ମାନିତ ଅତିଥି ଦୁଃଖନାସନ ବେହେରା, ଶ୍ୟାମସୁନ୍ଦର ସେଟ, ସୁରେନ୍ଦ୍ର ନାଏକ, ବିଶ୍ୱଜିତ ଦେହୁରୀ, କିରନ ସେଠ୍, ନାରାୟଣ ନାଏକ, ବବଲୁ ବାଗ, ରମେଶ ବାରିକ, ଚୈତନ୍ୟ ନାୟକ, ପ୍ରଭାକର ସେଠ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ପର୍ବତାରୋହୀ ଲିପିକା ସେଟ୍‌ଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।



## ଜେଏସଡବ୍ଲ୍ୟୁରେ ଜାତୀୟ ଅଗ୍ନିସେବା ଦିବସ

**ସମ୍ବଲପୁର, ୨୩।୪(ସମିସ):** ଜେଏସଡବ୍ଲ୍ୟୁ ବିପିସିଏଲ ସମ୍ବଲପୁରରେ ଆଜି ଜାତୀୟ ଅଗ୍ନିସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ସଭାପତି ଓ ଡବ୍ଲ୍ୟୁଟିଡି ଅନିଲ କୁମାର ସିଂ ପତକା ଉତ୍ତୋଳନ କରିଥିଲେ। ପ୍ରତିବର୍ଷ ୧୪ରୁ ୨୦ ଏପିଲ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ଏହି ଜାତୀୟ ଅଗ୍ନିଶମ ସେବା ଦିବସ ପାଳନ କରାଯାଇଥାଏ। କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କୁ ଅଗ୍ନି ନିରାପତ୍ତା ଏବଂ ପ୍ରତିରୋଧ ବିଷୟରେ ସଚେତନତା ପ୍ରସାର ପାଇଁ ଏହାକୁ ପାଳନ କରାଯାଏ।




## ସୋସିଆଲ ଷ୍ଟାର୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



**ସମ୍ବଲପୁର, ୨୩।୪ (ସମିସ):** ବର୍ତ୍ତମାନ ପ୍ରଖର ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ରକ୍ତ କେନ୍ଦ୍ର ଗୁଡିକରେ ରକ୍ତର ସଙ୍କଟ ଦେଖାଦେଇଛି। ରକ୍ତର ଆବଶ୍ୟକତା ଥିବା ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବାରେ କଷ୍ଟକର ହୋଇପଡ଼ିଛି। ତାପାମାତ୍ର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ରକ୍ତଦାନ ଶିବିର ଆୟୋଜନ କରିବାରେ ମୁସକିଲ ହୋଇପଡ଼ିଛି। ସମ୍ବଲପୁର, ବୁର୍ଲାରେ ରକ୍ତାଭବ ଦେଖାଦେଇଛି। ଏହାକୁ ନଜରରେ ରଖି ସମ୍ବଲପୁର ସ୍ଥିତ ସୋସିଆଲ ଷ୍ଟାର କ୍ଲବ ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରେ ଅନେକ ସାମାଜିକ କର୍ମୀ ଯୋଗଦେଇ ରକ୍ତଦାନ କରିଥିଲେ। ମୋଟ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କ୍ଲବର ଉପସଭାପତି ଅତିମ ଆଲମ ପୁଅର ଦ୍ୱିତୀୟ ଜନ୍ମ ଦିବସ ଉପଲକ୍ଷେ ଆଜି ରକ୍ତଦାନ କରିଛନ୍ତି। ଅତିଫଙ୍କ ଏହା ହେଉଛି ୬୦ତମ ରକ୍ତଦାନ।

# ଆନ୍ତର୍ଜାତିକ ଚକ୍ଷୁ ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ସଫଳତା

**ସମ୍ବଲପୁର, ୨୩।୪(ସମିସ)**

ଭାରତୀୟ ଚକ୍ଷୁ ଜନସ୍ୱାସ୍ଥ୍ୟ ସଂସ୍ଥା ଆନୁକୂଲ୍ୟରେ ନେପାଳର କାଠମାଣ୍ଡୁରେ ଭାରତ-ନେପାଳ ବନ୍ଧୁତ୍ୱ ପରିପ୍ରେକ୍ଷୀରେ ଏକ ଆନ୍ତର୍ଜାତିକ ଚକ୍ଷୁ ସମ୍ମିଳନୀ ଚଳିତ ମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ତଥା ନେପାଳର ବିଭିନ୍ନ ପ୍ରାନ୍ତରୁ ଚକ୍ଷୁ ଚିକିତ୍ସକମାନେ ଯୋଗଦାନ କରି ଚକ୍ଷୁ ଜନସ୍ୱାସ୍ଥ୍ୟର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଓଡ଼ିଶାର ସମ୍ବଲପୁରରୁ ପ୍ରଫେସର ଡାକ୍ତର ଗୁଣସାଗର ଦାସ, ବ୍ରହ୍ମପୁରରୁ ପ୍ରଫେସର ବିଏନ୍‌ଆର୍ ସୁବୁଦ୍ଧି, କଟକରୁ ଶୁଭବ୍ରତା ପରିଡ଼ା, ତରୁଣ ପଣ୍ଡା, ରାଉରକେଲାରୁ ଡକ୍ଟର ରାମଚନ୍ଦ୍ର ମେହେର, ଜୁନାସ ସାଏ ଓ ବରଗଡ଼ରୁ ଡକ୍ଟର ସୁଶୀଳ କର ପ୍ରମୁଖ ଯୋଗଦାନ କରି ମତାମତ ବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ଅଭ୍ୟର୍ଥନା ସମୟରେ ଓଡ଼ିଶା ତରଫରୁ ପ୍ରଫେସର ଡାକ୍ତର ଦାସ ନେପାଳ ଓ ଓଡ଼ିଶା ରାଜ୍ୟର ଐତିହ୍ୟ, ଧାର୍ମିକ, ସାଂସ୍କୃତିକ ଓ ବୈବାହିକ ସମ୍ପର୍କ ତଥା ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ନେପାଳ ରାଜବଂଶର ସ୍ୱତନ୍ତ୍ର ସ୍ଥାନ ବିଷୟରେ ଲେଖାଚିତ୍ର ମାଧ୍ୟମରେ ଉପସ୍ଥାପନ କରି ଉଚ୍ଚପ୍ରଶଂସିତ ହୋଇଥିଲେ। ଫେରନ୍ତା ପଥରେ ଡାକ୍ତର ଦାଶ ସସ୍ତ୍ରୀକ ଲୁମ୍ବିନିରେ ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥଳୀ, କୁଶାନଗରରେ ନିର୍ବାଣ, ସୀତାମାଡିରେ ମାତା ଜାନକୀଙ୍କ ଜନ୍ମସ୍ଥଳୀ, ଅଯୋଧାରେ ରାମଲାଲାଙ୍କ ଦର୍ଶନ ସାରି ପ୍ରୟାଗରାଜ ଦେଇ ସମ୍ବଲପୁର ଫେରିଆସିଛନ୍ତି।

